# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୮/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 28/2026 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 96 | ମୂଲ୍ୟ ₹୭/-




## ଆକିବ୍ ନବୀଙ୍କୁ ୫ ଉଇକେଟ ସଫଳତା

କର୍ଣ୍ଣାଟକ ବିପକ୍ଷ ରଣଜୀ ଟ୍ରଫି ଫାଇନାଲ ମ୍ୟାଚରେ ୫ଉଇକେଟ ସଫଳତା ହାସଲ କରିଛନ୍ତି ଜମ୍ମୁ କଶ୍ମୀର ପେସ୍ ବୋଲର ଆକିବ୍ ନବୀ।

୦୮

୦୨

## ଦୀପିକାଙ୍କ ହାତରୁ ଗଲା ବଡ଼ ପ୍ରୋଜେକ୍ଟ

ଅଭିନେତ୍ରୀ ଦୀପିକା ପାଦୁକୋନ ମା’ ହେବା ପରଠାରୁ ସେ କୌଣସି ଫିଲ୍ମରେ ନଜର ଆସିନାହାନ୍ତି। ଏଭଳି ସମୟରେ ତାଙ୍କ ହାତରୁ ଏକ ବଡ଼ ପ୍ରୋଜେକ୍ଟ ଖସିଯାଇଥିବା ଜଣାପଡ଼ିଛି।





ଅବକାରୀ ନୀତି ଦୁର୍ନୀତି ମାମଲାରେ ଶୁକ୍ରବାର କୋର୍ଟରୁ ଦୋଷମୁକ୍ତ ହେବା ପରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗଣମାଧ୍ୟମ ସାମ୍ନାରେ ଭାବବିହ୍ୱଳ ହୋଇପଡ଼ିଛନ୍ତି।

# ବିନା ଦୋଷରେ ଦଣ୍ଡିତ

## ମଦ ଦୁର୍ନୀତି: କେଜ୍‌ରିୱାଲ, ସିସୋଡିଆଙ୍କୁ ଦିଲ୍ଲୀ କୋର୍ଟରୁ କ୍ଲିନ୍‌ଚିଟ୍

ଜାତୀୟ ରାଜଧାନୀ ଦିଲ୍ଲୀରେ ମଦ ବିକ୍ରିକରି ଅଧିକ ରାଜସ୍ୱ ଲାଭ ପାଇଁ ୨୦୨୧-୨୨ରେ ତତ୍କାଳୀନ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ଏକ ମଦ ନୀତି ପ୍ରଣୟନ କରିଥିଲେ। ସେତେବେଳର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ବିପୁଳ ଲାଞ୍ଚ ନେଇ ମଦ ମାଫିଆଙ୍କୁ ସୁହାଇଲା ଭଳି ଏହି ନୀତି ପ୍ରଣୟନ କରିଥିଲେ ବୋଲି ବିରୋଧୀ ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ଅଭିଯୋଗ ଆଧାରରେ ୨୦୨୨ ଅଗଷ୍ଟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ମାମଲା ରୁଜୁ କରିଥିଲା। ଏଇଠୁ ପଡ଼ିଥିଲା କେଜ୍‌ରିୱାଲ ସରକାରଙ୍କ ପତନର ମୂଳଦୁଆ। ସିବିଆଇ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ ମାମଲା ରୁଜୁ କରିଥିଲା। ଦେଶର ୨ ବୃହତ୍ ତଦନ୍ତକାରୀ ସଂସ୍ଥା ଉଭୟଙ୍କୁ ଜେଲକୁ ପଠାଇ ମାମଲାକୁ ଏପରି ବଢ଼ାଇଚଢ଼ାଇ କୋର୍ଟରେ ଯୁକ୍ତି ଓ ତଥ୍ୟ ଉପସ୍ଥାପନ କରୁଥିଲେ ଯେ ଅନୁଧ୍ୟାନ କଲେ ମନେହେଉଥିଲା ଯେମିତି ଆପ୍ ନେତାଦ୍ୱୟ ଆଉ ବାହାରିପାରିବେ ନାହିଁ। ସିସୋଡିଆ ଓ କେଜ୍‌ରିୱାଲ ଜେଲରୁ ଜାମିନରେ ଆସିଥିଲେ ହେଁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ଧରାଶାୟୀ ହୋଇଯାଇଥିଲା। ଉକ୍ତ ହାଇପ୍ରୋଫାଇଲ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଶୁକ୍ରବାର ଦୁହିଁଙ୍କୁ ଦୋଷମୁକ୍ତ ଘୋଷଣା କରି କ୍ଲିନ୍‌ଚିଟ୍ ଦେଇଛନ୍ତି। ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତିରେ କୌଣସି ଷଡ଼ଯନ୍ତ୍ର କିମ୍ବା ଆପରାଧିକ ଉଦ୍ଦେଶ୍ୟ ନ ଥିଲା ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। କେଜ୍‌ରିୱାଲ କହିଛନ୍ତି, ସେ କୌଣସି ଦୁର୍ନୀତିରେ ସମ୍ପୃକ୍ତ ନୁହନ୍ତି। ସେ ଜଣେ ‘କଟ୍ଟର ଇମାନଦାର’ ବ୍ୟକ୍ତି, ଯାହାଙ୍କୁ ଫସାଇ ଦିଆଯାଇଥିଲା। କୋର୍ଟ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ପରେ ଷଡ଼ଯନ୍ତ୍ର ରଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ଅନ୍ୟପକ୍ଷେ କୋର୍ଟ ରାୟ ବିରୋଧରେ ତତ୍କାଳ ହାଇକୋର୍ଟ ଯିବାକୁ ସଜବାଜ ହେଉଛି ସିବିଆଇ। ଭାରତୀୟ ଗଣତନ୍ତ୍ରରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରିବା ନୂଆ କଥା ନୁହେଁ। କିନ୍ତୁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଜେଲ ପଠାଇ ଗଣତାନ୍ତ୍ରିକ ଉପାୟରେ ତାଙ୍କଠାରୁ କ୍ଷମତା ଛଡ଼ାଇନେବା ପ୍ରଥମ ଥର ଦେଖିବାକୁ ମିଳିଥିଲା। ଦିଲ୍ଲୀ କୋର୍ଟଙ୍କ ସଦ୍ୟ ରାୟରେ ସତ୍ୟତା ଥିଲେ କେଜ୍‌ରିୱାଲ ଉପର କୋର୍ଟଗୁଡ଼ିକରେ ମଧ ଦୋଷମୁକ୍ତ ହେବେ। କିନ୍ତୁ ସେ ଓ ତାଙ୍କ ସହଯୋଗୀମାନେ ଦୋଷ ନ କରି ଯେଉଁ ଦଣ୍ଡ ଭୋଗିଛନ୍ତି, ତାହା ରାଜନୀତିର ଇତିହାସରେ ସ୍ମରଣୀୟ ହୋଇ ରହିବ।

**ନୂଆଦିଲ୍ଲୀ,୨୭।୨**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ର ସରକାର ଓ ସିବିଆଇକୁ ଗୁରୁବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରୁ ବଡ଼ ଝଟକା ଲାଗିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ଚାଲିଥିବା ଏହି ମାମଲାରୁ କୋର୍ଟ ଉଭୟଙ୍କୁ ଦୋଷମୁକ୍ତ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ସିଂ କହିଛନ୍ତି, କେଜ୍‌ରିୱାଲଙ୍କ ବିରୋଧରେ ଆଗତ ଅଭିଯୋଗରେ କୌଣସି ସତ୍ୟତା ନାହିଁ। ମଦ ନୀତିକୁ ସେ ସାଉଥ୍ ଗ୍ରୁପ୍‌କୁ ଲାଭ ପହଞ୍ଚାଇବା ପାଇଁ ଆଣିଥିବା ନେଇ ଯେଉଁ ଅଭିଯୋଗ ସିବିଆଇ ଆଣିଥିଲା, ତାହା ଭିତ୍ତିହୀନ। ସିବିଆଇ ନିଜ ଯୁକ୍ତି ସପକ୍ଷରେ କୌଣସି ପ୍ରାସଙ୍ଗିକ ଦସ୍ତାବିଜ, ଫାଇଲ୍, ଇଲେକ୍ଟ୍ରୋନିକ୍ କମ୍ୟୁନିକେଶନ କିମ୍ବା ଡିଜିଟାଲ ପ୍ରମାଣ ଉପସ୍ଥାପନ କରିପାରି ନାହିଁ। ଏପରି କି କେଜ୍‌ରିୱାଲ ବେଆଇନ ଲାଞ୍ଚ ନେବା ଉଦ୍ଦେଶ୍ୟରେ ମଦ ନୀତିରେ ହେରଫେର କରିଥିବା ବିଷୟରେ ମଧ କୌଣସି ପ୍ରମାଣ ମିଳିନାହିଁ। ଏକ ମାମଲାରେ କେବଳ ଷଡ଼ଯନ୍ତ୍ର ଦିଗକୁ ଦର୍ଶାଇବା ଯଥେଷ୍ଟ ନୁହେଁ, ତାକୁ ପ୍ରମାଣିତ କରିବା ପାଇଁ ସହମତି ଓ ଯୋଗଦାନର ଯଥେଷ୍ଟ ପ୍ରମାଣ ଆବଶ୍ୟକ, ଯାହାକି କେଜ୍‌ରିୱାଲଙ୍କ କ୍ଷେତ୍ରରେ ମିଳିପାରି ନାହିଁ। ଅଭିଯୋଜନ ପକ୍ଷ ସାକ୍ଷୀ ନଂ. ୨୨୫ ମଗୁନ୍ତା ଶ୍ରୀନିବାସୁଲୁ ରେଡ୍ଡୀ ବୟାନ ଆଧାରରେ ଅଭିଯୁକ୍ତ ନଂ. ୧୮ (କେଜ୍‌ରିୱାଲ)ଙ୍କୁ ମାମଲାରେ ଯୋଡ଼ିଥିଲା। ପରେ ତେଲଙ୍ଗାନାରେ ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଭାରତୀୟ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏମ୍‌ଏଲ୍‌ସି କେ. କବିତାଙ୍କ ନାମ ମଧ ଉଲ୍ଲେଖ କରିଥିଲା। କିନ୍ତୁ ଅଭିଯୁକ୍ତମାନେ ପରସ୍ପରକୁ ଭେଟି ଷଡ଼ଯନ୍ତ୍ର କରିଥିବା ନେଇ ସିବିଆଇ କୌଣସି ପ୍ରମାଣ ଦେବାରେ ବିଫଳ ହୋଇଛି। ତେଣୁ କେଜ୍‌ରିୱାଲ, ସିସୋଡିଆ ଓ ଅନ୍ୟ ୨୧ ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷମୁକ୍ତ ଘୋଷଣା କରୁଛନ୍ତି। ଏପରି କି ସରକାରୀ ଅଧିକାରୀ କୁଳଦୀପ ସିଂଙ୍କୁ ମାମଲାରେ ଅଭିଯୁକ୍ତ କରାଯିବା ନେଇ କୋର୍ଟ ଅସନ୍ତୋଷ ବ୍ୟକ୍ତ ☞ପୃଷ୍ଠା–୪

# ୧ ଡଲାର=୯୧.୦୮ ଟଙ୍କା

### ଭାରତୀୟ ମୁଦ୍ରା ତଳମୁହାଁ



**ମୁମ୍ବାଇ,୨୭।୨(ପି.ଟି.)**

ଭୂରାଜନୈତିକ ଅନିଶ୍ଚିତତା ସାଙ୍ଗକୁ ବିଦେଶୀ ପାଣ୍ଠିର ନିର୍ଗମନ ଓ କ୍ରୁଡ୍ ଅଏଲ୍ ଦର ହଠାତ୍ ବଢ଼ିଯିବା କାରଣରୁ ଭାରତୀୟ ମୁଦ୍ରା ପୁଣି ତଳମୁହାଁ ହେବାରେ ଲାଗିଛି। ଶୁକ୍ରବାର ଟ୍ରେଡିଂ ସେସନ୍‌ରେ ଆମେରିକୀୟ ଡଲାର ତୁଳନାରେ ଏହା ୧୭ ପଇସା ଦୁର୍ବଳ ହୋଇ ୯୧.୦୮ରେ ସ୍ଥିର ରହିଛି। ଘରୋଇ ଇକ୍ୱିଟି ମାର୍କେଟ (ଶେୟାର ବଜାର)ରେ ନେଗେଟିଭ୍ ସେଣ୍ଟିମେଣ୍ଟ ଲାଗିରହିଥିବାରୁ ଟଙ୍କା ଅଧିକ ଚାପଗ୍ରସ୍ତ ହୋଇପଡ଼ିଥିବା ଫରେକ୍ସ ଟ୍ରେଡର୍ସ ମତ ଦେଇଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ କାରବାର ଆରମ୍ଭ ବେଳେ ଟଙ୍କା ୯୦.୯୧ରେ ଖୋଲିଥିଲା। ଏହା ୯୦.୯୧ରୁ ୯୧.୦୮ ରେଞ୍ଜ ମଧ୍ୟରେ ଗତିଶୀଳ ହୋଇ ଶେଷରେ ୯୧.୦୮ରେ ସ୍ଥିର ରହିଥିଲା, ଯାହାକି ପୂର୍ବ ସେସନ୍ ତୁଳନାରେ ୧୭ ପଇସା କମ୍। ଗୁରୁବାର ସେସନ୍ ଶେଷରେ ଟଙ୍କାର ବିନିମୟ ମୂଲ୍ୟ ଡଲାର ତୁଳନାରେ ୯୦.୯୧ ରହିଥିଲା। ଟଙ୍କାର ଅବମୂଲ୍ୟାୟନକୁ ନେଇ ମିରାଏ ଆସେଟ୍ ଶେରଖାନ୍ ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି, ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ଆଶଙ୍କା ସାଙ୍ଗକୁ ଭୂରାଜନୈତିକ ଉତ୍ତେଜନା ଯୋଗୁ ଏପରି ହୋଇଛି। ଖୁବ୍‌ଶୀଘ୍ର ଟଙ୍କା ☞ପୃଷ୍ଠା–୪

# ବଳାତ୍କାର ଲୁଚାଇବାକୁ ଛାତରୁ ଠେଲିଦେଇଥିଲେ ଝାଡ଼ଖଣ୍ଡ ଯୁବକ

### ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

**ପାରାଦୀପ,୨୭।୨ (ଶରତ ରାଉତ)**

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ତାରିଣୀଗଡ଼ା ଅଞ୍ଚଳର ବହୁଚର୍ଚ୍ଚିତ ବଳାତ୍କାର ଓ ହତ୍ୟା ଘଟଣାରେ ୨ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯୁବତୀଙ୍କ ପ୍ରେମିକ ସୋମନାଥ ଓଝା ଓ ବଳାତ୍କାର କରି ହତ୍ୟାକରିଥିବା ଝାଡ଼ଖଣ୍ଡ ଧାନବାଦ ଜିଲାର ଶୁଭମ କୁମାର ସିଂହ। ଏ ନେଇ ପାରାଦୀପ ଆଦର୍ଶ ଥାନାରେ ହତ୍ୟା ମାମଲା (ନଂ. ୫୪/୨୬) ରୁଜୁ କରାଯାଇଛି। ଏ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ଏସ୍‌ପି ଅଙ୍କିତ ବର୍ମା ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି।

ମୃତା ଯୁବତୀଙ୍କ ଘର ତିର୍ତ୍ତୋଲ ଥାନା ଅଞ୍ଚଳରେ। ସେ ଗତ ରବିବାର ପ୍ରେମିକ ସୋମନାଥଙ୍କ ସହ ଶାରଳା ମନ୍ଦିର ଯାଇଥିଲେ। ସେଠାରୁ ☞ପୃଷ୍ଠା–୪

# ଭୂକମ୍ପରେ ଥରିଲା କୋଲକାତା


**କୋଲକାତା,୨୭।୨**

ବାଂଲାଦେଶର ଦକ୍ଷିଣ ପଶ୍ଚିମ ଭାଗରେ ଶୁକ୍ରବାର ଅପରାହ୍ନରେ ୫.୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। କୋଲକାତାଠାରୁ ୧୦୨ କି.ମି. ପୂର୍ବ-ଉତ୍ତରପୂର୍ବରେ ରହିଥିବା ବାଂଲାଦେଶର ଖୁଲନାରେ ଏହାର କେନ୍ଦ୍ରସ୍ଥଳ ରହିଥିଲାବେଳେ ଭୂପୃଷ୍ଠଠାରୁ ପ୍ରାୟ ୯.୮ କି.ମି. ଗଭୀରରେ ଭୂକମ୍ପ ଗତି କରିଥିଲା ବୋଲି ବାଂଲାଦେଶ ପାଣିପାଗ ବିଭାଗ(ବିଏମ୍‌ଡି) ପକ୍ଷରୁ କୁହାଯାଇଛି। ଭୂକମ୍ପ ପ୍ରଭାବ ଖୁଲନା ଜିଲା ସମେତ ଅନ୍ୟ ବହୁ ଇଲାକାରେ ଦେଖାଯାଇଥିଲେ ହେଁ କୌଣସି ସ୍ଥାନରେ କ୍ଷୟକ୍ଷତି ଘଟିବାର ସୂଚନା ମିଳିନାହିଁ। ପଶ୍ଚିମବଙ୍ଗରେ ମଧ ଭୂକମ୍ପ ପ୍ରଭାବ ଅନୁଭୂତ ହୋଇଛି। କୋଲକାତା ସମେତ ରାଜ୍ୟର ଅନ୍ୟ କେତେକ ଭାଗରେ ଭୂକମ୍ପ ପ୍ରଭାବକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିବା ଦେଖାଯାଇଛି। ପ୍ରାୟ ୧୦ ସେକେଣ୍ଡ ପାଇଁ ଭୂକମ୍ପ ଅନୁଭବ ହୋଇଥିଲା।


**ଆଜିର ସମ୍ପାଦକୀୟ**

ଅମଲାତାନ୍ତ୍ରିକ ବିବାଦ


# ଆଜିଠାରୁ ଆକାଶରେ ଦେଖାଯିବ ପ୍ଲାନେଟ୍ ପରେଡ୍




### ୬ ଗ୍ରହର ବିରଳ ମହାଜାଗତିକ ଦୃଶ୍ୟ

**ଭୁବନେଶ୍ୱର,୨୭।୨(ସୁଚିସ୍ମିତା ସାହୁ)**

ସନ୍ଧ୍ୟା ଆକାଶରେ ଶନିବାରଠାରୁ ୬ଟି ଗ୍ରହ ନିକଟତର ହେବେ। ଏହି ବିରଳ ମହାଜାଗତିକ ଦୃଶ୍ୟ ମାର୍ଚ୍ଚ ୭ ଯାଏ ଦୃଶ୍ୟମାନ ହେବ। ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ପ୍ରାୟ ୩୦ ମିନିଟରୁ ୬୦ ମିନିଟ ମଧ୍ୟରେ ଆକାଶରେ ଆକର୍ଷଣ ସାଜିବେ ଏହି ଗ୍ରହ ପୁଞ୍ଜ। ଇଂଲିଶରେ ଏହାକୁ ‘ପ୍ଲାନେଟ ପରେଡ୍’ ଏବଂ ଓଡ଼ିଆରେ ଗ୍ରହ ସମାବେଶ ବୋଲି କୁହାଯାଉଛି। ଏହି ଶବ୍ଦର କୌଣସି ବୈଜ୍ଞାନିକ ସଂଜ୍ଞା ନାହିଁ। କିନ୍ତୁ ଜ୍ୟୋତିର୍ବିଜ୍ଞାନରେ ଏହା ବହୁଳ ଭାବରେ ବ୍ୟବହୃତ ହେଉଛି ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସୂର୍ଯ୍ୟାସ୍ତର ପ୍ରାୟ ୩୦ ମିନିଟ ପରେ ପଶ୍ଚିମ ଆକାଶର ଦିଗ୍‌ବଳୟ ନିକଟରେ କ୍ରମାନ୍ୱୟରେ ଶୁକ୍ର, ବୁଧ, ନେପ୍‌ଚୁନ ଏବଂ ଶନି ଗ୍ରହ ରହିବେ। ପ୍ରାୟ ୪୫ ଡିଗ୍ରୀ ଉପରେ ୟୁରାନ୍ସ ଓ ପ୍ରାୟ ମୁଣ୍ଡ ଉପରକୁ ବୃହସ୍ପତି ଗ୍ରହ ରହିବ। ଏହି ୬ଟି ଗ୍ରହ ଭିତରୁ ୪ଟି ଅର୍ଥାତ ଶୁକ୍ର, ବୁଧ, ବୃହସ୍ପତି ଏବଂ ଶନି ଖାଲି ଆଖିରେ ଦେଖାଯିବେ। କିନ୍ତୁ ୟୁରାନ୍ସ ଓ ନେପ୍‌ଚୁନ ଗ୍ରହ ଦୁଇଟିକୁ କେବଳ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିହେବ। ବୁଧ ଓ ଶନି ଗ୍ରହର ଉଜ୍ଜ୍ୱଳତା ଖୁବ୍ କମ୍ ଥିବାରୁ ଆଲୋକ ପ୍ରଦୂଷଣ ଥିବା ସହରଗୁଡିକରୁ ଦେଖିବା କଷ୍ଟକର ହେବ। ଏକ ସମୟରେ ଖାଲି ଆଖିରେ ୪ଟି ଗ୍ରହର ଏହି ମହାଜାଗତିକ ଦୃଶ୍ୟକୁ ଦେଖିବାର ସୁଯୋଗ ପାଇପାରିବେ ଲୋକେ। ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଆକାଶ ମେଘ ଓ ଆଲୋକ ପ୍ରଦୂଷଣ ମୁକ୍ତ ଥିଲେ ଏହାକୁ ଦେଖି ହେବ ବୋଲି ଡ. ପଟ୍ଟନାୟକ କହିଛନ୍ତି।





**ଏସବୁ ପାଆନ୍ତୁ ଆପଣଙ୍କ ପରିବାର ପାଇଁ**

ଏଲଆଇସି’ର ଜୀବନ ଲକ୍ଷ୍ୟ

Plan No.:733 UIN No: 512N297V03

ନିଜ ପରିବାର ପାଇଁ ସୁରକ୍ଷିତ ଭବିଷ୍ୟତ ଯୋଜନା କରନ୍ତୁ।

ପ୍ରମୁଖ ବିଶେଷତାସବୁ:
- ଅନ୍ୟୂନ ବୀମାକୃତ ରାଶି: ₹2,00,000
- ସର୍ବାଧିକ ବୀମାକୃତ ରାଶି: ସୀମା–ମୁକ୍ତ
- ବୟସ ପାତ୍ରତା: 18–50 ବର୍ଷ
- ସର୍ବାଧିକ ପରିପକ୍ୱତା ବୟସ: 65 ବର୍ଷ
- ପଲିସୀ ଅବଧି: 13 ରୁ 25 ବର୍ଷ
- ପ୍ରିମିଅମ ଭରଣା ଅବଧି: ପଲିସୀ ଅବଧି ଠାରୁ 3 ବର୍ଷ କମ
- ପରିପକ୍ୱତା ଲାଭ: ବୀମାକୃତ ରାଶି + ବୋନସ
- ଡେଥ୍ ବେନିଫିଟ୍: ବାର୍ଷିକ ଅର୍ଜନ ଲାଭ ଓ ବୀମାକୃତ ରାଶିର ଅନ୍ତିମ ପେମେଣ୍ଟ + ପରିପକ୍ୱତା ଦିନାଙ୍କରେ ବୋନସ
- ବୈକଳ୍ପିକ ରାଇଡର୍‌ସବୁ: 1) ଏଲଆଇସି’ର ଦୁର୍ଘଟଣାଜନିତ ମୃତ୍ୟୁ ଓ ପଙ୍ଗୁତ୍ୱ ଲାଭ ରାଇଡର୍ 2) ଏଲଆଇସି’ର ଦୁର୍ଘଟଣାଜନିତ ଲାଭ ରାଇଡର୍ 3) ଏଲଆଇସି’ର ନୂଆ ଟର୍ମ ଆସ୍ୟୋରାନ୍ସ ରାଇଡର୍

ଏକ ପାର୍, ନନ୍–ଲିଙ୍କ୍‌ଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗ୍‌ସ ପ୍ଲାନ

ଆମର ହ୍ୱାଟ୍‌ସଆପ୍ ନ. 8976862090 ‘Hi’ କୁହନ୍ତୁ

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ /ଦେଖନ୍ତୁ www.licindia.in

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ: (022) 6827 6827

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA

ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/P1/2025 – 2026/33/Ori

ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ। ଆଇଆରଡିଏଆଇ କିମ୍ବା ଏହାର ଅଧିକାରୀଗଣ ବୀମା ପଲିସୀ ବିକ୍ରି କରିବା, ବୋନସ ଘୋଷଣା କରିବା କିମ୍ବା ପ୍ରିମିଅମ ବିନିଯୋଗ କରିବା, ରାଶି ଫେରସ୍ତ କରିବା ପରି ବୀମା ବ୍ୟବସାୟର କୌଣସି କାର୍ଯ୍ୟକଳାପରେ ଭାଗ ନିଅନ୍ତି ନାହିଁ। ଏଭଳି ଫୋନ କଲ୍ ପାଇବା ପଲିସୀଧାରକ ବା ପ୍ରସ୍ପେକ୍ଟମାନେ ଏହ ପୁଲିସ ଅଭିଯୋଗ କରିବାକୁ ଅନୁରୋଧ। ଆପଦ ତଥ୍ୟାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ପର୍କରେ ଅଧିକ ବିବରଣୀ ପାଇଁ ବିକ୍ରୟ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପୁସ୍ତିକା ମନଦେଇ ପଢ଼ିବାକୁ ଅନୁରୋଧ।

ଦିଲ୍ଲୀରେ ଆଜି



ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ଦ୍ୱାରା ଶୁକ୍ରବାର ଦୋଷମୁକ୍ତ ହେବା ପରେ ଆମ୍ ଆଦ୍ମୀ ପାର୍ଟି ଆବାହକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରୋଡ୍ ଶୋ'ରେ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି। (ଫଟୋ: ଚମନ ଗୌତମ)

# ଦିଲ୍ଲୀ ଅବକାରୀ ଦୁର୍ନୀତି ଘଟଣାକ୍ରମ

ନୂଆଦିଲ୍ଲୀ,୨୭।୨

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ଉପଯୁକ୍ତ ତଥ୍ୟ ପ୍ରମାଣର ଅଭାବ ଦର୍ଶାଇ ଶୁକ୍ରବାର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ତେଲଙ୍ଗାନା ଜାଗୃତିର ଅଧ୍ୟକ୍ଷା କେ. କବିତା ଏବଂ ଅନ୍ୟ ୨୦ ଜଣଙ୍କୁ ଦୋଷମୁକ୍ତ କରିଦେଇଛନ୍ତି। ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ମାମଲାର ଘଟଣାକ୍ରମ ଏଠାରେ ଦିଆଗଲା।

**୨୦୨୧ ନଭେମ୍ବର:** ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ଆଣିଥିଲେ।

**୨୦୨୨ ଜୁଲାଇ:** ଉକ୍ତ ଅବକାରୀ ନୀତି ନିର୍ଦ୍ଧାରଣ ଏବଂ କାର୍ଯ୍ୟକାରିତାରେ ଅନିୟମିତତା ଥିବା ଅଭିଯୋଗ କରି ଉପରାଜ୍ୟପାଳ ଭି.କେ. ସାକ୍ସେନା ଏହାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିଥିଲେ।

**୨୦୨୨ ଅଗଷ୍ଟ:** ଅନିୟମିତତା ଅଭିଯୋଗ ଉପରେ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିଥିଲେ।

**୨୦୨୨ ସେପ୍ଟେମ୍ବର:** ଦିଲ୍ଲୀ ସରକାର ଉକ୍ତ ଅବକାରୀ ନୀତିକୁ ରଦ୍ଦ କରିଦେଇଥିଲେ।

**୨୦୨୩ ଅକ୍ଟୋବରରୁ ୨୦୨୪ ମାର୍ଚ୍ଚ:** ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ କେଜ୍‌ରିୱାଲଙ୍କୁ ଇଡି ୯ ଥର ସମନ ଜାରି କରିଥିଲା।

**୨୦୨୪ ମାର୍ଚ୍ଚ ୨୧:** ଇଡି ସମନକୁ କେଜ୍‌ରିୱାଲ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଗିରଫରୁ ସୁରକ୍ଷା ଦେବାକୁ ଉଚ୍ଚ ଅଦାଲତ ମନା କରିଦେଇଥିଲେ। ଏହାର କିଛି ସମୟ ପରେ ଇଡି କେଜ୍‌ରିୱାଲଙ୍କୁ ଗିରଫ କରିଥିଲା।

**୨୦୨୪ ମେ' ୧୦:** ଲୋକ ସଭା ନିର୍ବାଚନ ପ୍ରଚାର ପାଇଁ କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। **୨୦୨୪ ଜୁନ୍ ୨୦:** ଟ୍ରାଏଲ୍ କୋର୍ଟ କେଜ୍‌ରିୱାଲଙ୍କୁ ନିୟମିତ ଜାମିନ ଦେଇଥିଲେ।

**୨୦୨୪ ଜୁନ୍ ୨୧:** ଟ୍ରାଏଲ୍ କୋର୍ଟଙ୍କ ଜାମିନ ନିର୍ଦ୍ଦେଶକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ହାଇକୋର୍ଟ ଜାମିନ ନିର୍ଦ୍ଦେଶକୁ ସ୍ଥଗିତ ରଖିଥିଲେ।

**୨୦୨୪ ଜୁନ୍ ୨୬:** ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ମାମଲାରେ ସିବିଆଇ କେଜ୍‌ରିୱାଲଙ୍କୁ ଜେଲରୁ ଆନୁଷ୍ଠାନିକ ଭାବେ ଗିରଫ କରିଥିଲା।

**୨୦୨୪ ଅଗଷ୍ଟ ୫:** ଦୁର୍ନୀତି ମାମଲାରେ କେଜ୍‌ରିୱାଲଙ୍କୁ ସିବିଆଇର ଗିରଫଦାରିକୁ ଦିଲ୍ଲୀ ହାଇକୋର୍ଟ କାଏମ ରଖିଥିଲେ। ପରବର୍ତ୍ତୀ ସପ୍ତାହରେ କେଜ୍‌ରିୱାଲ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**୨୦୨୪ ସେପ୍ଟେମ୍ବର ୧୩:** ସୁପ୍ରିମକୋର୍ଟ ଆମ୍ ଆଦ୍‌ମୀ ପାର୍ଟି ଆବାହକ କେଜ୍‌ରିୱାଲଙ୍କୁ ଜାମିନ ମଞ୍ଜୁର କରିଥିଲେ।

**୨୦୨୬ ଫେବୃଆରୀ ୨୭:** ଦିଲ୍ଲୀ ଅଦାଲତ ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିୱାଲ, ସିସୋଡିଆ ଓ ଅନ୍ୟ ୨୧ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି।

## ଦେଶରେ ଚିତା ସଂଖ୍ୟା ୩୯ ହେଲା

ନୂଆଦିଲ୍ଲୀ,୨୭।୨

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଦକ୍ଷିଣ ଆଫ୍ରିକୀୟ ଚିତା ଗାମିନୀ ଚତୁର୍ଥ ଶାବକ ଜନ୍ମ ଦେବା ଫଳରେ ଭାରତରେ ଚିତାସଂଖ୍ୟା ୩୯ରେ ପହଞ୍ଚିଥିବା କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶୁକ୍ରବାର କହିଛନ୍ତି। ସମସ୍ତ ୪ଟି ଚିତା ଶାବକ ସୁସ୍ଥ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଆଫ୍ରିକୀୟ ଚିତା ଭାରତରେ ୨୮ ଶାବକ ଜନ୍ମ ଦେଲେଣି। ପ୍ରୋଜେକ୍ଟ ଚିତା ଜରିଆରେ ୨୦୨୨ ସେପ୍ଟେମ୍ବରରେ ଗାମିନୀକୁ ଦକ୍ଷିଣ ଆଫ୍ରିକାରୁ ଭାରତ ଅଣାଯାଇଥିଲା। ଚଳିତ ମାସ ଆରମ୍ଭରେ ଗାମିନୀ ୩ଟି ଛୁଆ ଜନ୍ମ ଦେଇଥିଲା।

## ହାଇକୋର୍ଟ ମୁଖ୍ୟ ବିଚାରପତି ହେବାକୁ ଥିବା ଜଜ୍ ୨ ମାସ ପୂର୍ବରୁ ବଦଳି ହେବେ

ନୂଆଦିଲ୍ଲୀ,୨୭।୨(ପି.ଟି.)

ବିଚାରପତିମାନଙ୍କ ବଦଳି ସମ୍ପର୍କରେ ସୁପ୍ରିମକୋର୍ଟ କଲେଜିୟମ୍ ଏକ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହେବାକୁ ଥିବା ଜଜ୍‌ଙ୍କୁ ପଦବୀ ଖାଲି ହେବାର ପ୍ରାୟ ୨ ମାସ ପୂର୍ବରୁ ଆଗୁଆ ବଦଳି କରାଯାଇପାରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ବିଚାରପତି ଜଣକ ସମ୍ପୃକ୍ତ ହାଇକୋର୍ଟର ବ୍ୟାପାର ସମ୍ପର୍କରେ ଭଲଭାବେ ପରିଚିତ ହୋଇପାରିବେ ଏବଂ ବିଦାୟୀ ମୁଖ୍ୟ ବିଚାରପତି ଅବସର ନେବା ପରେ ସେ ତାଙ୍କ ସ୍ଥାନରେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି କୁହାଯାଇଛି। ବିଚାରପତିଙ୍କ ପ୍ରଶାସନିକ ଦକ୍ଷତା ଏବଂ ଗୁଣବତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା ବିବୃତିରେ କୁହାଯାଇଛି। ଉକ୍ତ ନୀତିଗତ ନିଷ୍ପତ୍ତି ପରେ କଲେଜିୟମ୍ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଲିସା ଗିଲ୍‌ଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରିଛନ୍ତି। ଉକ୍ତ ହାଇକୋର୍ଟରେ ମୁଖ୍ୟ ବିଚାରପତି ପଦବୀ ଖାଲି ହେବା ପରେ ସେ ଉକ୍ତ ପଦବୀରେ ନିଯୁକ୍ତ ହେବେ।

# ଇରାନ ଆକ୍ରମଣ ଆସନ୍ନ

## ତୁରନ୍ତ ଇସ୍ରାଏଲ ଛାଡ଼ିବାକୁ ଆମେରିକୀୟଙ୍କୁ ପରାମର୍ଶ

ୱାଶିଂଟନ୍,୨୭।୨

ଇରାନ ଉପରେ ଆମେରିକା ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିଦେଇପାରେ। ଶୁକ୍ରବାର ଏହାର ସଙ୍କେତ ମିଳିଛି। ଇସ୍ରାଏଲରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସେଠାକାର କର୍ମଚାରୀମାନଙ୍କୁ ତୁରନ୍ତ ଇସ୍ରାଏଲ ଛାଡ଼ ଆମେରିକା ଚାଲିଯିବାକୁ ଶୁକ୍ରବାର ପରାମର୍ଶ ଦେବା ପରେ ଏହି ଆଶଙ୍କା ଦୃଢ଼ୀଭୂତ ହୋଇଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ହୁକାବି ରାଷ୍ଟ୍ରଦୂତ କର୍ମଚାରୀମାନଙ୍କୁ ସତର୍କ କରାଇ ଯଥାଶୀଘ୍ର ଇସ୍ରାଏଲ ଛାଡିଦେବାକୁ କହିଛନ୍ତି। ଇରାନ ଉପରେ ଆମେରିକା ଆକ୍ରମଣ କଲେ, ଇରାନ ପ୍ରଥମେ ମଧ୍ୟପ୍ରାଚ୍ୟରେ ରହିଥିବା ଆମେରିକୀୟ ମିଲିଟାରୀ ବେସ୍ ସମେତ ଇସ୍ରାଏଲକୁ ଟାର୍ଗେଟ କରିବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆମେରିକା ପକ୍ଷରୁ ଏହାର କର୍ମଚାରୀଙ୍କୁ ଉପରୋକ୍ତ ପରାମର୍ଶ ଜାରି


ଡୋନାଲ୍ଡ ଟ୍ରମ୍ପ୍
ଆୟାତୋଲ୍ଲା ଅଲ୍ଲୀ ଖାମନେଇ

କରାଯାଇଥିବା ଆକଳନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ୩ଥର ଆଲୋଚନା ହୋଇଥିଲେ ମଧ୍ୟ ସମାଧାନ ବାଟ ବାହାରିପାରି ନାହିଁ। ପ୍ରଥମେ ଓମାନ ମଧ୍ୟସ୍ଥତାରେ ମସ୍କାଟ୍‌ରେ ବୈଠକ ପରେ ଜେନେଭାଠାରେ ଦୁଇଥର ବୈଠକ ଅନୁଷ୍ଠିତ ହୋଇସାରିଛି। କିନ୍ତୁ ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିଥିବା ଦେଖାଯାଇଛି। ଇରାନ ତାହାର ଦୁଇ ପ୍ରମୁଖ ଆଣବିକ ପ୍ରତିଷ୍ଠାନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଶୂନ୍ୟ କରିବାକୁ ଆମେରିକା ସର୍ତ୍ତ ରଖିଛି। ଏଥିସହିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ବନ୍ଦ କରି କୌଣସି କଠୋରବାଦୀ ସଂସ୍ଥାକୁ ଅସ୍ତ୍ରଶସ୍ତ୍ର ନ ଯୋଗାଇବାକୁ କହୁଛି। ପରୋକ୍ଷରେ ଇରାନ ନିଜ ଜିଦ୍‌ରେ ଅଟଳ ରହିବା ସହ ଏହାର ଆଣବିକ ପ୍ରକଳ୍ପ ଯୁଦ୍ଧ ପାଇଁ ଉଦ୍ଦିଷ୍ଟ ନୁହେଁ ଏବଂ କିଛି ସର୍ତ୍ତ ପୂରଣ ଲାଗି ଆମେରିକା ତୁରନ୍ତ କଟକଣା ପ୍ରତ୍ୟାହାର କରୁ ବୋଲି କହୁଛି। ଏଭଳି ସ୍ଥିତିରେ ଉଭୟ ପକ୍ଷ ମଧ୍ୟରେ ତେଜିଥିବା ବିବାଦର ସମାଧାନ ହେବା ପରିବର୍ତ୍ତେ ଇରାନ ଏବଂ ଆମେରିକା ଯୁଦ୍ଧ ମୁହଁକୁ ଠେଲି ହୋଇଯିବାର ଆଶଙ୍କା ବଢ଼ିଛି।

## ଅଭିନେତା ବିଜୟଙ୍କ ବିରୋଧରେ ସ୍ତ୍ରୀଙ୍କ ଛାଡ଼ପତ୍ର ମାମଲା

ଚେନ୍ନାଇ,୨୭।୨

ଅଭିନେତା ତଥା ତାମିଲଗା ଭେଟ୍ରି କାଝାଗମ୍ (ଟିଭିକେ) ଅଧ୍ୟକ୍ଷ ବିଜୟଙ୍କ ସହ ୨୫ ବର୍ଷର ବୈବାହିକ ସମ୍ପର୍କ ତୁଟାଇବା ପାଇଁ ସ୍ତ୍ରୀ ସଙ୍ଗୀତା ସ୍ୱର୍ଣ୍ଣଲିଙ୍ଗମ୍ ଛାଡ଼ପତ୍ର ନିମନ୍ତେ ପିଟିଶନ ଦାଖଲ କରିଛନ୍ତି। ୧୯୯୯ରେ ସେମାନେ ପରସ୍ପରକୁ ବିବାହ କରିଥିଲେ ଓ ସେମାନଙ୍କର ଜାସନ ସଞ୍ଜୟ ଏବଂ ଦିବ୍ୟା ଶାଶା ନାମରେ ୨ଟି ସନ୍ତାନ ଅଛନ୍ତି। ସ୍ୱତନ୍ତ୍ର ବିବାହ ଆଇନ, ୧୯୫୪ର ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ, ବ୍ୟଭିଚାର ଏବଂ ନିଷ୍ଠୁରତା ଭଳି କାରଣରୁ ସ୍ତ୍ରୀ ବା ସ୍ୱାମୀ ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ।

ପିଟିଶନ ଅନୁଯାୟୀ, ୫୧ ବର୍ଷୀୟ ବିଜୟ ଜଣେ ଅଭିନେତ୍ରୀଙ୍କ ସହ ପରକୀୟା ପ୍ରୀତିରେ ଲିପ୍ତ ଥିବା ସଙ୍ଗୀତା(୪୮)


ସ୍ତ୍ରୀ ସଙ୍ଗୀତା ସ୍ୱର୍ଣ୍ଣଲିଙ୍ଗମ୍‌ଙ୍କ ସହ ବିଜୟ।

ଅଭିଯୋଗ କରିଛନ୍ତି। ଏହି ଅନୈତିକ ସମ୍ପର୍କ ଚାଲିଥିବା ସମ୍ପର୍କରେ ସଙ୍ଗୀତା ୨୦୨୧ରେ ଜାଣିବାକୁ ପାଇଥିଲେ। ବିଜୟ ସମ୍ପର୍କ ତୁଟାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ଅନୁଶୋଚନା ବିନା ସମ୍ପର୍କ ଜାରି ରଖିବାରୁ ସେ ଜିଲା ଅଦାଲତରେ ଛାଡ଼ପତ୍ର ମାମଲା ଦାଏର କରିବାକୁ ବାଧ ହୋଇଥିବା କହିଛନ୍ତି।

# ୭.୮%କୁ ଖସିଲା ଅଭିବୃଦ୍ଧି



ନୂଆଦିଲ୍ଲୀ/ମୁମ୍ବାଇ, ୨୭।୨(ରଏଟର୍ସ/ପି.ଟି.)

୨୦୨୫ ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ତ୍ରୈମାସିକ ଅବଧି ମଧ୍ୟରେ ଭାରତର ଅଭିବୃଦ୍ଧିରେ ମନ୍ଥରତା ଆସିଛି। ବିଶ୍ୱର ଦ୍ରୁତତମ ଅର୍ଥନୀତି ହୋଇଥିଲେ ମଧ୍ୟ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଏହି ତ୍ରୈମାସରେ ୭.୮% ରହିଛି। ପୂର୍ବ ତ୍ରୈମାସ ୨୦୨୬-କ୍ୟୁ୩ରେ ୮.୪% ଅଭିବୃଦ୍ଧି ରହିଥିବାବେଳେ ଏହା ତଳକୁ ଖସିବା ଚିନ୍ତାବୃଦ୍ଧିର କାରଣ ହୋଇଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ନ୍ୟୁ ସିରିଜ୍ ଅଫ୍ ଆନୁଆଲ ଆଣ୍ଡ୍ କ୍ୱାର୍ଟର୍ଲି ନ୍ୟାଶନାଲ ଆକାଉଣ୍ଟ୍ସ ଏଷ୍ଟିମେଟ୍ସ ଜାରି କରାଯାଇଛି। ଏଥିରେ ୨୦୧୧-୧୨ ପରିବର୍ତ୍ତେ ୨୦୨୨-୨୩ ଜିଡିପି ସିରିଜକୁ ଆଧାର କରି ନୂଆ ଆକଳନ କରାଯାଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ୨୦୨୬ ଆର୍ଥିକବର୍ଷର ଜିଡିପି ୭.୬% ରହିବ ବୋଲି ଅନୁମାନ କରିଥିଲେ, ଯାହାକି ପୂର୍ବବର୍ଷରେ ୭.୧% ରହିଥିଲା। କିନ୍ତୁ ଚଳିତ ଆର୍ଥିକବର୍ଷରେ ଜିଡିପି ୭.୪% ରହିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାନୁଆରୀରେ ଆକଳନ କରାଯାଇଥିଲା। ନୂଆ ଆର୍ଥିକବର୍ଷରେ ୭ରୁ ୭.୪% ଜିଡିପି ରହିବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀରେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ୨୦୨୬-୨୭ ଆର୍ଥିକବର୍ଷରେ ଅଭିବୃଦ୍ଧି ହାର ୬.୭-୭.୨% ରହିବା ନେଇ ଅନୁମାନ କରାଯାଇଛି।

## କେରଳ ଷ୍ଟୋରି ୨ ମୁକ୍ତିଲାଭ ପାଇଁ ହାଇକୋର୍ଟଙ୍କ ଅନୁମତି

କୋଚି,୨୭।୨

'ଦି କେରଳ ଷ୍ଟୋରି ୨-ଗୋଜ୍ ବିୟଣ୍ଡ' ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ କେରଳ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଗୁରୁବାର ୧୫ ଦିନ ପାଇଁ ସ୍ଥଗିତାଦେଶ ଲଗାଇଥିଲେ। ଶୁକ୍ରବାର ୨ ଜଣିଆ ଖଣ୍ଡପୀଠ ଚଳଚ୍ଚିତ୍ର ମୁକ୍ତିଲାଭ ପାଇଁ ଅନୁମତି ଦେଇଛନ୍ତି। ଚଳଚ୍ଚିତ୍ର ମୁକ୍ତିଲାଭ ଉପରେ ସ୍ଥଗିତାଦେଶ ଲଗାଯିବାର କିଛି ଘଣ୍ଟା ମଧ୍ୟରେ ନିର୍ମାତା ବିପୁଲ ଅମୃତଲାଲ ଶାହ ଗୁରୁବାର ବିଳମ୍ବିତ ରାତିରେ ଅପିଲ୍ କରିଥିଲେ। ଜଷ୍ଟିସ୍ ସୁଶ୍ରୁତ ଅରବିନ୍ଦ ଧର୍ମାଧିକାରୀ ଏବଂ ପି.ଭି. ବାଲକ୍ରିଷ୍ଣନଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବା ପରେ ଶୁକ୍ରବାର ଉପରୋକ୍ତ ରାୟ ଦେଇଛନ୍ତି। ଫଳରେ ଚଳଚ୍ଚିତ୍ର ନିର୍ମାତା ଅମୃତଲାଲ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

## ଡିଏମ୍‌କେରେ ମିଶିଲେ ଓପିଏସ୍


ଓ ପନିର୍‌ସେଲଭମ୍
ଏମ୍ .କେ. ଷ୍ଟାଲିନ


ଚେନ୍ନାଇ,୨୭।୨

ତିନି ତିନିଥର ମୁଖ୍ୟମନ୍ତ୍ରୀ ରହିଥିବା ଏଆଇଏଡିଏମ୍‌କେ ନେତା ଓପନିର୍‌ସେଲଭମ୍ (ଓପିଏସ୍) ଶୁକ୍ରବାର ଡିଏମ୍‌କେ ଦଳରେ ସାମିଲ ହୋଇଛନ୍ତି। ଦଳୀୟ ମୁଖ୍ୟ କାର୍ଯ୍ୟାଳୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ .କେ, ଷ୍ଟାଲିନଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ପନିର୍‌ସେଲ୍‌ଭମ୍ ଡିଏମ୍‌କେରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱକୁ ପ୍ରଶଂସା କରି ସେ ତାମିଲନାଡୁବାସୀଙ୍କ ପାଇଁ ଯେଉଁଳି କାର୍ଯ୍ୟ କରୁଛନ୍ତି, ତାହା ରାଜ୍ୟବାସୀ ଦେଖୁଛନ୍ତି ବୋଲି ପନିର୍‌ସେଲ୍‌ଭମ୍ କହିଛନ୍ତି। ଏହାଛଡ଼ା ଦ୍ରାବିଡ଼ ଆନ୍ଦୋଳନ ପାଇଁ ଷ୍ଟାଲିନ୍‌ଙ୍କ ଆଭିମୁଖ୍ୟକୁ ସେ ସମର୍ଥନ କରିବା ସହିତ ଦକ୍ଷିଣ ରାଜ୍ୟସମୂହରେ ତାଙ୍କ ଭଳି ଦୃଢ଼ ନେତା ଅନ୍ୟ କେହି ନାହାନ୍ତି ବୋଲି କହିଛନ୍ତି। ତେବେ ବିଧାନସଭା ନିର୍ବାଚନ ପୂର୍ବରୁ ପନିରସେଲ୍‌ଭମ୍‌ଙ୍କ ପଟ ପରିବର୍ତ୍ତନ ତାମିଲନାଡୁ ରାଜନୀତିକୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

# ମାନସିକ ସ୍ୱାସ୍ଥ୍ୟ: ୬୦ତମ ସ୍ଥାନରେ ଭାରତୀୟ ଯୁବବର୍ଗ

ନୂଆଦିଲ୍ଲୀ,୨୭।୨(ପି.ଟି.)

ମାନସିକ ସ୍ୱାସ୍ଥ୍ୟ ମାପକାଠି (ଏମ୍‌ଏଚ୍‌କ୍ୟୁ) ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି। ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍‌ୟାଙ୍କ୍‌ରେ ରହିଛନ୍ତି। ଆମେରିକାର ସାପିଏନ୍ ଲାବ୍‌ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍‌ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା। ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି। ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି



ଅଧ୍ୟୟନରେ ୪୯ ର୍‌ୟାଙ୍କ୍‌ରେ ରହିଛି। ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି। ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି। ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି। ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍‌ୟାଙ୍କ୍‌ରେ ତଳେ ରହିଛନ୍ତି। ବିଶ୍ୱ ଖୁସୀ ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍‌ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି। ୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି।

## ଦୀପିକାଙ୍କ ହାତରୁ ଗଲା ବଡ଼ ପ୍ରୋଜେକ୍ଟ

ମୁମ୍ବାଇ

ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ଝିଅ ଦୁଆ ସହ ଅଧିକ ସମୟ ବିତାଉଛନ୍ତି। ମା' ହେବା ପରଠାରୁ ସେ କୌଣସି ଫିଲ୍ମରେ ନଜର ଆସିନାହାନ୍ତି। ଏଭଳି ସମୟରେ ତାଙ୍କ ହାତରୁ ଏକ ବଡ଼ ପ୍ରୋଜେକ୍ଟ ଖସିଯାଇଥିବା ଜଣାପଡ଼ିଛି। ଦୀପିକାଙ୍କୁ ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ସ୍ପିରିଟ୍'ରୁ ବାହାର କରିଦିଆଯାଇଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ 'କଲକି 2898 AD'ର ସିକ୍ୱେଲରେ ମଧ୍ୟ ସେ ଦେଖାଯିବେ ନାହିଁ ବୋଲି ଆଲୋଚନା ହେଉଥିଲା। ତେବେ ଦୀପିକାଙ୍କୁ ଆଉ ଏକ ବଡ଼ ପ୍ରୋଜେକ୍ଟରୁ ବାହାର କରିଦିଆଯାଇଛି। ଦୀପିକା ଏମି ପୁରସ୍କାର ବିଜେତା ସିରିଜ 'ଦି ହ୍ୱାଇଟ ଲୋଟସ'ର ଚତୁର୍ଥ ସିଜନର ଅଂଶ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହି ସିରିଜର ନିର୍ମାତାମାନେ ତାଙ୍କୁ ଏହି ପ୍ରୋଜେକ୍ଟର ଅଂଶ ହେବାକୁ ଚାହୁଁଥିଲେ। କିନ୍ତୁ ଦୀପିକା ମନା କରିଦେଇଥିଲେ। କାରଣ ଏଥିପାଇଁ ସେ ଅଡିଶନ ଦେବାକୁ ଚାହୁଁ ନ ଥିଲେ। ଯଦି ସେ ଏହି ଧାରାବାହିକର ଅଂଶ ହୋଇଥାନ୍ତେ, ତେବେ ତାଙ୍କର ଲୋକପ୍ରିୟତା ଆହୁରି ବଢ଼ିଯାଇଥାନ୍ତା ବୋଲି ଚର୍ଚ୍ଚା ଚାଲିଛି।


ଦୀପିକା ପାଦୁକୋନ

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୮/୨୦୨୬ | Bhubaneswar, Saturday, February 28/2026 | ପୃଷ୍ଠା-୩




ମୃତ ଚାଷୀଙ୍କ ସ୍ତ୍ରୀ ଭାରତୀ ନାୟକ ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ଗୋଡ଼ତଳେ ପଡ଼ି ନ୍ୟାୟ ଭିକ୍ଷା କରୁଛନ୍ତି।

# ମଣ୍ଡି, ମିଲ୍‌ରେ ନିର୍ଯ୍ୟାତନାରୁ ସ୍ୱାମୀଙ୍କ ଜୀବନ ଗଲା

## ଚାଷୀ ତ୍ରିଲୋଚନଙ୍କ ସ୍ତ୍ରୀ କଲେ ଅଭିଯୋଗ

ରାଜନଗର, ୨୭।୨
(ଭାସ୍କର ରାଉତରାୟ)

ମଣ୍ଡି, ମିଲ୍‌ରେ ନିର୍ଯ୍ୟାତନାରୁ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଜୁଣଗଡ଼ି ଗାଁର ଚାଷୀ ତ୍ରିଲୋଚନ ନାୟକ (୫୩)ଙ୍କ ଗୁରୁବାର ଜୀବନ ଯାଇଛି ବୋଲି ତାଙ୍କ ସ୍ତ୍ରୀ ଭାରତୀ ନାୟକ ଶୁକ୍ରବାର ରାଜନଗର ତହସିଲରେ ଲିଖିତ ଅଭିଯୋଗ କରିଛନ୍ତି। ଅପରାହ୍ନରେ ତହସିଲଦାର ଯିଶୁକୃଷ୍ଣ ଦାସ ମୃତ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଭାରତୀ ଗାଁ ଦାଣ୍ଡରେ ତହସିଲଦାରଙ୍କ ଗୋଡ଼ ତଳେ ପଡ଼ି ନ୍ୟାୟ ମାଗିବା ସହିତ ସ୍ୱାମୀଙ୍କ ମୃତ୍ୟୁ ପାଇଁ ମିଲର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଭାରତୀ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ଜଣେ ସରଳ, ନିଷ୍ଠାବାନ ଓ ପରିଶ୍ରମୀ ଚାଷୀ ଥିଲେ। ସେ ପରିବାରର ଏକମାତ୍ର ଆର୍ଥିକ ଆଧାର ଥିଲେ। କିନ୍ତୁ ମଣ୍ଡି ଓ ମିଲ୍ ପକ୍ଷରୁ ଅନ୍ୟାୟ, ଅବହେଳା ଓ ଅତ୍ୟାଚାର ସହି ନ ପାରି ସେ ଅକାଳରେ ପ୍ରାଣ ହରାଇଛନ୍ତି। ଜାନୁଆରୀ ୧୬ରେ ମଣ୍ଡିରେ ଧାନ ବିକ୍ରୟ ପାଇଁ ☞ପୃଷ୍ଠା-୫

# ସମାଧାନର ବାଟ ଫିଟିଛି: ଏଜି

## ସମ୍ବଲପୁର ଗସ୍ତରେ ମହାନଦୀ ଟ୍ରିବ୍ୟୁନାଲ

### ଇବ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା ଉଜ୍ଜ୍ୱଳ ହୋଇଛି

ସମ୍ବଲପୁର, ୨୭।୨
(ପ୍ରମୋଦ ବହିଦାର)

ଦୀର୍ଘ ୭ବର୍ଷ ଧରି ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଲାଗି ରହିଥିବା ବିବାଦର ସ୍ଥାୟୀ ସମାଧାନର ବାଟ ଫିଟିଛି। ଖାଲି ସେତିକି ନୁହେଁ, ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଟ୍ରିବ୍ୟୁନାଲ ବିଶେଷ ଗୁରୁତ୍ୱ ଦେଇଛନ୍ତି। ତେଣୁ ଟ୍ରିବ୍ୟୁନାଲର ଏହି ଗସ୍ତ ରାଜ୍ୟ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ଟ୍ରିବ୍ୟୁନାଲ ସଦସ୍ୟ ଭାବେ ସମ୍ବଲପୁର ଗସ୍ତ କରିଥିବା ରାଜ୍ୟ ସରକାରଙ୍କ ଆଡ୍‌ଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ହୀରାକୁଦ ଅଶୋକ ନିବାସରେ ଶୁକ୍ରବାର ଅପରାହ୍ନରେ ଖବରଦାତାଙ୍କ ସହ ଔପଚାରିକ ସାକ୍ଷାତ ସମୟରେ ସେ ଏହା କହିଛନ୍ତି।

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଜଷ୍ଟିସ ବେଲା ଓ ଜଷ୍ଟିସ୍ ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବର୍ତ୍ତମାନ ଓଡ଼ିଶା ଗସ୍ତରେ ଅଛନ୍ତି। ଟ୍ରିବ୍ୟୁନାଲ ସଦସ୍ୟମାନେ ଗୁରୁବାର ରାତିରେ ସମ୍ବଲପୁରରେ ପହଞ୍ଚି ଶୁକ୍ରବାର ହୀରାକୁଦ ଜଳଭଣ୍ଡାର ଓ ବୁର୍ଲା ପାୱାର ହାଉସ୍ ପରିଦର୍ଶନକରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଣମୌସୁମୀ ସମୟରେ ହୀରାକୁଦରେ ଜଳର ସ୍ଥିତି ଏବଂ ବିଦ୍ୟୁତ୍ ଉତ୍ପାଦନ ପ୍ରକ୍ରିୟାକୁ ଟ୍ରିବ୍ୟୁନାଲ ନିଜ ଆଖିରେ ଦେଖିବା ଦ୍ୱାରା ଓଡ଼ିଶାର ପକ୍ଷ ଅଧିକ ମଜଭୁତ ହୋଇଛି। ପୂର୍ବରୁ ଏହି ବିବାଦ କେବଳ ଆଇନଗତ ଓ ରାଜନୈତିକ ସ୍ତରରେ ଅଟକି ରହିଥିବାବେଳେ ବର୍ତ୍ତମାନ ଉଭୟ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ ଆପୋସ ବୁଝାମଣା ଜରିଆରେ ଏହାର ସମାଧାନ ପାଇଁ ରାଜି ହୋଇଛନ୍ତି। ବିଶେଷକରି ଜୁଲାଇ ୨୦୨୫ ପରଠାରୁ ହୋଇଥିବା ବିଭିନ୍ନ ପର୍ଯ୍ୟାୟ ଶୁଣାଣିରେ ସକାରାତ୍ମକ ଦିଗ ସାମ୍ନାକୁ ଆସିଛି। ଏହି ସମାଧାନ ପ୍ରକ୍ରିୟା ଦ୍ୱାରା ଅଟକି ରହିଥିବା ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଆଗକୁ ବଢ଼ିପାରିବ। ବିଶେଷକରି ୩୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ 'ଇବ୍' ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଶା ଉଜ୍ଜ୍ୱଳ ହୋଇଛି। ଏହାଦ୍ୱାରା ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର ଚାଷୀମାନେ ବ୍ୟାପକ ଭାବେ ଉପକୃତ ହୋଇପାରିବେ ବୋଲି ଆଚାର୍ଯ୍ୟ କହିଛନ୍ତି। ସେ ଆହୁରି କହିଛନ୍ତି, ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ଏପ୍ରିଲ ୧୩ରେ ଶେଷ ହେବାକୁ ଥିବାବେଳେ ଏହି ସମୟ ମଧ୍ୟରେ ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିବାକୁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଟ୍ରିବ୍ୟୁନାଲ ଗସ୍ତକୁ ବିରୋଧୀଙ୍କ 'ପିକ୍‌ନିକ୍' ମନ୍ତବ୍ୟକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ମର୍ମରେ ସେ କହିଛନ୍ତି, ଟ୍ରିବ୍ୟୁନାଲ ଏକ ନ୍ୟାୟିକ ବ୍ୟବସ୍ଥା। ଏହା ଓଡ଼ିଶାବାସୀଙ୍କ ହକ୍‌ର ଲଢ଼େଇ ଓ ମହାନଦୀର ଜଳରାଶି ଉପରେ ଓଡ଼ିଶାର ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସରକାର ସଂକଳ୍ପବଦ୍ଧ। ତେଣୁ ଟ୍ରିବ୍ୟୁନାଲର ଏହି ଗସ୍ତକୁ ସମାଲୋଚନା ନ କରି,ବରଂ ଏହାକୁ ସ୍ୱାଗତକରିବା ଉଚିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଓ ଜଷ୍ଟିସ୍ ଏମ୍. ତ୍ରିବେଦୀଙ୍କ ନେତୃତ୍ୱରେ ଟ୍ରିବ୍ୟୁନାଲର ସଦସ୍ୟା ଓ ସଦସ୍ୟ ଭାବେ ଜଷ୍ଟିସ୍ ଡ. ରବିରଞ୍ଜନ, ଜଷ୍ଟିସ୍ ଇନ୍ଦରମିତ୍ କୌର କୋଚର, ଆଡଭୋକେଟ୍ ଜେନେରାଲ୍, ଛତିଶଗଡ଼ର ବିବେକ ଶର୍ମା, ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଛତିଶଗଡ଼ ସରକାରଙ୍କ ଜଳ ସମ୍ପଦ ବିଭାଗ ସଚିବ ରାଜେଶ ସୁକୁମାର ଟପ୍ପୋ ପ୍ରମୁଖ ଏହି ଟ୍ରିବ୍ୟୁନାଲ ଦଳ ସହିତ ଓଡ଼ିଶା ଗସ୍ତ କରିଛନ୍ତି। ଶୁକ୍ରବାର ସକାଳେ ଟ୍ରିବ୍ୟୁନାଲ ସଦସ୍ୟମାନେ ପ୍ରଥମେ ଅଶୋକ ନିବାସରେ ଥିବା ଶହୀଦ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଠାରେ ଥିବା ଏକ ପାର୍କରେ ସାମୂହିକ ଭାବେ ଚାରାରୋପଣ କରିଥିଲେ। ତାଙ୍କ ସହ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ସହିତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ☞ପୃଷ୍ଠା-୫

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## କ୍ଷତବିକ୍ଷତ ମୃତଦେହ ଜବତ, ଅଭିଯୁକ୍ତ ଗିରଫ

ପବିତ୍ରନଗର, ୨୭।୨
(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଅଞ୍ଚଳର ଜଣେ ନାବାଳିକା (୧୨)ଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆଶିଷ ନାଏକ (୨୦)ଙ୍କୁ ଗିରଫ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ନାବାଳିକା ଜଣକ ଗୁରୁବାର ଘର ପାଖ ଅଞ୍ଚଳକୁ ଶାଗ ତୋଳିବା ପାଇଁ ଯାଇ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ଗୁରୁବାର ରାତିରେ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୪/୨୬ରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ସକାଳେ ପରିବାର ଓ ପଡ଼ୋଶୀ ମିଶି ଖୋଜାଖୋଜି କରି ଘରଠାରୁ ମାତ୍ର ୩ଶହ ମିଟର ଦୂର ଏକ ନିଛାଟିଆ ସ୍ଥାନରେ ଥିବା ଘାସବୁଦା ଭିତରେ ନାବାଳିକାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତ ଆଶିଷ ବଳାତ୍କାର ପରେ ପଥରରେ ଛେଚି ନାବାଳିକାଙ୍କୁ ହତ୍ୟା କରିଥିବା ମୃତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନିଖୋଜ ମାମଲାକୁ ବଳାତ୍କାର ଓ ହତ୍ୟା ମାମଲାରେ ପରିବର୍ତ୍ତନ କରିଥିଲା। ଏଥିସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପହଞ୍ଚି ତଦନ୍ତ ତଦାରଖ କରିଥିଲେ। ଅତିରିକ୍ତ ଏସ୍‌ପି ସମୀର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପୋଲିସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପୋଲିସ ତରଫରୁ କୁହାଯାଇଛି।

# ଝାରସୁଗୁଡ଼ାରେ ସର୍ବନିମ୍ନ, ସର୍ବାଧିକ ତାପମାତ୍ରା ରେକର୍ଡ

ଭୁବନେଶ୍ୱର, ୨୭।୨
(ବନ୍ଦନା ସେଠୀ)

ରାଜ୍ୟରେ ଏବେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଓଡ଼ିଶାର ଜିଲାଗୁଡିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ବଡ଼ ପରିବର୍ତ୍ତନ ହୋଇନାହିଁ। ତେବେ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ ଡିଗ୍ରୀ କମ୍ ଥିବାବେଳେ ଉପକୂଳ ଜିଲାଗୁଡିକରେ ତାପମାତ୍ରା ପ୍ରାୟ ୨ଡିଗ୍ରୀ କମ୍ ରହିଥିଲା। ଏଥିସହ କେତେକ ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ଡିଗ୍ରୀ ଅଧିକ ରହିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ ଘଣ୍ଟାରେ ଝାରସୁଗୁଡାଠାରେ ରାଜ୍ୟର ସର୍ବନିମ୍ନ ଓ ସର୍ବାଧିକ ତାପମତ୍ରା ରେକର୍ଡ ☞ପୃଷ୍ଠା-୫

# 'ଏପିଏଲ୍'ଙ୍କୁ ମିଳିପାରେ ସବ୍‌ସିଡି ଚାଉଳ: କାଡାମ

ଭୁବନେଶ୍ୱର, ୨୭।୨
(ରବିନାରାୟଣ ଜେନା)

ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ(ବିପିଏଲ୍) ବର୍ଗ ପରିବାରକୁ ସରକାର ରିହାତି ଦରରେ ଚାଉଳ ଯୋଗାଣ କରୁଥିବାବେଳେ ଆଗାମୀ ଦିନରେ ଦାରିଦ୍ର୍ୟ ସୀମାରେଖା ଉପରେ(ଏପିଏଲ୍) ବର୍ଗଙ୍କୁ ମଧ୍ୟ ସବ୍‌ସିଡି ଦରରେ ଚାଉଳ ଯୋଗାଇବା ପାଇଁ ସରକାରଙ୍କୁ ବିଧାନସଭା ସ୍ଥାୟୀ କମିଟି ପକ୍ଷରୁ ସୁପାରିସ କରାଯାଇଛି । ଛତିଶଗଡ଼ ସରକାର ଯେଭଳି ଖୋଲା ବଜାରରେ ଚାଉଳ ଦେଉଛନ୍ତି ଅନୁରୂପ ଭାବେ ଓଡ଼ିଶାରେ ଏହା ଲାଗୁ କରାଯିବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ଥାୟୀ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର କାଡାମ ବୁଧବାର ସୂଚନା ଦେଇଛନ୍ତି।

କାଡାମ କହିଛନ୍ତି, ରାଜ୍ୟ ସରକାରଙ୍କ ଯୋଗାଣ ନିଗମ ଏବେ ୧୦ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତିରେ ରହିଛି। କେନ୍ଦ୍ର ସରକାରଙ୍କ ଉପରେ ମଧ୍ୟ ବିଗତବର୍ଷର ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଛି। ଏହି ପରିପ୍ରେକ୍ଷୀରେ ଚାଉଳ ଉଠାଣ କରି ତାକୁ ଖୋଲା ବଜାରରେ ବିକ୍ରି କରିବା ପାଇଁ ବୈଠକରେ ଆଲୋଚନା ହେବା ସହିତ ଏହି ମର୍ମରେ ସରକାରଙ୍କୁ ଏକ ସୁପାରିସ କରାଯାଇଛି। ସରକାରଙ୍କ ପକ୍ଷରୁ ଏନେଇ ଆସନ୍ତା ସପ୍ତାହରେ ଏହା ଉପରେ ଯାହା ନିଷ୍ପତ୍ତି ଆସିବ ସେହି ଆଧାରରେ ଏପିଏଲ୍ ବର୍ଗଙ୍କୁ ସବ୍‌ସିଡି ଦରରେ ଚାଉଳ ଯୋଗାଇ ଦିଆଯିବ। ତେବେ ବଜାରରେ ଯଦି ଚାଉଳ ଦର ୫୦ଟଙ୍କା ଥିବ ତେବେ ତାହା ଉପରେ ପ୍ରାୟ ୧୮ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିପାରିବ। ଏ ବାବଦକୁ ସରକାରଙ୍କୁ ପ୍ରାୟ ୧୦ ହଜାର କୋଟି ଟଙ୍କାର ବୋଝ ବୋହିବାକୁ ପଡ଼ିବ।

ସେ କହିଛନ୍ତି, ସାରା ଦେଶରେ ଏବେ ଧାନ ତଥା ଷ୍ଟିମ୍ ରାଇସ୍‌ର ଚାହିଦା କମୁଛି। ମାତ୍ର ଓଡ଼ିଶାରେ ପୂର୍ବାପେକ୍ଷା ଅଧିକ ଧାନ ଉତ୍ପାଦନ ହେଉଛି। ଏହି ତାରତମ୍ୟ ଯୋଗୁଁ ସମସ୍ୟା ଦେଖାଦେଉଛି। ଏହାକୁ ନେଇ 'ର୍' ରାଇସ୍ ଉତ୍ପାଦନକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପୂର୍ବରୁ ପଶ୍ଚିମବଙ୍ଗ, ତାମିଲନାଡୁ ଓ ବାଂଲାଦେଶକୁ ଚାଉଳ ଯାଉଥିଲା। ହେଲେ ଏବେ ଆଉ ଚାହିଦା ନାହିଁ। 'ଏଫ୍‌ସିଆଇ' ଗତବର୍ଷ ଯେଉଁ ପରିମାଣର ଚାଉଳ ଉଠାଇବା କଥା ତାହା ସମ୍ପୂର୍ଣ୍ଣ ଉଠାଇ ନାହିଁ। ପ୍ରାୟ ୯ % ଚାଉଳ ଏବେ ବି ଉଠିନାହିଁ। ବିଧାନସଭା କମିଟିପକ୍ଷରୁ ସରକାରଙ୍କୁ ଯେଉଁ ସୁପାରିସ କରାଯାଇଛି ତାହାକୁ ଯଦି ସରକାର ମାନି ନିଅନ୍ତି ତେବେ ଧାନ, ଚାଉଳ ଉଠାଣ ସମସ୍ୟା ସମାଧାନ ହୋଇଯିବ। ଏହି ଅବସରରେ କାଡାମ କେନ୍ଦ୍ର ସରକାରଙ୍କ ଉପରେ ଗଡୁଥିବା ଚାଉଳ ବକେୟା ବାବଦ ଟଙ୍କା ପାଇଁ କମିଟି ପକ୍ଷରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିବାକୁ ପ୍ରସ୍ତାବ ଦେଇଥିଲେ ହେଁ ତାହା ଉପରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ବୈଠକର ସୂଚନା ଅନୁଯାୟୀ, ଖାଦ୍ୟ ଯୋଗାଣ ବିଭାଗର ୨୦୨୫-୨୬ ବର୍ଷ ପାଇଁ ବଜେଟରେ ଉଭୟ ପୂର୍ଣ୍ଣାଙ୍ଗ ବଜେଟ ଏବଂ ଅତିରିକ୍ତ ବଜେଟରେ ପ୍ରାୟ ୭୮୦୦କୋଟି ଟଙ୍କାର ବ୍ୟବସ୍ଥା ରହିଥିଲା। ସେଥିରୁ ଏପର୍ଯ୍ୟନ୍ତ ବିଭାଗ ୮୧ ପ୍ରତିଶତ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ମାତ୍ର ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବଜେଟରେ ବିଭାଗ ପାଇଁ ୬,୫୩୮କୋଟି ଟଙ୍କା ବ୍ୟବସ୍ଥା ହୋଇଛି ; ଯାହାକି ପୂର୍ବବର୍ଷ ଅପେକ୍ଷା କମ୍। ଯେଉଁଥିପାଇଁ ଧାନ ସଂଗ୍ରହ ଓ ଚାଉଳ ଉଠାଣରେ ସମସ୍ୟା ଉପୁଜୁଛି। ଏହାର ସମାଧାନ ଲାଗି ବଜେଟର 'ରିଭଲଭିଂ ପାଣ୍ଠି'ରୁ ପ୍ରାୟ ୬୦୦୦କୋଟି ଟଙ୍କା ଉଠାଣ କରିବାକୁ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀ, ସୁବାସିନୀ ଜେନା, ଭାଜପା ସଦସ୍ୟ ମାନସ ଦତ୍ତଙ୍କ ସହିତ ଖାଦ୍ୟଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।




## ଭୁବନେଶ୍ୱର

- ସିଟିଜେନ୍ ୱେଭ୍ ମିଡିଆ ପକ୍ଷରୁ 'ସ୍ୱଚ୍ଛ ଓଡ଼ିଶା, ସୁଖୀ ଓଡ଼ିଶା' ଶୀର୍ଷକ ଗଣ ପଦଯାତ୍ରା, ସ୍ଥାନ: ନିକୋ ପାର୍କ, ସମୟ: ସକାଳ ୬ଟା ୩୦।
- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭିଏସ୍ଏସ୍ ନଗର, ସମୟ: ସକାଳ ୯ଟା।
- ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଓଡ଼ିଆ ନାମ ଫଳକ ଲେଖା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସରେ ଇନୋଭେଶନ ଫେଷ୍ଟିଭାଲ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ପକ୍ଷରୁ ଏପଷ୍ଟିନ ଫାଇଲ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପାପିଲୋମା ଭାଇରସ (ଏଚ୍‌ପିଭି) ଟୀକାକରଣର ଶୁଭାରମ୍ଭ ଏବଂ ୨୮ ନୂତନ ଆମ୍ବୁଲାନ୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କୃଷି ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସତ୍ୟଭାମା ଦେବୀ କଲେଜ ଫର ହିଅରିଂ ଇମ୍ପାୟାର୍ଡର ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ଅପରାହ୍ନ ୫ଟା।
- ବ୍ଲାକ୍ ଈଗଲ୍ ବୁକ୍ସ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ସମୟ କନ୍‌କ୍ଲେଭର ଷଷ୍ଠ ସଂସ୍କରଣରେ 'ଜଳବାୟୁ ପରିବର୍ତ୍ତନ ଓ ନିରାକରଣରେ ସାମାଜିକ ଦାୟିତ୍ୱବୋଧ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ପ୍ରାଚୀ, ରାମମନ୍ଦିର ଛକ, ସମୟ: ସନ୍ଧ୍ୟା ୬ଟା।
- ରିସୋମ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଅଭୁଲା ଅଲିଭା ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ଗସ୍ତ ବିରୋଧରେ ବିକ୍ଷୋଭ, ସ୍ଥାନ: ଗଡ଼ଗଡିଆ ଘାଟ, ସମୟ: ସକାଳ ୯ଟା।
- ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ୭୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ପୁରୁଣା ସଚିବାଳୟ ମାର୍ଗ, ସମୟ: ସକାଳ ୯ଟା ୩୦।
- କଟକ ମହାନଗର ନିଗମ ପକ୍ଷରୁ ତ୍ରିଲୋଚନ କାନୁନଗୋଙ୍କ ପୂର୍ଣ୍ଣାଙ୍ଗ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଦୟାଶ୍ରମ ଫାଟକ ସମ୍ମୁଖ, ୱାର୍ଡ ନଂ-୯, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶ ୟଙ୍ଗ ଆଡ୍‌ଭୋକେଟସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟନ, ସ୍ଥାନ: ବିଡ଼ାନାସୀ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା ଓ ସ୍ମାରକୀ ବକ୍ତୃତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ନୂତନ ଚନ୍ଦ୍ରାଗଡ଼ି କ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଆଜିମାବାଦ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏଫ୍ଏମ୍‌ୟୁ ପକ୍ଷରୁ ଗ୍ରାମୀଣ ଶିବିର, ସ୍ଥାନ: କୁମ୍ଭକ୍ଷେତ୍ର, ସିଆଡ଼ିମାଳ, ନୀଳଗିରି, ସମୟ: ସକାଳ ୯ଟା।
- ଭାଷାପକ୍ଷ ଓ କୁଟୀର ବହିମେଳା, ସ୍ଥାନ: ସ୍ରଷ୍ଟା କାର୍ଯ୍ୟାଳୟ ପରିସର, ମାକଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଠାଜଳସେଚନ କର୍ମଚାରୀ ଭବନ, ପଟୁଆଁପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସୁଭଦ୍ରା ଶକ୍ତି ମେଳା-୨୦୨୬ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାଇ ଫେଷ୍ଟ-୨୦୨୬ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଚାନ୍ଦିପୁର ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମୁନ୍‌ସୀ ମେଳଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ମୀରାମ୍ବିକା ନୃତ୍ୟ ମହୋତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୭ଟା।

# ଆଜି କ'ଣ କେଉଁଠି

## କେନ୍ଦୁଝର

- ଆୟୁର୍ବେଦିକ ଟିକାକରଣ, ସ୍ଥାନ: ଜେଲ୍‌ରୋଡ୍, କେନ୍ଦୁଝର ସହର, ସମୟ: ସକାଳ ୭ଟା।
- ଏକଲ ଶ୍ରୀହରି ସତସଙ୍ଗ ପ୍ରତିଯୋଗିତା, ସ୍ଥାନ: ଡିମ୍ବିରି ସ୍ଥିତ କେନ୍ଦୁଝର ଇଞ୍ଜିନିୟରିଂ କଲେଜ, ସଦର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ନାହାଳିଆ, ହାଟଡିହୀ, ସମୟ : ଅପରାହ୍ନ ୩ ଟା।
- କଳାପାହାଡ଼ ଛକଠାରେ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକ ଅଧିକାର ଯାତ୍ରା ପହଞ୍ଚିବ ଏବଂ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ବାବା ଧବଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ମା' ଭୈରବୀ ପୀଠ ପରିସର, ମଧୁବନ, ବାରିପଦା,ସମୟ: ସକାଳ ୮ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡସାହି,ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଆସିକା ରୋଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ,ସମୟ: ଅପରାହ୍ନ ୫ଟା ୪୫।

## ଗଞ୍ଜାମ

- ବାଟକାଳୁଆ ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶେରଗଡ଼ ପଥରପୁଞ୍ଜି ଛକ, ସମୟ: ସକାଳ ୭ ଟା।

## କନ୍ଧମାଳ

- ଦୋଳ ପୂର୍ଣ୍ଣିମା ଅବସରରେ ବିମାନ ପରିକ୍ରମା, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ, ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଶ୍ରୀରାମ ଅଭିଷେକ, ଜ୍ଞାନ ପ୍ରକରଣ ଓ ପୂର୍ଣ୍ଣାହୁତି, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଭିନ୍ନକ୍ଷମ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗଁଦିଆ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ତତ୍ତ୍ୱ ଓ ଗୀତା ଭାଗବତ ପ୍ରବଚନ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ସମୟ: ରାତି ୭ଟା।

## ଅନୁଗୋଳ

- ଦିଶା ଓ ଜିଲା ପରିଷଦ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।
- ଜିଲା ବାଣିଜ୍ୟ ସଂଘର ସୁବର୍ଣ୍ଣ ଜୟନ୍ତୀ ପାଳନ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ବିଜ୍ଞାନ ଦିବସରେ ପ୍ରଶ୍ନମଞ୍ଚ, ପ୍ରକଳ୍ପ ପ୍ରଦର୍ଶନ, ଜୀବନୀ କଥନ, ସ୍ଥାନ: ତାଳଚେର ବଡ଼ଯୋରନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ଓ ଭଞ୍ଜନଗର ମଧ୍ୟରେ ସେମିଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ସ୍ୱଦେଶୀ ମେଳା ମହୋତ୍ସବ ମଞ୍ଚରେ ମେଘମହ୍ଲାର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ବାଲିଯାତ୍ରା ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ବାଙ୍କବିହାରୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନଳଦିଆ ଶାସନ ଗଡାନଈ, ନାରାୟଣପୁର, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆଲୋଚନା ଚକ୍ର, ସ୍ଥାନ:ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ସମୟ:ପୂର୍ବାହ୍ନ ୧୦ଟା ।
- ମନ୍ତ୍ରୀପଡା ମେଳଣ, ସ୍ଥାନ:ମନ୍ତ୍ରୀପଡା, କରୁରୁଜଙ୍ଗା, ଡେରାବିଶ, ସମୟ:ପୂର୍ବାହ୍ନ ୧୦ଟା।
- ପଥରମୁଣ୍ଡେଇ ମେଳଣ, ସ୍ଥାନ:ଦାନପୁର, ଡେରାବିଶ, ସମୟ: ଅପରାହ୍ନ ୩ଟା ।
- ସାଗରବେଳା ମହୋତ୍ସବ, ସ୍ଥାନ: ପେଣ୍ଠ ବେଳାଭୂମି, ରାଜନଗର, ସମୟ: ଅପରାହ୍ନ ୫ଟା ।
- ଅଷ୍ଟାଦଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତା ଗାୟତ୍ରୀ ଦଶବିଧ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀ, ସ୍ଥାନ: ଅବଧୂତ ଆଶ୍ରମ, ଆଡୋଇ, ମହାକାଳପଡା, ସମୟ:ସନ୍ଧ୍ୟା ୬ଟା ।
- ଶ୍ରୀମଦ ଭଗବଦ୍ ଗୀତା ପରିଚାଳନା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: ଶ୍ରୀ ସିଦ୍ଧ ବେଲବଣ ମହାପୁରୁଷ ପୀଠ, ପାଖଡ, ନୂଆପଡା, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ସଚ୍ଚିଦାନନ୍ଦ ମହୋତ୍ସବ ଓ ଶ୍ରୀ ଜଗନ୍ନାଥ ସେବା ସମ୍ମାନ, ସ୍ଥାନ:ବଟିରା ଯାତ୍ରାଗଡା, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ବିଶାଳ ନାମଯଜ୍ଞ, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡା, ସମୟ:ସନ୍ଧ୍ୟା ୬ଟା ।
- ଶ୍ରୀଜୀଜୀଉଙ୍କ ମେଳଣ, ସ୍ଥାନ:ଚାଟରା, ଚାଟରାପାଟଣା, ଡେରାବିଶ, ସମୟ: ରାତ୍ର ୯ଟା ।

## ଯାଜପୁର

- ଛତିଆ ରଜ ଦୋଳ ମିଳନ ମହୋତ୍ସବର ବିମାନ ଆଗମନ ଯାତ୍ରା, ସ୍ଥାନ: ଛତିଆ ଫୁଟବଲ୍ ପଡ଼ିଆ, ସମୟ: ସକାଳ ୭ଟା।
- ୭୦ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେୱାନସାହି, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ଅଷ୍ଟାଦଶ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବ୍ୟାସନଗର କନ୍ହେଇପୁର ତ୍ରିପାଠ ଲେନ୍ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଯାଜପୁରର ପ୍ରଗତି ଓ ଓଡ଼ିଶାର ଉନ୍ନତି ସଂକ୍ରାନ୍ତରେ ଆଲୋଚନା, ସ୍ଥାନ: ବ୍ୟାସନଗର ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।
- ମା' ପଳାସବୁଢ଼ୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ପଳାସବୁଢ଼ୀ ପୀଠ, ସମୟ: ରାତ୍ର ୮ଟା।

## ନୟାଗଡ଼

- ଜାମାଲାଗି ବେଶର ୩୭ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଯାପନ ଉତ୍ସବ ଓ ପ୍ରବଚନରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, କଳିଯୁଗ ବର୍ଣ୍ଣନା, କାକ ଭୂଷଣ ଓ ଗରୁଡଙ୍କ ଜ୍ଞାନ ଚର୍ଯ୍ୟା, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ ରୁ ରାତ୍ର ୧୦ଟା ।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ, ସମୟ:ସକାଳ ୮ଟା ।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜା ଓ ଆହୁତି ପ୍ରଦାନ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ମଦନ ମୋହନଙ୍କ ପଞ୍ଚମ ବାର୍ଷିକ ଉତ୍ସବ ଓ ଚାଉପଲ୍ଲୀ ମହୋତ୍ସବ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ, ସମୟ:ଅପରାହ୍ନ ୩ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନୀ ମ୍ୟାଚରେ କଟକ ବନାମ ଭୁବନେଶ୍ୱର ମହିଳା ଦଳ, ସ୍ଥାନ:ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା।
- ବାର୍ଷିକୋତ୍ସବ, ସ୍ଥାନ:ଖଳିସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୪ଟା ।
- ଫଗୁ ଦଶମୀ ଅବସରରେ ଦୟଣାଚୋରୀ ବଗିଚାକୁ ବିଜେର ତୃତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- କପିଳେଶ୍ୱର ଦେବଙ୍କର ଦୋଳ ପରିକ୍ରମା, ସ୍ଥାନ:ଜଗନ୍ନାଥ ପ୍ରସାଦ ପଞ୍ଚାୟତ କୁଆହରା, ସମୟ: ସନ୍ଧ୍ୟା ୭ଟା ।
- ବିଶ୍ୱଶାନ୍ତି ଯଜ୍ଞ ଓ ପାର୍ବତୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ କହିଦେଲେ କଥା ସରିଯିବ, ସ୍ଥାନ: ନୟାଗଡ଼ ବ୍ଲକ ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ: ରାତି ୧୦ଟା ।

## ରାୟଗଡ଼ା

- ନାଗାବଳୀ ଉପକୂଳବର୍ତ୍ତି ପ୍ରଭାବିତ ଅଞ୍ଚଳବାସୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ବରିଷ୍ଠ ନାଗରିକ ଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ତଣ୍ଡା ହାଇସ୍କୁଲ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୌରାଞ୍ଚଳର ଭିଭିନ୍ନ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ, ସ୍ଥାନ: ଖୁଡୁବ ମହିମା ମଣ୍ଡପ, ସମୟ: ସକାଳ ୮ଟା।
- ଜାତୀୟ ବିଜ୍ଞାନ ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଚିତାପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରୁକୋଣ୍ଡା ବ୍ଲକ୍, ସମୟ: ସକାଳ ୯ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସଂସ୍କୃତି ଓ କ୍ରୀଡା ସଙ୍ଗଠକଙ୍କ ମିଳିତ ଆୟୋଜିତ ସମ୍ବଲପୁର ସେଲେବ୍ରିଟି ଲିଗ୍-୨୦୨୬ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୮ଟା।
- ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ଆୟୋଜିତ ଭାବନାରେ ମୋ କବିତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଘଇତା ପଛକେ ମରୁ
ସଉତୁଣୀ ରାଣ୍ଡ ହେଉ ।**

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର। ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖ କଷ୍ଟ ପାଉ। ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନାହିଁ ଖୁଦ ପାଏ,
ଟୁକୁଣା ଘେନି ହଗିତେ ଯାଏ ।**

ଟୁକୁଣା ଅର୍ଥ ଲୋଟା ବା ଢାଳ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜକୁ ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦରିଦ୍ର ବ୍ୟକ୍ତିର ବୃଥା ଆଡମ୍ବର ଶୋଭା ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବିନା ଦୋଷରେ ...

କରିଛନ୍ତି। ଏହା ଉପରେ ବିଭାଗୀୟ ତଦନ୍ତ କରାଯିବ ବୋଲି ବିଚାରପତି କହିଛନ୍ତି।

କୋର୍ଟ ରାୟ ଆସିବା ପରେ କେଜ୍‌ରିୱାଲ ନିଜ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ତାଙ୍କୁ ଫସାଇ ଦେଇଥିଲେ। ମୋଦି ଓ ଶାହା ଆପ୍‌କୁ ଶେଷ କରିଦେବା ପାଇଁ ମିଥ୍ୟା ଅବକାରୀ ନୀତି ମାମଲାର ଷଡ଼ଯନ୍ତ୍ର ରଚିଥିଲେ। ଏବେ ସେମାନେ କ୍ଷମା ମାଗନ୍ତୁ। ଇଡି ପକ୍ଷରୁ ଦାଏର ମାମଲାରେ ମଧ୍ୟ ଦୋଷମୁକ୍ତ ହେବା ପାଇଁ ସେ କୋର୍ଟରେ ପିଟିଶନ କରିବେ ବୋଲି କେଜ୍‌ରିୱାଲ କହିଛନ୍ତି। କ୍ଲିନ୍‌ଚିଟ୍ ପ୍ରାପ୍ତ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାଜପା ଦିଲ୍ଲୀକୁ ବାୟୁ ପ୍ରଦୂଷଣ, ଯମୁନା ପ୍ରଦୂଷଣ, ଖରାପ ରାସ୍ତା ଭଳି ସମସ୍ୟାଗୁଡ଼ିକ ଭିତରକୁ ଫୋପାଡ଼ି ଦେଇଛି। ମୋଦି ସରକାର ଦିଲ୍ଲୀରେ ସାନି ନିର୍ବାଚନ କରାନ୍ତୁ, ଭାଜପା ଯଦି ୧୦ରୁ ଅଧିକ ଆସନ ଜିତିଯିବ ତେବେ ସେ ରାଜନୀତି ଛାଡ଼ିଦେବେ ବୋଲି ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲ ଚ୍ୟାଲେଞ୍ଜ କରିଛନ୍ତି। ଭାଜପାକୁ ଟାର୍ଗେଟ କରି କେଜ୍‌ରିୱାଲ କହିଛନ୍ତି, ସେ ନିଜ ସମଗ୍ର ଜୀବନରେ କେବଳ ସଚ୍ଚୋଟତା ଓ ସମ୍ମାନ ଆୟ କରିଥିଲେ, ଯାହାକୁ ଫେକ୍ ସ୍କାମ୍ ବଳରେ ମୋଦି-ଶାହା ଆକ୍ରମଣ କରୁଛନ୍ତି। ସ୍ୱାଧୀନ ଭାରତରେ ଏହା ହେଉଛି ସବୁଠୁ ବଡ଼ ରାଜନୈତିକ ଷଡ଼ଯନ୍ତ୍ର। ସମ୍ପ୍ରତି ସବୁ ସାମ୍ବିଧାନିକ ସଂସ୍ଥାକୁ ଆକ୍ରମଣ କରାଯାଉଥିବାବେଳେ କୋର୍ଟ ଏହି ମାମଲାରେ ଅଭୂତପୂର୍ବ ସାହସ ଦେଖାଇ ଐତିହାସିକ ରାୟ ଦେଇଛନ୍ତି। ଅଦାଲତ କେଜ୍‌ରିୱାଲ ଓ ସିସୋଡିଆଙ୍କ ସହ ଆପ୍‌କୁ କଟ୍ଟର ଇମାନଦାର (ଅତ୍ୟନ୍ତ ସଚ୍ଚୋଟ ବ୍ୟକ୍ତି) ବୋଲି ପ୍ରମାଣିତ କରିଛନ୍ତି। ୨୦୧୧ରେ ଆନ୍ନା ହାଜାରେଙ୍କ ଦୁର୍ନୀତି ବିରୋଧୀ ଅଭିଯାନରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା କେଜ୍‌ରିୱାଲ ନିଜ ଘନିଷ୍ଠ ସହଯୋଗୀ ସିସୋଡିଆଙ୍କ ସହ ଏହି ପ୍ରତିକ୍ରିୟା ଦେବାବେଳେ କୋହ ସମ୍ଭରଣ କରି ନ ପାରି କାନ୍ଦି ପକାଇଥିଲେ।

କେଜ୍‌ରିୱାଲଙ୍କ ମାମଲାର ରାୟ ଆସିବା ପରେ କଂଗ୍ରେସ କହିଛି, ଏହା ଏକ ପ୍ରେଡିକ୍ଟେବଲ୍ ସ୍କ୍ରିପ୍ଟ। ଗୁଜରାଟ ଓ ପଞ୍ଜାବ ନିର୍ବାଚନରେ ଆପ୍ ଏବଂ ଅନ୍ୟ ସହଯୋଗୀ ଦଳଗୁଡ଼ିକୁ ହରାଇବା ପାଇଁ ଭାଜପା ଏହି ସ୍କ୍ରିପ୍ଟ ତିଆରି କରିଥିଲା। ଭାଜପା ଏକ ରାଜନୈତିକ ଦଳ ନୁହେଁ, ବରଂ ଇଚ୍ଛାଧାରୀ ନାଗ ବୋଲି କଂଗ୍ରେସ ନେତା ପୱନ ଖେରା ସମାଲୋଚନା କରିଛନ୍ତି। କେଜ୍‌ରିୱାଲଙ୍କୁ ଆଶ୍ୱସ୍ତି ମିଳିବା ପରେ ତାଙ୍କ ଦଳ ଓ ପରିବାରରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଏଥର ଆଗୁଆ ହୋଲି ଆସିଗଲା ବୋଲି ସମସ୍ତେ ଫଗୁ ଓ ରଙ୍ଗ ବୋଳାବୋଳି ହେବାରେ ଲାଗିଛନ୍ତି। କିନ୍ତୁ ସିବିଆଇ ତଳ କୋର୍ଟ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ବାହାରିଛି। ତଦନ୍ତର ଅନେକ ଦିଗକୁ କୋର୍ଟ ଅଣଦେଖା କରିଛନ୍ତି। ସିବିଆଇ ହାଇକୋର୍ଟରେ ଏହି ରାୟ ବିରୋଧରେ ଅପିଲ କରିବ ବୋଲି ତଦନ୍ତକାରୀ ସଂସ୍ଥାର ଜଣେ ମୁଖପାତ୍ର କହିଛନ୍ତି। ସେହିପରି ଇଡି ପକ୍ଷରୁ କୁହାଯାଇଛି, ବିଶ୍ୱସନୀୟ ପ୍ରମାଣ ଆଧାରରେ ମନି ଲଣ୍ଡରିଂ ଦିଗକୁ ନେଇ ସଂସ୍ଥା ତଦନ୍ତ କରିଥିଲା, ଯାହାକି ବଳବତ୍ତର ରହିଛି। ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀଙ୍କ ମତରେ ଦିଲ୍ଲୀବାସୀ କେଜ୍‌ରିୱାଲଙ୍କୁ ତାଙ୍କ ଦୁର୍ନୀତିର ଜବାବ ବିଧାନସଭା ନିର୍ବାଚନ ବେଳେ ଦେଇସାରିଛନ୍ତି। ଆଗକୁ ସିବିଆଇ କ'ଣ କରିବ ତାହା ତଦନ୍ତକାରୀ ସଂସ୍ଥା ଉପରେ ନିର୍ଭର କରେ।

## ବଳାତ୍କାର ଲୁଚାଇବାକୁ ...

ଫେରିବାବେଳେ ଉଭୟଙ୍କ ମଧ୍ୟରେ ମନାନ୍ତର ହେବାରୁ ପ୍ରେମିକ ସୋମନାଥ ରାହାମାଠାରେ ଯୁବତୀଙ୍କୁ ଛାଡ଼ି ପଳାଇଥିଲେ। ରାହାମା ବଜାରରେ ଯୁବତୀଜଣକ ମନ ଦୁଃଖରେ ଠିଆ ହୋଇଥିଲାବେଳେ ମୁଖ୍ୟ ଅଭିଯୁକ୍ତ ଶୁଭମ୍ ତାଙ୍କୁ ପାରାଦୀପ ଠିକଣା ପଚାରି କଥାବାର୍ତ୍ତା କରିଥିଲେ। ଯୁବତୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରି ଶୁଭମ୍ ତାଙ୍କୁ ପାରାଦୀପ ତାରିଣୀଗଡ଼ାସ୍ଥିତ ଭଡ଼ାଘରକୁ ନେଇଥିଲେ। ଭଡ଼ାଘରେ ୭ ଜଣ ଯୁବକ ରହୁଥିଲେ। ଶୁଭମ୍‌ଙ୍କ କୋଠରିରେ ୩ ଜଣ ଥିଲେ। ରାତିରେ ଖାଇସାରି ଶୁଭମ୍ ଯୁବତୀଙ୍କୁ ନେଇ ଛାତ ଉପରେ ଭୟ ଦେଖାଇ ବଳାତ୍କାର କରିଥିଲେ। ଉକ୍ତ ଘଟଣାକୁ ଯୁବତୀ ଜଣକ ବାହାରେ କହିବେ ବୋଲି କହିବାରୁ ତାଙ୍କୁ ଛାତରୁ ଠେଲି ଶୁଭମ୍ ହତ୍ୟା କରିଥିଲେ ବୋଲି ଏସ୍‌ପି ବର୍ମା କହିଛନ୍ତି। ହତ୍ୟା ଘଟଣାରେ ପ୍ରେମିକ ସୋମନାଥଙ୍କ କୌଣସି ସମ୍ପୃକ୍ତି ନାହିଁ ବୋଲି ଏସ୍‌ପି କହିଥିଲେ। ତେବେ ଯୁବତୀଙ୍କ ସହିତ ଗତ ଦୁଇ ବର୍ଷ ହେଲା ଦୈହିକ ସମ୍ପର୍କ ସ୍ଥାପନ କରିବା, ପ୍ରଲୋଭନ ଦେଖାଇ ସାଙ୍ଗରେ ନେଇ ଅଧାରାସ୍ତାରେ ଛାଡ଼ିବା ଆଦି ଘଟଣାରେ ସୋମନାଥଙ୍କୁ ଗିରଫ କରାଯାଇଛି।

ଜବତ ସାମଗ୍ରୀ ମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କ ବାଇକ, ୩ ମୋବାଇଲ ଫୋନ୍, ଯୁବତୀଙ୍କ ପୋଷାକ ଆଦି ରହିଛି। ସାଇଣ୍ଟିଫିକ ଟିମ୍ ରିପୋର୍ଟ ଅନୁସାରେ ଜଣେ ବଳାତ୍କାର କରିଥିବା ଏସ୍‌ପି ବର୍ମା ସୂଚନା ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ପାରାଦୀପ ଆଦର୍ଶ ଥାନାରେ ଅପମୃତ୍ୟୁ ମାମଲା (ନଂ. ୫/୨୬) ଓ ତିର୍ତ୍ତୋଲ ଥାନାରେ ନିଖୋଜ ରିପୋର୍ଟ ଅନୁସାରେ ୨୩ ତାରିଖରେ ଷ୍ଟେଶନ୍ ଡାଏରୀ (ନଂ. ୧୯/୨୬) ରୁଜୁ ହୋଇଥିଲା। ଏହି ଘଟଣାରେ ଅଟକ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଛାଡ଼ିଦେଇଛି ବୋଲି ଏସ୍‌ପି ବର୍ମା କହିଛନ୍ତି।

## ୧ ଡଲାର=୯୧.୦୮ ...

୯୧.୨୦କୁ ଖସିବା ନେଇ ଅନୁମାନ କରାଯାଉଛି। ଇତିମଧ୍ୟରେ ଡଲାର ଇଣ୍ଡେକ୍ସ ୦.୦୫% ହ୍ରାସ ପାଇ ୯୭.୭୪ରେ ଟ୍ରେଡିଂ କରୁଛି। ତେଣୁ ସବୁବେଳେ ଟଙ୍କାର ଦୁର୍ବଳତା ପାଇଁ ଡଲାରର ମଜଭୁତିକୁ ଦାୟୀ କରାଯାଇପାରିବ ନାହିଁ। ଟଙ୍କା ଦୁର୍ବଳ ହେବାରୁ ପୁଞ୍ଜିବଜାର ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୯୬୧.୪୨ ପଏଣ୍ଟ ଖସି ୮୧,୨୭୮.୧୯ରେ ରହିଥିବାବେଳେ ନିଫ୍ଟି ୩୧୭.୯୦ ଦୁର୍ବଳତା ସହ ୨୫,୧୭୮.୬୫କୁ ଖସିଛି। କେବଳ ଶୁକ୍ରବାର ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ଭାରତୀୟ ଶେୟାର ମାର୍କେଟରୁ ୭,୫୩୬,୩୬ କୋଟି ଟଙ୍କା ଉଠାଇ ମୁହଁ ଫେରାଇ ନେଇଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶାରୀରିକ ସୁସ୍ଥତା ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧିଜନିତ ମାନସିକ ସ୍ଥିତି ଭଲ ରହିବ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତାଜନିତ କାର୍ଯ୍ୟହାନି ଘଟିପାରେ । କୃତ୍ତିକା ନକ୍ଷତ୍ର ସକାଶେ ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବା କଷ୍ଟକର ହେବ। ଅବଶ୍ୟ ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ବାଣିଜ୍ୟ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ବୃଷ** – ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧ୍ୟମରେ କର୍ମକ୍ଷେତ୍ରକୁ ହଲ୍‌ଚଲ କରିପାରନ୍ତି। ରୋହିଣୀ ନକ୍ଷତ୍ରର ଆଜି ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବନାହିଁ। ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମ ବାଧାପ୍ରାପ୍ତ ହୋଇପାରେ। ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ବାଣିଜ୍ୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – କର୍ମକ୍ଷେତ୍ରରେ ଆଲୋଚନାର ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ଗ୍ରହସ୍ଥିତିର ଦୁର୍ବଳତା କାରଣରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆଜିର ଆର୍ଥିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ଆନୁଷ୍ଠାନିକ କ୍ଷେତ୍ର ଭଲ ରହି ନ ପାରେ। ମୃଗଶିରା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଲାଭ କରିବେ।

**କର୍କଟ** – କର୍ମକ୍ଷେତ୍ରରେ ମନ ଯେମିତି ଚାହୁଁଛି ତଦନୁଯାୟୀ କାମ ସମ୍ପନ୍ନ ହୋଇ ନ ପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେଇପାରନ୍ତି। ପୁଷ୍ୟା ନକ୍ଷତ୍ରର ଆର୍ଥିକ ଅନଟନ ରହିଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ, ପରିସ୍ଥିତିକୁ ସମ୍ଭାଳି ନେଇପାରିବ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇ ଉଚ୍ଚସମ୍ମାନ ପାଇବେ।

**ସିଂହ** – ଉତ୍ତରାଫାଲଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପଦାଧିକାରୀଙ୍କ ଆଦେଶପତ୍ରାନୁଯାୟୀ ଦୂରଯାତ୍ରା କରିପାରନ୍ତି। ବନ୍ଧୁ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** – ଦୀର୍ଘ ଦିନର ଆଶା ପୂରଣ ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ହସ୍ତା ନକ୍ଷତ୍ର ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନକୁ ମାଧ୍ୟମ ରୂପେ ଗ୍ରହଣ କରିବେ। ପାରିବାରିକ, ଆର୍ଥିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବ।

**ତୁଳା** – ନୂତନ ଯୋଜନାରମ୍ଭରେ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସି ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ । କର୍ମକ୍ଷେତ୍ରରେ କିମ୍ବା ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସ୍ୱାତୀ ନକ୍ଷତ୍ର ସହକର୍ମୀଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** – ବିଭିନ୍ନ ସମସ୍ୟା ମଧ୍ୟରେ ଭାବୁଥିବା କଥାଟି ବନ୍ଧୁଙ୍କୁ କହିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ୍ୟ ସୁଯୋଗ ହାତଛଡ଼ା ହୋଇପାରେ। ଅନୁରାଧା ନକ୍ଷତ୍ର ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ, ନୂତନ ଯୋଜନା ତଥା ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ସଫଳତା ପାଇବେ । ନିଜ ଲୋକ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର ଓ ନିର୍ମାଣାଧୀନ କାମ, ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ। ମୂଳା ନକ୍ଷତ୍ର ସକାଶେ ଆଜିର ବନ୍ଧୁମିଳନ ସାଙ୍ଗକୁ ଆଳାପ ଆଲୋଚନାରେ ସମୟ କଟିବ।

**ମକର** – ସମ୍ପର୍କୀୟଙ୍କ ସହଯାତ୍ରୀ ଭାବରେ ଆଜିର ଯାତ୍ରା ପ୍ରତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ଦିଗରେ ସ୍ତ୍ରୀଙ୍କ ଆନ୍ତରିକ ଚେଷ୍ଟା ଅନୁକରଣୀୟ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଶ୍ରବଣା ନକ୍ଷତ୍ର ମୁହଁରେ କିଛି ନକହି ପାରିଲେ ମଧ୍ୟ ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ ଅନୁଭବ କରିବେ।

**କୁମ୍ଭ** – ସରକାରୀ ସ୍ତରରୁ ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପୂର୍ବଭାଦ୍ର ନକ୍ଷତ୍ର ସକାଶେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, ସାହିତ୍ୟାଦିରେ ଅଗ୍ରଗିତ କରିବେ।

**ମୀନ** – ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ଭାଗୁଆଳିଙ୍କ ଉପରେ ସନ୍ଦେହ ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ସୃଷ୍ଟି ହେବ। ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କଲେ କାର୍ଯ୍ୟ ସାଧିତ ହେବ। ଉତ୍ତରଭାଦ୍ର ନକ୍ଷତ୍ରର ସଭାସମିତିରେ ନୂତନ ଯୋଜନା ସମ୍ପର୍କୀୟ ଆଲୋଚନା ଫଳପ୍ରଦ ହେବ।

ଆଜି ଫେବୃଆରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ଫାଲ୍‌ଗୁନ ଶୁକ୍ଳପକ୍ଷର ବୈଷ୍ଣବ ସମ୍ମତ ଜୟା ଏକାଦଶୀ, ଶନିବାର, ରାଶିନକ୍ଷତ୍ର-ଦିବା ଘ.୦୯।୩୫ ମି. ଗତେ, ପୁଷ୍ୟା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୨ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୫ ଗତେ ଘ.୧୦।୩୨ ମଧ୍ୟେ ରାହୁକାଳ।




## ପ୍ରଥମ ପୃଷ୍ଠାରୁ

### ସମାଧାନର ବାଟ...



ଅଶୋକ ନିବାସରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଆଲୋଚନା।

ସଦସ୍ୟମାନେ ଡେବ୍ରିଗଡ଼ ଅଭୟାରଣ୍ୟ ଗସ୍ତ କରି ସେଠାରେ ରାତ୍ରିଯାପନ କରିବେ। ଶନିବାର ପ୍ରତ୍ୟୁଷରେ ସେମାନେ ମା' ସମଲେଶ୍ୱରୀଙ୍କ ଦର୍ଶନ ପରେ ଭୁବନେଶ୍ୱର ଗସ୍ତ କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

### ମଣ୍ଡି, ମିଲ୍‌ରେ...

ମୋବାଇଲରେ ସୂଚନା (ଟୋକନ୍) ଆସିଥିଲା ଓ ଫେବୃଆରୀ ୧୫ ଶେଷ ତାରିଖ ନିର୍ଦ୍ଧାରିତ ଥିଲା। ସେହିଦିନଠାରୁ ତ୍ରିଲୋଚନ ଓ ତାଙ୍କ ଭାଇମାନେ ନିୟମିତ ଭାବେ ଈଶ୍ୱରପୁରସ୍ଥିତ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ଯାଉଥିଲେ। କିନ୍ତୁ ସମିତି ନିୟମ ଅନୁଯାୟୀ ଧାନ ଗ୍ରହଣ କରୁ ନ ଥିଲା ଓ ବାରମ୍ବାର ଦୌଡ଼ାଉଥିଲା। ତ୍ରିଲୋଚନ ୪୦ ଦିନ ଧରି ମଣ୍ଡି ଓ ମିଲ୍‌କୁ ଦୌଡ଼ି ଦୌଡ଼ି ନିର୍ଯାତିତ ହୋଇଥିଲେ। ୨୨ ତାରିଖରେ ସହସମ୍ପାଦକ କୁଇଣ୍ଟାଲ ପିଛା ୬ କେଜି କଟାଯିବ ବୋଲି କହିବା ସହ ତାଙ୍କଠାରୁ ୧ହଜାର ଟଙ୍କା ନେଇ ରାମଚଣ୍ଡୀ ମିଲ୍‌ରେ ଧାନ ଦେବାକୁ କହିଥିଲେ। ତ୍ରିଲୋଚନ ୨୩ ତାରିଖରେ ନିଜ ଖର୍ଚ୍ଚରେ ଟ୍ରାକ୍ଟର ଭଡ଼ା କରି ମିଲ୍‌କୁ ଧାନ ନେଇଥିଲେ। ସେ ୩ ଦିନ ଧରି ଖୋଲା ଆକାଶ ତଳେ ମିଲ୍ ସାମ୍ନାରେ ଅଖିଆଅପିଆ ପଡ଼ି ରହିଥିଲେ। ଫଳରେ ସେ ଶାରୀରିକ ଭାବେ ଦୁର୍ବଳ ଓ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଅସୁସ୍ଥତା ସମୟରେ ମଧ୍ୟ ମିଲରଙ୍କ ପକ୍ଷରୁ ଧାନ ଅନ୍‌ଲୋଡ କରିବା ପାଇଁ ୩ ହଜାର ଟଙ୍କା ଦାବି କରାଯାଇଥିଲା ଓ ପ୍ରତି କୁଇଣ୍ଟାଲ୍‌ରୁ ୩ କେଜି କରି କଟ୍‌ନି କରାଯାଇଥିଲା। ତ୍ରିଲୋଚନଙ୍କ ନାମରେ ୫୧ କୁଇଣ୍ଟାଲ ୨୦ କେଜି ଧାନ ୨୫ ତାରିଖରେ ରିସିଭ ହୋଇଥିବା ଚିଠା ଦିଆଯାଇଛି, କିନ୍ତୁ ସେ ସମୟରେ ସେ ଗୁରୁତର ଅସୁସ୍ଥ ଅବସ୍ଥାରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅତ୍ୟନ୍ତ ଅବନତି ହେବାରୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତ୍ୟୁ ସାଧାରଣ ନୁହେଁ; ଏହା ମଣ୍ଡି ଓ ମିଲ୍ ପକ୍ଷରୁ ଅନବରତ ନିର୍ଯାତନା, ଅବହେଳା ଓ ମାନସିକ ଚାପର ଫଳ। ସ୍ୱାମୀଙ୍କ ମୃତ୍ୟୁ ପରେ ଆମ ପରିବାର ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଅଛି। ଆମର କୌଣସି ସ୍ଥାୟୀ ଆୟର ଉତ୍ସ ନାହିଁ। ଏକମାତ୍ର ପୁଅର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିଛି। ଚାଷୀଙ୍କ ପ୍ରତି ଏପରି ଅନ୍ୟାୟ ଘଟିଲେ ଅନ୍ୟ ଚାଷୀମାନେ ମଧ୍ୟ ଭୟଭୀତ ହେବେ ଓ ସରକାରୀ ବ୍ୟବସ୍ଥା ପ୍ରତି ଆସ୍ଥା ହରାଇବେ। ଏହି ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୋ ପରିବାରକୁ ଅନ୍ୟୂନ ୨୦ (କୋଡିଏ) ଲକ୍ଷ ଟଙ୍କା ସରକାରୀ ସାହାଯ୍ୟ ପ୍ରଦାନ କରାଯାଉ। ମୋର ଏକମାତ୍ର ପୁଅକୁ ସରକାରୀ ଚାକିରି ପ୍ରଦାନ କରି ଆମ ପରିବାରକୁ ଜୀବନଯାପନର ସୁବିଧା ଦିଆଯାଉ। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ମଣ୍ଡି ଓ ମିଲ୍ ପ୍ରଣାଳୀରେ ସଂଶୋଧନ ଓ କଠୋର ନିରୀକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ମୃତ ଚାଷୀ ତ୍ରିଲୋଚନଙ୍କ ସ୍ତ୍ରୀ ଭାରତୀ ଲିଖିତ ଭାବେ ଜଣାଇଛନ୍ତି। ଅତିରିକ୍ତ ତହସିଲଦାର ଆଶିଷ କୁମାର ଜେନା ଅଭିଯୋଗ ଗ୍ରହଣ କରିଛନ୍ତି।

### ଝାରସୁଗୁଡ଼ାରେ..

ହୋଇଛି। ଏଠାରେ ସର୍ବନିମ୍ନ ତାପମତ୍ରା ୧୧.୯ ଡିଗ୍ରୀ ଥିବାବେଳେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ରହିଥିଲା। ଏଥିସହ ରାଜ୍ୟର ୭ଟି ଜିଲାରେ ୧୪ଡିଗ୍ରୀ କିମ୍ବା ତା'ଠାରୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି। ଏହାବାଦ୍ ୪ଟି ସ୍ଥାନରେ ୩୪ କିମ୍ବା ତା'ଠାରୁ ଅଧିକ ତାପମାତ୍ରା ରହିଥିଲା। ବର୍ତ୍ତମାନ ରାଜ୍ୟରେ ସେଭଳି କିଛି ପାଣିପାଗର ସ୍ଥିତି ନାହିଁ। ଫଳରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ଏବଂ ବର୍ଷା ହେବାର ସୂଚନା ନାହିଁ। ତେବେ ଆସନ୍ତା ୨ଦିନ ମଧ୍ୟରେ ଉଭୟ ଦିନ ଓ ରାତି ତାପମାତ୍ରା ୨ରୁ ୩ଡିଗ୍ରୀ ବଢିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସମସ୍ତେ ଆସିଲେନି

**ଭୁବନେଶ୍ୱର, ୨୭।୨ (ସୁନିତ୍ ମିଶ୍ର)**

ରାଜ୍ୟ ସଭା ନିର୍ବାଚନର ପ୍ରାର୍ଥୀ ଚୟନ ଏବଂ ୪ର୍ଥ ଆସନ ପାଇଁ ବିଜେଡି ଓ ଭାଜପାର ଆଭିମୁଖ୍ୟ କ'ଣ ହେବ ସେଥିପ୍ରତି ସମସ୍ତଙ୍କ ନଜର ରହିଛି। ଯେହେତୁ ୪ର୍ଥ ରାଜ୍ୟ ସଭା ଆସନ ପାଇଁ କୌଣସି ଦଳର ଆବଶ୍ୟକ ସଂଖ୍ୟା ନାହିଁ, ସେଥିପାଇଁ ଏ ବିଷୟ ବର୍ତ୍ତମାନ ରାଜନୈତିକ ପାଣିପାଗକୁ ଉଷ୍ମକରି ରଖିଛି। ଶୁକ୍ରବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବିଧାୟକମାନଙ୍କ ପାଇଁ ନବୀନ ନିବାସରେ ଏକ ବୈଠକ ଡାକିଥିଲେ। ରାଜ୍ୟ ସଭା ନିର୍ବାଚନ ପାଇଁ କୁଆଡ଼େ ସବୁ ବିଧାୟକଙ୍କ ଦସ୍ତଖତ ନେବା ଲାଗି ଏହି ବୈଠକ ଡକାଯାଇଥିବା ଅନେକ ବରିଷ୍ଠ ଏବଂ ଯୁବ ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ହେଲେ ବୈଠକରେ ବିଧାୟକଙ୍କ ସଂଖ୍ୟା ଦେଖିବାପରେ ଦସ୍ତଖତ ଅଭିଯାନକୁ କେବଳ ଚା ଏବଂ ଜଳଖିଆରେ ସୀମିତ ରଖାଯାଇଛି।

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ସବୁ ବିଧାୟକଙ୍କୁ ନେଇ ନବୀନ ବୈଠକ ଡାକିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଧରାଯିବ। କାରଣ ୪ ରାଜ୍ୟ ସଭା ଆସନ ପାଇଁ ହେବାକୁ ଥିବା ନିର୍ବାଚନରେ ବିଧାୟକମାନେ ହିଁ ଭୋଟ ଦେବେ। ତେଣୁ ବୈଠକରେ ସବୁ ବିଧାୟକଙ୍କୁ ଏକାଠି କରି ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ନବୀନ ନିଜର ବଳ ଦେଖାଇବାକୁ ଚେଷ୍ଟା କରୁଥାଇପାରନ୍ତି। ହେଲେ ଦଳର ସଭାପତିଙ୍କ ଡକରା ସତ୍ତ୍ୱେ ବୈଠକରେ ପାଖାପାଖି ୩୦ରୁ ୩୫ ଜଣ ବିଧାୟକ ଉପସ୍ଥିତ ରହିଲେ ବୋଲି ନବୀନ ନିବାସ ଯାଇଥିବା କେତେଜଣ ସଦସ୍ୟ କହିଛନ୍ତି। ଅର୍ଥାତ୍ ଆହୁରି ୧୩ କିମ୍ବା ତା'ଠାରୁ ଅଧିକ ବିଧାୟକ ବୈଠକକୁ ଆସିଲେ ନାହିଁ। ଏତେଜଣ ବିଧାୟକଙ୍କ ଅନୁପସ୍ଥିତି ସମ୍ପର୍କରେ ନବୀନ ବୋଧହୁଏ ଅନୁଭବ କରିପାରି ସେଠାରେ ଉପସ୍ଥିତ କେତେଜଣଙ୍କ ସହ କିଛି ସମୟ କଥା ହୋଇ ସେଠାରୁ ଚାଲିଯାଇଥିଲେ। ସେ ରାଜ୍ୟ ସଭା ନିର୍ବାଚନ ବାବଦରେ କୌଣସି ପ୍ରକାର ଚର୍ଚ୍ଚା କରି ନ ଥିଲେ। ତା'ପରେ ନବୀନ ନିବାସ ଯାଇଥିବା ବିଧାୟକମାନଙ୍କ ପାଇଁ ସାଣ୍ଡୱିଚ୍ ଏବଂ ଚା'ର ବ୍ୟବସ୍ଥା ହୋଇଥିଲା। ବିଧାୟକମାନେ ମଧ୍ୟ ଚା, ଜଳଖିଆ ଖାଇ ସେଠାରୁ ଫେରିଛନ୍ତି।

ଶେଷରେ ବୈଠକକୁ ଏକ ପ୍ରକାର ବାତିଲ କରାଯାଇ ବିଧାୟକମାନଙ୍କୁ ପୁଣିଥରେ ଶନିବାର ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ଡକାଯାଇଛି। ଆଉଥରେ ସବୁବିଧାୟକଙ୍କୁ ନବୀନ ନିବାସ ପକ୍ଷରୁ ଶନିବାର ବୈଠକ ପାଇଁ ଟେଲିଫୋନ୍‌ଯୋଗେ ଜଣାଇ ଦିଆଯାଇଛି। ଏଥର ସବୁ ବିଧାୟକ ଆସିବେ ନା ନାହିଁ ତାହା ଦେଖିବା ପରେ ବହୁ କିଛି କଥା ସ୍ପଷ୍ଟ ହେବ ବୋଲି ସେମାନେ କହିଛନ୍ତି।

# ବିବାହ ଭୋଜି ଖାଇ ୨ ଶହରୁ ଅଧିକ ଅସୁସ୍ଥ



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ କେତେଜଣ ଆକ୍ରାନ୍ତ।

**ଅନୁଗୋଳ, ୨୭।୨ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ନିକଟସ୍ଥ ତୁବେ ଗ୍ରାମରେ ବୁଧବାର ରାତିରେ ଏକ ବିବାହ ଭୋଜି ଖାଇଥିବା ଲୋକଙ୍କ ମଧ୍ୟରୁ ୨ ଶହରୁ ଅଧିକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୦ରୁ ଅଧିକ ଆକ୍ରାନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ତୁବେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ବାହାଘର ହୋଇଥିଲା। ସେଠାକୁ ଯାଇ ଆଖପାଖ ଅଞ୍ଚଳର ବହୁ ଲୋକ ଭୋଜି ଖାଇଥିଲେ। ଗୁରୁବାର ସକାଳୁ କେତେଜଣ ଲୋକଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ସେମାନଙ୍କଠାରେ ଝାଡ଼ା ଓ ବାନ୍ତି ଲକ୍ଷଣ ଦେଖାଦେବାରୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅନେକ ଲୋକଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇଥିଲା। ହସ୍ପିଟାଲର ଆପାତକାଳୀନ ବିଭାଗରେ ବହୁ ରୋଗୀ ପହଞ୍ଚିଥିଲେ। ପ୍ରାୟ ୨ ଶହରୁ ଅଧିକ ଲୋକ ଅସୁସ୍ଥ ହୋଇଥିବା ସୂଚନା ମିଳିଥିବାବେଳେ କେତେଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ବର୍ତ୍ତମାନସୁଦ୍ଧା ୩୦ରୁ ଅଧିକ ଲୋକଙ୍କ ଚିକିତ୍ସା ହସ୍ପିଟାଲରେ ଚାଲିଥିବା କୁହାଯାଉଛି। ଆକ୍ରାନ୍ତଙ୍କ ମଧ୍ୟରେ ଥିବା ଶିଶୁ ଓ ବୃଦ୍ଧଙ୍କ ଅବସ୍ଥା ଉପରେ ବିଶେଷ ନଜର ରଖାଯାଇଛି। ଏ ନେଇ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକରୀ ଦିଲୀପ ପଟ୍ଟନାୟକ କହିଛନ୍ତି, ବିବାହ ଭୋଜି ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କେତେଜଣ ରୋଗୀ ଆସିଥିବା ସୂଚନା ରହିଛି। କିନ୍ତୁ ଏତେ ପରିମାଣରେ ଆସିନାହାନ୍ତି। ଭୋଜିର ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ।

# କଂଗ୍ରେସ ଅନୁସୂଚିତ ଜାତି ଉପଦେଷ୍ଟା କମିଟି ଗଠିତ

**ଭୁବନେଶ୍ୱର, ୨୭।୨ (ରବିନାରାୟଣ ଜେନା)**

ଭାରତୀୟ ଜାତୀୟ କଂଗ୍ରେସ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାଲ ଗୌତମଙ୍କ ଅନୁମୋଦନକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଉପଦେଷ୍ଟା କମିଟି ଗଠିତ ହୋଇଯାଇଛି। ଏହି କମିଟିରେ ଅଧ୍ୟକ୍ଷ ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ, ଆବାହକ ଭାବେ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଏବଂ ସଦସ୍ୟରୂପେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ବିନୋଦ ପାତ୍ର, ନିମାଇଁ ସରକାର, ଡ. ତ୍ରିନାଥ ବେହେରା, ନେତ୍ରାନନ୍ଦ ମଲ୍ଲିକ, କୃଷ୍ଣଚନ୍ଦ୍ର ଶଗରିଆ, ପ୍ରତିମା ମଲ୍ଲିକ, କନକଲତା ମଲ୍ଲିକ ଓ ଜିଲା ପରିଷଦ ସଦସ୍ୟା ବିନତୀ ଖିଲୋ ରହିଛନ୍ତି। ଉକ୍ତ କମିଟି ଗଠନ ହେବା ଫଳରେ ଅନୁସୂଚିତ ଜାତିଙ୍କ ନ୍ୟାୟ ଏବଂ ଅଧିକାର ପାଇଁ ଅଧିକ ଶକ୍ତି ମିଳିବ ବୋଲି ରାଷ୍ଟ୍ରୀୟ ଅଧ୍ୟକ୍ଷ ଗୌତମ ପ୍ରକାଶ କରିଛନ୍ତି।

INDIAN INSTITUTES OF SCIENCE EDUCATION AND RESEARCH
(Autonomous Institutes of National Importance under the Ministry of Education, Government of India)

IISER BERHAMPUR | BHOPAL | KOLKATA | MOHALI | PUNE | THIRUVANANTHAPURAM | TIRUPATI

ADMISSION NOTICE 2026
5-YEAR BS-MS (DUAL DEGREE), 4-YEAR BS and B.TECH DEGREE PROGRAMS
EXCITING OPPORTUNITIES IN SCIENCE FOR INQUISITIVE YOUNG MINDS

Applications are invited from highly motivated students studying in the science stream for admission to 5-Year BS-MS (Dual degree), 4-Year B.Tech and 4-Year BS degree programs in Indian Institutes of Science Education and Research (IISERs) at Berhampur, Bhopal, Kolkata, Mohali, Pune, Thiruvananthapuram and Tirupati for the academic year 2026-27.
For information, please visit https://www.iiseradmission.in/

PROGRAMS
- 5-Year BS-MS dual degree with Major in any one subject (Biology/Chemistry/Physics/Mathematics) - available in all IISERs
- 5-Year BS-MS dual degree with Major in Computational and Data Science/Earth & Environmental Science/Environmental Science/Geology - available in select IISERs
- 4-Year BS in Economics Sciences at IISER Bhopal
- 4-Year BS in Economic and Statistical Sciences at IISER Tirupati
- 4-Year B.Tech in Chemical Engineering at IISER Bhopal
- 4-Year B.Tech in Electrical Engineering and Computer Science at IISER Bhopal
- 4-Year B.Tech in Data Science & Engineering at IISER Bhopal

ATTRACTIVE FEATURES
- Curricula distributed in breadth and depth with an opportunity to learn subjects from internationally reputed academicians
- Candidates choose their specializations only after exploring different subjects
- Exposure to the frontline research areas at the world-class laboratories/research groups
- Research internships and year-long research projects leading to MS thesis with opportunities for interdisciplinary research
- Fully residential campuses with well-equipped hostels and medical facilities
- Opportunities for sports, cultural, and other extracurricular activities for holistic development


APPLICATION PROCEDURE
- Applications must be submitted online only at https://www.iiseradmission.in/
- Applicants must carefully go through all instructions on the website, including information brochure and FAQ, before filling the application form.
- A non-refundable application fee of INR 2,000 for General, EWS, OBC and OBC-NCL categories, INR 1,000 for PwD, Kashmiri Migrants/Kashmiri Pandits/Non-Migrant Kashmiri Hindu Families and SC/ST categories and INR 12,000 for candidates applying under Foreign National category is applicable.

ELIGIBILITY
Candidates who have passed class XII/equivalent examination or minimum 3-year Diploma program in science stream (in 2024, 2025 or 2026) with minimum 60% marks (55% for SC/ST/PwD) are eligible to apply for IISER Aptitude Test (IAT) 2026.
For more details visit:
https://www.iiseradmission.in/#eligibility
*All admissions will be only through IAT 2026*

SCHOLARSHIP
Admitted students may be eligible for competitive INSPIRE scholarship as per the Department of Science and Technology, Government of India norms.

IMPORTANT DATES
Application Portal Opens on: Thursday, March 5, 2026
Last Date for Online Applications: Monday, April 13, 2026
IISER Aptitude Test: Sunday, June 7, 2026 (9:00 AM to 12:00 Noon IST)

All inquiries must be addressed to: CHAIRPERSON, JOINT ADMISSIONS COMMITTEE 2026
Email: askjac2026@iiserbpr.ac.in, Website: https://www.iiseradmission.in/#home
Phone: +91 7205457461 (2:00 to 5:00 PM IST, Working Days)
SCAN ME



ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି - ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା

-ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ



# ଅମଲାତାନ୍ତ୍ରିକ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କର୍ଣ୍ଣାଟକର ହାଇକୋର୍ଟ ଆଇପିଏସ୍ ଅଧିକାରୀ ଡି. ରୂପା ମୁଦଗିଲଙ୍କ ଦ୍ୱାରା ଆଇଏଏସ୍ ଅଧିକାରୀ ରୋହିଣୀ ସିନ୍ଧୁରୀଙ୍କ ବିରୋଧରେ ଦାୟର ମାନହାନି ମାମଲାକୁ ରଦ୍ଦ କରିବାକୁ ମନା କରିଦେଇଛନ୍ତି। ୨୦୨୩ ମସିହାରେ ଅଭିଯୋଗ ଏବଂ ଲଗାତର ସୋସିଆଲ ମିଡିଆ ପୋଷ୍ଟରୁ ଆରମ୍ଭ ହୋଇଥିବା ଏହି ବିବାଦ ଏବେ ପୂର୍ଣ୍ଣ ଆପରାଧିକ ମାମଲା ରୂପ ନେଇଛି। ଏକ ସାର୍ବଜନୀନ ଅମଲାତାନ୍ତ୍ରିକ ବିବାଦ ଭାବରେ ଏହା ଆରମ୍ଭ ହୋଇଥିଲା। ପରେ ଏହି ବିବାଦରେ ସତ୍ୟପାଠ, ବିପରୀତ ସତ୍ୟପାଠ ଦାଖଲ ହୋଇଥିଲା। ସୁପ୍ରିମକୋର୍ଟ ଦ୍ରୁତ ନିଷ୍ପତ୍ତି ପାଇଁ ପରୋକ୍ଷ ପଥ ଆପଣାଇଥିଲେ, ମଧ୍ୟସ୍ଥତା ପରାମର୍ଶ ଯାଏ ମଧ୍ୟ କଥା ଯାଇଥିଲା। ସତ କହିବାକୁ ଗଲେ ସରକାରୀ କର୍ମଚାରୀମାନେ ବିଚକ୍ଷଣତା, ସଂଯମତା ଏବଂ ଏକ ସମ୍ପୂର୍ଣ୍ଣ ଶାନ୍ତ ସ୍ଥିତି ଥିବା କାର୍ଯ୍ୟାଳୟରେ କାମ କରିବା ଆବଶ୍ୟକ। ହେଲେ କର୍ଣ୍ଣାଟକରେ ଦୁଇଜଣ ବରିଷ୍ଠ ଅଧିକାରୀଙ୍କ ପ୍ରଶାସନିକ ମତଭେଦ ଓ ତୀବ୍ର ବିବାଦ ସାମ୍ନାକୁ ଆସିଛି। ରୂପା ତାଙ୍କ ଖ୍ୟାତିରେ କ୍ଷତି ହୋଇଥିବା ଅଭିଯୋଗ କରିଛନ୍ତି। ସିନ୍ଧୁରୀ ମାମଲାକୁ ରଦ୍ଦ କରିବାକୁ ଚାହୁଁଛନ୍ତି। ହାଇକୋର୍ଟର ବାର୍ତ୍ତା ହେଉଛି, ଟ୍ରାଏଲ କୋର୍ଟ ସମ୍ମୁଖରେ ଯୁକ୍ତି ଉପସ୍ଥାପନ କର। ଆହୁରି ମଧ୍ୟ କହିଛନ୍ତି ଯେ, କମ୍ ସମୟରେ ସମାଧାନ ପାଇଁ ଏହାଠାରୁ ଆଉ ଛୋଟ ରାସ୍ତା ନାହିଁ। ଏଠାରେ ଏକ ବଡ଼ ଅସୁବିଧା ଅଛି। ଯେତେବେଳେ ଉଚ୍ଚପଦସ୍ଥ ଅଧିକାରୀମାନେ ସାଧାରଣରେ ପରସ୍ପର ବିରୋଧୀ ହୋଇଯାଆନ୍ତି, ସେତେବେଳେ କ୍ଷତି କେବଳ ବ୍ୟକ୍ତିଗତ ଖ୍ୟାତିରେ ସୀମିତ ରହେ ନାହିଁ। ଏହା ସାଙ୍ଗଠନିକ ବିଶ୍ୱସନୀୟତାକୁ ମଧ୍ୟ ନଷ୍ଟ କରିଦିଏ। ନିରପେକ୍ଷତା ଏବଂ ବୃତ୍ତିଗତତାର ଧାରଣା ଉପରେ ଅମଲାତନ୍ତ୍ର ଆଗକୁ ବଢ଼େ। କିନ୍ତୁ ଦୁଇଜଣଙ୍କ ବିବାଦ ସାଧାରଣରେ ସେହି ସ୍ୱତନ୍ତ୍ରତାକୁ ଶୀଘ୍ର ନଷ୍ଟ କରିଦେଇଛି। ତେବେ ଏହି ଅଧ୍ୟାୟ ଏକ ଶିକ୍ଷା ଦିଏ ଯେ, କ୍ଷଣିକ ଆକ୍ରୋଶ ଏବଂ ସ୍ଥାୟୀ ଡିଜିଟାଲ ରେକର୍ଡର ଯୁଗରେ ଭାରତର ଅମଲାତନ୍ତ୍ର ମଧ୍ୟ ସାଧାରଣ ଦୃଷ୍ଟିକୋଣରେ କଳଙ୍କିତ ହୋଇପାରେ।

### ଖାରୋଲା ଫେରିଲେ

ଯେତେବେଳେ ଆକାଶ ଅଶାନ୍ତ ହୁଏ, ସେତେବେଳେ ନୂତନ ପାଇଲଟଙ୍କୁ ନେଇ ପରୀକ୍ଷଣ କରାଯାଏ ନାହିଁ। ତୁମେ ଏପରି ଜଣଙ୍କୁ ଫେରାଇଆଣିବା ଦରକାର, ଯିଏ ପୂର୍ବରୁ ସେହି ରୁଟ୍‌ରେ ବିମାନ ଉଡ଼ାଇଥିବେ। ଏୟାର ଇଣ୍ଡିଆ ଏବେ ପୂର୍ବତନ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂହ ଖାରୋଲାଙ୍କୁ ବରିଷ୍ଠ ପରାମର୍ଶଦାତା ଭାବରେ ନିଯୁକ୍ତି ଦେଇ ଏହା କରୁଥିବା ପରି ମନେହୁଏ। ତେବେ ନେତୃତ୍ୱ ଅଦଳବଦଳ ମଧ୍ୟରେ ଏବଂ ଏଆଇ -୧୭୧ ଦୁର୍ଘଟଣା ଉପରେ ତଦନ୍ତ ବ୍ୟୁରୋର ବହୁ ପ୍ରତୀକ୍ଷିତ ଚୂଡ଼ାନ୍ତ ରିପୋର୍ଟ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। ଖାରୋଲା କୌଣସି ସାଧାରଣ ବ୍ୟକ୍ତି ନୁହନ୍ତି, ସେ ଏୟାର ଇଣ୍ଡିଆର ସିଏମ୍‌ଡି ଥିଲେ ଏବଂ ପରେ ବେସାମରିକ ବିମାନ ଚଳାଚଳ ସଚିବ ଭାବରେ ଏହାର ବିନିବେଶ(ଟାଟା ଗ୍ରୁପକୁ) ପ୍ରକ୍ରିୟାକୁ ତଦାରଖ କରିଥିଲେ। ଖାରୋଲାଙ୍କ ଭଳି ବହୁତ କମ୍ ଲୋକ ଏୟାରଲାଇନ୍ସର ଅମଲାତାନ୍ତ୍ରିକ ରହସ୍ୟ ଏବଂ ଏହାର ନିୟାମକ ବିନ୍ଦୁଗୁଡ଼ିକୁ ଭଲ ଭାବରେ ବୁଝିଥାନ୍ତି। ଜଣାପଡ଼େ ଯେ, ସେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ସହିତ ଏକ ସେତୁ ଭାବରେ କାର୍ଯ୍ୟ କରିବେ। ଟାଟା ସନ୍ସର ଅଧ୍ୟକ୍ଷ ଏନ. ଚନ୍ଦ୍ରଶେଖରନ୍‌ଙ୍କ ମତରେ, ତଦାରଖକୁ କଡ଼ାକଡ଼ି କରନ୍ତୁ ଏବଂ ବିମାନ ଉଡ଼ାଣ ଉଚ୍ଚତାରେ କୌଣସି ମିଶ୍ରିତ ସଙ୍କେତ ବା ବାଧା ନାହିଁ ବୋଲି ନିଶ୍ଚିତ କରନ୍ତୁ। ଟାଟା ଅଧୀନରେ ଏୟାର ଇଣ୍ଡିଆର ନବକଳେବର ସାହସିକ, ବ୍ୟୟବହୁଳ ପଦକ୍ଷେପ ବୋଲି ସ୍ପଷ୍ଟ ହୁଏ। ପୁନଃ ବ୍ରାଣ୍ଡିଂ ପ୍ରକ୍ରିୟାରେ ସୁରକ୍ଷା ଦିଗଗୁଡ଼ିକୁ ଅଣଦେଖା କରିବା କଥା ନୁହେଁ। ଖାରୋଲାଙ୍କୁ ପୁନର୍ବାର ଫେରାଇଆଣିବା ଏକ ସ୍ପଷ୍ଟ ବାର୍ତ୍ତା ଦିଏ ଯେ ତୀବ୍ର ଯାଞ୍ଚ ପ୍ରକ୍ରିୟାରେ ପରୀକ୍ଷଣଠାରୁ ଅଭିଜ୍ଞତା ଭଲ କାମ ଦିଏ।।

### ଆନ୍ତଃସେବା ପ୍ରତିଦ୍ୱନ୍ଦ୍ୱିତା

ନୀତି ନୁହେଁ, ବଜେଟ ନୁହେଁ, ଜାତୀୟ ସ୍ୱାର୍ଥ ନୁହେଁ, ତିନୋଟି ଅକ୍ଷର ଆଇଏଫ୍‌ଏସ୍‌କୁ ନେଇ ଭାରତରେ ହିଁ ଦୁଇଟି ସବୁଠାରୁ ଉଚ୍ଚସ୍ତରୀୟ ସେବା ମଧ୍ୟରେ ବିବାଦ ଦେଖାଯାଇପାରେ। ୨୦୧୬ରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ କହିଥିଲେ, ''ଆମେ ୧୯୪୬ରେ ସୃଷ୍ଟି ହୋଇଥିଲୁ। ତୁମେ ୧୯୬୬ରେ ଆସିଥିଲ। ଏଣୁ ବରିଷ୍ଠତା ପ୍ରଯୁଜ୍ୟ। ଦୟାକରି ଆଇଏଫ୍‌ଓଏସ୍‌କୁ ପରିବର୍ତ୍ତନ ହୁଅ। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଜବାବ ଦେବା ସହ ପ୍ରଶ୍ନ କରିଥିଲା ଯେ, ଏକ ସେବା କିପରି 'ଭାରତୀୟ' ଏବଂ 'ବିଦେଶୀ' ଉଭୟ ହୋଇପାରେ? ଏହା ଦ୍ୱନ୍ଦ୍ୱ ନୁହେଁ କି? ହୁଏତ, ସେମାନେ କୂଟନୀତିଜ୍ଞଙ୍କୁ କିମ୍ବା ଭାରତୀୟ ବୈଦେଶିକ ବ୍ୟାପାର ସେବାକୁ ପୁନଃ ବ୍ରାଣ୍ଡ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ ଏବଂ ସମସ୍ୟା ସମାଧାନ ହୋଇଥିଲା। ହେଲେ ତା'ପରେ ଆସିଲା ଐତିହ୍ୟ କାର୍ଡ। ଭାରତରେ ଜଙ୍ଗଲ ପ୍ରଶାସନ ବ୍ରିଟିଶମାନଙ୍କ ଅଧୀନରେ ୧୯ ଶତାବ୍ଦୀରୁ ଆରମ୍ଭ ହୋଇଥିଲା। ତେଣୁ ଯଦି ଏହା ସବୁଠାରୁ ପୁରୁଣା ବୋଲି ଦାବି କରେ ତେବେ ଆମେ କ'ଣ ପଛକୁ ଫେରିଯିବା? ଏହି ଅଧ୍ୟାୟକୁ ଗମ୍ଭୀରତାର ସହ ଅନୁସରଣ କରାଯାଇଥିଲା। ଚିଠି ଲେଖାଯାଇଥିଲା। ଫାଇଲ ସ୍ଥାନାନ୍ତର କରାଯାଇଥିଲା। ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ସମୟରେ ନାଗରିକମାନେ ହୁଏତ ଧରିନେଇଥିବେ ଯେ ଆଇଏଫ୍‌ଏସ୍ ଅଧିକାରୀମାନେ ବିଦେଶରେ ଭାରତର ସ୍ୱାର୍ଥକୁ ସୁରକ୍ଷା ଦେଉଛନ୍ତି କିମ୍ବା ଦେଶରେ ଏହାର ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। କିନ୍ତୁ ଏହା ବଦଳରେ ସେମାନେ ବ୍ରାଣ୍ଡ୍ ପରିଚୟକୁ ସୁରକ୍ଷା ଦେଉଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଯଦି ଏହାକୁ ଆନ୍ତଃ-ସେବା ପ୍ରତିଦ୍ୱନ୍ଦ୍ୱିତା ଭାବରେ ଗଣନା କରାଯାଏ, ତେବେ ହୁଏତ ସମଗ୍ର ଘଟଣାରେ ବନସେବା ଅଧିକାରୀମାନେ ଶାନ୍ତ ଅଂଶଗ୍ରହଣକାରୀ ଥିଲେ।

Email: dilipcherian@gmail.com

# ସୁସ୍ଥ ଓଡ଼ିଶା ଲକ୍ଷ୍ୟ ପୂରଣ ହେବ ତ



ଡ. ସରିତ କୁମାର ରାଉତ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଲଗାତର ତୃତୀୟ ବଜେଟ ଉପସ୍ଥାପନ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ୨୩,୧୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏକ ସୁସ୍ଥ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହାକୁ ଏକ ପ୍ରମୁଖ ପ୍ରାଥମିକତା ଭାବେ ଦେଖାଯାଉଛି। ତେବେ ଚଳିତ ବର୍ଷର ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ବ୍ୟୟବରାଦ ପୂର୍ବ ବର୍ଷ (୨୦୨୫-୨୬ ବଜେଟ ଆକଳନ) ତୁଳନାରେ ମାତ୍ର ୨% ବୃଦ୍ଧି ପାଇଛି, ଯାହା ୨୦୨୬-୨୭ ଆର୍ଥିକ ବର୍ଷର ସମୁଦାୟ ସରକାରୀ ଆକଳନ ୭.୫%। ଉଲ୍ଲେଖନୀୟ ଯେ, ୨୦୨୪ରେ କ୍ଷମତାକୁ ଆସିବା ପରେ ଭାଜପା ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ବୃଦ୍ଧି କରିଥିଲେ, ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦୨୪-୨୫ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବରାଦ ୧୯,୭୨୯ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ ବଜେଟରେ ୨୨,୭୪୧ କୋଟି ଟଙ୍କାରେ ପହଞ୍ଚିଥିଲା, ଯାହା ମାତ୍ର ଏକ ବର୍ଷ ମଧ୍ୟରେ ୧୫% ର ଚମକପ୍ରଦ ବୃଦ୍ଧି ଥିଲା। କିନ୍ତୁ ଚଳିତ ଥର ପରିସ୍ଥିତି ଟିକେ ଭିନ୍ନ। ଗତ ବର୍ଷର ବୃହତ୍ତର ବୃଦ୍ଧି ତୁଳନାରେ ଚଳିତ ବର୍ଷର ୨% ବୃଦ୍ଧି ଅତ୍ୟନ୍ତ ସାମାନ୍ୟ। ଆଉ ଯଦି ମୁଦ୍ରାସ୍ଫୀତି ହିସାବକୁ ନିଆଯାଏ, ଚଳିତ ବର୍ଷର ବ୍ୟୟବରାଦର ବୃଦ୍ଧି ପୂର୍ବ ବର୍ଷ ତୁଳନାରେ କମ୍।

ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସଂସ୍ଥାଗତ ପ୍ରସବ ହାର ବୃଦ୍ଧି, ସମ୍ପୂର୍ଣ୍ଣ ଟିକାକରଣ, ଶିଶୁ ମୃତ୍ୟୁ ହାର ହ୍ରାସ, ଯକ୍ଷ୍ମା ଓ ମ୍ୟାଲେରିଆ ନିୟନ୍ତ୍ରଣରେ ରାଜ୍ୟ ଯେଉଁ ପ୍ରଗତି କରିଛି, ତାହା ସରକାରଙ୍କ ନୀତିଗତ ହସ୍ତକ୍ଷେପର ସଫଳତା ବୋଲି କୁହାଯାଇପାରେ। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଭାରତ ଏବଂ ଓଡ଼ିଶା ଉଭୟ କ୍ଷେତ୍ରରେ ଶିଶୁ ମୃତ୍ୟୁ ହାର (ଆଇଏମ୍ଆର୍)ରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଭାରତର ଶିଶୁ ମୃତ୍ୟୁ ହାର ପ୍ରତି ୧,୦୦୦ ଶିଶୁରେ ୩୦ରୁ ୨୫କୁ ହ୍ରାସ ପାଇଥିବା ବେଳେ, ଓଡ଼ିଶାରେ ଏହା ୩୮ରୁ ୩୦କୁ ଖସି ଆସିଛି, ଯାହାକି ଅପେକ୍ଷାକୃତ ଅଧିକ ହ୍ରାସ ପାଇଛି। ତଥାପି ମାତୃ ମୃତ୍ୟୁ ହାର (ଏମ୍ଏମ୍ଆର୍) ଏବେ ବି ଏକ ଗୁରୁତର ସମସ୍ୟା ଭାବେ ରହିଛି। ଜାତୀୟ ସ୍ତରରେ ମାତୃ ମୃତ୍ୟୁ ହାର ହ୍ରାସ ପାଉଥିବା ବେଳେ ଓଡ଼ିଶାରେ ଏହା ଅପେକ୍ଷାକୃତ ଭାବେ ଅଧିକ ରହିଛି। ସାମ୍ପ୍ରତିକ ତଥ୍ୟାନୁସାରେ ଓଡ଼ିଶାର ମାତୃ ମୃତ୍ୟୁ ହାର (ପ୍ରତି ଲକ୍ଷେ ଜୀବିତ ଜନ୍ମ ୧୧୮) ଜାତୀୟ ହାର (ପ୍ରତି ଲକ୍ଷେ ଜୀବିତ ଜନ୍ମ ୮୮) ଠାରୁ ଅଧିକ। ଏହା ସହିତ ଅପପୁଷ୍ଟିଜନିତ ରୋଗଭାର ମଧ ଏବେ ବି ବଡ଼ ଆହ୍ୱାନ ହୋଇ ରହିଛି। ଅନ୍ୟପକ୍ଷରେ,



ଅଣସଂକ୍ରାମକ ରୋଗ (ଏନ୍‌ସିଡି) ଆଜି ଓଡ଼ିଶା ପାଇଁ ଏକ ନୂତନ ଓ ଗୁରୁତର ସମସ୍ୟା ଭାବେ ଉଭା ହାଇଛି। ୨୦୩୬ ସୁଦ୍ଧା ରାଜ୍ୟର ମୋଟ ଜନସଂଖ୍ୟାରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ପ୍ରାୟ ୧୨% କୁ ବୃଦ୍ଧି ପାଇବ, ଯାହା ବାର୍ଦ୍ଧକ୍ୟ ଜନିତ ଚିକିତ୍ସା କ୍ଷେତ୍ରରେ ଅଧିକ ନିବେଶର ଆବଶ୍ୟକତା ଅଛି। ଏଇ ବର୍ଷର ବଜେଟ ଆକଳନ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ କେତେଦୂର ସହାୟକ ହୋଇପାରିବ ତାହାକୁ ତର୍ଜମା କରିବାର ଆବଶ୍ୟକ ଅଛି।

ଚଳିତ ବଜେଟ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରୁ ଆରମ୍ଭ କରି ମେଡିକାଲ କଲେଜ ହସ୍ପିଟାଲ ପର୍ଯ୍ୟନ୍ତ ଶଯ୍ୟା ବୃଦ୍ଧି ଏବଂ ଡାକ୍ତର, ପାରାମେଡିକ୍ସ ଭଳି ମାନବ ସମ୍ବଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ମିଶନ ପାଇଁ ୨୦୨୬-୨୭ ବଜେଟରେ ୫୦୦୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଗତ ବର୍ଷ (୨୦୨୫-୨୬ ବଜେଟ ଅନୁମାନ) ଥିବା ୩୮୮୧ କୋଟି ତୁଳନାରେ ୨୯% ଅଧିକ। କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ପାଇଁ ୨୦୨୬-୨୭ ବଜେଟରେ ୧୯୫୮ କୋଟି ବ୍ୟୟବରାଦ କରାଯାଇଛି, ଯାହା ୨୦୨୫-୨୬ ବଜେଟ ଅନୁମାନ (୨୦୫୧ କୋଟି) ତୁଳନାରେ କମ୍। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଯାହା ଖର୍ଚ୍ଚ କରାଯାଏ ତାହା ପ୍ରାଥମିକ ଓ ମାଧ୍ୟମିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ। ଏହି କ୍ଷେତ୍ରରେ ବ୍ୟୟବରାଦକୁ ବୃଦ୍ଧି କିପରି କରାଯିବ ସେ ଦିଗରେ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ଅଛି।

ଚଳିତ ବଜେଟରେ ନିରାମୟ ଯୋଜନା (ଫ୍ରି ମେଡିସିନ) ପାଇଁ ୭୮୬ କୋଟି ବ୍ୟୟବରାଦ କରାଯାଇଛି, ଯାହାକି ୨୦୨୫-୨୬ ବଜେଟ ଅନୁମାନରେ ୯୪୦ କୋଟି ଥିଲା। ସେହିପରି ଜରୁରିକାଳୀନ ଆମ୍ବୁଲାନ୍ସ ସ୍କିମ୍ ପାଇଁ ୧୯୮ କୋଟି ବ୍ୟୟବରାଦ ହୋଇଛି (୨୦୨୫-୨୬ ବଜେଟରେ ୨୨୨ କୋଟି)। ଅପରପକ୍ଷେ, ନିଦାନ ଯୋଜନା ଅଧୀନରେ ମାଗଣା ରୋଗ ନିର୍ଣ୍ଣୟ ଓ ଡାଏଲିସିସ୍ ସେବା ପାଇଁ ବ୍ୟୟବରାଦ ୨୨୯ କୋଟିରୁ (୨୦୨୫-୨୬ ବିଇ) ୩୭୧ କୋଟି (୨୦୨୬-୨୭ ବିଇ) ଟଙ୍କାକୁ ବୃଦ୍ଧି ପାଇଛି।

ଓଡ଼ିଶା ସେହି କେତେକ ରାଜ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁଠାରେ ଚିକିତ୍ସା ପାଇଁ ସରକାରୀ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଉପରେ ନିର୍ଭରଶୀଳତା ସର୍ବାଧିକ। ତଥାପି ନିଜସ୍ୱ ସ୍ୱାସ୍ଥ୍ୟ ବ୍ୟୟ(ଓଓପିଇ) ମୋଟ ସ୍ୱାସ୍ଥ୍ୟ ବ୍ୟୟର ୩୮ % ରହିଛି, ଯାହା ଏକ ଗମ୍ଭୀର ଚିନ୍ତାର ବିଷୟ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଭଳି ମିଳିତ ସ୍ୱାସ୍ଥ୍ୟ ବୀମା ଯୋଜନା ପାଇଁ ୨୦୨୬-୨୭ ବଜେଟରେ ୪୨୭୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହାର ଉଦ୍ଦେଶ୍ୟ ଚିକିତ୍ସାଜନିତ ଖର୍ଚ୍ଚ ହ୍ରାସ କରିବା। ସେହିପରି ଆୟୁଷ ଶିକ୍ଷାର ପ୍ରସାର ଏବଂ ଭାରତୀୟ ଚିକିତ୍ସା ପଦ୍ଧତିକୁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଏକକୀକରଣ କରିବା ପାଇଁ ଚଳିତ ବଜେଟରେ ୧୨୪ କୋଟି ଟଙ୍କା ବ୍ୟୟବରାଦ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ଚଳିତ ବଜେଟରେ ୧୮୦୭ଟି ସବ୍ ସେଣ୍ଟର ସ୍ଥାପନ ପାଇଁ ୧୭୬ କୋଟି ଟଙ୍କାର ପ୍ରସ୍ତାବ ଏକ ସକାରାତ୍ମକ ପଦକ୍ଷେପ। ଏତଦ୍‌ବ୍ୟତୀତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆୟୁଷ ଔଷଧ ଉପଲବ୍ଧ କରିବାର ପ୍ରସ୍ତାବ ପ୍ରାଥମିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ସହାୟକ ହେବ।

ଓଡ଼ିଶାରେ ୬୦% କର୍କଟ ରୋଗୀ ବିଳମ୍ବରେ ଚିହ୍ନଟ ହେବା ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି। ଚଳିତ ବଜେଟରେ କର୍କଟ ରୋଗର ନିରାକରଣ ଏବଂ ଚିକିତ୍ସା ନିମନ୍ତେ ୩୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। କର୍କଟ ରୋଗ ଚିକିତ୍ସା ପ୍ରତି ଧ୍ୟାନ ଦିଆଯାଇଥିଲେ ମଧ୍ୟ ସମୟୋପଯୋଗୀ ଚିହ୍ନଟ ଓ ରୋଗ ନିର୍ଣ୍ଣୟ ପାଇଁ ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ସହିତ ସଂଯୁକ୍ତ କରିବା ଆବଶ୍ୟକ।

ସାମ୍ପ୍ରତିକ ବଜେଟ ଘୋଷଣାରୁ ଜଣାପଡୁଛି ଯେ, ତୃତୀୟସ୍ତରୀୟ (TERTIARY CARE) ସ୍ୱାସ୍ଥ୍ୟ ଭିତ୍ତିଭୂମି ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ତିନୋଟି ପୁରୁଣା ମେଡିକାଲ (ଏସ୍‌ସିବି,ଭିଏସ୍‌ଏସ୍,ଏମ୍‌କେସିଜି) କଲେଜର ଉନ୍ନତୀକରଣ ପାଇଁ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କିନ୍ତୁ ଏହାର ବିପରୀତରେ, ଗ୍ରାମୀଣ ଓ ସହରାଞ୍ଚଳରେ ବ୍ୟାପକ ପ୍ରାଥମିକ ସ୍ୱାସ୍ଥ୍ୟସେବାର ଲକ୍ଷ୍ୟ ଉପେକ୍ଷିତ ହୋଇଛି। ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା (ୟୁଏଚ୍‌ସି) ହାସଲ କରିବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ନିରନ୍ତର ନିବେଶ ସହିତ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବାର ବିସ୍ତାର ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବା ଜରୁରୀ।

ଶେଷରେ କହିବାକୁ ହେଲେ, ୨୦୨୬-୨୭ ବଜେଟ ସ୍ୱାସ୍ଥ୍ୟ କ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନ ଦିଆଯାଇଥିଲେ ମଧ୍ୟ, ଉଭୟ ଉଚ୍ଚସ୍ତରୀୟ ଓ ପ୍ରାଥମିକସ୍ତରୀୟ ଚିକିତ୍ସା ମଧ୍ୟରେ ଠିକ୍ ସନ୍ତୁଳନ ରକ୍ଷା କରାଯାଇପାରିଲେ ଓଡ଼ିଶାରେ 'ସାର୍ବଜନୀନ ସ୍ୱାସ୍ଥ୍ୟ ସେବା' ସଫଳ ହୋଇପାରିବ।

ପ୍ରାଧ୍ୟାପକ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ହେଲ୍‌ଥ, ଭୁବନେଶ୍ୱର
ମୋ:୯୯୩୭୧୬୨୪୫୫

# ଜିଇବା ପାଇଁ ପିଇବା



ଈପ୍ସିତା ମହାନ୍ତି

ସର୍ବତ ଏବଂ ଲସିର ଦେଶ ରୂପେ ଭାରତ ପ୍ରସିଦ୍ଧ। କିନ୍ତୁ ଅଧିକାଂଶ ଭାରତୀୟ ଆଜି ପାଶ୍ଚାତ୍ୟ ପେୟ ଦ୍ୱାରା ପ୍ରଭାବିତ। ନିଜକୁ 'ଆଧୁନିକ' ପ୍ରମାଣିତ ପାଇଁ ଭାରତୀୟମାନେ ପ୍ରଚୁର 'ଦୂଷିତ' ମୃଦୁ ପାନୀୟ ସେବନ କରୁଛନ୍ତି। ବୈଜ୍ଞାନିକଙ୍କ ମତରେ ଏହା ମାଧ୍ୟମରେ ଶରୀର ମଧ୍ୟକୁ ବିଷ ପ୍ରବେଶ କରୁଛି। ଦୀର୍ଘକାଳୀନ ସେବନ ଦ୍ୱାରା ଏହା କର୍କଟ ଓ ସ୍ନାୟୁ ରୋଗ ସୃଷ୍ଟି କରୁଛି। ପ୍ରଜନନ କ୍ଷମତାକୁ କ୍ଷତି ପହଞ୍ଚାଉଛି। ଶିଶୁଙ୍କଠାରେ ଜନ୍ମଗତ ତ୍ରୁଟି ଦେଖାଯିବା ସହିତ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରୁଛି।

ବେସରକାରୀ ସଂସ୍ଥା ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନଭାଇରୋନମେଣ୍ଟ (ସିଏସଇ)ର ତଥ୍ୟ ଅନୁଯାୟୀ ବିଦେଶୀ କମ୍ପାନୀଗୁଡ଼ିକ ଭାରତ ପ୍ରତି ପକ୍ଷପାତିତା କରୁଛନ୍ତି। ଗୋଟିଏ ପଟେ ଆମେରିକା ଭଳି ଦେଶରେ ସେମାନେ ନିଜ ଉତ୍ପାଦଗୁଡ଼ିକର ଗୁଣବତ୍ତା ଉପରେ ସତର୍କତାର ସହ ନଜର ରଖନ୍ତି। କିନ୍ତୁ ଅଧିକ ରୋଜଗାର ଆଶାରେ ଭାରତୀୟଙ୍କୁ ସେମାନେ କୀଟନାଶକର ମିଶ୍ରଣ ବିକ୍ରି କରୁଛନ୍ତି। ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଅପମିଶ୍ରଣ ସାମଗ୍ରୀ କେବଳ ଏହି ମୃଦୁ ପାନୀୟ ପର୍ଯ୍ୟନ୍ତ ସୀମିତ ରହିନାହିଁ। କିଛି ବର୍ଷ ତଳେ ଠିପି ବନ୍ଦ ମିନେରାଲ (ଖଣିଜ) ବୋତଲ ଜଳର ପ୍ରଦୂଷଣକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ସେହି ସମୟରେ ସିଏସଇ ଦିଲ୍ଲୀର ପ୍ରସିଦ୍ଧ ଦେଶୀ ଏବଂ ବିଦେଶୀ କମ୍ପାନୀର ୧୭ଟି ଏବଂ ମୁମ୍ବାଇର ୧୩ଟି ଠିପି ବନ୍ଦ ବୋତଲ ପାଣି ଉତ୍ପାଦକୁ ପରୀକ୍ଷା କରି ସେହି ଜଳରେ ଲିଣ୍ଡେନ, ଡିଡିଟି, କ୍ଲୋରୋପାଇରିଫସ ଏବଂ ମାଲାଥିଅନ ଭଳି କୀଟନାଶକର ଉପସ୍ଥିତିକୁ ନିଶ୍ଚିତ କରିବାରୁ ସରକାରଙ୍କ ଚେତା ପଶିଥିଲା। ସରକାର ଭାରତୀୟ ମାନକ ବ୍ୟୁରୋର ସୁପାରିସ ଆଧାରରେ ଠିପି ବନ୍ଦ ବୋତଲ ପାଣିର ଶୁଦ୍ଧତା ବଜାୟ ରଖିବା ପାଇଁ ଖାଦ୍ୟ ଅପମିଶ୍ରଣ ଆଇନରେ କିଛି ପରିବର୍ତ୍ତନ କରି ତାହାକୁ ଲାଗୁ କରିଦେଲେ। ପୌରପାଳିକା କିମ୍ବା ନଗର ନିଗମ ଦ୍ୱାରା ଯୋଗାଇ ଦିଆଯାଉଥିବା ଅବା ନଦୀର ଜଳକୁ ଅଧିକାଂଶ ଭାରତୀୟ ପାନୀୟ ଜଳ ରୂପେ ବ୍ୟବହାର କରନ୍ତି। ଏହି ଜଳକୁ ପରିସ୍କୃତ ପାଇଁ ପୌରପାଳିକା ଏବଂ ନଗରନିଗମ କି ପଦକ୍ଷେପ ନିଅନ୍ତି ତାହା ଅଛପା ନାହିଁ। ବାହ୍ୟ ଜଳ କଥା ଛାଡ଼ନ୍ତୁ ପୃଥିବୀ ପୃଷ୍ଠରେ ବଢୁଥିବା ପ୍ରଦୂଷଣ ପାଇଁ ଭୂଗର୍ଭସ୍ଥ ଜଳ ମଧ୍ୟ ସ୍ୱଚ୍ଛ ନୁହେଁ।

ଏକଦା ଏହି ଦେଶରେ କ୍ଷୀର ଏବଂ ଦହିର ବନ୍ୟା ବହୁଥିଲା। ଆଜି ଏସବୁ ଅପମିଶ୍ରିତ। ଦୁଗ୍ଧ ଏହି ଜାଲରୁ ମୁକୁଳି ପାରିନି। ଲାଭ ପାଇଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ୟୁରିଆ, ସାବୁନ ଏବଂ ତେଲ ଭଳି କ୍ଷତିକାରକ ଜିନିଷର ସମିଶ୍ରଣରେ ଦୁଗ୍ଧ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଏଥିରେ ଦୁଗ୍ଧର କୌଣସି ଚିହ୍ନବର୍ଣ୍ଣ ନାହିଁ। ଅଜ୍ଞାନର ବଶବର୍ତ୍ତୀ ହୋଇ ଲୋକେ ମାନବଜାତି ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଡ. ଭର୍ଗିଜ କୁରିଏନ ଭାରତରେ 'ଅପରେଶନ ଫ୍ଲଡ' ଆରମ୍ଭ



କଲା ସମୟରେ ଏକଥା କେବେ ବି ଚିନ୍ତା କରି ନ ଥିଲେ ଯେ ସାଧାରଣ ଲୋକଙ୍କୁ ଦୁଗ୍ଧ ଯୋଗାଇବା ପାଇଁ ସେ ଯେଉଁ ଡାଏରି (ଗୋପାଳନ କେନ୍ଦ୍ର) ଖୋଲିବା କଥା କହୁଥିଲେ ତାହା ପାଇଁ ଅବଲମ୍ବିତ ଅସାବଧାନତା ଗାଈ, ମଇଁଷିଙ୍କ ପାଇଁ ଘାତକ ସାବ୍ୟସ୍ତ ହେବ ! ପୁଣି ଏଠାରୁ ମିଳୁଥିବା ଦୁଗ୍ଧ ସାଧାରଣ ଲୋକଙ୍କ ପାଇଁ ସୁବିଧାଜନକ ହେବନାହିଁ। ଭାରତରେ ଡାଏରିଗୁଡ଼ିକର ଅବସ୍ଥା ଭଲ ନାହିଁ। ଅଧିକ କ୍ଷୀର ଆଶାରେ ଗାଈଙ୍କୁ ପ୍ରତିବର୍ଷ ଗର୍ଭବତୀ କରାଯାଉଛି। କାରଣ ପ୍ରସବ ପରେ ଦଶ ମାସ ପର୍ଯ୍ୟନ୍ତ ସେମାନେ ଅଧିକ ଦୁଗ୍ଧ ଦେବେ। ଅଧିକ ଦୁଗ୍ଧ ପାଇଁ ସେମାନଙ୍କୁ ପ୍ରତିଦିନ ଅକ୍ସିଟୋସିନ ଇଞ୍ଜେକ୍ସନ ଦିଆଯାଉଛି। ଏ ସମସ୍ତ ପଦ୍ଧତି ଏହି ପ୍ରାଣୀଙ୍କ ପାଇଁ କେବଳ ବିପଜ୍ଜନକ ନୁହେଁ ବରଂ ସେମାନଙ୍କ ଦୁଗ୍ଧ ସେବନ କରୁଥିବା ଲୋକଙ୍କ ପାଇଁ ମଧ୍ୟ କ୍ଷତିକାରକ।

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର) ଦ୍ୱାରା ଦୀର୍ଘ ସାତ ବର୍ଷ ଧରି ହୋଇଥିବା ଗବେଷଣାର ତଥ୍ୟରୁ ଜଣାପଡ଼ିଛି ଯେ, ଯେଉଁ ଗାଈ ଦୁଗ୍ଧକୁ ଆମେ ଅନାଦିକାଳରୁ ସୁଷମ ଖାଦ୍ୟ ମାନି ଆହାର ରୂପେ ଗ୍ରହଣ କରିଆସୁଛୁ ସେଥିରେ ମଧ୍ୟ ଡିଡିଟି, ଏଚ୍‌ସିଏଚ୍, ଡେଲ୍ଡ୍ରିନ, ଏଲ୍ଡ୍ରିନ ଭଳି କୀଟନାଶକ ମିଶି ରହିଛି। ତଥ୍ୟ ଏକଥା ମଧ୍ୟ କହୁଛି ଯେ ଅଲସର ପୀଡିତ ବ୍ୟକ୍ତି ଯଦି ଡାଏରି ଦୁଗ୍ଧ କିମ୍ବା ଏହାର ଉତ୍ପାଦ ଆହାର କରିବ ତେବେ ତା'ଠାରେ ହୃଦ୍‌ଜନିତ ବେମାରି ଦୁଇରୁ ଛଅ ଗୁଣ ବୃଦ୍ଧି ପାଇବ। ଭାରତୀୟ ଖାଦ୍ୟ ଅପମିଶ୍ରଣ ଆଇନ ଏକ କିଲୋରେ ୦.୦୧ ମିଲିଗ୍ରାମ ହେକ୍ସାକ୍ଲୋରୋ ସାଇକ୍ଲୋ ହେକ୍ସେନ (ଏଚସିଏଚ)କୁ ଅନୁମତି ଦେଇଥାଏ। କିନ୍ତୁ ଆଇସିଏମଆରର ରିପୋର୍ଟରେ ଏହା କିଲୋ ପ୍ରତି ୫.୭ ମିଲିଗ୍ରାମ ରହିଥିବା ଜଣାପଡ଼ିଛି। ଏହାବ୍ୟତୀତ ବୈଜ୍ଞାନିକଙ୍କୁ ଏଥିରେ ଆର୍ସେନିକ, କେଡମିୟମ, ସୀସା ଭଳି କ୍ଷତିକାରକ ଅବଶେଷ ମିଳିଥିଲା; ଯାହା ବୃକକ୍, ହୃଦୟ ଓ ମସ୍ତିଷ୍କକୁ କ୍ଷତି ପହଞ୍ଚାଏ।

ଏକଥା କେବଳ ଗାଈ ଏବଂ ମଇଁଷିଙ୍କ ଦୁଗ୍ଧ ପର୍ଯ୍ୟନ୍ତ ସୀମିତ ନୁହେଁ। କୃଷି କ୍ଷେତ୍ରରେ କୀଟନାଶକର ବହୁଳ ବ୍ୟବହାର ଯୋଗୁ ଶିଶୁ ପାଇଁ ଅମୃତ ବିବେଚିତ ମା' କ୍ଷୀର ମଧ୍ୟ ଆଉ ବିଶୁଦ୍ଧ ହୋଇ ରହିନାହିଁ। ଆମେରିକାର ଏକ ଅଧ୍ୟୟନରେ ଆମେରିକୀୟ ମହିଳାଙ୍କ କ୍ଷୀରରେ କୀଟନାଶକ ଏବଂ ଶହେରୁ ଅଧିକ ଶିଳ୍ପଗତ ରାସାୟନିକ ଅବଶେଷ ଥିବା ଜଣାପଡିଛି। କୀଟନାଶକର ଅବାଧ ବ୍ୟବହାରକୁ ପ୍ରାୟତଃ ବନ୍ଦ କରି ପ୍ରାକୃତିକ ସାର ଏବଂ କୀଟନାଶକ ବ୍ୟବହାର ଆରମ୍ଭ କରିଛନ୍ତି। ତଥାପି ଭାରତ ତାହାକୁ ଅନ୍ଧ ଭାବରେ ଅନୁକରଣ କରୁଛି। ସେମାନେ ଆମ ପ୍ରାଚୀନ ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ରହସ୍ୟ ସହିତ ନିଜକୁ ପରିଚିତ କରୁଛନ୍ତି। ଏହି ସମୟରେ ଭାରତୀୟମାନେ ନିଜ ସମୃଦ୍ଧ ଐତିହ୍ୟକୁ ପରିତ୍ୟାଗ କରି ପାଶ୍ଚାତ୍ୟର ଚାକଚକ୍ୟ ପ୍ରତି ପାଗଳ ହୋଇ ଦୌଡୁଛନ୍ତି।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ଅଦରକାରୀ କାଗଜରୁ ଖାତା ତିଆରି କରି ପୁଣେରେ ଅସହାୟ ପିଲାଙ୍କୁ ବାଣ୍ଟୁଛନ୍ତି ପ୍ରୀତୁ ଚୌଧୁରୀ। ପ୍ରୀତୁ ବାରାଣସୀରେ ଜନ୍ମ ହୋଇଛନ୍ତି ଓ ସେଇଠି ବଢ଼ିଛନ୍ତି। ସେ ବାଣିଜ୍ୟରେ ଡିଗ୍ରୀ ହାସଲ କରିବା ପରେ ୨୦୧୨ରୁ ୨୦୧୭ ଯାଏ ରପ୍ତାନି- ଆମଦାନୀ ସହ ଜଡ଼ିତ ଏକ କମ୍ପାନୀରେ ଚାକିରି କରିଥିଲେ। ସେଠାରେ ବର୍ଜ୍ୟ କାଗଜ ଦେଖି ତାହାର ପୁନଃ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ବାରାଣସୀରେ 'ଲିଟଲ ଲିଫ୍' ସଂସ୍ଥା ଗଠନ କରିଥିଲେ। ଏହା ମାଧ୍ୟମରେ ସେ ବର୍ଜ୍ୟ କାଗଜ ସଂଗ୍ରହ କରି ରିସାଇକ୍ଲିଂ ସେଣ୍ଟରକୁ ପଠାଇବା ଆରମ୍ଭ କରିଥିଲେ। ଯେତେବେଳେ ଜାଣିବାକୁ ପାଇଲେ ଯେ, ରିସାଇକ୍ଲିଂ ହେଉଥିବା କାଗଜରୁ ଖାତା ତିଆରି ହେଉଛି, ସେତେବେଳେ ସେ ନିଜେ ତାହା କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୨୦୧୮ରେ ତାଙ୍କ ସଂସ୍ଥା ପୁଣେରେ କାମ ଆରମ୍ଭ କରିଥିଲା। ଏବେ ସୁଦ୍ଧା ସେ ୧ ଲକ୍ଷ କେ.ଜି. ଅଦରକାରୀ କାଗଜକୁ ରିସାଇକ୍ଲିଂ କରି ନୋଟ୍‌ବୁକ୍ ତିଆରି କରିସାରିଲେଣି। ଦୁଇ କେ.ଜି. କାଗଜରେ ଗୋଟିଏ ଖାତା ହେଉଛି। ୨୦୨୪ରେ ୩୦୦୦ ଖାତା ୨୦୨୫ରେ ୫୦୦୦ ଖାତା ପିଲାଙ୍କୁ ମାଗଣାରେ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୮ ଫେବୃଆରୀ ୧୯୭୭

- ବିହାର ବିଧାନସଭା କଂଗ୍ରେସ ସଦସ୍ୟ ରାଜମଙ୍ଗଳ ମିଶ୍ର ଓ ଆସାମର ପାର୍ଲାମେଣ୍ଟ ସଭ୍ୟ ରବୀନ କାକାତି ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ଉତ୍ତର ପ୍ରଦେଶର ପୂର୍ବତନ କଂଗ୍ରେସ ଏମ୍‌ଏଲ୍‌ଏ ପାରେଶ୍ୱର ଦିନବର୍ମା ତାଙ୍କର ୫୦୦ ସମର୍ଥକଙ୍କ ସହିତ ଜନତା ଦଳରେ ଯୋଗ ଦେଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 5 | | | | | 4 |
| | | 2 | | | 1 | | | 7 |
| 9 | | 5 | | 8 | | 1 | | |
| | 8 | | 7 | | | | 4 | |
| 4 | | | 8 | | | | | 3 |
| | | | | 1 | | 2 | 9 | 8 |
| 1 | | | 2 | | 9 | | 3 | |
| | | | 1 | 3 | | | | |
| 3 | | 9 | | 7 | | 4 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 3 | 5 | 8 | 6 | 2 | 9 |
| 9 | 5 | 6 | 4 | 2 | 7 | 8 | 1 | 3 |
| 8 | 3 | 2 | 6 | 1 | 9 | 5 | 7 | 4 |
| 5 | 4 | 9 | 1 | 6 | 3 | 7 | 8 | 2 |
| 3 | 7 | 8 | 5 | 9 | 2 | 1 | 4 | 6 |
| 6 | 2 | 1 | 8 | 7 | 4 | 9 | 3 | 5 |
| 1 | 8 | 3 | 9 | 4 | 6 | 2 | 5 | 7 |
| 2 | 9 | 4 | 7 | 8 | 5 | 3 | 6 | 1 |
| 7 | 6 | 5 | 2 | 3 | 1 | 4 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆମେରିକାର ଟାରିଫ ବେଆଇନ

ମହାଶୟ,

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଆର୍ଥିକ ଅଭିବୃଦ୍ଧି ଓ ବ୍ୟବସାୟିକ ସାମ୍ରାଜ୍ୟ ବୃଦ୍ଧି ନିମନ୍ତେ ବିଭିନ୍ନ ଦେଶ ଉପରେ ଅଧିକ ଟାରିଫ ଲଗାଇଛି। ଏହି ଟାରିଫ ବେଆଇନ ଏବଂ ଟ୍ରମ୍ପ୍ ଜାତୀୟ ଏମରଜେନ୍ସି ଆଇନକୁ ନିଜ କ୍ଷମତା ବଳରେ ଅପବ୍ୟବହାର ଓ ଦୁରୁପଯୋଗ କରିଛନ୍ତି ବୋଲି ରାୟ ପ୍ରଦାନ କରିଛନ୍ତି ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ। ଏଣୁ ବିଭିନ୍ନ ଦେଶ ଉପରେ ଲାଗୁ ଟାରିଫକୁ ପ୍ରତ୍ୟାହାର କରିବା ଆବଶ୍ୟକ। ଏଇ ପରିପ୍ରେକ୍ଷୀରେ ଭାରତ ପଇଠ କରିଥିବା ଅନେକ ଲକ୍ଷ କୋଟି ଟଙ୍କା ଯେପରି ଫେରିପାଇବ, ସେଥିପାଇଁ ସରକାର ପ୍ରୟାସ କରିବା ଆବଶ୍ୟକ। ପଇଠ ରାଶି ଫେରିପାଇବାରେ ଆନ୍ତର୍ଜାତିକ ନ୍ୟାୟାଳୟକୁ ଯିବା ପରିବର୍ତ୍ତେ ଏକ ଚତୁରତା ସମ୍ପନ୍ନ କୂଟନୀତି ଆପଣାଇବା ଶ୍ରେୟସ୍କର। କାରଣ ଜାତିସଂଘର ସବୁ ବିଭାଗକୁ ପ୍ରଭାବିତ କରି ରଖିଛି ଆମେରିକା। ଆମେରିକାନ କଂଗ୍ରେସର ବିନା ସହମତିରେ ବିଭିନ୍ନ ଦେଶ ଉପରେ ମୁଖ୍ୟତଃ ଆମେରିକା ନୀତିକୁ ସମର୍ଥନ କରୁ ନ ଥିବା ଦେଶ ଓ ଆମେରିକାର ଶତ୍ରୁ ଦେଶ ସହିତ ବାଣିଜ୍ୟ କାରବାରରୁ ଆମେରିକା ଅସୁଲ କରିଥିବା ଲକ୍ଷ ଲକ୍ଷ କୋଟି ଡଲାର୍ ଟାରିଫ ରାଶିକୁ ସମ୍ପ୍ରତି ଦେଶଗୁଡ଼ିକୁ ଫେରାଇବା ପାଇଁ ଆମେରିକାର ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରିବା ଉଚିତ।

-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କୁଟୀର ଦୁଆରେ ବିଲୋକି ସୁଷମା ଶାଟୀର
ହେଲି ବାଇ
ସୁନା ପାଲଟିଲା ଶତେକ ସପନ ମାଟିର
ମନେ ନାହିଁ।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗଞ୍ଜାମରେ ହେବ ଆଉ ଏକ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ: ମନ୍ତ୍ରୀ ଗୋକୁଳାନନ୍ଦ



କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟମାନେ।


**ବ୍ରହ୍ମପୁର,୨୭।୨(ସୁବାସ ଚନ୍ଦ୍ର ପାଢ଼ୀ)**

## ଟିପିଲିମାରେ ପ୍ରାଣୀ ସମ୍ପଦ ବିଜ୍ଞାନ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ହେବ

ରାଜ୍ୟରେ ୩ ନୂଆ ମହାବିଦ୍ୟାଳୟ ହେବ। ସମ୍ବଲପୁର ଜିଲା ଟିପିଲିମାରେ ପ୍ରାଣୀ ସମ୍ପଦ ବିଜ୍ଞାନ, ବଲାଙ୍ଗୀରରେ କୃଷି ଓ ଗଞ୍ଜାମ ଜିଲା ସୁନାପୁରଠାରେ ନୂଆ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ହେବ ବୋଲି ଶୁକ୍ରବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରଙ୍ଗେଇଲୁଣ୍ଡା ବ୍ଲକ ମାଣ୍ଡିଆପଲ୍ଲୀସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ୨୭ତମ ବାର୍ଷିକ ଉତ୍ସବରେ ଘୋଷଣା କରିଛନ୍ତି। ବାର୍ଷିକ ଉତ୍ସବରେ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆହୁରି କହିଥିଲେ ଯେ, ଓଡ଼ିଶାରେ ମତ୍ସ୍ୟ କ୍ଷେତ୍ରର ଉନ୍ନତି ପାଇଁ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହି ମହାବିଦ୍ୟାଳୟର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ। ମତ୍ସ୍ୟ ସମ୍ପଦର ବିକାଶ ପାଇଁ ଆଉ ଏକ ନୂଆ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ସୁନାପୁରରେ ହେବାକୁ ଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ, ଦକ୍ଷ ମାନବ ସମ୍ବଳ ସୃଷ୍ଟି ପାଇଁ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ସୃଷ୍ଟି। ଛାତ୍ରଛାତ୍ରୀ ସଫଳତା ପାଇବା ପାଇଁ ପରିଶ୍ରମ, ବିନମ୍ରତା ଓ ସମୟର ସଦୁପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଡିନ ପ୍ରଫେସର ନିତ୍ୟାନନ୍ଦ ଦାଶ କହିଲେ ଯେ, ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଡିଗ୍ରୀ ପାଇଲା ପରେ ରାଜ୍ୟ, ରାଜ୍ୟ ବାହାରେ ତଥା ଦେଶ, ବିଦେଶରେ ଭିନ୍ନ ଭିନ୍ନ ଉଚ୍ଚ ପଦ ପଦବୀରେ ରହି ସୁନାମ ଅର୍ଜନ କରିଛନ୍ତି। ଛାତ୍ର କମିଟିର ଚେୟାରମ୍ୟାନ ଦେବବ୍ରତ ପଣ୍ଡା ଛାତ୍ରୀଛାତ୍ର ପାଠପଢ଼ା ପରେ କିପରି ନିଯୁକ୍ତି ପାଇବେ ତାହାରି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ର କମିଟିର ଆବାହକ ପ୍ରାଦିପନ ମାଝି ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର କମିଟିର ପରାମର୍ଶଦାତା ଡ.ଧରିତ୍ରୀ ଚୌଧୁରୀ ଅତିଥି ପରିଚୟ ଦେଇଥିଲେ। ଛାତ୍ର କମିଟି ଦ୍ୱାରା ପ୍ରକାଶିତ ମତ୍ସ୍ୟକନ୍ୟା ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କ୍ରୀଡ଼ା, କଳା, ସାଂସ୍କୃତିକ ପ୍ରତିଯୋଗିତା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜିତ ପ୍ରତିଯୋଗିତାରେ ଚାମ୍ପିୟନ ଅର୍ଜନ କରିଥିବା ଛାତ୍ରୀଛାତ୍ର ତଥା ଲିଗୋରୀ ବିଭାସ ରଞ୍ଜନ ଦାସ, ଡ୍ରାମାଟିକ ବିଭୁ ସୁନ୍ଦର ସାହୁ, ଆଥଲେଟିକ (ପୁରୁଷ) ଭବାନୀ ଶଙ୍କର ନାଏକ ଓ ଆଥଲେଟିକ (ମହିଳା) ଅଲିଶା ନାୟକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅତିଥି ଅଧ୍ୟାପିକା ଅଭିନନ୍ଦା ଜେନା ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ବିଭୂ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଜ୍ଞାନରେ ନାରୀ: ବିକଶିତ ଭାରତର ଉତ୍ପ୍ରେରକ

## ଆଜି ଜାତୀୟ ବିଜ୍ଞାନ ଦିବସ




୧୯୮୭ରୁ ପ୍ରତିବର୍ଷ ଫେବୃଆରୀ ୨୮ରେ ଆମ ଦେଶରେ ପାଳିତ ହୋଇଆସୁଛି 'ଜାତୀୟ ବିଜ୍ଞାନ ଦିବସ'। ଭାରତର ପ୍ରଥମ ପଦାର୍ଥ ବିଜ୍ଞାନ ନୋବେଲ ବିଜେତା ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା 'ରମଣ ପ୍ରଭାବ'ର ଆବିଷ୍କାର ଥିଲା ୧୯୨୮ ମସିହା ଫେବୃଆରୀ ୨୯। ସେହି ଦିବସର ସ୍ମୃତିରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇ ଆସୁଛି। ଚଳିତ ବର୍ଷ ଜାତୀୟ ବିଜ୍ଞାନ ଦିବସର ପ୍ରସଙ୍ଗ ରହିଛି-'ବିଜ୍ଞାନରେ ନାରୀ: ବିକଶିତ ଭାରତର ଉତ୍ପ୍ରେରକ'। ଭାରତର ବୈଜ୍ଞାନିକ ବିକାଶରେ ନାରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ନବପ୍ରବର୍ତ୍ତକ। ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ-ସବୁ କ୍ଷେତ୍ରରେ ସେମାନଙ୍କର ସକ୍ରିୟ ସମ୍ପୃକ୍ତି ତଥା ଅବଦାନ ରାଷ୍ଟ୍ରର ଉନ୍ନତି ତଥା ବିକାଶକୁ ନୂତନ ଦିଗ ପ୍ରଦାନ କରିପାରିବ। ତ୍ୱରାନ୍ୱିତ କରିଦେବ ଦେଶର ପ୍ରଗତିକୁ। ସୁତରାଂ ପ୍ରଯୁକ୍ତି ଓ ବୈଜ୍ଞାନିକ ଗବେଷଣାରେ ନାରୀମାନଙ୍କୁ ସର୍ବାଧିକ ସୁଯୋଗ ପ୍ରଦାନ କରାଯିବା ବାଞ୍ଛନୀୟ। ସେମାନଙ୍କର ସହଯୋଗ ବିନା ଭାରତର ବିକାଶ ଯେ ଧାଣ୍ଟୁ ହୋଇଯିବ ଏହା ନିଃସନ୍ଦେହ। କାରଣ ନାରୀମାନଙ୍କର ସାମୂହିକ ଶକ୍ତି ରାଷ୍ଟ୍ର ତଥା ବିଶ୍ୱ ମେରୁଦଣ୍ଡ ସଦୃଶ। ଗୁହାମାନବଠାରୁ ଯେ, ବିଜ୍ଞାନ ହେଉଛି ସର୍ବାଧିକ ଶୋଧିତ ଓ ମାର୍ଜିତ। ଅନେକଙ୍କ ମତରେ ଯେଉଁଦିନ ମଣିଷର ଜନ୍ମ, ସେହିଦିନ ମଧ୍ୟ ଜନ୍ମ ନେଇଥିଲା ବିଜ୍ଞାନ। ହେଲେ ଅନେକେ କହିଥାନ୍ତି, ଯେଉଁଦିନ ଆଦିମାନବ ପଚାରିଥିଲା ତା' ଗୋଷ୍ଠୀର ପ୍ରଥମ ପ୍ରଶ୍ନ, ଠିକ୍ ସେହି ମୁହୂର୍ତ୍ତରେ ହିଁ ବିଜ୍ଞାନ ଭୂମିଷ୍ଠ ହୋଇପଡ଼ିଥିଲା। ସୁତରାଂ ପ୍ରାଚୀନ ମାନବ ଗୋଷ୍ଠୀ ଓ ପ୍ରାଚୀନ ମାନବ ସଭ୍ୟତା ହେଉଛି ବିଜ୍ଞାନର ଜନକ। ବିଜ୍ଞାନ ହେଉଛି ଏକ ଗୋଷ୍ଠୀଗତ ନିରବଚ୍ଛିନ୍ନ ମାନୁଷିକ ପ୍ରକଳ୍ପ। ଆଉ ଜାଣନ୍ତି ବିଜ୍ଞାନର ସର୍ବାଧିକ ଶକ୍ତି କ'ଣ? ବିଜ୍ଞାନର ସର୍ବାଧିକ ଶକ୍ତି ହେଉଛି 'ମୁଁ ଜାଣିନି' ବୋଲି ସ୍ୱୀକାରୋକ୍ତି। ବିଜ୍ଞାନର ଅନ୍ତର୍ନିହିତ ବାସ୍ତବ ରୂପ ହେଲା 'ପରୀକ୍ଷା ନିରୀକ୍ଷା ଦ୍ୱାରା ଭୁଲ୍ ବୋଲି ସାବ୍ୟସ୍ତ କରିବା'। ବହୁକାଳ ଧରି ପ୍ରଚଳିତ ତତ୍ତ୍ୱରେ ପ୍ରଶ୍ନବାଚକ ଚିହ୍ନଟିଏ ଓହଳେଇ ଦେବା ହିଁ ବିଜ୍ଞାନର ସ୍ୱତନ୍ତ୍ର ପରିଚୟ। ସେଥିପାଇଁ କେହି କେହି କହିଥାଆନ୍ତି ଯେ ଭ୍ରାନ୍ତଧାରଣା ହିଁ ବିଜ୍ଞାନର ପୂର୍ବସୂରୀ ! ହେଲେ ବିଚରା ବିଜ୍ଞାନୀ ! ତାକୁ କାର୍ଯ୍ୟ କରିବା ପାଇଁ ପଡ଼ିଥାଏ ଦ୍ୱୈତ ଭୂମିକାରେ। ଗବେଷଣାଗାର ଭିତରେ ରହିଥିବା ପର୍ଯ୍ୟନ୍ତ ସେ ଯୁକ୍ତିବାଦର ପୃଷ୍ଠପୋଷକ, କିନ୍ତୁ ଗବେଷଣାଗାରରୁ ବାହାରକୁ ଆସିଥିବା ମାତ୍ରେ ସେ ସାମାଜିକ ନୀତିନିୟମ ତାପର ଦାସ। ବହୁକାଳରୁ ପ୍ରଚଳିତ ସାମାଜିକ ଚଳଣି ଓ ପରୀକ୍ଷା ନିରୀକ୍ଷା ଆଧାରିତ ସିଦ୍ଧାନ୍ତାଶ୍ରୟୀ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ-ଏହି ଉଭୟ ଭିତରେ ଭାରସାମ୍ୟ ରକ୍ଷା କରି ଚଳିବା କିଛି ସହଜସାଧ୍ୟ ନୁହେଁ ବିଜ୍ଞାନୀମାନଙ୍କ ପାଇଁ। ବର୍ଷ ବର୍ଷ ଧରି ଚଳିଆସୁଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସଂଗ୍ରାମ ଚଳେଇ ବୈଜ୍ଞାନିକ ସତ୍ୟ ପ୍ରତିଷ୍ଠା କରିବା ବାସ୍ତବରେ ଏକ ବିରାଟ ଆହ୍ୱାନ। ତେବେ ଏହି ବିଶ୍ୱକୁ ବୁଝିବା ଓ ବୁଝେଇବା ପାଇଁ କେବଳ ମଣିଷ ଜାତି ହିଁ ସମର୍ଥ ଏବଂ ବିଜ୍ଞାନ ହିଁ ତା'ର ମୌଳିକ ଉପକରଣ। ଏହା ତା'ର ନୈତିକ ଦାୟିତ୍ୱ ଓ ଏହା ମଣିଷ ଉପରେ ହିଁ ନ୍ୟସ୍ତ। ଜାଣିରଖିବା ଉଚିତ ଯେ, ବିଜ୍ଞାନ ଏକ ସାଂସ୍କୃତିକ ଆବଶ୍ୟକତା। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ କରିବା ପାଇଁ ପଡ଼ିବ ବିଜ୍ଞାନ ସାକ୍ଷର। ବିଜ୍ଞାନ ସାକ୍ଷରତା କହିଲେ ବିଜ୍ଞାନ ବିଷୟକ ଜ୍ଞାନ ଅର୍ଜନକୁ ବୁଝାଏ ନାହିଁ, ବିଜ୍ଞାନ ସାକ୍ଷରତାର ବାସ୍ତବ ଉଦ୍ଦେଶ୍ୟ ହେଉଛି ଦୈନନ୍ଦିନ ଜୀବନରେ ବୈଜ୍ଞାନିକ ଚିନ୍ତାଧାରାର ପ୍ରୟୋଗ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
**ମୋ : ୯୪୩୭୭୬୬୧୧୭**

# ଭଦ୍ରକ-ଧାମରା ରେଳପଥ ଅବରୋଧ


ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁରଠାରେ ଭଦ୍ରକ-ଧାମରା ରେଳପଥ ଅବରୋଧ କରାଯାଇଛି।

**ତିହିଡ଼ି,୨୭।୨(ସଞ୍ଜିତ ବଳ)**

## ନିଯୁକ୍ତି, ପରିବହନ କ୍ଷେତ୍ରରେ ଅବହେଳା ପ୍ରତିବାଦ

- ୧୫ ଦିନ ମଧ୍ୟରେ ଆଲୋଚନା ପାଇଁ ଉପଜିଲାପାଳଙ୍କ ପ୍ରତିଶ୍ରୁତି
- ସମାଧାନ ନ ହେଲେ ଆତ୍ମାହୁତି ଚେତାବନୀ ଦେଲେ ଟିପ୍ପର, ଟ୍ରକ୍ ମାଲିକ

ନିଯୁକ୍ତି ଓ ପରିବହନ କ୍ଷେତ୍ରରେ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ ପକ୍ଷରୁ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଭଦ୍ରକ ଜିଲା ବିକାଶ ପରିଷଦ, ଟିପ୍ପର ଓ ଟ୍ରକ୍ ମାଲିକ ସଂଘ, ବିଶ୍ୱକର୍ମା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ୨ ଘଣ୍ଟା ରେଳରୋକୋ କରାଯାଇଛି। ଭଦ୍ରକ-ଧାମରା ରେଳପଥର ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ରାସ୍ତାର ଲେଭଲ କ୍ରସିଂ ନିକଟରେ ପୂର୍ବାହ୍ନ ୧୧ଟାରୁ ରେଳପଥ ଅବରୋଧ କରାଯାଇଥିଲା।

ପ୍ରଶାସନ ପକ୍ଷରୁ ଗୁରୁବାର ରାତିରୁ ରେଳପଥର ବିଭିନ୍ନ ଲେଭଲ କ୍ରସିଂରେ ୧୬୩ ଧାରା ଲାଗୁ ସତ୍ତ୍ୱେ ଏହି ଆନ୍ଦୋଳନ କରାଯାଇଥିଲା। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ପ୍ରମୁଖ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର, ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଉପସଭାପତି ଚନ୍ଦନ କୁମାର ନାୟକ ପ୍ରମୁଖଙ୍କ ସହ ଉପଜିଲାପାଳ ଚକ୍ରବର୍ତ୍ତୀ ଆଲୋଚନା କରିଥିଲେ। ସଂଘ ସଭାପତି ରାୟ ମହାପାତ୍ର ଦର୍ଶାଇଥିଲେ, ଦୀର୍ଘବର୍ଷ ହେଲା ଏହି କମ୍ପାନୀ ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଚାଲିଛି। ବିଭିନ୍ନ ସମୟରେ ଏନେଇ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଜିଲାର ଟ୍ରକ୍ ଓ ଟିପ୍ପର ମାଲିକମାନେ କାମ ନ ପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଧାମରା ନିକଟବର୍ତ୍ତୀ ଅଞ୍ଚଳର ବାଂଲାଦେଶୀ ଅନୁପ୍ରବେଶକାରୀମାନେ କମ୍ପାନୀରୁ ଫାଇଦା ଉଠାଇ ମାଲାମାଲ ହେଉଛନ୍ତି। ଉପସଭାପତି ନାୟକ, ବିଶ୍ୱକର୍ମା ଟ୍ରକ୍ ଚାଳକ ସଂଘ ସଭାପତି ପ୍ରଫୁଲ୍ଲ ପୃଷ୍ଟି ମଧ୍ୟ ସମାନ ଅଭିଯୋଗ ଉଠାଇଥିଲେ। ଧାମରା ନିକଟ ୭ ପଞ୍ଚାୟତର ଟ୍ରକ୍ ଓ ଟିପ୍ପର ମାଲିକମାନେ ଯଥେଷ୍ଟ ଫାଇଦା ପାଉଛନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ସେମାନେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯିବ ଏବଂ ସଂଘର କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଶୋକ କୁମାର ପରିଜା, ମନମୋହନ ପୃଷ୍ଟି, ରଥିଆ ବାରିକ, ସୁଶାନ୍ତ ଗୁଇଁ, ରଜତ କୁମାର ପତି, ଗୁରୁପଦ ସାହୁ, ଆଲୋକ ବାରିକ, ତାଳଧ୍ୱଜ ବେହୁରା, ଅମର ଦାସ, ରତିକାନ୍ତ ମହାକୁଡ଼, ବିପିନ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତି, ଅଜୟ ଦାସ ପ୍ରମୁଖ ସଂଘ କାର୍ଯ୍ୟକର୍ତ୍ତା ଆନ୍ଦୋଳନରେ ସାମିଲ ଥିଲେ। ତେବେ ଏହି ଆନ୍ଦୋଳନ ଫଳରେ ରେଳପଥର ଉଭୟ ପାର୍ଶ୍ୱରେ ୨ ଘଣ୍ଟା ମାଲ୍‌ବାହୀ ଟ୍ରେନ୍ ଅଟକି ରହିଥିଲା।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର- ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛି ଯେଉଁଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ: **କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଏଚ୍‌କ୍ୟୁ-୦୫-୨୦୨୬;** ଏଡିଇଏନ୍/ସେଟଲମେଣ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁରଠାରେ (i) ୩ୟ ଆଭେନ୍ୟୁରେ ବାଉଣ୍ଡରୀ ୱାଲ୍ ନିର୍ମାଣ ଏବଂ (ii) ସାଉଥ୍ ଇନ୍‌ଷ୍ଟିଚ୍ୟୁଟ୍ ଅଡିଟୋରିୟମ୍ ହଲ୍‌ର ମରାମତି ଓ ନବୀକରଣ; ₹୭୭,୬୯,୯୯୯.୭୯; ₹୧୫୫୪୦୦.୦୦। **(୨); ଇ-କେଜିପି-ଏଚ୍‌କ୍ୟୁ-୦୬-୨୦୨୬;** ଏଡିଇଏନ୍/ସେଟଲମେଣ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏସ୍‌ଏସ୍‌ଇ(ଡବ୍ଲ୍ୟୁ)/ଉତ୍ତର-ପୂର୍ବ/ଖଡ଼ଗପୁରଙ୍କ ସେକ୍ସନରେ ଗୋଲେଖୁଲି କ୍ୱାର୍ଟର୍ ଏବଂ ୪ଟି ଟ୍ରାଫିକ୍ କଲୋନୀରେ ୩୪୮ ୟୁନିଟ୍‌ର ଲିକ୍ ହେଉଥିବା ଛାତର ଉପଚାର (ଗୋଲେଖୁଲି ଟାଇପ୍-I କ୍ୱାର୍ଟର୍ସର ୨୧୬ ଏବଂ ୪ଟି ଟ୍ରାଫିକ୍ କଲୋନୀ ଟାଇପ୍-II କ୍ୱାର୍ଟର୍ସର ୧୩୨ ୟୁନିଟ୍); ₹୧,୧୯,୭୦,୫୯୧.୨୯; ₹୨,୦୯,୯୦୦.୦୦; **(୩); ଇ-କେଜିପି-ଏଚ୍‌କ୍ୟୁ-୦୭-୨୦୨୬;** ଏଡିଇଏନ୍/ତାମଲୁକ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ପଂସକୁରା-ହଳଦିଆ ଏବଂ ତାମଲୁକ୍-ଦିଘା ସେକ୍ସନରେ ୮୪ ଗୋଟି ଏଲ୍‌ସିଠାରେ ରବରାଇଜ୍‌ଡ ସାମଗ୍ରୀ ଯୋଗାଇ ସଡ଼କ ପୃଷ୍ଠଭାଗକୁ ଉନ୍ନତ କରିବା; ₹୮,୮୨,୫୫,୪୫୫.୬୦; ₹୫,୯୧,୩୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ : ₹୦.୦୦ (କ୍ର.ସଂ. ୧ରୁ ୩ ପାଇଁ); ଖୋଲାଯିବା ତାରିଖ:** ତା୧୭।୦୩।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ) ଏବଂ ତା୨୩।୦୩।୨୦୨୬ରିଖ (କ୍ର.ସଂ. ୩ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୩ ପାଇଁ); ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୦୧, ୦୨ ପାଇଁ ତା୦୩।୦୩।୨୦୨୬ରିଖଠାରୁ ତା୧୭।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୦୩ ପାଇଁ ତା୦୯।୦୩।୨୦୨୬ରିଖଠାରୁ ତା୨୩।୦୩।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ; ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-1244)**

## STATE HIGHWAYS AUTHORITY OF JHARKHAND
### Government of Jharkhand

**e-procurement Notice inviting RFP** for
Engineering, Procurement & Construction (EPC)
**Ref No: SHAJ/Tech/CW/Jainamore to Phusro/2026/147Date: 27.02.2026**

1. State Highways Authority of Jharkhand, Ranchi invites Request for Proposal for Engineering Procurement & Construction basis from eligible bidders for " **Widening & Strengthening work of Jainamore (Tilka manjhi chowk) to Phusro (Nirmal mahato chowk) (MDR-077) from 2 lane to 2 lane paved shoulder on EPC mode**. The approximate cost of the work is Rs **125.45** Crore.
2. The interested bidders who have experience in execution of similar works and required technical & financial strength may obtain Request for Proposal (RFP) document for Engineering, Procurement & Construction document from e-tendering portal www.jharkhandtenders.gov.in from **12.03.2026 (03:30 P.M.) to 13.04.2026 (upto 12:30 P.M.).** The complete RFP Application shall be submitted online by **13.04.2026 (upto 12:30 PM)** on e-tendering portal www.jharkhandtenders.gov.in All the details regarding this RFP will be available on the above mentioned website. It will opened on **15.04.2026 (at 12:30 PM).**
3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of **Rs. 1.26 Crore (Rupees One Crore Twenty Six Lakh Only)**. Tender fees and Earnest money Deposit(EMD) shall be deposited online as per Information technology & E-Governance Department order no 120 dated 03.10.2023.
4. ***No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.*** **The cost of the work and Bid Security (EMD) may change.**

**Sd/-**
**Member (Technical)**
**State Highways Authority of Jharkhand**
**Deen Dayal Nagar**
**(Near Office of Executive Engineer, NH Division, Ranchi)**
**Booty Road, Ranchi-834008. Ph.: 0651-2361306,**
**E-mail: membertechnical.shaj3@gmail.com**

PR.NO.373743 State Highway Authority of Jharkhand(25-26):D

## CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

### WANTED
Urgently required. **4 nos Sales Officer** for sales of **Sumeet Mixer cum Grinder, Air Cooler, Fan & Lapkon Wire** throughout Odisha. And also need **Office boy, Receptionist, Technician** :
**Contact- Manpreet Enterprises**
Plot No-58, Bapujinagar, 2nd floor, BBSR-751009
**7008485542**

### URGENT REQUIRES
1. Experienced Driver: 2 Nos
2. House Keeping Boy: 2 Nos
3. Indian Cook: 2 Nos
**For a Guest House at Bhubaneswar**
**CONTACT: 7656915989**

### WANTED
Good knowledge in computer skills having DCA and PGDCA certificates, candidates are requested to submit the Biodata with computer course certificate to the **Mobile Number : 9437342045**

### WANTED
Interested Candidates may send their CV to Whatsapp No- **9668135323** for the Post of Computer Asst. for a Law Firm at BBSR.

### WANTED
Urgently require one experienced **GENERAL MANAGER** (Salary - Rs.30,000/-) & some experienced **MARKETING EXECUTIVES** (Salary - Rs.10,000/-) for SPPL (Reputed Real Estate Company) of N1/200, IRC Village, Nayapalli, Bhubaneswar.
**Contact: 9090963951 (10 A.M. to 7 P.M.)**

### JOB OPENING
**MARKETING EXECUTIVE**
at
**SAI ENGINEERING INFRA SOLUTIONS**
TRISULIA, BELAGACHHIA, BARANG, CUTTACK-754005
- We seek a Marketing Executive with Graduation or equivalent qualification
- 3+ years of experience in marketing PEB or Rice Mill Machinery
- Expertise in Rice Mill Machinery & Pre Engineering Building

CONTACT DETAILS
Email: info.saieng@gmail.com
Mob: 9658562646, 8480808309

### ଆବଶ୍ୟକ
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

See Career Appointment on every Wednesday & Saturday

## ଜିଲ୍ଲା ନିବନ୍ଧନ କାର୍ଯ୍ୟାଳୟ, ଢେଙ୍କାନାଳ
### ସଂଶୋଧନ ନୋଟିସ

ସଂଖ୍ୟା: ୩୦୪ — ତାରିଖ: ୨୬।୦୨।୨୦୨୬

No. 24001/57/2526: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୋଟିସ ସଂଖ୍ୟା ୨୭୭ ତା୨୪।୦୨।୨୦୨୬ରେ ପ୍ରକାଶିତ ହୋଇଥିବା ସମୟସୀମା ୮ଦିନ ପରିବର୍ତ୍ତେ ୩୦ଦିନ ଲେଖା ହୋଇଥିଲା ତାହାକୁ ସଂଶୋଧନ କରାଯାଇ ୮ଦିନ କରାଗଲା।
ଯଥା ଓଡ଼ିଶା ଷ୍ଟାମ୍ପ ସଂଶୋଧନ ନିୟମ, ୨୦୨୫ ଅନୁଯାୟୀ ଜିଲ୍ଲା ମୂଲ୍ୟାୟନ କମିଟି, ଢେଙ୍କାନାଳର ଅନୁମୋଦନକ୍ରମେ ଢେଙ୍କାନାଳ ଜିଲ୍ଲା ଅଧୀନସ୍ଥ ସମସ୍ତ ରାଜସ୍ୱ ଗ୍ରାମମାନଙ୍କ ଜମି ଅଧୀନସ୍ଥ ପ୍ଲଟ୍‌ଗୁଡ଼ିକର ସରକାରୀ ମୂଲ୍ୟ ପୁନଃ ନିର୍ଦ୍ଧାରଣ କରାଯାଇଅଛି।
ଉକ୍ତ ମୂଲ୍ୟାୟନର ନକଲ ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମ୍ପୃକ୍ତ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟମାନଙ୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଯାଇଅଛି।
ଉକ୍ତ ମୂଲ୍ୟାୟନ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର ଅଭିଯୋଗ ଥାଏ, ପ୍ରାମାଣିକ ତଥ୍ୟ ସହ ସେ ସମ୍ପୃକ୍ତ ନିବନ୍ଧନ ଅଧିକାରୀଙ୍କ ପାଖରେ ଏହି ନୋଟିସ ପ୍ରକାଶନର ୦୮ (ଆଠ) ଦିନ ମଧ୍ୟରେ ଅଫିସ୍ କାର୍ଯ୍ୟଦିବସରେ ଅଭିଯୋଗ କରିପାରିବେ। ନିର୍ଦ୍ଧାରିତ ସମୟ ଗତେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

ଜିଲ୍ଲାପାଳଙ୍କ ଆଦେଶକ୍ରମେ
OIPR-24001/24396/1/25-26/0002 — ସ୍ୱା./- ଜିଲ୍ଲା ଉପନିବନ୍ଧକ, ଢେଙ୍କାନାଳ

## Government of Odisha
No.19001/57/2526
### PANCHAYAT SAMITI OFFICE, BHATLI, DIST-BARGARH
**INVITATION FOR BIDS (IFB)**
**Bid Identification No.02/2025-26 Panchayat Samiti, Bhatli, Dist.-Bargarh**

1) **The Block Development Officer, Bhatli, Dist-Bargarh** on behalf of Governor of Odisha invites **Percentage Rate** bid **in ONLINE MODE** for the **Building Work** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Works : **01 (One) No.**
3) Cost of Tender Paper : **Rs.11800/-**
4) Class of Contractor : **"A" class contractor**
5) Date & Time of available in website & receipt of Bids : **11:00 Hrs. of 25.02.2026 to 17:00 Hrs of 11.03.2026**
6) Date of opening of Bid : **12.03.2026 at 11:00 Hrs**
7) The Bidders have to participate in ONLINE bidding only. Further details can be seen from the State Govt. Portal website ***https://tendersodisha.gov.in***

**Sd./- Block Development Officer, Bhatli**
OIPR-19001/19193/1/25-26/0001

## OFFICE OF THE MUNICIPAL COUNCIL, NAYAGARH
**No.400 / Dt.20.02.2026**
### QUOTATION CALL NOTICE
**No.13001/425/2526** : Sealed quotations are invited from reputed / Firm / Agency / Proprietor for **"Supplying Steel Godrej, Steel Rack, Chair and Table to Municipality Office, Nayagarh"**. The above goods should be good quality and guarantee within 02 years only. As per detailed specification, terms and conditions in separate schedule, which may be obtained from office of the Municipal Council, Nayagarh on any working days from **Dt.23.02.2026** to **Dt.05.03.2026** up to **5.00 PM** on payment of **Rs.600/-** towards cost of Bid document & E.M.D. of **Rs.2,000/-** in shape of Cash Deposit Receipt of Nayagarh Municipality/Bank Draft / Pay Order, drawn on any Nationalised Bank, in favour of Executive Officer, Nayagarh Municipality, payable at Nayagarh. All Quotation are to be received in this office of the undersigned during office hour up to on **dt.07.03.2026** up to **2.00 PM** and the same will be open on **Dt.09.03.2026** at **12.00 Noon** in the Chamber of the Executive Officer, Nayagarh Municipality in presence of the quotationers or their authorised representative to remain present at that time. Other terms and conditions can be seen in the DTCN documents.
The authority reserves the right to reject any or all the quotation without assigning any reasons thereof.

**Sd./- Executive Officer, Nayagarh Municipality**
OIPR-13001/13134/1/25-26/0018

## OFFICE OF THE COLLECTOR & DISTRICT MAGISTRATE, DHENKANAL (SOCIAL WELFARE SECTION)
e-mail : dswodhenkanal@od.gov.in, Phone : 06762-224481
**Tender No : 724 /SW, Dt. 25.02.2026**
### TENDER CALL NOTICE
**No.24001/55/2526** : Sealed tenders are invited from reputed and registered service providers for providing **manpower services of 16 Help Desk Professionals** (at the rate of **2 per ICDS Office**) for ICDS Offices under **SUBHADRA**, Dhenkanal District, for the period from **April, 2026 to March, 2027**.The tender document along with all relevant information can be obtained from the official website of Dhenkanal District: **https://dhenkanal.odisha.gov.in**. Any corrigendum(s) related to this tender will also be published in the **Tender** section of the same website.

**Sd./- District Social Welfare Officer, Dhenkanal**
OIPR-24001/24066/1/25-26/0001

## OFFICE OF THE NOTIFIED AREA COUNCIL, BANPUR
**E-PROCUREMENT NOTICE**
**Bid Reference No. : E.O-N.A.C-BNR-03/2025-26**
**Tender Call Notice No. 348/Dt.21.02.2026**
**No.13001/420/2526** : The Executive Officer on behalf of Banpur NAC invites percentage Bid through e-procurement in single cover system according to norm of e-procurement.

1. Type of Works : Civil construction works as in the D.T.C.N.
2. Total No. of works : **13 Nos.**
3. Tender Amount Cost : As per DTCN
4. Period of Completion : 90 days
5. Date and time of availability of Bid Documents in the Portal : From **10.00 A.M.** of **Dt.25.02.2026** to **5.00 P.M.** of **Dt.12.03.2026**
6. Date & Time of Opening of Tender : **Dt.13.03.2026** at **11.30 A.M.**

Further amendments, corrigendum or other communication regarding this letter will be available only on https://www.tendersodisha.gov.in and will not be published in print media.

**Sd./- Executive Officer, Banpur NAC**
OIPR-13001/13177/1/25-26/0023

## VSS INSTITUTE OF MEDICAL SCIENCES & RESEARCH (VIMSAR)
**Ayur Vihar, Burla, Sambalpur, Odisha-768017**
**Advertisement for the Post of Medical Officer (Contractual) at ART Centre, VIMSAR, Burla, Sambalpur**
**Advt. Notice No. 1623/ Dean, VIMSAR/ Dt. 25.02.2026**
**No.11001/42/2526** : Walk-in-Interview for fill up the above-mentioned vacant post at ART Centre, VIMSAR, Burla. The details of educational qualification, selection procedure, terms and conditions etc. are published in the institute website : **www.vimsar.ac.in** and Sambalpur district website - sambalpur.odisha.gov.in.
**Date of Walk-in-Interview : 10.03.2026.**
**Venue :** Conference Hall, Office of the Dean & Principal, VIMSAR, Burla.

**Sd./- Dean & Principal, VIMSAR, Burla**
OIPR-11001/11056/1/25-26/0002

## NOTICE INVITING TENDER
### OFFICE OF THE NOTIFIED AREA COUNCIL, RANPUR
NAYAGARH (ODISHA), PIN-752026
e-Mail : eoranpurnac.ranpur@gmail.com
No.13001/430/2526
Tender Call Notice No. 497 — Dt. 24.07.2026
E-Procurement Notice No. : **RNP NAC - 07 / 2025-26**

| | |
|---|---|
| Name of the Work | Individual Civil Construction Works as per DTCN |
| No. of Works | **26 Nos** |
| Value of Work | As per DTCN |
| Class of Contractor | **"D" & "C"** |
| Period of Completion | As per DTCN |
| Date of Publication | **28.02.2026** |
| Date and Time of availability of document in the portal | From **Dt.28.02.2026** at **11 A.M.** to **Dt.09.03.2026** up to **5 P.M.** |
| Last Date, Time for receipt of bids in portal | **Dt.09.03.2025** upto **5 P.M.** |
| Date and Time of opening Bid | **Dt.10.03.2026** at **11.30 A.M.** |
| Name and address of the officer inviting bid | Sd./- Executive Officer, NAC, Ranpur |

Further details can be seen from e-Procurement portal **https://tendersodisha.gov.in**
OIPR-13001/13196/1/25-26/0001

## OFFICE OF THE ROURKELA MUNICIPAL CORPORATION, ROURKELA
**INVITATION FOR BID**
**No. 2705 Dated : 26.02.2026**
**Bid Identification No. :- MC/RMC/16/2026**
**No.13001/428/2526** : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in double cover on online Mode. Bid Identification **No.MC/RMC/16/2026** for **02** nos. Civil work with value of **Rs. 81.57 Lakh to Rs. 81.82 Lakh**.

1. Bid documents will be available in website www.tendersorissa.gov.in from **26.02.2026**.
2. Bids must be submitted on "online" on or before **11.03.2026 by 17.00 hours.**
3. Bids shall be opened at 11.00 hours on **12.03.2026** in the office of the undersigned in the presence of the bidders or their authorized agents.
4. Other details will be available in the website : tendersorissa.gov.in

**Sd./- Municipal Commissioner, Rourkela Municipal Corporation**
OIPR-13001/13131/1/25-26/0038

## OFFICE OF THE MUNICIPAL COUNCIL, SONEPUR
**"e" Procurement Notice**
**BID Identification No. : SNP-MUN-35/2025-26**
**TENDER ID : 2026_ORULB_126427**
**Tender Call Notice No. 469/Date. 21.02.2026**
**No.13001/422/2526** : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : **2 Nos.**
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From **Dt.24.02.2026** from **11.00 A.M.**
6. Last Date & Time for Receipt of tenders through online : On or before **Dt.10.03.2026** up to **05.00 P.M.**
7. Bids received online shall be opened on : On **Dt.11.03.2026** at **11.00 A.M.**
8. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in

**Sd./- Executive Officer, Sonepur Municipality**
OIPR-13001/13098/1/25-26/0003

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୮/୨୦୨୬ Bhubaneswar, Saturday, February 28/ 2026

# ଇଂଲଣ୍ଡ ବିଜୟୀ, ନ୍ୟୁଜିଲାଣ୍ଡର ପ୍ରତୀକ୍ଷା ବଢ଼ିଲା

**କଲମ୍ବୋ, ୨୭।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସୁପର-୮ ମ୍ୟାଚରେ ଇଂଲଣ୍ଡ ୪ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଫଳରେ ନ୍ୟୁଜିଲାଣ୍ଡର ସେମିଫାଇନାଲ ପ୍ରବେଶ ପ୍ରତୀକ୍ଷା ବଢ଼ିଛି। ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୫୯ ରନ କରିଥିଲା। ଜବାବରେ ଇଂଲଣ୍ଡ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରି ନେଇଥିଲା। ପୂର୍ବରୁ ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରି ସାରିଛି। ମ୍ୟାଚ ଏକଦା ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ଥିଲା। ମାତ୍ର ଗ୍ଲେନ ଫିଲିପ୍ସ ବୋଲିଂ କରିଥିବା ୧୮ତମ ଓଭରରୁ ୨୨ ରନ ସଂଗ୍ରହ କରି ଇଂଲଣ୍ଡ ମୋମେଣ୍ଟମ ହାସଲ କରିଥିଲା। ୱିଲ ଜ୍ୟାକ୍ସ (୧୮ ବଲ୍‌ରୁ ୩୨)ଓ ରେହନ ଅହମଦ(୭ ବଲ୍‌ରୁ ୧୯ ରନ) ଅସମାପ୍ତ ୭ମ ଉଇକେଟରେ ୧୬ ବଲ୍‌ରୁ ୪୪ ରନର ଭାଗୀଦାରି ଗଢ଼ି ଇଂଲଣ୍ଡକୁ ବିଜୟୀ କରିଥିଲେ। ଟମ୍ ବାଣ୍ଟନ ୩୩ ଓ ଅଧିନାୟକ ହ୍ୟାରି ବ୍ରୁକ୍ ୨୬ ରନର ଯୋଗଦାନ ଦେଇଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ରାଚିନ ରବୀନ୍ଦ୍ର ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ପରାଜୟ ଫଳରେ ଏବେ ନ୍ୟୁଜିଲାଣ୍ଡକୁ ପାକିସ୍ତାନ-ଶ୍ରୀଲଙ୍କା ମ୍ୟାଚର ଫଳାଫଳକୁ ଅପେକ୍ଷା କରିବାକୁ ହେବ। କାରଣ ନ୍ୟୁଜିଲାଣ୍ଡର ପଏଣ୍ଟ ସଂଖ୍ୟା ଏବେ ୩ ରହିଛି। ଅନ୍ୟପକ୍ଷରେ ଯଦି ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନ ବିଜୟୀ ହୁଏ ତେବେ ୩ ପଏଣ୍ଟରେ ପହଞ୍ଚିବ। ଏ କ୍ଷେତ୍ରରେ ରନହାର ନିର୍ଣ୍ଣାୟକ ଭୂମିକା ନେବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଦୁଇ ଓପନର ଟମ୍ ସିଫର୍ଟ ଓ ଫିନ୍ ଆଲେନ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭର ବେଳକୁ କୌଣସି ଉଇକେଟ ନ ହରାଇ ଦଳର ରନ ସଂଖ୍ୟାକୁ ୫୪ରେ ପହଞ୍ଚାଇଥିଲେ। ମାତ୍ର ପରେ ୨ ରନ ବ୍ୟବଧାନରେ ୨ ଉଇକେଟ ଅକ୍ତିଆର କରି ଇଂଲଣ୍ଡ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୭ମ ଓଭରର ଶେଷ ବଲ୍‌ରେ ସିଫର୍ଟ (୩୫)ଙ୍କୁ ଆଡିଲ ରଶିଦ ଏବଂ ୮ମ ଓଭରର ୪ର୍ଥ ବଲ୍‌ରେ ଆଲେନ(୨୯)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ୱିଲ୍ ଜ୍ୟାକ୍ସ। ପରେ ଗୋଟିଏ ପଟରେ ଗ୍ଲେନ୍ ଫିଲିପ୍ସ ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟପଟରେ ରାଚିନ ରବୀନ୍ଦ୍ର ୧୧, ମାର୍କ ଚାପମାନ ୧୫ ଓ ଡାରିଲ ମିଚେଲ ୩ ରନକରି ଆଉଟ ହେବାରୁ ନ୍ୟୁଜିଲାଣ୍ଡ ମୋମେଣ୍ଟମ ହରାଇଥିଲା। ଫିଲିପ୍ସ ୨୮ ବଲ୍‌ରୁ ୩୯ (୪ ଚୌକା, ୧ ଛକା) କରି ଆଉଟ ହେବାସହ ନ୍ୟୁଜିଲାଣ୍ଡର ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଆଡିଲ ରଶିଦ, ୱିଲ୍ ଜ୍ୟାକ୍ସ ଓ ରେହାନ ଅହମଦ ୨ଟି ଲେଖାଏ ଏବଂ ଲିଆମ ଡସନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୯/୭(ଗ୍ଲେନ ଫିଲିପ୍ସ-୩୯, ଟିମ୍ ସିଫର୍ଟ-୩୫, ଫିନ୍ ଆଲେନ-୨୯, ଆଡିଲ ରଶିଦ-୨/୨୮, ୱିଲ ଜ୍ୟାକ୍ସ-୨/୨୩, ରେହାନ ଅହମଦ-୨/୨୮, ଲିଆମ ଡସନ-୧/୩୨)। ଇଂଲଣ୍ଡ ୧୯.୩ ଓଭରରେ ୧୬୧/୬ (ୱିଲ ଜ୍ୟାକ୍ସ-୩୨*, ଟମ୍ ବାଣ୍ଟନ-୩୩, ହ୍ୟାରି ବ୍ରୁକ୍-୨୬, ସାମ୍ କୁରାନ-୨୧, ରାଚିନ ରବୀନ୍ଦ୍ର-୩/୧୯, ମ୍ୟାଟ ହେନରି-୧/୧୯, ଲୋକି ଫର୍ଗୁସନ-୧/୧୪, ଗ୍ଲେନ ଫିଲିପ୍ସ୧/୪୩)।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ୱିଲ ଜ୍ୟାକ୍ସ।

**ଟି୨୦ ବିଶ୍ୱକପ୍**

(ଆଜିର ମ୍ୟାଚ୍)

**ପାକିସ୍ତାନ ବନାମ ଶ୍ରୀଲଙ୍କା**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ଜାମସେଦପୁର ବିଜୟୀ

**କୋଲକାତା, ୨୭।୨ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍‌ରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜମସେଦପୁର ଏଫ୍‌ସି ୨-୧ରେ ଇଷ୍ଟବେଙ୍ଗଲକୁ ହରାଇଛି। ଦଳକୁ ବିଜୟୀ କରାଇବାରେ ବଦଳ ଖେଳାଳି ରେଇ ତାଚିକାୱାଙ୍କର ବଡ଼ ଭୂମିକା ରହିଛି। ଭ୍ରମଣକାରୀ ଦଳର ଏହା ତୃତୀୟ ବିଜୟ। ତିନୋଟି ମ୍ୟାଚ୍‌ରୁ ଦଳ ୯ ପଏଣ୍ଟ ଅର୍ଜନ କରି ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ପ୍ରଥମ ପରାଜୟ ପରେ ପୂର୍ବ ଭଳି ଏହାର ପଏଣ୍ଟ ସଂଖ୍ୟା ୬ ରହିଛି। ଏଡ୍‌ମଣ୍ଡ ଲାଲରିଣ୍ଡିକା ଖେଳର ୪୦ତମ ମିନିଟ୍‌ରେ ମ୍ୟାଚ୍‌ର ପ୍ରଥମ ଗୋଲ ସ୍କୋର କରି ଇଷ୍ଟବେଙ୍ଗଲକୁ ୧-୦ ଗୋଲ୍‌ରେ ଅଗ୍ରଣୀ କରାଇଥିଲେ। ଜାମସେଦପୁର ୬୧ତମ ମିନିଟ୍‌ରେ ଷ୍ଟିଫେନ ଇଜିଙ୍କ ଗୋଲ୍ ଜରିଆରେ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ତେବେ ୮୭ତମ ମିନିଟ୍‌ରେ ବଦଳ ଖେଳାଳି ରେଇ ତାଚିକାୱାଙ୍କ ଗୋଲ୍ ଯୋଗୁ ଜାମସେଦପୁର ମ୍ୟାଚ୍‌କୁ ୨-୧ ଗୋଲ୍‌ରେ ଜିତି ନେଇଥିଲା।

**ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ଦ.ଆଫ୍ରିକା | ୨ | ୨ | ୦ | ୦ | ୪ | +୨.୮୯୦ |
| ୱେଷ୍ଟଇଣ୍ଡିଜ୍ | ୨ | ୧ | ୧ | ୦ | ୨ | +୧.୭୯୧ |
| ଭାରତ | ୨ | ୧ | ୧ | ୦ | ୨ | -୦.୧୦୦ |
| ଜିମ୍ବାୱେ | ୨ | ୦ | ୨ | ୦ | ୦ | -୪.୪୭୫ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୩ | ୩ | ୦ | ୦ | ୬ | +୧.୦୯୬ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୩ | +୧.୩୯୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

## ମହିଳା ଆଥ୍‌ଲେଟ୍‌ଙ୍କ ହେବ ଏସ୍‌ଆରୱାଇ ଜେନେ ଟେଷ୍ଟ

**ନୂଆଦିଲ୍ଲୀ, ୨୭।୨ (ପି.ଟି.)**

ଜାତୀୟସ୍ତର ମହିଳା ପ୍ରତିଯୋଗିତାଗୁଡ଼ିକରେ ଯେପରି କେବଳ ବାୟୋଲଜିକାଲ ମହିଳାମାନେ ଅଂଶଗ୍ରହଣ କରିପାରିବେ ତାହାକୁ ନଜରରେ ରଖି ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ତରଫରୁ ଚଳିତବର୍ଷ ଏସ୍‌ଆର୍‌ୱାଇ (ସେକ୍ସ ଡିଟରମିନିଙ୍ଗ ରିଜିଅନ ୱାଇ) ଜେନେ ଟେଷ୍ଟର ପ୍ରଚଳନ କରାଯିବ। ନିକଟରେ ଏଏଫ୍‌ଆଇ କାର୍ଯ୍ୟନିର୍ବାହୀ ପରିଷଦର ଏକ ବୈଠକ ବସିଥିଲା। ଗବେଷଣା ଓ ବିକାଶ ପାଇଁ ଆଗାମୀ ଆଥ୍‌ଲେଟମାନଙ୍କର ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି ଏକ ପ୍ରସ୍ତାବ ଏଥିରେ ଗୃହୀତ ହୋଇଥିଲା। ସଂଗ୍ରହ କରାଯାଇଥିବା ରେକର୍ଡକୁ ଗୋପନ ରଖାଯିବ। ଏଏଫ୍‌ଆଇ ଦ୍ୱାରା ଜାରି କରାଯାଇଥିବା ଏକ ସର୍କୁଲାରରେ ଦର୍ଶାଯାଇଛି ଯେ, ଏଣିକି ଜାତୀୟସ୍ତର ପ୍ରତିଯୋଗିତାଗୁଡ଼ିକରେ ଏସ୍‌ଆର୍‌ୱାଇ ଜେନେ ଟେଷ୍ଟ ବାଧ୍ୟତାମୂଳକ ହେବ। କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଫେବୃଆରୀ ୧୪ ଓ ୧୫ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପୋର୍ଟବ୍ଲେୟାରରେ ଅନୁଷ୍ଠିତ ହୋଇଥିଲା।

**ଭାରତ ତୀର୍ଥ ସାଥୀ ପ୍ୟାକେଜ୍ ଟୁର୍**

ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.୯୪୩୭୭୫୩୫୮୮/୯୬୯୨୫୭୪୯୬୨

**୧ମ ଯାତ୍ରା (ପୂର୍ବ ଭାରତ ଓ ନେପାଳ, କାଠମାଣ୍ଡୁ):** ୦୯-୦୫-୨୦୨୬ ଦାର୍ଜିଲିଂ, ଗ୍ୟାଙ୍ଗଟକ୍, କାଠମାଣ୍ଡୁ, କନକପୁର, ଗୌହାଟୀ, ସିଲଂ, ଚେରାପୁଞ୍ଜି ହୋଇ ୨୨-୫-୨୬ରେ ପୁରୀ ପ୍ରତ୍ୟାବର୍ତ୍ତନ ଓ ଯାତ୍ରା ଶେଷ । **୨ୟ ଯାତ୍ରା (ଉତ୍ତର ଭାରତ)** - ତା.୨୫.୫.୨୬ ପୁରୀ/ଭୁବନେଶ୍ୱରରୁ ବାହାରି ଏହ୍ଲାବାଦ (ତ୍ରିବେଣୀ ଅସ୍ଥିବିସର୍ଜନ), ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା, ଜାମ୍ମୁ-ବୈଷ୍ଣୋଦେବୀ, ଅମୃତସର, (ୱାଘା ସ୍ୱର୍ଣ୍ଣମନ୍ଦିର, ପାକିସ୍ତାନ ସୀମାରେ ମାର୍ଚ୍ଚିଂ) ହରିଦ୍ୱାର, ଋଷିକେଶ, ବଦ୍ରିନାଥ, କେଦାରନାଥ, ଅଯୋଧ୍ୟା, କାଶୀ, ଗୟା ହୋଇ ତା.୧୨.୬.୨୬ରେ ପୁରୀ ପହଞ୍ଚିବେ । **୩ୟ ଯାତ୍ରା (ଉତ୍ତରାଖଣ୍ଡ ଚାରିଧାମ)** -ତା.୨୬.୫.୨୬ ପୁରୀ/ଭୁବନେଶ୍ୱରରୁ ବାହାରି ହରିଦ୍ୱାର, ଗଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ, ବଦ୍ରିନାଥ ହୋଇ ହରିଦ୍ୱାର ପହଞ୍ଚିବେ । ଏଠାରୁ ଅଯୋଧ୍ୟା, କାଶୀ, ଗୟା ହୋଇ ତା.୧୨.୬.୨୬ରେ ପୁରୀ ପହଞ୍ଚିବେ । ଯେଉଁମାନେ ହରିଦ୍ୱାରରୁ ସିଧା ପୁରୀ ଫେରିବେ ସେମାନେ ୨ ହଜାର ଟଙ୍କା କମ୍ ଦେବେ । **ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ଓ ଉତ୍ତମ ବ୍ୟବହାର । ଟିକେଟ୍‌ର ମୂଲ୍ୟ-** ତ୍ରିତଳ ଶୟନ ଯାନ ରେଳଭଡ଼ା+ ଦୁଇବେଳା ଖାଦ୍ୟ+ ଧର୍ମଶାଳା/ଲଜିଂ ରହଣି+ ଦର୍ଶନୀୟ ସ୍ଥାନ ଭ୍ରମଣ ସହ ଜଣ ପ୍ରତି ୧ମ ଯାତ୍ରା-୨୭,୫୦୦/-, 3AC.ରେ ଟ.୩୦,୫୦୦/-, ୨ୟ ଯାତ୍ରା-୧୮,୫୦୦/-, 3AC.ରେ ଟ.୨୫,୫୦୦/-, ୩ୟ ଯାତ୍ରା ଟ.୨୦,୫୦୦/-, 3AC.ରେ ଟ.୨୫,୫୦୦/- ।

**ଯୋଗାଯୋଗ** ଭୁବନେଶ୍ୱର- ୯୭୭୮୮୯୬୫୪୦, କଟକ, ୭୦୦୮୬୯୩୦୪୪, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ଖୋର୍ଦ୍ଧା- ୯୯୩୭୨୨୭୫୨୫୮, ଢେଙ୍କାନାଳ-୯୩୩୭୧୬୩୫୫୧, ଚୌଦ୍ୱାର-୬୩୭୦୨୫୨୮୧୧, ରାଉରକେଲା-୮୬୩୭୨୩୯୯୪୯, ନିମାପଡ଼ା-୭୯୭୮୭୯୪୬୨୯, ଭବାନୀପାଟଣା-୯୫୮୩୪୭୫୭୪୦, ଯାଜପୁରରୋଡ୍-୯୦୯୦୩୩୨୬୨୮ ।

ବିଜ୍ଞାପନ ପ୍ରକାଶ ପାଇବା ଦିନ ଯୋଗାଯୋଗ ପାଇଁ ଅନୁରୋଧ । ସବିଶେଷ ବିବରଣୀ ପାଇଁ ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ ।

## ଜମ୍ମୁ କଶ୍ମୀର ଟାଇଟଲ ନିକଟତର


ଉଇକେଟ ନେବା ପରେ ଆକିବ ନବିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ରଣଜୀ ଟ୍ରଫି**
**ଆକିବ୍ ନବିଙ୍କୁ ୫ ଉଇକେଟ**

**ହୁବାଲୀ (କର୍ଣ୍ଣାଟକ), ୨୭।୨ (ପି.ଟି.):** କର୍ଣ୍ଣାଟକ ବିପକ୍ଷରେ ପ୍ରଥମ ଇନିଂସରେ ବୃହତ୍ ଅଗ୍ରଣୀ ପରେ ଜମ୍ମୁ କଶ୍ମୀର ପ୍ରଥମଥର ରଣଜୀ ଟ୍ରଫି ଟାଇଟଲ ସଫଳତା ଆଡକୁ ଅଗ୍ରସର ହୋଇଛି। ଶୁକ୍ରବାର ଥିଲା ମ୍ୟାଚର ୪ର୍ଥ ଦିବସ। ଜମ୍ମୁ କଶ୍ମୀର ପ୍ରଥମ ଇନିଂସ ସ୍କୋର ୫୮୪ ରନ ଜବାବରେ କର୍ଣ୍ଣାଟକ ୨୯୨ ରନରେ ଅଲଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳ ୨୯୧ରନ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ଫଲୋଅନ୍ ନ ଦେଇ ଏହାର ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିଲା। ଦଳ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୪ଉଇକେଟ ବିନିମୟରେ ୧୮୬ରନ କରି କର୍ଣ୍ଣାଟକ ବିପକ୍ଷରେ ୪୭୭ ରନ ଅଗ୍ରଣୀ ଲାଭ କରିଛି। ଓପନର କାମରାନ ଇକ୍‌ବଲ ୯୪ ରନ ଏବଂ ସାହିଲ ଲୋତ୍ରା ୧୬ ରନ କରି ଅପରାଜିତ ଅଛନ୍ତି। ଦଳରେ ବହୁ ଷ୍ଟାର ଖେଳାଳି ରହିଥିଲେ ମଧ୍ୟ କର୍ଣ୍ଣାଟକକୁ ଜମ୍ମୁ କଶ୍ମୀରର ଦଳଗତ ପ୍ରଦର୍ଶନ ଆଗରେ ହାର୍ ମାନିବାକୁ ପଡ଼ିଛି। କେବଳ ମୟଙ୍କ ଅଗ୍ରୱାଲଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ଘରୋଇ ବ୍ୟାଟରଙ୍କ ଉଲ୍ଲେଖନୀୟ ଅବଦାନ ରହି ନ ଥିଲା। ଭାରତର ସଦ୍ୟତମ ପେସ୍ ସେନସେଶନ ଜମ୍ମୁ କଶ୍ମୀରର ଆକିବ୍ ନବି ତାଙ୍କ ୨୩ ଓଭର ବୋଲିଂରେ ୫୪ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର : ୫୮୪ ଓ ୧୮୬/୪ (କାମରାନ ଇକ୍‌ବଲ-୯୪*)। କର୍ଣ୍ଣାଟକ ପ୍ରଥମ ଇନିଂସ: ୯୩.୩ ଓଭରରେ ୨୯୩/ଅଲଆଉଟ (ମୟଙ୍କ ଅଗ୍ରୱାଲ-୧୬୦ ; ଆକିବ ନବି-୫/୫୪)।

## ପଣ୍ଡିଚେରୀକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

**ଜାତୀୟ ସବ୍‌ଜୁନିୟର ବାଳିକା ଭଲିବଲ**

ପଶ୍ଚିମବଙ୍ଗର ହୁଗୁଳିଠାରେ ଚାଲିଥିବା ୪୬ତମ ଜାତୀୟ ସବ୍‌ଜୁନିୟର (୧୬ ବର୍ଷରୁ କମ୍) ଭଲିବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ଓଡ଼ିଶା ବାଳିକା ଦଳ ପ୍ରଭାବୀ ପ୍ରଦର୍ଶନ କରି ପଣ୍ଡିଚେରୀକୁ ୩-୦ ସେଟ୍‌ରେ ପରାସ୍ତ କରିଛି। ଉତ୍ତମ କମ୍ବିନେଶନ ସହ ଶୃଙ୍ଖଳିତ ପ୍ରଦର୍ଶନ କରିଥିବା ଓଡ଼ିଶା ୨୫-୨୦, ୨୫-୨୨, ୨୫-୧୯ରେ ବିଜୟ ହାସଲ କରିଛି। ପୂରା ମ୍ୟାଚରେ ଓଡ଼ିଶା ଦଳ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବିପକ୍ଷ ଦଳକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚ ଲାଗି ଶୁଭେଚ୍ଛା ଜଣାଇଛନ୍ତି।

## ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ଆନୁକୂଲ୍ୟରେ ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶାକୁ ମୋଟ ୪ଟି ପଦକ ମିଳିଛି।


**ଜାତୀୟ କରାଟେ ଚାମ୍ପିୟନଶିପ୍**

ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ସାମିଲ। ମହିଳା ବରିଷ୍ଠ ୫୦ କେଜି ଫାଇଟିଂ ବିଭାଗରେ ଲୋମା ସ୍ୱାଇଁ ଏବଂ ୨୧ ବର୍ଷରୁ କମ୍ ମହିଳା ୫୫କେଜି ଫାଇଟିଂ ବିଭାଗରେ ପ୍ରିୟଦର୍ଶିନୀ ଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୬୮ କେଜିରୁ ଅଧିକ ମହିଳା ଫାଇଟିଂ ବିଭାଗରେ ସ୍ୱସ୍ତିକା ବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୨୧ ବର୍ଷରୁ କମ ପୁରୁଷ ୫୫ କେଜି ଫାଇଟିଂ ବିଭାଗରେ ତ୍ରିଲୋଚନ ରାଣା ରୌପ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ପ୍ରଥମ ଦିବସରେ ଭାଲେନା ଭାଲେଣ୍ଟିନା ସିନିୟର ବ୍ୟକ୍ତିଗତ କାଟାରେ ରୌପ୍ୟ ପଦକ ଲାଭ କରିଥିଲେ। ଫଳରେ ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶାକୁ ମୋଟ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ମିଳିଛି। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।



ଅଫିସିଆଲଙ୍କ ଗହଣରେ ପଦକ ବିଜୟୀ କରାଟେକା।

## କିଟ୍‌ରେ ହେବ ବିଶ୍ୱ ବିଚ୍ ଭଲିବଲ୍




**ଭୁବନେଶ୍ୱର, ୨୭।୨ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏଫ୍‌ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ମାର୍ଚ୍ଚ ୪ରୁ ୮ ତାରିଖ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପ୍ରଥମଥର ଲାଗି ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜନ ହେବ। ଏଥିରେ ୫୨ ଦେଶରୁ ୮୨ଟି ଦଳ ଅଂଶଗ୍ରହଣ କରିବେ। ଏହି ଚାମ୍ପିୟନଶିପ୍‌ରେ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତାଙ୍କ ସମେତ ୩୦୬ ଖେଳାଳି ଓ ଅଫିସିଆଲ୍ ଭାଗନେବେ।

**ଭାରତରେ ପ୍ରଥମ ଥର, ୫୨ ଦେଶର ୮୨ ଦଳ**

ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାପକ ଆୟୋଜନ ଆରମ୍ଭ ହୋଇଛି। ଦୂତୀ ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡ଼ିୟମରେ ଏହି ମେଗା ପ୍ରତିଯୋଗିତା ଅନୁଷ୍ଠିତ ହେବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ଖେଳାଳି ଓ ଅଫିସିଆଲଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରିବା ଉପରେ ଅଚ୍ୟୁତ ଗୁରୁତ୍ୱାରୋପ କରିଛନ୍ତି।

ପ୍ରକାଶଯୋଗ୍ୟ, ଗତ ଡିସେମ୍ବରରେ କିଟ୍ ଓ କିସ୍‌ରେ ଅନୁଷ୍ଠିତ ଭଲିବଲ୍ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏଫଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ସଭାପତି ଫାବିଓ ଆଜେଭେଦୋ ଏ ବିଷୟରେ ଘୋଷଣା କରିଥିଲେ। କିଟ୍ ଓ କିସ୍‌ରେ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶକୁ ଦୃଷ୍ଟିରେ ରଖି ୨୦୨୬, ୨୦୨୭ ଓ ୨୦୨୮ ଲଗାତର ୩ ବର୍ଷ ଧରି କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ଆୟୋଜନ ହେବ ବୋଲି ଫାବିଓ ପ୍ରକାଶ କରିଥିଲେ। ଆଗାମୀ ଟୁର୍ନାମେଣ୍ଟ ସମ୍ପର୍କରେ ଅଚ୍ୟୁତ କହିଛନ୍ତି, ‘‘ଆମେ ସବୁବେଳେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରିଆସୁଛୁ। ଭଲିବଲ୍ ଏକ ଗ୍ରାମାଞ୍ଚଳ ଓ ଅଲିମ୍ପିକ୍ କ୍ରୀଡ଼ା ହୋଇଥିବାରୁ ଏହାର ବିକାଶ ପାଇଁ ଗତ ୮ବର୍ଷ ଧରି କିଟ୍ ଓ କିସ୍ ପକ୍ଷରୁ ଲଗାତର ଉଦ୍ୟମ ଜାରି ରହିଛି। ପାରମ୍ପରିକ ଭଲିବଲ୍ ସାଧାରଣତଃ ଗ୍ରାମାଞ୍ଚଳରେ ଖେଳାଯାଇଥାଏ। ମାତ୍ର ଏଥିରେ ଅଲିମ୍ପିକ୍‌ରେ ସୁଯୋଗ ପାଇବା କଷ୍ଟକର। ମାତ୍ର ବିଚ୍ ଭଲିବଲ୍ ୨ଜଣଙ୍କୁ ନେଇ ଖେଳାଯାଏ। ଓଡ଼ିଶାର ବ୍ୟାପକ ବେଳାଭୂମି ରହିଛି, ଏହାକୁ ଦୃଷ୍ଟିରେ ରଖି ଆମେ ଏହି ଯୋଜନା କରିଛୁ। ଖୁବ୍‌ଶୀଘ୍ର ଭାରତୀୟ ବିଚ୍ ଭଲିବଲ୍ ଦଳ ଅଲିମ୍ପିକ୍ସରେ ସୁଯୋଗ ପାଇବାନେଇ ଆମେ ଆଶା ରଖିଛୁ’’। ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଓଡ଼ିଶାରେ ପର୍ଯ୍ୟଟନର ପ୍ରଭୂତ ବିକାଶ ହେବ ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି।

## ପ୍ରଥମ ବିଜୟ ଲକ୍ଷ୍ୟରେ ଚେନ୍ନାଇନ

**ଚେନ୍ନାଇ, ୨୭।୨**

**ଇଣ୍ଡିଆନ ସୁପର ଲିଗ୍**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚକୁ ଇଣ୍ଟର କାଶୀ ସହିତ ଗୋଲଶୂନ୍ୟ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇନ୍ ଏଫ୍‌ସି ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ପାଇନାହିଁ। ତେଣୁ କଳିଙ୍ଗରେ ଉଭୟ ଦଳ ପରସ୍ପରର ସମ୍ମୁଖୀନ ହେବାବେଳେ ପ୍ରଥମ ବିଜୟ ଲକ୍ଷ୍ୟରେ ରହିବେ। ଗତ ସିଜନରେ ଚେନ୍ନାଇନ୍ ଏଫ୍‌ସି ଏଠାରେ ୩-୨ରେ ବିଜୟୀ ହୋଇ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସିର ୫୬୯ ଦିନ ଅପରାଜେୟ ଧାରା ଭାଙ୍ଗିଥିଲା। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୫ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧ ବିଜୟ, ୨ ପରାଜୟ ଓ ୨ ଡ୍ର ରେକର୍ଡ ରଖିଛି। ବର୍ତ୍ତମାନ ଚେନ୍ନାଇନ୍ ଏଫ୍‌ସିର ମୁଖ୍ୟ କୋଚ୍ ଥିବା କ୍ଲିଫୋର୍ଡ ମିରାଣ୍ଡା ପୂର୍ବରୁ ଓଡ଼ିଶା ଏଫ୍‌ସିର କୋଚ୍ ରହି ସାରିଛନ୍ତି। ତେଣୁ ସେ ଏହି ଦଳର ଶକ୍ତି ଓ ଦୁର୍ବଳତା ଜାଣିଛନ୍ତି। ଓଭରଅଲ୍ ରେକର୍ଡ ଦେଖିଲେ ଉଭୟ ଦଳ ମଧ୍ୟରେ ମୋଟ ୨୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଓଡ଼ିଶା ଏଫ୍‌ସି ୮, ଚେନ୍ନାଇନ୍ ଏଫ୍‌ସି ୫ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଅବଶିଷ୍ଟ ୯ଟି ମ୍ୟାଚ ଡ୍ର ରହିଛି।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ)
ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ
(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | |
|---|---|---|
| ୧. ପ୍ରକାଶ ସ୍ଥାନ | - | ଭୁବନେଶ୍ୱର |
| ୨. ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. ମୁଦ୍ରାକରଙ୍କ ନାମ | - | ଆଦ୍ୟାଶା ସତପଥୀ |
| ଜାତୀୟତା | - | ଭାରତୀୟ |
| ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. ପ୍ରକାଶକଙ୍କ ନାମ | - | ଆଦ୍ୟାଶା ସତପଥୀ |
| ଜାତୀୟତା | - | ଭାରତୀୟ |
| ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| ଜାତୀୟତା | - | ଭାରତୀୟ |
| ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ଆଦ୍ୟାଶା ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ଆଦ୍ୟାଶା ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୬

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୮/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 28/2026 Page 16 ₹ 7.00 | BERHAMPUR
୫୨ଶ ଭାଗ ୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 96 ମୂଲ୍ୟ₹୭/-

# ଆଫ୍‌ଗାନିସ୍ତାନ ବିରୋଧରେ ପାକିସ୍ତାନର ‘ଘଜବ ଲିଲ୍ ହକ୍’



ପାକିସ୍ତାନ ଆକ୍ରମଣରେ ଆଫ୍‌ଗାନିସ୍ତାନର ନଙ୍ଗରହାର୍ ପ୍ରଦେଶରେ ଧ୍ୱସ୍ତ ହୋଇଯାଇଥିବା ଏକ ଇଲାକା।

**ଇରାନ ଉପରେ ଆମେରିକାର ଆକ୍ରମଣ ଆଶଙ୍କାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଇତିମଧ୍ୟରେ ପାକିସ୍ତାନ ଓ ଆଫ୍‌ଗାନିସ୍ତାନ ମଧ୍ୟରେ ଯୁଦ୍ଧପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଛି। ଗୁରୁବାର ସନ୍ଧ୍ୟାରେ ତାଲିବାନ୍ ସେନା ସୀମା ସଂଲଗ୍ନ ପାକିସ୍ତାନ ଇଲାକାରେ ଆକ୍ରମଣ କରି ୧୫ ଆଉଟ୍‌ପୋଷ୍ଟ ଦଖଲ କରିବା ସହିତ ୫୦ରୁ ଅଧିକ ପାକ୍ ସୈନିକଙ୍କୁ ହତ୍ୟା କରିଥିବା ଦାବି କରିଥିଲା। ଏହାର କିଛି ଘଣ୍ଟା ପରେ ପାକିସ୍ତାନ ସେନା ଆଫ୍‌ଗାନିସ୍ତାନ ଉପରେ ଜୋର୍‌ଦାର ଆକ୍ରମଣ କରିଛି। ପାକିସ୍ତାନ ଏହାର ନାମ ‘ଘଜବ ଲିଲ୍ ହକ୍’ ରଖିଛି। ଡୁରାଣ୍ଡ ଲାଇନ୍(ସୀମା)କୁ ନେଇ ଉଭୟ ପକ୍ଷ ମଧ୍ୟରେ ତେଜିଥିବା ବିବାଦ ଏବେ ଖୋଲା ଯୁଦ୍ଧରେ ପରିଣତ ହେବାର ଆଶଙ୍କା ବଢ଼ାଇଛି। ଯୁଦ୍ଧରୁ ବିରତ ରହିବା ଲାଗି ଜାତିସଂଘ, ରୁଷିଆ, ଚାଇନା ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଥିବା ବେଳେ ଆଫଗାନିସ୍ତାନର ସାଧାରଣ ଜନବସତି ଉପରେ ପାକିସ୍ତାନର ଆକ୍ରମଣକୁ ଭାରତ ନିନ୍ଦା କରିଛି।**

## ଯୁଦ୍ଧରୁ ବିରତ ରହିବାକୁ ଜାତିସଂଘ, ରୁଷିଆ, ଚାଇନାର ପରାମର୍ଶ

**ଇସ୍‌ଲାମାବାଦ,୨୭।୨**

ଆଫ୍‌ଗାନିସ୍ତାନ ଉପରେ ପାକିସ୍ତାନ ସେନା ଗୁରୁବାର ରାତିରେ ଘନ ଘନ ଆକ୍ରମଣ କରିଛି। କାବୁଲ, କାନ୍ଦାହାର, ନଙ୍ଗରହାର୍ ଆଦି ପ୍ରମୁଖ ସହର ସମେତ ଆଫ୍‌ଗାନିସ୍ତାନର ସୀମା ସଂଲଗ୍ନ ଅଞ୍ଚଳରେ ପାକିସ୍ତାନ ଆକାଶମାର୍ଗରୁ ବୋମାବର୍ଷା କରିଛି। ତାଲିବାନ୍ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା ବେଳେ ଏଥିରେ ୨୭୪ ଜଣଙ୍କ ମୃତ୍ୟୁ ହେବା ସହିତ ୨୦୦ରୁ ଅଧିକ ଆତଙ୍କବାଦୀ ଆହତ ହୋଇଥିବା ପାକିସ୍ତାନ ଦାବି କରିଛି। ଗୁରୁବାର ସନ୍ଧ୍ୟାରେ ତାଲିବାନ୍ ସେନା ପାକିସ୍ତାନ–ଆଫ୍‌ଗାନିସ୍ତାନ ସୀମା ଡୁରାଣ୍ଡ ଲାଇନ ନିକଟରେ ପାକ୍ ସେନା ପୋଷ୍ଟ ଉପରେ ଆକ୍ରମଣ କରି ୧୫ରୁ ଅଧିକ ପୋଷ୍ଟ କବ୍‌ଜା କରିବା ସହ ୫୫ ସୈନିକଙ୍କୁ ମାରିଥିଲା ବୋଲି ଦାବି କରିଥିଲା। ପାକିସ୍ତାନ ଏହାକୁ ଅସ୍ୱୀକାର କରିଥିଲେ ହେଁ ମଧ୍ୟରାତ୍ରରେ ଆଫ୍‌ଗାନିସ୍ତାନ ☞ପୃଷ୍ଠା–୩

27001/27/2526





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର
୨୦୨୫-୨୬
ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ

ସମସ୍ତ ପୁରସ୍କାର ପାଇଁ ଆବେଦନର ଶେଷ ତାରିଖ ମାର୍ଚ୍ଚ ୧୫, ୨୦୨୬କୁ ବୃଦ୍ଧି

| | | | |
|---|---|---|---|
| ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ) | ଶିକ୍ଷକ ପୁରସ୍କାର (ପ୍ରାଥମିକ ବିଦ୍ୟାଳୟ) | ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର | ପ୍ରାଥମିକ ବିଦ୍ୟାଳୟ ପୁରସ୍କାର |
| ଗ୍ରାମପଞ୍ଚାୟତ ପୁରସ୍କାର | ପୁରାତନ ଛାତ୍ରଛାତ୍ରୀ କମିଟି ପୁରସ୍କାର | ଜିଲ୍ଲା ପୁରସ୍କାର | ବ୍ଲକ୍ ପୁରସ୍କାର |
| ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରସ୍କାର | ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର | ବ୍ଲକ୍ ଶିକ୍ଷା ଅଧିକାରୀ ପୁରସ୍କାର | ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁରସ୍କାର |

ସମସ୍ତ ପୁରସ୍କାର ପାଇଁ https://msp.odisha.gov.inରେ ଆବେଦନ କରିପାରିବେ ।

ଯୋଗାଯୋଗ: ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ, ତୋଷାଳୀ ଭବନ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭, ଇ-ମେଲ୍: msp@pssodisha.net

OIPR-27001/27178/2/25-26/0001

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

10001/95/2526

U-WIN Click to Protect Lives
Ministry of Health & Family Welfare
Government of India
NATIONAL HEALTH MISSION



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା
ଜାତୀୟ ଏଚ୍.ପି.ଭି. ଟୀକାକରଣ ଅଭିଯାନର ଶୁଭାରମ୍ଭ
୨୮ ଫେବୃଆରୀ ୨୦୨୬ । ଆଜମେର, ରାଜସ୍ଥାନ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ
ରାଜ୍ୟସ୍ତରୀୟ ଅଭିଯାନର ଶୁଭାରମ୍ଭ ଏବଂ
ନୂତନ ୪୨୮ଟି ୧୦୮ ଆମ୍ବୁଲାନ୍ସ ଯାନରୁ ଅବଶିଷ୍ଟ ୨୮ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ

ଗରିମାମୟ ଉପସ୍ଥିତି

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର

ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର

୨୮ ଫେବୃଆରୀ ୨୦୨୬ । ପୂର୍ବାହ୍ନ ୧୧.୩୦ । କୃଷି ଭବନ, ଭୁବନେଶ୍ୱର

OIPR-10001/10084/2/25-26/0005

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

**ସଂକ୍ଷେପରେ**

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଆଚାର୍ଯ୍ୟ ସମ୍ମାନ

ବ୍ରହ୍ମପୁର, ୨୭।୨(ସୁବାସ ଚନ୍ଦ୍ର ପାଢ଼ୀ)

କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଉତ୍କଳ ଆଶ୍ରମ ସଭାଗୃହରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ଓ 'ଆଚାର୍ଯ୍ୟ ସମ୍ମାନ-୨୦୨୫' ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସାହିତ୍ୟ ସମାଜର ସଭାପତି ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏଥିରେ ପୌରୋହିତ୍ୟ କରି ସୁଦର୍ଶନ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱର ସଂପର୍କରେ ଉଲ୍ଲେଖ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫେସର ସ୍ୱାଇଁଙ୍କୁ 'ଆଚାର୍ଯ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଓ ଡ. ରାଧାଗୋବିନ୍ଦ ପାଢ଼ୀ ଅନ୍ୟତମ ଅତିଥି ରୂପେ ଯୋଗଦେଇ ସୁଦର୍ଶନ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମେଜର ରମାରମଣ ପାଢ଼ୀ, ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଭିକାରି ଚରଣ ମହାପାତ୍ର, ଡ. ସୂଚନା ପାଢ଼ୀ, ଡ. ହରିକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘୋଡ଼ାଶାଳ ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ, ୨୨ ଆହତ

ଆର.ଉଦୟଗିରି ୨୭।୨(ମନୋଜ କୁମାର ପାଢ଼ୀ)

ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ଘୋଡାଶାଳ ଘାଟିରେ ଶୁକ୍ରବାର 'ଅମ୍ବିକା' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୨ ଜଣ ଆହତ ହୋଇଛନ୍ତି। ବସ୍‌ଟି ୨୭ ଜଣ ଯାତ୍ରୀଙ୍କୁ ଧରି ପାରଳାଖେମୁଣ୍ଡିରୁ ବାଦୁଆ ଅଭିମୁଖେ ଯାଉଥିବା ବେଳେ ଘୋଡାଶାଳ ଘାଟି ନିକଟରେ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ଚାଳକ ନିୟନ୍ତ୍ରଣ ହରାଇଥିଲେ। ବସ୍‌ଟି ରାସ୍ତା କଡ଼ରେ ଥିବା ଗାର୍ଡ ୱାଲରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ପରେ ବସ୍‌ରେ ଥିବା ଯାତ୍ରୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ସମସ୍ତ ଆହତଙ୍କୁ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ଜଣେ ଶିଶୁଙ୍କୁ ବାଦ ଦେଇ ଅନ୍ୟମାନଙ୍କୁ ଘରକୁ ପଠାଯାଇଥିଲା। ଶିଶୁଟିର ଅବସ୍ଥା ଗୁରୁତର ଥିବାରୁ ତାକୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବଜାର ମଝିରେ ଅଟକିଲା ସରକାରୀ ବସ୍

ଗଞ୍ଜାମ, ୨୭।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଅଞ୍ଚଳରେ ଚଳାଚଳ କରୁଥିବା ସରକାରୀ ବସ୍ ବିଭିନ୍ନ ସମୟରେ ଅନେକ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ଯାତ୍ରୀଙ୍କୁ ନେଇ ଯାଉଥିବା ସରକାରୀ ବସ୍ ଅଧା ରାସ୍ତାରେ ଅଟକିବାକୁ ବାଧ ହେଉଛି। ଶୁକ୍ରବାର ସନ୍ଧ୍ୟାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ସହରରେ। ସନ୍ଧ୍ୟାରେ ଯାତ୍ରୀଙ୍କୁ ନେଇ ଫେରୁଥିବା ବେଳେ ବଡ଼ ବଜାର ମଝିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସରକାରୀ ବସ୍‌ଟି ଅଟକି ରହିଛି। ଖବର ଲେଖା ହେବା ଶେଷ ସୁଦ୍ଧା ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଉକ୍ତ ବସ୍‌ଟି ଅଟକ ରହିବା ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ଚଳାଚଳ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା।

# କ୍ରୁଟ-ଘରୋଇ ବସ ମାଲିକ ସଂଘ ବିବାଦ ତୁଟିଲା

ବ୍ରହ୍ମପୁର, ୨୭।୨(ଅଶୋକ କୁମାର ସାହୁ):



ବୈଠକରେ ବିଇଏମସି କମିଶନରଙ୍କ ସହିତ ବିଇଡିଏ ସଚିବ ଓ ଅନ୍ୟମାନେ।

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଓ ଘରୋଇ ବସ ମାଲିକ ସଂଘ ମଧ୍ୟରେ ୨ଦିନ ଧରି ଲାଗି ରହିଥିବା ବିବାଦ ଶୁକ୍ରବାର ତୁଟିଛି। କ୍ରୁଟକୁ ୬ ନୂଆ ରୁଟ ମିଳିଛି। ଘରୋଇ ବସ ମାଲିକ ସଂଘ ପକ୍ଷରୁ ଯେଉଁ ରୁଟରେ ବସ ଚାଲୁଥିଲା ସେଥିରୁ କ୍ରୁଟ ଓହରିଯିବାକୁ ସ୍ଥିର କରାଯାଇଛି। ଘରୋଇ ବସ ମାଲିକ ସଂଘ ପକ୍ଷରୁ ସହରରେ ଦୀର୍ଘ ବର୍ଷ ହେଲା ସେବା ଯୋଗାଇ ଦିଆଯାଉଛି। କିନ୍ତୁ ବ୍ରହ୍ମପୁରରେ କ୍ରୁଟ ପକ୍ଷରୁ ଆମ ବସ ସେବା ଆରମ୍ଭ ହୋଇଥିଲା। ହଳଦିଆପଦର ନୂଆ ବସଷ୍ଟାଣ୍ଡରେ ଥିବା ଆମ ବସ ଡିପୋରୁ ସମସ୍ତ ବସ ସହର ଏବଂ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାଲିଲା। ଏବେ ୨ଦିନ ହେଲା ଘରୋଇ ବସ ଗୁଡିକ ଯେଉଁ ରୁଟରେ ବସ ଚଳାଉଥିଲେ ସେମାନଙ୍କ ଆଗେ ଆଗେ ଆମ ବସ ସେହି ରୁଟରେ ଯିବା ପରେ ଆରମ୍ଭ ହୋଇଯାଇଥିଲା ବିବାଦ। ଜିଲାରେ ଥିବା ସମସ୍ତ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏନେଇ ପ୍ରତିବାଦ କରାଯାଇଥିଲା। ଜିଲାପାଳ, ଜିଲାର ୨ ଏସପି, ବିଇଡିଏ ସେକ୍ରେଟେରୀ, ମହାନଗର ନିଗମର କମିଶନରଙ୍କୁ ସେମାନେ ଲିଖିତ ଚିଠି ଦେଇଥିଲେ। ଶୁକ୍ରବାର ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭେଟି ସେମାନେ ସମସ୍ୟା ଜଣାଇଥିଲେ ବୋଲି ଘରୋଇ ବସ ମାଲିକ ସଂଘର ସଂଯୋଜକ ସନ୍ତୋଷ କୁମାର ପତି କହିଛନ୍ତି। ଆରଟିଓଙ୍କ ନିକଟରୁ ବିଇଡିଏରେ ଏକ ବୈଠକ ପାଇଁ ସଂଘକୁ ଡକାଯାଇଥିଲା। ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ହୋଇଥିଲା। କ୍ରୁଟକୁ ସମାନ ସମୟରେ ଘରୋଇ ବସ ଯାଉଥିବା ରୁଟରେ ବସ ନ ଚଲାଇବାକୁ କୁହାଯାଇଥିଲା। ସେମାନଙ୍କ ପାଇଁ ୬ ନୂଆ ରୁଟ ଦିଆଯାଇଥିଲା। ସେମାନେ ଯଦିଓ ଗନ୍ତବ୍ୟ ସ୍ଥଳକୁ ଯିବେ ଅଲଗା ରୁଟରେ ଯାଇପାରିବେ ବୋଲି କୁହାଯାଇଥିଲା। ସହମତି ଭିତ୍ତିରେ ଏହି ବିବାଦ ତୁଟିବା ପରେ ମନ୍ତ୍ରୀ ଜେନାଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ ବିଇଡିଏର ସଚିବ ରମେଶ ହାଂସଦା, କ୍ରୁଟର ମ୍ୟାନେଜର କିଷାନ ଦାସ, ଆରଟିଓ ଦେବାଶିଷ ସ୍ୱାଇଁ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ, ପୁରୁଷୋତ୍ତମପୁର ବସ ମାଲିକ ସଂଘର ସଭାପତି ତଥା ଗାମ ଜିଲା ସଂଯୋଜକ ସନ୍ତୋଷ କୁମାର ପତି, ସମ୍ପାଦକ ଶରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଦର୍ଶନ ପ୍ରଧାନ, ରାଜ୍ୟ ଜୋନ-୪ ସମ୍ପାଦକ ବିପ୍ର ଚରଣ ବାରିକ, ଗଞ୍ଜାମ ବସ ମାଲିକ ସଂଘ କୋଷାଧ୍ୟକ୍ଷ ରଜନୀକାନ୍ତ ପାତ୍ର, ୧୦୦ରୁ ଊର୍ଦ୍ଧ୍ୱ ମାଲିକ ଯୋଗଦେଇଥିଲେ।

## ୨ ଜଣିଆ ବାଇକ୍ ଚୋରି ଗ୍ୟାଙ୍ଗ୍ ଧରାପଡ଼ିଲା

ବ୍ରହ୍ମପୁର, ୨୭।୨(ସୁବାସ ଚନ୍ଦ୍ର ପାଢ଼ୀ):

ବଡ଼ବଜାର ଥାନା ପୋଲିସ ମୋଟର ଗାଡ଼ି ଯାଂ* ସମୟରେ ୨ ବାଇକ୍ ଚୋରଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ୩ ଚୋରା ବାଇକ ଉଦ୍ଧାର କରିଛି। ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀନୃସିଂହ ସାହିର ରାହୁଳ ଖେତ୍ରୀ ଏବଂ ଅନ୍ୟ ଜଣେ ନାବାଳକ। ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଛି। ରାହୁଲଙ୍କୁ ମାମଲା ନଂ.୧୩୨/୨୬ରେ କୋର୍ଟ ଚାଲାଣ କରାଯାଇଛି। ଆସ୍କା ରୋଡ଼ରେ ହୋଣ୍ଡା ଶୋ ରୁମ ନିକଟରେ ମୋଟର ଯାନ ଯାଞ୍ଚ ଚାଲିଥିଲା। ସେହି ସମୟରେ ପୋଲିସ ଏକ ନମ୍ବରବିହୀନ ବାଇକ୍‌ରେ ବେପରୁଆ ଭାବେ ଯାଉଥିବା ୨ଯୁବକଙ୍କୁ ଅଟକାଇଥିଲା। ସେମାନେ ଗାଡିର କାଗଜପତ୍ର ଦେଖାଇ ନ ପାରିବାରୁ ତାହା ଚୋରି ଗାଡି ବୋଲି ଜଣାପଡିଥିଲା। ଜେରା ବେଳେ ଅଭିଯୁକ୍ତମାନେ ପିଟିପିଟିଆ ନଗରର ଏକ ପରିତ୍ୟକ୍ତ ସ୍ଥାନକୁ ନେଇଥିଲେ। ସେଠାରୁ ଆଉ ୨ ଚୋରା ବାଇକ ଜବତ କରାଯାଇଛି। ରାହୁଲ ଗତ ନଭେମ୍ବରରେ ଏଭଳି ଏକ ଚୋରି ମାମଲାରେ ଗିରଫ ହୋଇଥିଲେ ବୋଲି ଜଣାପଡିଛି।

## ଟ୍ରକ ଚାଳକଙ୍କୁ ଆକ୍ରମଣ କରି ଲୁଟ୍, ୩ ଗିରଫ

ବ୍ରହ୍ମପୁର, ୨୭।୨(ସୁବାସ ଚନ୍ଦ୍ର ପାଢ଼ୀ):

ଜଣେ ଟ୍ରକ ଚାଳକଙ୍କୁ ରାସ୍ତାରେ ଅଟକାଇ ମାଡ ମାରି ଟଙ୍କା ଓ ମୋବାଇଲ ଲୁଟ କରିଥିବା ଜାତୀୟ ରାଜପଥ ଲୁଟେରା ଦଳର ୩ ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ରତ୍ନପୁର ବାଉରି ସାହିର ଲକି ଦାସ, ରୁଦ୍ର ଦାସ ଏବଂ ବଡ଼ବଜାର ଥାନା ଅନ୍ତର୍ଗତ କାଲୁଆ ସାହିର ସୁଶାନ୍ତ ବେହେରା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଲୁଟ ବେଳେ ବ୍ୟବହୃତ ବୁଲେଟ ଗାଡି ସହ ଲୁଟ ଟଙ୍କା, ଏକ ମୋବାଇଲ ଜବତ କରିଛି। ମାମଲା ନଂ. ୮୯/୨୬ରେ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗୋପାଳପୁର ଥାନା ଅନ୍ତର୍ଗତ ତୁରା ଗ୍ରାମର ଟ୍ରକ ଚାଳକ ଉପେନ୍ଦ୍ର ଗୌଡ ଗତ ୨୪ ତାରିଖ ରାତିରେ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ସାଢ଼େ ଦଶଟାରେ ରତ୍ନପୁର-ଜଗଦଳପୁର ଜାତୀୟ ରାଜପଥରେ ତାଙ୍କ ଟ୍ରକକୁ ୩ ଅଭିଯୁକ୍ତ ଏକ ବୁଲେଟରେ ଆସି ଅଟକାଇ ମାଡ଼ ମାରିବା ସହ ପକେଟରୁ ମୋବାଇଲ୍ ଫୋନ୍ ଓ ୫୫୦୦ ଟଙ୍କା ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ। ଟ୍ରକ ଚାଳକ ଉପେନ୍ଦ୍ର ଅଭିଯୁକ୍ତଙ୍କ ବୁଲେଟ (ନଂ.ଓଡି-୦୭-କେ-୩୩୬୬)କୁ ଚିହ୍ନଟ କରିଥିଲେ। ଏ ନେଇ ସଦର ଥାନାରେ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଅପରାଧୀଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡ ଯୋଗାଇ ଜଣେ ଗିରଫ

ବ୍ରହ୍ମପୁର, ୨୭।୨(ସୁବାସ ଚନ୍ଦ୍ର ପାଢ଼ୀ)




ପୋଲିସ ହେପାଜତରେ ଅଭିଯୁକ୍ତ।

ରାଜ୍ୟରେ ସାଇବର ଅପରାଧ ରୋକିବା ପାଇଁ 'ଅପରେଶନ୍‌କବଚ' ଆରମ୍ଭ ହୋଇଛି। ଏହି ଅଭିଯାନ ସାଇବର ଅପରାଧରେ ବ୍ୟବହୃତ ମ୍ୟୁଲ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡଗୁଡ଼ିକୁ ଜବତ କରିବାକୁ ଲକ୍ଷ୍ୟ କରିଛି। ଅପରାଧୀଙ୍କୁ ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡ ଯୋଗାଇବା ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଦିଗପହଣ୍ଡି ଥାନା ପନ୍ଦରା ସାହିର ପ୍ରଶାନ୍ତ ବେହେରା (୩୩)। ମାମଲା ନଂ. ୧୯ /୨୬ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଓ ୫ ସିମ୍ କାର୍ଡ ଜବତ ହୋଇଛି। ବ୍ରହ୍ମପୁର ପୋଲିସ ବିଶ୍ୱସନୀୟ ଗୋଇନ୍ଦା ସୂତ୍ର ଏବଂ ରିପୋର୍ଟ ଆଧାରରେ ବ୍ରହ୍ମପୁରର ବଡ଼ବଜାର ସ୍ଥିତ ଏକ ସିମ୍ ବିକ୍ରି ସ୍ଥାନରେ ଚଢ଼ାଉ କରିଥିଲା। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଅଭିଯୁକ୍ତ ପ୍ରଶାନ୍ତ ବେହେରାଙ୍କ ନାମରେ ଏକ ସିମ୍ କାର୍ଡ ମାନ୍ୟତାପ୍ରାପ୍ତ କେୱାଇସି ନିୟମ ଅନୁସାରେ ୨୦୨୧ ଫେବୃଆରୀ ୨ ତାରିଖ ଜାରି କରାଯାଇଥିଲା। ଏହି ସିମ୍ କାର୍ଡ ତେଲେଙ୍ଗାନାରେ ଏକ ବଡ଼ ଠକେଇ ମାମଲା ସହିତ ଜଡ଼ିତ ଥିବା ଜଣାପଡିଥିଲା। ସାଇବର ଗ୍ୟାଙ୍ଗ ଟେଲିଗ୍ରାମ୍ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ 'ପାର୍ଟ-ଟାଇମ୍ ଜବ୍' ଅଫର ଦେଇ ଲୋକଙ୍କୁ ପ୍ରଲୋଭିତ କରୁଥିଲେ। ମୋଟ ୪ ଲକ୍ଷ ୭୭ ହଜାର ୪୩୩ ଟଙ୍କା ଠକି ନେଇଥିଲେ। ଏହି ଲିଙ୍କରେ ଅଭିଯୁକ୍ତ ପ୍ରଶାନ୍ତଙ୍କ ନାଁରେ ସିମ୍ କାର୍ଡ଼ ବାହାରିଥିବାରୁ ତାଙ୍କୁ ମାମଲା ନଂ. ୧୯ /୨୬ରେ କୋର୍ଟ ଚାଲାଣ କରାଯାଇଛି। ଜିଲାରେ ଏଭଳି ମ୍ୟୁଲ ଆକାଉଣ୍ଟ ଓ ଅବୈଧ ସିମକାର୍ଡଗୁଡିକୁ ନିଷ୍କ୍ରିୟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ କହିଛନ୍ତି।

**ମୋବାଇଲ ଫୋନ୍ ସହ ୫ ସିମ୍ କାର୍ଡ ଜବତ**

## ଶଗଡରେ ବିବାହ ପାଇଁ ଶାଶୁଘରକୁ ଆସିଲେ କନ୍ୟା

### ରାତି ଅନିଦ୍ରା ହୋଇ ଶଗଡକୁ ସଜାଇଥିଲେ ବର ଶନିଶ୍ଚର

କବିସୂର୍ଯ୍ୟନଗର, ୨୭।୨(କୃପାସିନ୍ଧୁ ସ୍ୱାଇଁ)



ସମୟ ଥିଲା ବାହାଘର ପାଇଁ ଶଗଡ ବ୍ୟବହାର ହେଉଥିଲା। ଶଗଡରେ କନ୍ୟା ଆସୁଥିଲେ ବରଘରକୁ ଏବଂ ବାହାଘର ହେଉଥିଲା। ବାଲ୍ୟ ବିବାହ ସମୟରେ ପ୍ରଚଳିତ ଥିଲା ଏହି ପ୍ରଥା। ପରେ ଆସିଲା ପାଲିଙ୍କି ସମୟ। ପାଲିଙ୍କିରେ ବର ଯାଉଥିଲେ କନ୍ୟା ଘରକୁ। ସାଙ୍ଗରେ ଚାଲିଚାଲି ଯାଉଥିଲେ ବରଯାତ୍ରୀ। ବିବାହ କରି ଫେରିବା ବେଳେ ବର ଯାଇଥିବା ପାଲିଙ୍କିରେ ଫେରୁଥିବା ବେଳେ କନ୍ୟା ମଧ୍ୟ ପଛରେ ଆଉ ଗୋଟିଏ ପାଲିଙ୍କିରେ ଆସୁଥିଲେ। ଯୁଗରୁଚି ବଦଳି ଅନୁସାରେ ବିବାହ କାର୍ଯ୍ୟରେ ବ୍ୟବହୃତ ଶଗଡ ପରମ୍ପରା ବନ୍ଦ ହୋଇ ଯାଇଥିଲା। ବାହାଘର ସମୟରେ ବହୁ ଗାଡିମୋଟର ବ୍ୟବହାର ଏବେ ହୋଇ ଆସୁଛି। ଏପରିକି ହେଲିକପ୍ଟରରେ ମଧ୍ୟ ବିବାହ ପାଇଁ ବର ଯାଉଛନ୍ତି କନ୍ୟା ଘରକୁ। ତେବେ ଆଜିର କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଯୁଗରେ ଶଗଡରେ ବୋହୂ ଶାଶୁଘରକୁ ଆସି ବିବାହ କରିବା ପ୍ରାଚୀନ ପରମ୍ପରା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସାମନ୍ତରାପଲି ଗାଁରେ। ପୋଲସରା ବ୍ଲକ କଳମ୍ବ ଗ୍ରାମ ସ୍କୁଲ ସାହିର ଦେବରାଜ ପ୍ରଧାନଙ୍କ ଝିଅ ବର୍ଷା ପ୍ରଧାନ ଆସିଥିଲେ ଶାଶୁଘର ସାମନ୍ତରାପଲି ଗ୍ରାମକୁ। ସବୁଠାରୁ ମଜାର କଥା ଯେ, ଏଥିପାଇଁ ବର ପ୍ରମୋଦ ପ୍ରଧାନଙ୍କ ପୁଅ ଶନିଶ୍ଚର ପ୍ରଧାନ ଓଡ଼ିଆ ସାହିର ଶଗଡିଆ ସୁରେନ୍ଦ୍ର ସ୍ୱାଇଁ ଓ ଯୁଧିଷ୍ଠିର ପରିଡାଙ୍କଠାରୁ ଶଗଡ଼ ମାଗି ଆଣି ରାତି ଅନିଦ୍ରା ହୋଇ ସୁନ୍ଦର ଭାବରେ ଶଗଡକୁ ଫୁଲରେ ସଜାଇଥିଲେ।

ନିଜ ବିବାହ କାର୍ଯ୍ୟକୁ ସବୁଦିନ ପାଇଁ ସ୍ମୃତିମଧୁର କରି ରଖିବା ଉଦ୍ଦେଶ୍ୟରେ ଏପରି ଶନିଶ୍ଚର କରିଥିବା କହିଛନ୍ତି ଶନିଶ୍ଚର। ସେ ନିଜ ଧର୍ମପତ୍ନୀଙ୍କୁ ଆଣିବା ପାଇଁ ଶଗଡକୁ ବ୍ୟବହାର କରିଥିଲେ। ତାହା ସହ ଡିଜେ ସାଉଣ୍ଡ ବଦଳରେ ବାଘ, ଷଣ୍ଢ ନୃତ୍ୟ ପରିବେଷଣ ବ୍ୟବସ୍ଥା ମଧ୍ୟ କରିଥିଲେ। ଶଗଡ଼ରେ କନ୍ୟା ଆସିବା ବେଳେ ରାସ୍ତାରେ ବହୁ ଯୁବକ ସେଲ୍‌ଫି ନେବାକୁ ଶଗଡ ଅଟକାଉଥିଲେ। ପୁରାତନ ପରମ୍ପରାକୁ ଆପଣାଇବାକୁ ଯୁବ ସମାଜ ପାଇଁ ସେ ଦେଇଛନ୍ତି ବାର୍ତ୍ତା। ଶନିଶ୍ଚରଙ୍କ ମା, ଖୁଡୀ ମଧ୍ୟ ତାଙ୍କ ସମୟରେ ଶଗଡରେ ଆସିଥିଲେ ବୋଲି କହନ୍ତି ସେ। ୨୫ ତାରିଖରେ ବର୍ଷାଙ୍କୁ ବିବାହ କରିଥିବା ଶନିଶ୍ଚରଙ୍କ ଏଭଳି ବିବାହ ଏବେ ସବୁଆଡେ ଚର୍ଚ୍ଚାର ବିଷୟ ହୋଇଛି।

## ଭାଜପାର ଜିଲାସ୍ତରୀୟ କର୍ମଶାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକଙ୍କ ସମେତ ଅନ୍ୟମାନେ।

ବ୍ରହ୍ମପୁର, ୨୭।୨(ଅଶୋକ କୁମାର ସାହୁ): ସ୍ଥାନୀୟ ଆମ୍ବପୁଆ ସ୍ଥିତ କୃଷି ଭବନଠାରେ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬'କୁ ସଫଳ କରିବା ପାଇଁ ଶୁକ୍ରବାର ଦଳୀୟ କର୍ମୀଙ୍କୁ ନେଇ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମୀଙ୍କୁ ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଜିଲା ସଭାପତି ସରୋଜ ସାବତ ପୌରୋହିତ୍ୟ କରିଥିଲେ। ଆଗାମୀ ଦିନରେ ଗଞ୍ଜାମ ସାଂଗଠନିକ ଜିଲାର ୩୭ ମଣ୍ଡଳ, ବୁଥସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ଏମ୍‌ପିଙ୍କୁ ନେଇ ଏହି ପ୍ରଶିକ୍ଷଣ ଆୟୋଜନ ହେବ। କାର୍ଯ୍ୟକ୍ରମରେ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, କର୍ମଶାଳାର ସଂଯୋଜକ ସିଦ୍ଧାନ୍ତ ଗଙ୍ଗଦେବ, ଶିବ ପ୍ରସାଦ ଶତପଥୀ, ଜିଲ୍ଲା ସାଧାରଣ ସଂପାଦକ ଗୌରୀ ଶଙ୍କର ସାମନ୍ତରାୟ, ବନମାଳୀ ସେଠୀ, ପ୍ରଦୀପ ନାୟକ, ଗଙ୍ଗାଧର ଶତପଥୀ, ଜିଲ୍ଲା ସଭାନେତ୍ରୀ ମିନା ଦ୍ୟାନ ସାମନ୍ତରାୟ , ରତ୍ନ ଗର୍ଭା ସରସ୍ୱତୀ ଦେବୀ, ବନିତା ସାହୁ , ଜିଲ୍ଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ଉପସ୍ଥିତ ଥିଲେ। ରାଷ୍ଟ୍ର ନିର୍ମାଣ, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟରେ ବ୍ୟକ୍ତିତ୍ୱ ହେଉଛି ଦଳର ମୂଳମନ୍ତ୍ର। ସମାଜ ଓ ରାଷ୍ଟ୍ର ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ଲକ୍ଷ୍ୟରେ ସମର୍ପିତ ହେବା ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ବୋଲି ନେତୃବୃନ୍ଦ କହିଥିଲେ।

## ହୁକ୍କା ବାର ଚଳାଇ ଜଣେ ଗିରଫ

ବ୍ରହ୍ମପୁର, ୨୭।୨( ସୁବାସ ଚନ୍ଦ୍ର ପାଢ଼ୀ):

ଚେତାବନୀ ପରେ ମଧ୍ୟ ଅବୈଧ ହୁକ୍କା ବାର ଚଳାଇବା ଅଭିଯୋଗରେ ଟାଉନ ଥାନା ପୋଲିସ ଲକ୍ଷ୍ମୀ ନୃସିଂହ ସାହିର ବି.ଆମିର କୁମାର ପାତ୍ରଙ୍କୁ ଗିରଫ କରିଛି। ଚଢ଼ାଉ ବେଳେ ୪ ହୁକ୍କା ପଟ୍, ଗୋଟିଏ ଆଇସ୍ ଫିଲ୍‌ଟର, ୧୦ ହୁକ୍କା ଫିଲ୍‌ଟର, ୩ ହୁକା ପାଇପ୍, ୩ ପ୍ୟାକେଟ୍ ହୁକ୍କା ମସଲା ଜବତ ହୋଇଛି। ନଂ.୮୭/୨୬ ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଚର୍ଚ୍ଚ ରୋଡ଼ରେ ଥିବା ଅଣ୍ଡା ହୋଟେଲ ରେଷ୍ଟୁରାଣ୍ଟରେ ହୁକା କାରବାର ଚାଲୁଥିବା ଖବରପାଇ ପୋଲିସ ପୂର୍ବରୁ ଚଢ଼ାଉ କରିଥିଲା। ମାଲିକ ଆମିର ବୈଧ ଲାଇସେନ୍ସ ଦେଖାଇପାରି ନଥିଲେ। ତାଙ୍କୁ ନୋଟିସ୍ ଦେଇ ଏଭଳି କାର୍ଯ୍ୟ ନ କରିବାକୁ କୁହାଯାଇଥିଲେ ମଧ୍ୟ ସେ ପୁଣି କାର ଚଳାଇଥିଲେ।

### ରାଜନୈତିକ ରାଲି ପାଇଁ ନୂଆ ଆଦେଶନାମା

## ୭୨ ଘଣ୍ଟା ପୂର୍ବରୁ ଲିଖିତ ଆବେଦନ କରିବେ ସମସ୍ତ ଦଳ

ବ୍ରହ୍ମପୁର/ଛତ୍ରପୁର, ୨୭।୨ (ଅଶୋକ କୁମାରସାହୁ/ଦିଲ୍ଲୀପ ସାମଲ)

ରାଜନୈତିକ ଦଳ ଗୁଡିକ ପକ୍ଷରୁ ବିଭିନ୍ନ ସମୟରେ ରାଲି, ସମାବେଶ, ବୈଠକ ଇତ୍ୟାଦି ଆୟୋଜନ କରାଯାଉଛି। ତେବେ ଏଥିପାଇଁ ଜିଲା ପୋଲିସ ପକ୍ଷରୁ ନୂଆ ଆଦେଶନାମା ଜାରି କରାଯାଇଛି। ରାଲି କରାଯିବା ପୂର୍ବରୁ ପୋଲିସ ପ୍ରଶାସନ ପକ୍ଷରୁ ଲିଖିତ ଆବେଦନ କରିବା ବାଧ୍ୟତାମୂଳକ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି । ଏକ ସରକାରୀ ଆଦେଶ ଅନୁସାରେ ପାତ୍ର କହିଛନ୍ତି ଯେ କୌଣସି ରାଜନୈତିକ ଦଳ ସର୍ବସାଧାରଣ ସ୍ଥାନରେ ସମାବେଶ କିମ୍ବା କୌଣସି ପ୍ରକାରର ରାଲି ବା ବୈଠକ ଯଦି କରନ୍ତି, ତା ହେଲେ ସ୍ଥାନୀୟ ଏସଡିପିଓ କିମ୍ବା ଆଇଆଇସିଙ୍କ ପାଖରେ କାର୍ଯ୍ୟକ୍ରମର ୭୨ ଘଣ୍ଟା ପୂର୍ବରୁ ଲିଖିତ ଭାବେ ଆବେଦନ କରିବେ। ରାଜନୈତିକ ମତଭେଦ ଠାରୁ ଉପୁଜୁଥିବା ହିଂସା ଏବଂ ତାହାର ପରିଣାମରେ ସୃଷ୍ଟି ଆଇନଗତ ବିଶୃଙ୍ଖଳାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି । ସମାବେଶ ସମୟରେ କେତେ ଜନସାଧାରଣ ଏକତ୍ରିତ ହେବେ, କେତେ ବାଣ ବ୍ୟବହାର, କେତେଟି ଗାଡ଼ି ବ୍ୟବହାର ହେବ, ଯଦି ହାତୀ କିମ୍ବା ଘୋଡ଼ା ବ୍ୟବହାର କରନ୍ତି ତା' ହେଲେ ତାହା ମଧ୍ୟ ଆବେଦନ ପତ୍ରରେ ଉଲ୍ଲେଖ କରିବା ଆବଶ୍ୟକ ବୋଲି ପାତ୍ର ଦର୍ଶାଇଛନ୍ତି। ଏହାପରେ ଯାଇ ଆବେଦନ ମଂଜୁର କରାଯିବ।

## ବୁଣାକାରଙ୍କ ବିକାଶ ପାଇଁ ବିଇଏମ୍‌ସିର ଗୁରୁତ୍ୱ



ବ୍ରହ୍ମପୁର, ୨୭।୨(ଅଶୋକ କୁମାର ସାହୁ): ବୁଣାକାରଙ୍କ ବିକାଶ ଉପରେ ବ୍ରହ୍ମପୁର ମହାନଗର ନିଗମ ଗୁରୁତ୍ୱ ଦେଇଛି। ସେମାନଙ୍କ ରହିବା ଓ ଉତ୍ପାଦିତ ଦ୍ରବ୍ୟର ବଜାରକରଣ କରାଯିବା ନେଇ ବିଇଏମସି ଉଦ୍ୟମ କରୁଛି। ବ୍ରହ୍ମପୁର ନିକଟ ସୁକୁଣ୍ଡାଠାରେ ବୁଣାକାରମାନଙ୍କ ପାଇଁ ଏକ କଲୋନୀ ନିର୍ମାଣ କରିବା ପାଇଁ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଇଡିଏ ସମ୍ପାଦକ ରମେଶ ହାଁସାଦା, ଓରମାସର ଡେପୁଟି ସିଇଓ, ବ୍ରହ୍ମପୁର ତହସିଲଦାର ରାକେଶ କୁମାର ପରିଡା, ସିଟି ଇଂଜିନିୟର ମନୋଜ ପାତ୍ର, ବୁଣାକାର ସମବାୟ ସମିତିର ସଭାପତି, ବ୍ରହ୍ମପୁର କଟନ ଆଣ୍ଡ ସିଲ୍କ ୱିଭର୍ସ କୋ ଅପରେଟିଭ ସୋସାଇଟିର ସଭାପତି ପ୍ରମୁଖ ଶୁକ୍ରବାର ପରିଦର୍ଶନ କରିଥିଲେ। ବ୍ରହ୍ମପୁରର ପାଟମଠାର ଆଦର ରହିଛି। ବୁଣାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳୁନି। ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଛି। ଏଥିପାଇଁ ସେମାନଙ୍କୁ ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ଆଲୋଚନା ହୋଇଛି। ବୁଣାକାର ସମବାୟ ସମିତିର ସମସ୍ତ କର୍ମକର୍ତ୍ତା ସେଥିରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏହି କଲୋନୀ ନିର୍ମାଣ କରାଯିବ। ଆଗାମୀ ଦିନରେ ପୁଣି ସର୍ଭେ କରାଯିବ। ପରେ ଡିପିଆର ପ୍ରସ୍ତୁତ ହେବ। ବିଇଏମସି କମିଶନର କହିଛନ୍ତି. ଉକ୍ତ ପ୍ରକଳ୍ପ ହେବା ଦ୍ୱାରା ବୁଣାକାରମାନଙ୍କ ବିକାଶ ହୋଇପାରିବ। ସମସ୍ତ ବୁଣାକାରମାନଙ୍କ ସହଯୋଗ କାମନା କରାଯାଇଛି।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ଛତ୍ରପୁର, ୨୭।୨(ଦିଲୀପ ସାମଲ)




ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମକୁ ତ୍ୱରାନିତ କରୁଥିବା ଜିଲ୍ଲା ଟାସ୍କ ଫୋରସ କମିଟି, ଜିଲା ଶିଶୁ ସୁରକ୍ଷା କମିଟି ତଥା ମିଶନ ବାତ୍ସଲ୍ୟର ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମୀକ୍ଷା କରି ଜିଲାପାଳ ଭି.କୀର୍ତ୍ତି ଭାସନ ନିର୍ଭୟା କଡ଼ି, ମୋ ଗେଲ୍ହା ଝିଅ, କାର୍ଯ୍ୟକ୍ରମକୁ ଠିକ୍ ରୂପେ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ସଦଭାବନା ସମ୍ମିଳନୀ କକ୍ଷରେ ହୋଇଥିବା ଏହି ବୈଠକରେ ବାଲ୍ୟ ବିବାହ, କନ୍ୟା ଭ୍ରୂଣ ହତ୍ୟା ଓ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କ ସମସ୍ୟା କିପରି ଗଞ୍ଜାମ ଜିଲାରୁ ସମ୍ପୂର୍ଣ୍ଣ ଦୂର କରାଯାଇପାରିବ ସେ ଦିଗରେ ସମସ୍ତଙ୍କ ସମ୍ମିଳିତ ପ୍ରୟାସ ଜରୁରୀ ବୋଲି ଜିଲାପାଳ କହିଥିଲେ। ଶିଶୁମାନଙ୍କ ପାଇଁ ଆମେ ଭଲ ସୁଯୋଗ ଓ ସୁବିଧା ନେଇ ଆସୁଛେ ଅର୍ଥ ଆମେ ଆମ ରାଜ୍ୟ ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରୁଛେ। ସେହିପରି ଶିଶୁ ଶ୍ରମିକ ଉଦ୍ଧାର ଓ ପୁନର୍ବାସ, ମିଶନ ବାତ୍ସଲ୍ୟ ଯୋଜନାର କାର୍ଯ୍ୟାନ୍ୱୟନ, କନ୍ୟା ଭ୍ରୂଣହତ୍ୟାକୁ ରୋକିବା ଏବଂ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ଜିଲାପାଳ ଆଇନ କାନୁନର ଦୃଢ଼ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ସୂଚନାଯୋଗ୍ୟ, ବାଲ୍ୟବିବାହ ରୋକିବା ଓ କିଶୋରୀ ସଶକ୍ତୀକରଣ ପାଇଁ ନିର୍ଭୟା କଢ଼ି ଏବଂ ମୋ ଗେହ୍ଲା ଝିଅ ଅଭିଯାନ ଜିଲାରେ ଚାଲିଛି। ବୈଠକରେ ଶିଶୁଙ୍କ ପାଇଁ ଦିନଟିଏ ଅଭିଯାନ ଅଧୀନରେ ଥିବା ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ନୀତିନ୍‌ଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟୁଛନ୍ତି।

**ଭୁବନେଶ୍ୱର,୨୭।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ୩ ଦିନିଆ ନୂଆଦିଲ୍ଲୀ ଗସ୍ତ ଶେଷକରି ଶୁକ୍ରବାର ଓଡ଼ିଶା ଫେରିଛନ୍ତି। ମାର୍ଚ୍ଚ ୧୬ରେ ହେବାକୁ ଥିବା ୪ ରାଜ୍ୟ ସଭା ଆସନର ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ବହୁ ଗୁରୁତ୍ୱ ରଖୁଛି। କାରଣ ସେ ଏହି ଅବସରରେ ଦଳର ବହୁ ଶୀର୍ଷ କେନ୍ଦ୍ରୀୟ ନେତାଙ୍କୁ ଭେଟିଛନ୍ତି। ବିଶେଷ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନଙ୍କୁ ଭେଟିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି। ନବୀନଙ୍କୁ ଭେଟିବା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସାଙ୍ଗରେ ଦଳର ସାଙ୍ଗଠନିକ ସମନ୍ୱୟ ନେଇ ତାଙ୍କର ଏକ ସକାରାତ୍ମକ ଆଲୋଚନା ହୋଇଛି। ରାଜ୍ୟର ବିକାଶକୁ କିପରି ଗତି ମିଳିବ ସେ ଦିଗରେ କଥା ହେଲେ। ହେଲେ ଏହି ଅବସରରେ ଯେ ରାଜ୍ୟ ସଭା ନିର୍ବାଚନ ନେଇ ଆଲୋଚନା ହେଇ ନ ଥିବ ରାଜନୈତିକ ମହଲରେ ସେକଥାକୁ କେହି ମନା କରୁନାହାନ୍ତି। ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଗୁରୁବାର କହିଥିଲେ, ସଂସଦୀୟ ବୋର୍ଡ ବୈଠକ ସେଦିନ ସନ୍ଧ୍ୟା କିମ୍ବା ଶୁକ୍ରବାର ସୁଦ୍ଧା ବସିବା ସହ ରାଜ୍ୟ ସଭା ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇଯିବ। ତୋମାରଙ୍କ କହିବା ମୁତାବକ, ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ୨ଦିନ ନୂଆଦିଲ୍ଲୀରେ ଉପସ୍ଥିତ ଥିଲେ। ଶେଷରେ ନବୀନଙ୍କୁ ଭେଟି ଫେରିଲେ। ଏହାର ଦିନକ ଆଗରୁ ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସାକ୍ଷାତ କରିଥିଲେ। ବୈଷ୍ଣବ ମଧ୍ୟ କେନ୍ଦ୍ର ସରକାରଙ୍କ ଜଣେ ଆଗ ଧାଡ଼ିର ମନ୍ତ୍ରୀ ଭାବେ ପରିଚିତ। ସେ ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇ କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ତେଣୁ ରାଜ୍ୟ ସଭା ନେଇ ଅଶ୍ୱିନୀଙ୍କ ସହ ମଧ୍ୟ ଆଲୋଚନା ହୋଇଥାଇପାରେ ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ନିର୍ବାଚନ ହେବାକୁ ଥିବା ୪ ରାଜ୍ୟ ସଭା ଆସନ ମଧ୍ୟରୁ ସଂଖ୍ୟା ଅନୁଯାୟୀ ଭାଜପାକୁ ୨ଟି ସିଟ୍ ମିଳିବ। ହେଲେ ଭାଜପା ୩ଟି ଆସନ ନେବ ବୋଲି ଦମ୍ଭୋକ୍ତି ଦେଖାଉଛି। ୪ର୍ଥ ଆସନ ଲାଗି ମୁଖ୍ୟତଃ ରାଜନୀତି ଜୋର୍ ଧରୁଛି। କାରଣ ରାଜ୍ୟର ୩ ପ୍ରମୁଖ ଦଳ ଭିତରୁ କାହା ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ସଫଳତାର ସହ ଗୋଟି ଚାଳନା କରି ୪ର୍ଥ ଆସନ ଦଖଲ କରିବାକୁ ଏକ ପ୍ରକାର ରଣନୀତି ଚୂଡ଼ାନ୍ତ କରିସାରିଥିବା ଅନେକ ମହଲରୁ ଶୁଣିବାକୁ ମିଳୁଛି।

## ସୋନପୁର ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ସୋନପୁର,୨୭।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ସବ୍‌ଜେଲରେ ବିଚାରାଧୀନ କଏଦୀ ମୋହନ ସୁନା (୩୮)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସବ୍‌ଜେଲ ଅଧୀକ୍ଷକ ଅଞ୍ଜଳି ପଟେଲଙ୍କ କହିବା ଅନୁଯାୟୀ ସକାଳେ ମୋହନ ହଠାତ୍ ଚେତାଶୂନ୍ୟ ହୋଇ ପଡିଥିଲେ। ଆଉ ଉଠି ନ ଥିଲେ। ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୬)ରୁଜୁ ହୋଇଛି। ସୋନପୁର ଆଇଆଇସି ଯାଦବ ବାଗଙ୍କ ତତ୍ତ୍ୱାବଧାନରେ ପୋଲିସ ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ମୋହନ ୨୦୨୨ ମସିହାରେ ତରଭା ଥାନା ଅଞ୍ଚଳରେ ଏକ ହତ୍ୟା ମାମଲାରେ ଜଡିତ ଥିଲେ। ପୋଲିସ ତାଙ୍କୁ ଗିରଫକରିବା ପରେ ସେ ସୋନପୁର ସବ୍‌ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ।

# କୂଅରେ ପଡ଼ି ହାତୀଛୁଆ ମୃତ

**କେନ୍ଦୁଝର,୨୭।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

କେନ୍ଦୁଝର ଜିଲା ସଦର ରେଞ୍ଜ ଜଡିପଦା ବିଟ୍ କାଠ ବାଉଁଶୁଳି ଗ୍ରାମରେ ଗୁରୁବାର ରାତିରେ ଏକ ଖୋଲା ପଥର କୂଅରେ ପଡ଼ି ଏକ ହାତୀଛୁଆର ମୃତ୍ୟୁ ଘଟିଛି। ହାତୀପଲ ସହ ପରିବା ଫସଲ ଖାଇବାକୁ ଗ୍ରାମରେ ପଶିଥିବା ବେଳେ କୂଅକୁ ଖସିପଡ଼ିଥିଲା।ହାତୀଛୁଆର ବୟସ ଏକ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ମୁତାବକ, ରେଞ୍ଜରେ ଗୁରୁବାର ୧୦ ଟିକିଆ ହାତୀପଲ ବୁଲୁଥିଲା। ରାତି ପ୍ରାୟ ୨ଟା ୩୦ ସମୟରେ ବାଉଁଶୁଳି ଗ୍ରାମର ମୋହନ ଚରଣ ମହାନ୍ତଙ୍କ ବାଡ଼ିରେ ପରିବା ଫସଲ ଖାଇବାକୁ ହାତୀପଲ ପଶିଥିଲେ। ପଲରେ ଥିବା ହାତୀଛୁଆଟି ସେଠାରେ ଥିବା କୂଅରେ ପଡ଼ି ଯାଇଥିଲା। ଖବର ପାଇ ବନ କର୍ମଚାରୀ ପହଞ୍ଚିଥିଲେ। ମା’ ଓ ଅନ୍ୟ ହାତୀ ଦୀର୍ଘ ଘଣ୍ଟା ଘେରି ରହିଥିଲେ। ମା’ହାତୀଛୁଆକୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ମା’ ହାତୀ ମଧ୍ୟ କୂଅରେ ପଡ଼ିଯିବାର ସମ୍ଭାବନା ଥିବାରୁ ବନ କର୍ମଚାରୀମାନେ ବାଣ ଫୁଟାଇ ହାତୀପଲକୁ ଘଉଡ଼ାଇଥିଲେ। ପରେ କ୍ରେନ ସହାୟତାରେ



କ୍ରେନ୍ ସହାୟତାରେ ଛୁଆହାତୀକୁ କୂଅରୁ ଉଦ୍ଧାର କରାଯାଉଛି।

ରାତିରେ ହାତୀଛୁଆକୁ କୂଅରୁ ଉଦ୍ଧାର କରାଯାଇଥିଲା। ମାତ୍ର ସେତେବେଳକୁ ହାତୀଛୁଆଟିର ମୃତ୍ୟୁ ଘଟିଥିବା ସଦର ରେଞ୍ଜ ଅଧିକାରୀ ଅଜିତ ଦାସ ସୂଚନା ଦେଇଛନ୍ତି। ମୃତଦେହକୁ ଟ୍ରାକ୍ଟର ଯୋଗେ ସଦର ବ୍ଲକ୍

### ୧୫ ଦିନ ପୂର୍ବେ ୨ ବାର୍‌ହା କୂଅରେ ପଡ଼ିଥିଲେ

ପଦ୍ମପୁରସ୍ଥିତ ମେଗା ନର୍ସରି ପରିସରକୁ ନିଆଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆଯାଇଥିବା ରେଞ୍ଜ ଅଧିକାରୀ କହିଛନ୍ତି। କୂଅରେ ବେଶି ପାଣି ନ ଥିଲା। ମା’ ହାତୀ ଉଦ୍ଧାର କରିବାକୁ କୂଅକୁ ଭାଙ୍ଗିବାକୁ ଚେଷ୍ଟା କରିବା ସମୟରେ ବଡ ପଥର ଖସି ଛୁଆ ଉପରେ ପଡ଼ିଥିଲା। ଫଳରେ କ୍ଷତାକ୍ତ ହୋଇ ହାତୀଛୁଆର ମୃତ୍ୟୁ ହୋଇଥିବା ମତ ପ୍ରକାଶ ପାଇଛି। ଉଦ୍ଧାର ବେଳେ ସକାଳ ହୋଇଯିବାରୁ ଖବର ପାଇ ଅନେକ ଶହ ଲୋକ ଭିଡ଼ ଜମାଇଥିଲେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଚମ୍ପୁଆ ରେଞ୍ଜ ଉଖଣ୍ଡା ସେକ୍ସନରେ ଏକ ଖୋଲା କୂଅରେ ୨ ବାର୍‌ହା ପଡ଼ି ମୃତ୍ୟୁ ଘଟିଥିଲା। ଖାଦ୍ୟ ଅଭାବରୁ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଛନ୍ତି। ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ ଲୋକେ ଘଉଡ଼ାଥିବାରୁ ବ୍ୟତିବ୍ୟସ୍ତ ହୋଇ ଖାଲ, କୂଅରେ ପଡ଼ି ମୃତ୍ୟୁ ଘଟୁଛି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷକଙ୍କୁ ୨ ଘଣ୍ଟା ତାଲା ପକାଇଦେଲେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ତାତିଲେ ଗ୍ରାମବାସୀ

**କାଳିପଦା,୨୭।୨(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ସିଂଳା ଥାନା ଅନ୍ତର୍ଗତ ଗୁହାଳିପଦା ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣା ପ୍ରଚାରିତ ହେବାପରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ଶିକ୍ଷକଙ୍କୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତାଲା ପକାଇଦେଇଥିଲେ। ପରେ ଉକ୍ତ ଶିକ୍ଷକଙ୍କୁ ସିଂଳା ଥାନାରେ ଜିମା ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଏହି



ଅଭିଭାବକମାନେ ଶିକ୍ଷକଙ୍କୁ ଅଟକ ରଖିଛନ୍ତି।

ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କୃଷ୍ଣଚନ୍ଦ୍ର ମଲ୍ଲିକ ବିଭିନ୍ନ ସମୟରେ ପାଠପଢ଼ା ହେଉ କି ଖେଳକୁଦର ବାହାନା କରି ଅସଦାଚରଣ କରିଥିବା ନେଇ ଛାତ୍ରୀମାନେ ଅଭିଭାବକଙ୍କୁ ଜଣାଇ ଆସୁଥିଲେ। ଶୁକ୍ରବାର ଏହି ଘଟଣାର ପୁନରାବୃତ୍ତି ଘଟିଥିଲା। ଶିକ୍ଷକଜଣକ ପୁଣି ୩ରୁ ୪ ଜଣ ଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀମାନେ ଘରେ ଜଣାଇବା ପରେ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ଉକ୍ତ ଶିକ୍ଷକଙ୍କୁ ପଚାରିବାରୁ ଶିକ୍ଷକ ଏହା ମିଥ୍ୟା ବୋଲି କହିବା ସହିତ ପ୍ରମାଣ ମାଗିଥିଲେ। ଏହାପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ଏଭଳି ଚରମ ପନ୍ଥା ଆପଣେଇଥିଲେ। ଘଟଣା ସମ୍ପର୍କରେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ ଅଭିଯୋଗ ଆସିଛି, ଶନିବାର ଘଟଣାର ସତ୍ୟାସତ୍ୟ ନେଇ ଅନୁଧ୍ୟାନ କରାଯିବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଜ୍ୟ ସଭା: ବିକ୍ରି ହେଲାଣି ୧୨ ସେଟ୍ ଫର୍ମ

**ଭୁବନେଶ୍ୱର,୨୭।୨(ରବିନାରାୟଣ ଜେନା)**

ରାଜ୍ୟ ସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ତାକୁ ନେଇ ରାଜ୍ୟର ପ୍ରମୁଖ ତିନିଦଳ ଭାଜପା, ବିଜେଡି ଓ କଂଗ୍ରେସରେ ସେତିକି ଉତ୍ସୁକତା ଦେଖିବାକୁ ମିଳିଛି। କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ପ୍ରାର୍ଥୀ ଚୂଡ଼ାନ୍ତ ଲାଗି ଶୁକ୍ରବାର ଅପରାହ୍ଣରେ ଦିଲ୍ଲୀ ଗସ୍ତ କରିଥିବାବେଳେ ବିଜେଡି ପକ୍ଷରୁ ଫର୍ମ କିଣା ସରିଥିଲେ ହେଁ ପ୍ରାର୍ଥୀ ଚୂଡ଼ାନ୍ତ ନେଇ କସରତ ଚାଲିଛି। ଅନ୍ୟପକ୍ଷରେ ସରକାରୀ ଦଳ ଭାଜପାର କୋର କମିଟି ବୈଠକରେ ରାଜ୍ୟ ସଭା ପ୍ରାର୍ଥୀ ଚୂଡାନ୍ତ ହୋଇଥିଲେ ହେଁ ତାହାକୁ ସଂସଦୀୟ ବୋର୍ଡର ମୋହର ଏପର୍ଯ୍ୟନ୍ତ ବାଜି ନାହିଁ। ତେଣୁ ଦଳ ପକ୍ଷରୁ ଶୁକ୍ରବାର ସୁଦ୍ଧା ରାଜ୍ୟ ସଭା ଫର୍ମ କିଣା ଯାଇନାହିଁ। ଆସନ୍ତା ମାର୍ଚ୍ଚ ୨ରେ ଭାଜପା ଫର୍ମ କିଣିବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲରେ ରାଜ୍ୟର ଖାଲି ହେବାକୁ ଥିବା ୪ଟି ଆସନ ପାଇଁ ବିଧାନସଭା କାର୍ଯ୍ୟାଳୟରେ ଗୁରୁବାରଠାରୁ ଫର୍ମ ବିକ୍ରି ଆରମ୍ଭ ହୋଇଛି। ପ୍ରଥମ ଦିନ ବିଜେଡିର ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ୬ଟି ସେଟ୍

### ୨ୟ ଦିନରେ କଂଗ୍ରେସ ନେଲା ୩ ସେଟ୍

ଫର୍ମ କିଣିଥିବାବେଳେ ୧ ସେଟ୍ ଫର୍ମ ସ୍ୱାଧୀନ ପ୍ରାର୍ଥୀ ନେଇଛନ୍ତି। ଶୁକ୍ରବାର କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ୩ ସେଟ୍ ଫର୍ମ କିଣିଥିବାବେଳେ କଟକ ତେଲେଙ୍ଗାପେଣ୍ଠର ଜଣେ ଏବଂ ଖୋର୍ଦ୍ଧାର ଜଣେ ସ୍ୱାଧୀନ ପ୍ରାର୍ଥୀ ଫର୍ମ କିଣିଛନ୍ତି। ଏହି ସମୟରେ ଦଳର ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ଉପସ୍ଥିତ ଥିଲେ। ଇତିମଧ୍ୟରେ ବିଭିନ୍ନ ଦଳ ପକ୍ଷରୁ ୧୨ ସେଟ୍ ଫର୍ମ କିଣା ସରିଛି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଥିବା ବେଳେ ଏଥର ଘୋଡ଼ା ବେପାର ହେବାର ପ୍ରଶ୍ନ ଉଠୁନାହିଁ ବୋଲି କଂଗ୍ରେସ କହିଛି।

ଦିଲ୍ଲୀ ଗସ୍ତ ପୂର୍ବରୁ ପିସିସି ସଭାପତି ଭକ୍ତ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା ହେବ। ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ବିଜେଡି ଏବଂ କଂଗ୍ରେସ ସମର୍ଥନ କରି ପ୍ରାର୍ଥୀ କଲେ ଭଲ ହେବ। ଯିଏ ରାଜ୍ୟ ସଭାରେ ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରିପାରିବ ସେଭଳି ପ୍ରାର୍ଥୀ ହେବା ଆବଶ୍ୟକ। ଆମ ନଜରରେ ଭଲ ପ୍ରାର୍ଥୀ ଅଛନ୍ତି କିନ୍ତୁ କିଏ ପ୍ରାର୍ଥୀ ହେବେ ହାଇକମାଣ୍ଡ ସେହି ନିଷ୍ପତ୍ତି ନେବେ। କଂଗ୍ରେସ ନଜରରେ ଲଳିତ ମାନସିଂହ, ପ୍ରଭାସ ପଟ୍ଟନାୟକ, ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତି ଅଛନ୍ତି। ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ମଧ୍ୟ ଆସିଛି, ତାକୁ ତର୍ଜମା କରାଯାଉଛି ବୋଲି ଭକ୍ତ କହିଛନ୍ତି।

ସେହିପରି ରାଜ୍ୟ ସଭା ଗଣିତକୁ ନେଇ ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ୫ ତାରିଖ ହେଉଛି ରାଜ୍ୟ ସଭା ନାମାଙ୍କନ ଭରିବାର ଶେଷ ତାରିଖ। ୨ ଜଣ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଜେଡି ସକ୍ଷମ ଅଛି, ଯଦିଓ ଅନ୍ୟମାନଙ୍କ ସହଯୋଗ ଆବଶ୍ୟକ। ସେଥିନେଇ ଦଳର ସଭାପତି ପିଏସି ବୈଠକରେ ଆଲୋଚନା କରିଛନ୍ତି। ଦଳ ପକ୍ଷରୁ ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା ହେବ ବୋଲି ସାରଦା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଗୋଟିଏ ଆସନ ଛାଡ଼ିଲେ ଅନ୍ୟ ତିନୋଟି ଆସନ ଆମେ ଜିତିବୁ। ରାଜ୍ୟ ସଭା ପାଇଁ ଅଙ୍କକଷା ଚାଲିଛି, ଗୋଟିଏ ଆସନ ବିଜେଡି ନେବ। ଆଉ ତିନୋଟି ଆସନରେ ଭାଜପାରୁ ପ୍ରାର୍ଥୀ କିଏ ହେବ ତାହା ଦଳ ପକ୍ଷରୁ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ସେହିପରି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ କହିଛନ୍ତି, ମାର୍ଚ୍ଚ ୨ରେ ଭାଜପା ପକ୍ଷରୁ ଫର୍ମ କିଣାଯିବ। ଭାଜପା ତିନୋଟି ରାଜ୍ୟ ସଭା ଆସନ ଅକ୍ତିଆର କରିବ।

# ପୋଲିସ ହେପାଜତରୁ ଫେରାର ହେବାର ୫ ଘଣ୍ଟା ପରେ ପୁଣି ଅଭିଯୁକ୍ତ ଗିରଫ

**ଜଗତ୍‌ସିଂହପୁର,୨୭।୨(ପ୍ରମୋଦ କୁମାର ନାୟକ)**

ପୋଲିସ ହେପାଜତରୁ ଫେରାର ହେବାର ୫ ଘଣ୍ଟା ପରେ ପୁଣି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ବିରିଡି ଥାନା ଅନ୍ତର୍ଗତ ଅଡ଼ଙ୍ଗ ମଲ୍ଲୁରାଇ ଗ୍ରାମର ଟିଲିକା ଘଡେଇଙ୍କୁ ୨୬ ତାରିଖରେ ପୋଲିସ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ ଡାକ୍ତରୀ ମାଇନା ପାଇଁ ପୋଲିସ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଟିଲିକା ପୋଲିସକୁ ଚକମା ଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବପଟ ପାଚେରି ଡେଇଁ ଖସିଯିବାକୁ ସକ୍ଷମ ହୋଇଥିଲେ। ଦୀର୍ଘ ୪/୫ ଘଣ୍ଟାର କସରତ ପରେ ପୋଲିସ ବାଲିଆ ନିକଟ ଏକ ଅଜ୍ଞାତ ସ୍ଥାନରୁ ଅଭିଯୁକ୍ତଙ୍କୁ ପୁଣି ଗିରଫ କରିବାକୁ ସକ୍ଷମ ହୋଇଛି।

**■ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ ହୋଇଥିଲେ**

ସୂଚନା ଅନୁଯାୟୀ, ୩/୪ ଦିନ ପୂର୍ବରୁ ପୀଡ଼ିତା ତାଙ୍କ ବାପଘରେ ଥିଲେ। କୌଣସି କାମରେ ରାସ୍ତାରେ ଚାଲିକରି ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ବାଇକରେ ଲିଫ୍ଟ ଦେଇ ନେଇ ଯାଇଥିଲେ। ତା’ପରେ ଗୋରେଖନାଥ ମନ୍ଦିର ଓ ଶାରଳା ମନ୍ଦିର ବୁଲାଇ ବାଲିକୁଦା ମାଛଗାଁ ନିକଟ ଜଣେ ସମ୍ପର୍କୀୟଙ୍କ ଘରେ ଗୋଟିଏ ରାତି ରଖି ତାଙ୍କୁ ବଳାତ୍କାର କରିଥିଲେ। ତା’ ପରଦିନ ଘରକୁ ଯିବା ପାଇଁ ବସ୍‌ରେ ବସାଇ ଦେଇଥିଲେ। ଏ ପରିସ୍ଥିତିରେ ପୀଡ଼ିତା ଜଣେ ସମ୍ପର୍କୀୟଙ୍କୁ ଫୋନ କରି ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିଷୟରେ ଜଣାଇବା ସହ ବିରିଡି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାବେଳେ ଡାକ୍ତରୀମାଇନା ପାଇଁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲାବେଳେ ଉପରୋକ୍ତ ଘଟଣା ଘଟିଥିଲା।

ପ୍ରଥମ ପୃଷ୍ଠାରୁ...

## ଆଫଗାନିସ୍ତାନ ବିରୋଧରେ...

ବିରୋଧରେ ‘ଅପରେଶନ ଘଜବ ଲିଲ୍ ହକ୍’ ଆରମ୍ଭ କରି ଏହାର ପ୍ରମୁଖ ସହରଗୁଡିକ ଉପରେ ଆକ୍ରମଣ କରିଛି। ତାଲିବାନ୍‌କୁ ଠିକଣା ଜବାବ ଦେବା ଲାଗି ଆଫଗାନିସ୍ତାନ ଉପରେ ଆକ୍ରମଣ କରିବା ଛଡ଼ା ଅନ୍ୟ ବିକଳ୍ପ ନ ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ କହିଛନ୍ତି। ପାକିସ୍ତାନ ଇଲାକାରେ ତାଲିବାନ୍ ଆତଙ୍କବାଦୀଙ୍କ ବାରମ୍ବାର ହରକତ୍‌କୁ ନେଇ ଆମେ ଧୈର୍ଯ୍ୟ ହରାଇସାରିଛୁ। ତାଲିବାନ୍ ଯଦି ପାକିସ୍ତାନ ସୀମାରେ ଆକ୍ରମଣ ବନ୍ଦ ନ କରେ ତେବେ ଆମେ ଖୋଲା ଯୁଦ୍ଧ କରିବାକୁ ପ୍ରସ୍ତୁତ ବୋଲି ଆସିଫ୍ କହିଛନ୍ତି। ସେହିପରି ଆଫଗାନିସ୍ତାନକୁ ସାବାଡ଼ କରିବାକୁ ପାକ୍ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନର ଦାବିକୁ ତାଲିବାନ୍ ସରକାର ଅସ୍ୱୀକାର କରିଛନ୍ତି। ପାକ୍ ଆକ୍ରମଣରେ ୮ ତାଲିବାନ୍ ଯୋଦ୍ଧାଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ନଙ୍ଗରହାର୍ ଶରଣାର୍ଥୀ ଶିବିରରେ ରହିଥିବା ୧୩ ନାଗରିକ ମଧ୍ୟ ଆହତ ହୋଇଛନ୍ତି ବୋଲି ଆଫଗାନ ସୂଚନା ମନ୍ତ୍ରୀ ଆତାହୁଲ୍ଲା ତରାର୍ କହିଛନ୍ତି। ତେବେ ଉଭୟ ପକ୍ଷ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ନେଇ ଜାତିସଂଘ ସମେତ ରୁଷିଆ, ଇରାନ ଏବଂ ଚାଇନା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୁଇ ଦେଶ ତୁରନ୍ତ ଯୁଦ୍ଧରୁ ବିରତ ରହି ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ କରିବାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପରାମର୍ଶ ଦେଇଛନ୍ତି।




## ବାନ୍ଦୁରିଗୁଡ଼ି ଜଙ୍ଗଲରେ ନିଆଁ

ଖଜୁରିପଡ଼ା, (ବିଦୁର ବେହେରା): ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଅରାପାଜୁ ପଞ୍ଚାୟତର ବୁଢ଼ାରାକାଡି ଗ୍ରାମର ବାନ୍ଦୁରିଗୁଡ଼ି ଜଙ୍ଗଲରେ ଶୁକ୍ରବାର ସନ୍ଧ୍ୟା ବେଳେ ନିଆଁ ଲାଗିଛି। ନିଆଁ ବଢ଼ୁଥିବା ବେଳେ ବନ ବିଭାଗ କର୍ମଚାରୀ ପହଞ୍ଚି ନାହାନ୍ତି। ଗ୍ରୀଷ୍ମ ଆରମ୍ଭରୁ ହିଁ ଜଙ୍ଗଲ ଜଳିବା ଆରମ୍ଭ ହେଲାଣି। ଏବେଠୁ ଯଦି ବନ ବିଭାଗ ସଚେତନା କରିବା ସହିତ ପଦକ୍ଷେପ ଗ୍ରହଣ କରିବାରେ ବିଳମ୍ବ କରେ ତେବେ ପ୍ରତ୍ୟେକ ଜଙ୍ଗଲ ନିଆଁ ଲାଗି ନଷ୍ଟ ହେବ। ବନ୍ୟ ଜନ୍ତୁ ନଷ୍ଟ ହେବାର ଆଶଙ୍କା ରହୁଛି।

**ସଂକ୍ଷେପରେ**

## ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ଭାଙ୍ଗିପଡ଼ିଲା ଡାଳ

ଜି.ଉଦୟଗିରି,୨୭ା୨(ବିଜୟ କୁମାର ସେଠି): ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ପଞ୍ଚାୟତ ରିଗୁଗୁଡା ଗ୍ରାମ ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ଏକ ଗଛ ଡାଳ ପଡ଼ିଛି। ସୂଚନାନୁସାରେ, ଶୁକ୍ରବାର ସକାଳେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଥିବା ସମୟରେ କେନ୍ଦ୍ର ପଛପଟେ ଥିବା କରଞ୍ଜ ଗଛର ଡାଳ ଭାଙ୍ଗି ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ପଡ଼ିଥିଲା। କିନ୍ତୁ ସୌଭାଗ୍ୟ ବଶତଃ ଭିତରେ ଥିବା କୁନିକୁନି ପିଲାଙ୍କୁ ଅଙ୍ଗନୱାଡ଼ି ଦିଦି ସନ୍ଧ୍ୟାରାଣୀ ପ୍ରଧାନ ବାହାରକୁ ନେବାରେ ସକ୍ଷମ ହୋଇଥିଲେ। କିଛି ପିଲାଙ୍କୁ ସାମାନ୍ୟ ଆଘାତ ଲାଗିଛି। ଆହତଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିବା କହିଛନ୍ତି ସ୍ଥାନୀୟ ସିଡିପିଓ କଳ୍ପନା ଶତପଥୀ। ଘଟଣା ସ୍ଥଳରେ ସ୍ଥାନୀୟ ଭାରପ୍ରାପ୍ତ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର ପହଞ୍ଚି ଘଟଣା ବିଷୟରେ ବୁଝାଶୁଝା କରିଛନ୍ତି। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କେନ୍ଦ୍ର ଉପରେ ପଡ଼ିଥିବା ଡାଳ କାଟି ସଫା କରିଥିଲେ।

# ଢେପିରିଗୁଡାକୁ ରାସ୍ତା ନାହିଁ, ପଞ୍ଚାୟତ କାର୍ଯ୍ୟାଳୟ ୪ କି.ମି. ଦୂର


ଜଙ୍ଗଲ ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ।

ନୂଆଗଡ଼,୨୭ା୨(ଯୋଗୀବନ୍ଧୁ ପରିଡ଼ା): ସରକାର ଗାଁର ବିକାଶ ପାଇଁ ବହୁ ଯୋଜନା କରୁଛନ୍ତି। ହେଲେ ଏବେ ବି ଏଭଳି ଗାଁ ଅଛି ଯେଉଁଠି ବିକାଶ ପହଞ୍ଚିନାହିଁ। ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ବି ଅନେକ ଗାଁ ଅବହେଳିତ ଅବସ୍ଥାରେ ଅଛି। ଗଜପତି ଜିଲା ନୂଆଗଡ ବ୍ଲକ ଉଦୟପୁର ପଞ୍ଚାୟତ ଢେପିରିଗୁଡା ଗାଁରେ ଏଭଳି ବହୁ ସମସ୍ୟା ରହିଛି। ଏହି ଗାଁରେ ୪୫ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଗାଁର ଦୂରତା ପ୍ରାୟ ୪ କିମି। ହେଲେ ଗାଁକୁ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଲୋକେ ପଥର, ମାଟି ପାହାଡ଼ ଚଢ଼ି ଯାତାୟାତ କରୁଥିବା କହିଛନ୍ତି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ସରପଞ୍ଚ, ବିଡ଼ିଓ ଓ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ମନ୍ତ୍ରୀଙ୍କୁ ମଧ ଭେଟି ଦାବି ଜଣାଇଛନ୍ତି। ତଥାପି ରାସ୍ତା ନିର୍ମାଣ ହେଉ ନ ଥିବା କହିଛନ୍ତି ଗ୍ରାମବାସୀ। ରାସ୍ତା ନ ଥିବା ଯୋଗୁ କେହି ରୋଗରେ ପଡିଲେ ମେଡିକାଲ ନେବା କଷ୍ଟକର ହୋଇପଡୁଛି। ଗତ ଏକ ସପ୍ତାହ ତଳେ ଗାଁର ଜଣେ ଛାତ୍ରୀ ଅସୁସ୍ଥ ହୋଇଥିବା ବେଳେ ତାଙ୍କୁ କାନ୍ଧରେ ବୋହି ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମର କେତେଜଣ ମୃତଦେହକୁ ବୋହି ରାତିରେ ଗାଁକୁ ଆଣିଥିଲେ। ସେହିପରି ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଥିଲେ ମଧ ଗତ ପ୍ରାୟ ବର୍ଷେ ହେଲା ତାହା ବନ୍ଦ ରହିଛି। ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ଅଛନ୍ତି। ବିଦ୍ୟାଳୟକୁ ସରକାର ବନ୍ଦ କରିଦେଇଛନ୍ତି ନା ଆଉ କ'ଣ କାରଣ ତାହା ଗ୍ରାମବାସୀ ଜାଣିନଥିବା କହିଛନ୍ତି। ଏନେଇ ନୂଆଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଲିଙ୍ଗରାଜ କାଳିଙ୍କୁ ପଚାରିବାରୁ ଆବଶ୍ୟକ ସଂଖ୍ୟକ ପିଲା ନ ଥିବା ଯୋଗୁ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବିଦ୍ୟାଳୟ ବନ୍ଦ ହୋଇଥିବା କହିଛନ୍ତି। ଅନ୍ୟ ପକ୍ଷରେ ଗାଁରେ ପାନୀୟ ଜଳ ସମସ୍ୟା ମଧ ଲାଗି ରହିଛି। ଗାଁରେ କୌଣସି ନଳକୂପ ଖୋଳାଯାଇନଥିବା ବେଳେ ମହିଳାମାନେ ପାହାଡ଼ ନିକଟରେ ଥିବା ଏକ ଝରଣାରୁ ଗୋଳିଆ ପାଣି ଆଣି ବ୍ୟବହାର କରୁଛନ୍ତି। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ସହ ପାଣି ବ୍ୟବସ୍ଥା ଓ ବିଦ୍ୟାଳୟ ଖୋଲିବାକୁ ଦାବି

### ବର୍ଷେ ହେଲା ସ୍କୁଲ ବନ୍ଦ, ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

କରିଛନ୍ତି ଗ୍ରାମବାସୀ। ସମସ୍ୟାର ସମାଧାନ ପାଇଁ ଯଦି କୌଣସି ପଦକ୍ଷେପ ନ ନିଆଯାଏ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ରାସ୍ତା ନିର୍ମାଣ ପାଇଁ ୧୦ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶିବରାମ ସାହୁ କହିବା ସହ ଅତିଶୀଘ୍ର କାମ କରାଯିବ ବୋଲି କହିଛନ୍ତି। ଖୁବଶୀଘ୍ର ପାଣି ବ୍ୟବସ୍ଥା କରାଯିବ ବୋଲି ନୂଆଗଡ ବିଡ଼ିଓ ଲୋକନାଥ ଶବର କହିଛନ୍ତି।

## ବୁଲେଟ୍- ସ୍କୁଟି ମୁହାଁମୁହିଁ ଧକ୍କା, ଜଣେ ମୃତ

ଦିଗପହଣ୍ଡି,୨୭ା୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି-ଘୋଡାହାଡ ଡ୍ୟାମ ରାସ୍ତାରେ ଶୁକ୍ରବାର ମଧାହ୍ନରେ ଏକ ବୁଲେଟ ଓ ସ୍କୁଟି ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ବି. ଗଣେଶ ରେଡ୍ଡୀ (୨୬)। ଆହତମାନେ ହେଲେ ଆଦିକନ୍ଦପୁରର ଚେରୁ ରେଡ୍ଡୀ(୨୫), ଭୁଷୁଣ୍ଡା ଗ୍ରାମର ରାଜା ପ୍ରଧାନ(୨୪) ଓ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ଆଦର୍ଶ ଦଳାଇ(୨୭)।

ପ୍ରକାଶ ଯେ, ଗଣେଶ ଓ ଚେରୁ ମିଶି ବୁଲେଟ୍ (ନଂ. ଓଡି୦୯ଡି- ୩୫୩୭)ରେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦିଗପହଣ୍ଡିରୁ ଭୁଷୁଣ୍ଡା ଗ୍ରାମକୁ ଯାଉଥିବା ସ୍କୁଟି (ନଂ. ଓଡି ୦୭ଏଏସ - ୬୪୧୮)ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଗଣେଶ ଓ ଚେରୁଙ୍କ ସମେତ ସ୍କୁଟିରେ ଥିବା ରାଜ ଓ ଆଦର୍ଶ ରାସ୍ତା ଉପରେ କଚାଡି ହୋଇ ପଡ଼ି ଗୁରୁତର ହୋଇଥିଲେ। ଗଣେଶ ଯୁବ ବିଜେଡ଼ିର ଜଣେ ସୁସଙ୍ଗଠକ ହୋଇଥିବାରୁ ତାଙ୍କର ବହୁ ସଂଖ୍ୟକ ସାଙ୍ଗସାଥି ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ସମସ୍ତ ଗୁରୁତରଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗଣେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜା ଓ ଆଦର୍ଶଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଚେରୁ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦିଗପହଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ଜବତ କରିବା ସହ ମେଡିକାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ନଂ. ୭୦/୨୬ରେ ମାମଲା ରୁଜୁ ହୋଇଛି।

**GOVERNMENT OF ODISHA**
**DIRECTORATE OF AVIATION: B.P.I. AIRPORT BHUBANESWAR**

**CORRIGENDUM for extension of time for submission of CVs for recruitment of different position under the O/o the Directorate of Aviation, Odisha.**

**No.12001/37/2526** : This notification is in continuation to advertisement No.9001/4/2526, dated 06.02.2026 regarding submission of CVs for recruitment of different position under the O/o the Directorate of Aviation, Odisha and the last date of submission of CVs has been extended from **28.02.2026 to 10.03.2026**. Age limit for submission of application is upto 62 years.

Sd/- Director of Aviation,
DIRECTORATE OF AVIATION: B.P.I. AIRPORT
BHUBANESWAR
OIPR-12001/12136/1/25-26/0002

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
ଜିଲ୍ଲା-ସୁବର୍ଣ୍ଣପୁର
**NOTIFIED AREA COUNCIL, TARBHA**
Dist.- Subarnapur, Odisha-767016
No.223/Date 19.02.2026 nactarbha@gmail.com

**QUOTATION CALL NOTICE**

No.13001/403/2526: Sealed Quotations/Tenders in Double Covers are invited by the Executive Officer, NAC, Tarbha from the Registered Firms/ Entrepreneurs/ Agency/ Contractors/Private Companies for supplying, Installation and Commissioning of "40 FT, HEIGHT FLOATING LORD SHIVA" as per specification given in DTCN. All Quotations/ Tenders should reach before the undersigned by Dt.05.03.2025 upto 5.00 PM through Speed Post/ Regd.Post/ Courier/ by hand (Box Drop) accompanied with Registration Certificate, PAN, GSTIN Certificate, ITR Statements of last 3 years etc. as specified in the DTCN along with Tender Paper Cost of Rs.6000/- and EMD of Rs.10000/- in shape of Demand Draft drawn in favour of Executive Officer, NAC, Tarbha payable at Tarbha which will be opened at on Dt.06.03.2026 at 11.30 AM in the Office of Executive Officer, NAC, Tarbha in the presence of Quotationers/Bidders or their authorized representatives. Quotations received after the stipulated period shall not be entertained. The undersigned reserves the right to accept or reject any or all the quotations without assigning any reason thereof.

Sd./- Executive Officer,
N.A.C., Tarbha
OIPR-13001/13199/1/25-26/0037

# ପାଲୁରଗଡ଼ରେ ଯଜ୍ଞାନନ୍ଦ ଦେଓଙ୍କ ରାଜାଭିଷେକ



ରମ୍ଭା,୨୭ା୨(ବନବାସୀ ସେଠୀ)
ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ସ୍ଥିତ ପାଲୁରଗଡ଼ରେ ରାଜ ପରିବାରର ଯଜ୍ଞାନନ୍ଦ ଦେଓଙ୍କ ରାଜାଭିଷେକ କରାଯାଇଛି। ପଣ୍ଡିତ ଜଗନ୍ନାଥ ଦାଶ ଏବଂ ସହଯୋଗୀଙ୍କ ମନ୍ତ୍ର ଧ୍ୱନିରେ ଶୁକ୍ରବାର ଏହି ସମାରୋହ ଅନୁଷ୍ଠିତ ହୋଇଛି। ପାଲୁରଗଡ଼ ମଦନମୋହନ ମନ୍ଦିରଠାରୁ ମା' ଚାମୁଣ୍ଡା ମନ୍ଦିର ପର୍ଯ୍ୟନ୍ତ ବାଣ ଫୁଟାଇ, ବିଭିନ୍ନ ବାଦ୍ୟ ବଜାଇ ରାଜା ଯଜ୍ଞାନନ୍ଦ ଦେଓ ଓ ରାଣୀ ପ୍ରତିମା ଦେଓଙ୍କୁ ଘୋଡା ଗାଡିରେ ଅଣାଯାଇ ପରେ ରାଜାଭିଷେକ କରାଯାଇଛି। ପାଲୁରଗଡ଼ର ପୂର୍ବତନ ରାଜା ରଜତ ଚନ୍ଦ୍ର ଗଜେନ୍ଦ୍ର ଦେଓଙ୍କ ପୁତ୍ର ମଦନ ମୋହନ ଦେଓ ଅବିବାହିତ ଥିବାରୁ ଦ୍ୱିତୀୟ ଭାଇ ଯଜ୍ଞାନନ୍ଦ ଦେଓଙ୍କୁ ପାଲୁର ତାଲୁକାବାସୀଙ୍କ ମତରେ ରାଜାଭିଷେକ କରାଯାଇଛି। ଶୁକ୍ରବାର ପୂର୍ବତନ ରାଜା ରଜତ ଚନ୍ଦ୍ର ଗଜେନ୍ଦ୍ରଙ୍କ ଦ୍ୱାଦଶାହ ଅବସରରେ ରାଜବାଟିରେ ଶୋକସଭା ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଜୟସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ସୁରଥ ପ୍ରଧାନ, ପୂର୍ବତନ ଅଧକ୍ଷା ଗୀତାଞ୍ଜଳି ବେହେରା, ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପାଲୁରଗଡ଼ କବି କେଶବ ଯୁବକ ସଂଘର ସମସ୍ତ ସଦସ୍ୟ ଏବଂ ଗତିକୃଷ୍ଣ ପଟ୍ଟନାୟକ, ଅନିଲ ପଟ୍ଟନାୟକ, ବିକ୍ରମ ଦାସ ସହଯୋଗ କରିଥିବା ବେଳେ ଗୁରୁଜୀ ବିଷ୍ଣୁ ଚରଣ ବେହେରା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ସୂଚନାଯୋଗ୍ୟ, ୧୯୬୭ରେ ଜନ୍ମିତ ରଜତ ଚନ୍ଦ୍ର ଗଜେନ୍ଦ୍ରଙ୍କ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୬ ତରିଖରେ ମୃତ୍ୟୁ ହୋଇଥିଲା। ସେ ଜଣେ ଜନନାୟକ, ମେଳାପୀ, ସମାଜିକ କର୍ମୀ ଓ ମିଷ୍ଟଭାଷୀ ଥିଲେ।

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Ph.No.06815-222052, e-Mail:parala.mply@gmail.com
**'e'- Procurement Notice**
Bid Identification No.06/PKDM-2025-26
**13001/399/2526** Letter No.838, Date 24.02.26

| | | |
|---|---|---|
| 1 | Name of the Work | 39 (Thirty Nine) Nos. Civil construction works |
| 2 | Estimated Cost | Varies from Rs.1.15 Lakhs to Rs.16.60 Lakhs |
| 3 | Period of Completion | One to Three Calendar Months |
| 4 | Date and Time of availability of bid documents in the portal | From 27.02.2026 at 10.00 A.M. to 12.03.2026 at 5.00 P.M. |
| 5 | Last date/time for receipt of bids in the portal | 12.03.2026 at 5.00 P.M. |
| 6 | Date and Time of Opening of Bid | 13.03.2026 at 11.00 A.M. |
| 7 | Name and Address of the Officer Inviting Bid | Executive Officer, Paralakhemundi Municipality |

Further details can be seen from the e-procurement portal "https://tendersorissa.gov.in"

Sd./- Executive Officer
OIPR-13001/13145/1/25-26/0003 Paralakhemundi Municipality

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org
ପତ୍ରସଂଖ୍ୟା ୧୭ ତା.୨୩.୦୨.୨୬
**ବିଜ୍ଞାପନ**
No.13001/397/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି [illegible]
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0080

## ଟ୍ରାକ୍ଟରରେ ମାଟ୍ରିକ୍ ପରୀକ୍ଷାର୍ଥୀ ବୁହାହେବା ଘଟଣା
# ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ବାଲିଗୁଡ଼ା,୨୭ା୨(ସଞ୍ଜୟ କୁମାର ପାଣିଗ୍ରାହୀ)
ବାଲିଗୁଡ଼ା ଉପଖଣ୍ଡ କ.ନୂଆଗାଁ ସ୍ଥିତ ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାର୍ଥୀ ଟ୍ରାକ୍ଟରରେ ମାତ୍ର ୩ କି.ମି. କୁଡୁତୁଲି ବିଦ୍ୟାଳୟକୁ ବୁହା ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ରଥଙ୍କୁ ଶୁକ୍ରବାର କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରଧାନ ଶିକ୍ଷକ ପ୍ରଥମେ ନିଜ ଦୋଷ ଲୁଚାଇବାକୁ ଯାଇ ଟ୍ରାକ୍ଟର ଡ୍ରାଇଭର ମୁଣ୍ଡରେ ଦୋଷ ଲଦି ଖସି ଯିବା ପାଇଁ ଚେଷ୍ଟା କରିଥିଲେ। ପରେ ଡେ ସ୍କୋଲାର ପିଲାଙ୍କ ଅଭିଭାବକଙ୍କ ମୁଣ୍ଡରେ ଦୋଷ ଲଦିଥିଲେ। ଘଟଣାର ସଠିକ୍ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡେ ସ୍କୋଲାର୍ ପିଲା ଅଭିଭାବକ ମାନେ ଦାବି କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଅଭିଭାବକ ଅପେକ୍ଷା କରି ରହିଛନ୍ତି।ସୂଚନାଯୋଗ୍ୟ, କ.ନୂଆଗାଁ ସ୍ଥିତ ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କୁଡୁତୁଲି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। କେନ୍ଦ୍ରଟି ବିଦ୍ୟାଳୟ ଠାରୁ ପ୍ରାୟ ୩ କି.ମି ଦୂର। ଗତ ୧୯ ତାରିଖରେ ଛାତ୍ରୀଛାତ୍ରମାନେ ଏକ ଟ୍ରାକ୍ଟରରେ ବସି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଜିଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଭାଜପାର ବନ୍ଧୁମିଳନ

ଧରାକୋଟ,୨୭ା୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)
ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତର ବେଠୁଆର ଗ୍ରାମସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା ଘୋଡାଦେଈଙ୍କ ପୀଠରେ ଜାହାଡା, ରୁଗୁମୁ, ବରଡାବିଲି ଓ ମାଣିକପୁର ପଞ୍ଚାୟତର ଭାଜପା କର୍ମୀଙ୍କ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନିଲ ମହାନ୍ତି, ଜାହାଡା ମଣ୍ଡଳ ସଭାପତି ଜିତେନ୍ଦ୍ର ବିଷୋୟୀ, ମାଣିକପୁର ମଣ୍ଡଳ ସଭାପତି ଟୁକୁନା ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ଘୁମୁସର କାର୍ଯ୍ୟକାରୀ ସଭାପତି ମାନସ ନାୟକ, ପୂର୍ବତନ ମଣ୍ଡଳ ସଭାପତି ୟୁ.ପାପା ରାଓ, ମାଣିକପୁର ମଣ୍ଡଳ ସମ୍ପାଦକ ଶଙ୍କର ପ୍ରସାଦ ପାଣିଗ୍ରାହୀ,ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରେ ଭାଜପାକୁ ସୁଦୃଢ଼ କରି ସଙ୍ଗଠନ ବଢ଼ାଇବା, ପଞ୍ଚାୟତ ନିର୍ବାଚନ ଆଗକୁ ଥିବାରୁ ଏଥିପାଇଁ ସମସ୍ତେ ପ୍ରସ୍ତୁତ ରହିବାକୁ ଆଲୋଚନା ହୋଇଥିଲା।

## ନୂଆ ୪୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଆସିକା,୨୭ା୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନଏସି ପକ୍ଷରୁ ଶୁକ୍ରବାର ଏନଏସିଅନ୍ତର୍ଗତ ୧୮ଟିୱାର୍ଡର ବିଭିନ୍ନ ବର୍ଗର ୪୭ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ଇଓ ରାଜେଶ ମହାପାତ୍ର, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ସିଇଓ ମାନସୀ ରାଣୀ ସାହୁ ଉପସ୍ଥିତ ଥିଲେ।

## ଶ୍ରେଷ୍ଠ ପରିଚାଳନା ପୁରସ୍କାର ପାଇଲା ଆସିକା ଚିନିଶିଳ୍ପ

ଆସିକା,୨୭ା୨(ସୁରେନ୍ଦ୍ର ନାଥ ସାହୁ):
ଆସିକା ସମବାୟ ଚିନିଶିଳ୍ପ ରାଜ୍ୟର ଶ୍ରେଷ୍ଠ ପରିଚାଳିତ ସମବାୟ ସଂସ୍ଥା ଭାବେ ପୁରସ୍କୃତ ହୋଇଛି। ଭୁବନେଶ୍ୱର ଖାରବେଳନଗରସ୍ଥିତ ଭାରତୀୟ ବିଦ୍ୟା ଭବନ ସଭା ଗୃହରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଚିନିଶିଳ୍ପର ସଭାପତି ରବିନ୍ଦ୍ର ପଣ୍ଡା ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ମୁକ୍ତ ଚନ୍ଦନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଦାସ ବେନେହୁର, ମନୋଜ କୁମାର ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚିନିଶିଳ୍ପ ସଭାପତି ସାଂପ୍ରତିକ ସ୍ଥିତିରେ ରାଜ୍ୟରେ ସମବାୟ ଭିତ୍ତିକ ଶିଳ୍ପ ଉପରେ ବକ୍ତବ୍ୟ ରଖିଥିଲେ।

**ନାଭାଲ କିଣ୍ଡରଗାର୍ଟେନ୍, ଆଇଏନ୍ଏସ୍ ଚିଲିକା**
ନାଭାଲ ବେସ୍, ଆଇଏନ୍ଏସ୍ ଚିଲିକା, ଜିଲ୍ଲା-ଖୋର୍ଦ୍ଧା-୭୫୨୦୩୭
ଇମେଲ୍: navalkindergarten@gmail.com

**ଏନ୍‌କେଜି ଚିଲିକାରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ପଦବୀଗୁଡ଼ିକ ପାଇଁ ଖାଲିସ୍ଥାନ ଉପଲବ୍ଧ**

୧. ପ୍ରଧାନ ଶିକ୍ଷୟିତ୍ରୀ ଏବଂ ବାଲ୍‌ବାଟିକା ଶିକ୍ଷକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯେଉଁମାନଙ୍କୁ ଏନ୍‌କେଜି ଚିଲିକାଠାରେ ୨୬ ମାର୍ଚ୍ଚ, ୨୦୨୬ ଦିନ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ତଥା ପ୍ରାକ୍ଟିକାଲ କ୍ଲାସ୍ ଡେମୋନଷ୍ଟ୍ରେଶନ୍ ଜରିଆରେ ଚୟନ କରାଯିବ।
୨. ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ୦୨ ମାର୍ଚ୍ଚ, ୨୦୨୬ ସୁଦ୍ଧା navalkindergarten@gmail.comରେ ସେମାନଙ୍କର ରିଜ୍ୟୁମ୍ ପଠାଇପାରନ୍ତି। ଯୋଗ୍ୟତା ମାନଦଣ୍ଡ ନିମ୍ନ ଅନୁଯାୟୀ ଅଟେ:

| | |
|---|---|
| **ପ୍ରଧାନ ଶିକ୍ଷୟିତ୍ରୀ** | |
| ୧. | **ବୟସ ସୀମା:** ୦୧ ଜୁଲାଇ, ୨୦୨୬ ସୁଦ୍ଧା ୩୦ରୁ ୫୦ ବର୍ଷ। |
| ୨. | ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଏକ ନିୟମିତ ପାଠ୍ୟକ୍ରମରେ ଅତି କମ୍‌ରେ ୫୫% ମାର୍କ ସହିତ ସ୍ନାତକ ଡିଗ୍ରୀ ସମ୍ପୂର୍ଣ୍ଣ କରିଥିବେ। |
| ୩. | ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଅତି କମ୍‌ରେ ୫୦% ମାର୍କ ସହିତ ୦୨ ବର୍ଷିଆ ନର୍ସରୀ ଟିଚର୍ ଏଜୁକେଶନ/ ପ୍ରି-ସ୍କୁଲ୍ ଏଜୁକେଶନ/ ଅର୍ଲି ଚାଇଲ୍ଡହୁଡ୍ ଏଜୁକେଶନ ପ୍ରୋଗ୍ରାମ୍‌ରେ ଡିପ୍ଲୋମା କିମ୍ବା ସମତୁଲ୍ୟ କିମ୍ବା ଏକ ନିୟମିତ ପାଠ୍ୟକ୍ରମ ଭାବେ ବି.ଇଡି ସମ୍ପୂର୍ଣ୍ଣ କରିଥିବେ। |
| ୪. | **ଅଭିଜ୍ଞତା**: ପ୍ରଯୁଜ୍ୟ ହୋଇଥିବା ଅନୁଯାୟୀ ହେଡ୍ ଅଫ୍ ଫାଉଣ୍ଡେସନ୍/ ପ୍ରିପାରେଟୋରି ଷ୍ଟେଜ୍ ସ୍କୁଲ୍ ଭାବେ ଅତି କମ୍‌ରେ ତିନିବର୍ଷର ଅଭିଜ୍ଞତା କିମ୍ବା ସିବିଏସ୍‌ଇ ସ୍କୁଲରେ ଫାଉଣ୍ଡେସନ/ ପ୍ରିପାରେଟୋରି ଷ୍ଟେଜରେ ଅତି କମ୍‌ରେ ପାଞ୍ଚ ବର୍ଷର ସମ୍ମିଳିତ ଶିକ୍ଷାଦାନ ଅଭିଜ୍ଞତା। |
| **ଶିକ୍ଷକ** | |
| ୧. | **ବୟସ ସୀମା:** ୦୧ ଜୁଲାଇ, ୨୦୨୬ ସୁଦ୍ଧା ୨୧ରୁ ୫୦ ବର୍ଷ। |
| ୨. | ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଅତି କମ୍‌ରେ ୫୦% ମାର୍କ ସହିତ ୦୨ ବର୍ଷିଆ ନର୍ସରୀ ଟିଚର୍ ଏଜୁକେଶନ/ ପ୍ରି-ସ୍କୁଲ୍ ଏଜୁକେଶନ/ ଅର୍ଲି ଚାଇଲ୍ଡହୁଡ୍ ଏଜୁକେଶନ ପ୍ରୋଗ୍ରାମ୍‌ରେ ଡିପ୍ଲୋମା କିମ୍ବା ସମତୁଲ୍ୟ କିମ୍ବା ଏକ ନିୟମିତ ପାଠ୍ୟକ୍ରମ ଭାବେ ବି.ଇଡି ସମ୍ପୂର୍ଣ୍ଣ କରିଥିବେ। |

CBC 10702/11/0082/2526

**OFFICE OF THE MUNICIPAL COUNCIL RAYAGADA, DIST.-RAYAGADA**
PIN CODE-765001, ODISHA
E-mail ID - raygadam.hud@nic.in, raygadam.hud@gmail.com
Letter No. 821 Date - 25.02.2026

**Quotation Call Notice**

**No.13001/414/2526** : Sealed quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the Office of Executive Officer, Rayagada Municipality on or before Dt 13.03.2026 by 1.00 P.M through speed post/courier or by hand and will be opened on same day at 4.00 PM in the presence of Quotationer or their authorized agent if present. The Quotationer should submit the PAN Card & GST registration certificate enclosing with the Quotation paper along with covering letter. The Quotation received after due date and time will not be entertained. The paper cost of Rs 1000/- (Non-Refundable) and EMD Rs 10,000/- (Refundable) should be furnished in shape of Bank Draft/Bankers Cheque from any nationalized bank in favour of " Executive Officer, Rayagada Municipality" and attach the same with the quotation paper. This Quotation paper along with annexure available in office website www.rayagadamunicipality.in for wide publication and download.

The undersigned reserves the right to cancel / reject any or all the quotation without assigning any reason thereof.

Sd./- Executive Officer
Rayagada Municipality
OIPR-13001/13150/1/25-26/0002

See Career Appointment on every Wednesday & Saturday

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
**ସୂଚନା**
No.13001/409/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି [illegible]
ସ୍ୱା./-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)
OIPR-13001/13037/1/25-26/0053

इंडियन बैंक Indian Bank
इलाहाबाद ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର-୬, ସିଡ଼ିଏ
ପୋ: ମର୍କତ ନଗର, କଟକ-୭୫୩୦୧୪
zocuttack@indianbank.co.in
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେସି) ଆକ୍ଟ୍, ୨୦୦୨ (୨୦୦୨ର ନଂ. ୫୪) ଅନୁଯାୟୀ ବ୍ୟାଙ୍କରୁ [illegible]

[illegible]

| କ୍ର. ନଂ. | ଚିନିମୂର୍ଖୀ କେନ୍ଦ୍ରାପଡ଼ା ଶାଖା / ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ/ବକେୟା | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | [illegible] | [illegible] IDIB06516967876R | [illegible] | ଟ.୪୦,୦୦,୦୦୦/- ଟ.୪,୦୦,୦୦୦/- ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା୧୮.୦୩.୨୦୨୬ରିଖ (ବୁଧବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

[illegible] https://baanknet.com [illegible]

ସ୍ଥାନ: କଟକ, ତାରିଖ: ୨୭.୦୨.୨୦୨୬
ସ୍ୱା:- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**GOVERNMENT OF ODISHA** No. 25001/256/2526
**OFFICE OF THE SUPERINTENDING ENGINEER, RURAL WORKS DIVISION, KORAPUT**
Phone: Off (06852) 251263, email: eerwkoraput@yahoo.com
Letter No. 821 **Bid Identification No. SERWKPT-ONLINE-11/2025-26** Dtd.: 25.02.2026

1. Name of the Work : Special repair to Road Works for the year 2025-26
2. Total number of Works : 02 Nos.
3. Approximate Estimated Cost : Rs.38.13 Lakhs (Approxmiately)
4. Class of Contractor : "C" & "B" Class
5. Period of Completion : 1 Month
6. Detail Projects : As per Annexure attached

Other details as follows :

| Procurement Officer | Bid Identification No. | No. of Works | Availability of tender online bidding | | Date & time Opening of Tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-11/2025-26 | 02 (Two) Nos | 05.03.2026 at 11.00 A.M. | 12.03.2026 upto 3.30 P.M. | 12.03.2026 at 5.30 P.M. |

Further details can be seen from the website **www.tendersodisha.gov.in/nicgep/app**.
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B.: Any addendum or corrigendum will be available in the website only.
OIPR-25001/25088/1/25-26/0037 Sd./- Executive Engineer, Rural Works Division, Koraput

# ଅସ୍ଥାୟୀ କୋଠା ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହେବ ୪୯ ଲକ୍ଷ

ଭଞ୍ଜନଗର,୨୭।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ଚଳିତ ବର୍ଷର ତୃତୀୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ଭଞ୍ଜନଗର ଉପ ଜିଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଉମାଶଙ୍କର ବେହେରା ଯୋଗଦେଇ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ଖୋଲିବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଖାଇବା ତେଲ, ଚିନି ବ୍ୟବହାର କିଭଳି କମାଇବେ ସେ ଉପରେ ମଧ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ପ୍ରଦୀପ କମାନୁ ବିଦ୍ୟାଳୟର ବିବରଣୀ ପ୍ରଦାନ କରିଥିଲେ। ଭଲିବଲ ଏବଂ କରାଟେରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ଏଥିସହ ଅନ୍ୟାନ୍ୟ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତାରେ ମଧ ଛାତ୍ରୀଛାତ୍ରମାନେ ଭାଗନେଇ ବିଦ୍ୟାଳୟର ସୁନାମ ବଢାଇଛନ୍ତି ବୋଲି ଅଧକ୍ଷ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ନାୟକ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧକ୍ଷ କୁମୁଦ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭ୍ୟା କ୍ରିଷ୍ଣାମୟୀ ପରିଡ଼ା, ସଭ୍ୟ ସନ୍ତୋଷ ଜେନା,ରବି ନାରାୟଣ ଦାସ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସତ୍ୟ ବାନ ସାହୁ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ୨୦୧୦ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବ୍ୟବହୃତ ଛାତ୍ରାବାସରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲା। ଚଳିତବର୍ଷ ସେଠାରେ ଯୁକ୍ତ ୨ ବିଜ୍ଞାନ ଖୋଲିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଯୁକ୍ତ ୨ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ବର୍ତ୍ତମାନ ପ୍ରସ୍ତୁତି ଚାଲିଛି। ଏନେଇ ୪୯ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସମ୍ପୂର୍ଣ୍ଣ କୋଠାର ପୁନଃରୁଦ୍ଧାର କରାଯିବ। ଅର୍ଥ କିଭଳି ତୁରନ୍ତ ଅନୁମୋଦନ ହୋଇପାରିବ ସେନେଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଅପରପକ୍ଷେ ସ୍ଥାୟୀ କୋଠା ନିର୍ମାଣ ପାଇଁ ଇତିମଧ୍ୟରେ କେନ୍ଦ୍ର ସରକାର ୩୩ କୋଟି ୧୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଫଟୋ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ**

# ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ କାର୍ଯ୍ୟକ୍ରମ

ବାଳିଗୁଡା,୨୭।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଏକଦିବସୀୟ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ କାର୍ଯ୍ୟକ୍ରମ ବାଳିଗୁଡ଼ା ଉପଖଣ୍ଡ ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ପାଠଚକ୍ରର ଶୀର୍ଷକ 'କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା' ଥିଲା । ଏଥିରେ ଉଦ୍‌ଘାଟକ ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ.ପ୍ରସନ୍ନ ସ୍ୱାଇଁ ଯୋଗ ଦେଇ କନ୍ଧମାଳର ଲୋକ ସଂସ୍କୃତି ହିଁ କନ୍ଧମାଳକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧକ୍ଷ ଡ.ଦୀପକ ମହାନ୍ତି, ଶ୍ରୀଭରତପତି ମହାବିଦ୍ୟାଳୟର ଅଧ୍ୟାପକ ଡ.ଅଶୋକ ପଣ୍ଡା ଯୋଗ ଦେଇଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପକ ଭାବେ ଦୀନକୃଷ୍ଣ ମହାପାତ୍ର ବିଷୟବସ୍ତୁର ଉପସ୍ଥାପନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ଶ୍ରୀମାନ୍ କାହ୍ନୁ ଚରଣ ପାତ୍ର ଏବଂ ଏଏମ୍‌ସିଏସ୍ ମହାବିଦ୍ୟାଳୟର ସ୍ନାତକ ଶ୍ରେଣୀ ଛାତ୍ରୀ ସୁଲେଖା ଭୋଇ ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଶୁଦ୍ଧ ଓଡ଼ିଆ ଭାଷା ଲିଖନ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀ ପ୍ରଥମଙ୍କୁ ୧୫୦୦, ଦ୍ୱିତୀୟ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କୁ ୧୨ଶହ ଏବଂ ତୃତୀୟ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କୁ ୧ହଜାର ଟଙ୍କା ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବନମାଳୀ ବେହେରା ଅତିଥିଙ୍କୁ ସ୍ୱାଗତ, ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଗିଲୁ ପ୍ରଧାନ, ଭଞ୍ଜକିଶୋର ସାହୁ, ଅଜୟ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ।

## ମା'ନାକିଟିଭବାନୀଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

### ପ୍ରତି ୫ ବର୍ଷରେ ଥରେ ହୁଏ ମା'ଙ୍କ ଯାତ୍ରା

ପାରଳାଖେମୁଣ୍ଡି,୨୭।୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲ୍ଲା ସଦର ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଯାଜପୁର ଗ୍ରାମ ଦେବତୀ ମା' ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା ପାଇଁ ଶୁକ୍ରବାର ଶୁଭ ପଡ଼ିଛି। ଚୈତ୍ରମାସ ମାର୍ଚ୍ଚ ୨୩ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ନଅ ଦିନ ଧରି ଯାତ୍ରା ହେବ। ଗାଁର ବଡ଼ସାହିରୁ ଗ୍ରାମବାସୀ ବାଜା ବାଜଣା ସହ ଗଜା ମୁଖା ଧରି ସାହି ପରିକ୍ରମା କରିବା ସହ ବାଇଧର, ତ୍ରିନାଥ ମଣ୍ଡପ, ହନୁମାନ ମନ୍ଦିର ସହ ତୁଳସୀ ଚଉରାରେ ପୂଜା ଅର୍ଚ୍ଚନା କରି ମା'ଙ୍କ ମନ୍ଦିରରେ ପହଞ୍ଚି ମା'ଙ୍କୁ ହଳଦୀ ପାଣିରେ ସ୍ନାନ କରାଇ ବଡ଼ସାହି ତୁଳସୀ ଚଉରା ଠାରେ ଶୁଭଖୁଣ୍ଟି ସ୍ଥାପନ କରିଛନ୍ତି। ଗ୍ରାମର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା' ନାକିଟିଭବାନୀ କେଉଁ ପୁରାତନ କାଳରୁ ଯାଜପୁର ଗ୍ରାମର ଉତ୍ତରପୂର୍ବ କୋଣରେ ଏକ ବିଲପ୍ରାନ୍ତ ମଧ୍ୟରେ ମା'ଙ୍କ ଆସ୍ଥାନ ରହିଛି। ପ୍ରତ୍ୟେକ ଗ୍ରାମବାସୀ ଭକ୍ତି ବିଶ୍ୱାସ ସହକାରେ ନିଷ୍ଠାର ସହ ମା'ଙ୍କୁ ମାନି ଆସୁଛନ୍ତି। ମା'ଙ୍କ ପ୍ରତି ପାଞ୍ଚ ବର୍ଷକୁ ଥରେ ଏହି ଠାକୁରାଣୀ ଯାତ୍ରା ହୋଇଥାଏ। ଗ୍ରାମର ଅସ୍ଥାୟୀ ମଣ୍ଡପରେ ମା' ବିଜେ କରି ପ୍ରତି ସନ୍ଧ୍ୟାରେ ଓ ସକାଳୁ ଗ୍ରାମ ପରିକ୍ରମା କରନ୍ତି। ଏହି ସମୟରେ ଗ୍ରାମ ଉତ୍ସବ ମୁଖର ହୋଇଥାଏ। ବିପଦ ଆପଦରେ ଲୋକଙ୍କ ପାଖରେ ମା' ଛିଡା ହୋଇଥାନ୍ତି ବୋଲି ଗ୍ରାମବାସୀ କହନ୍ତି।


इंडियन बैंक Indian Bank इलाहाबाद ALLAHABAD

ZONAL OFFICE, BERHAMPUR (ODISHA)
Plot No. 704/7172 & 704/7174, 1st Floor
Sri Krishna Vihar Chowk, Main Road
Ambapua, Berhampur, Odisha-760011

**NOTICE**

Notice is hereby given to Shri Pujari Sudhir Kumar, S/o- Pujari Ramana, R/O- 4th Lane, Gola Sahi, New Colony, Natraj Medical, Rayagada (Odisha), Permanent address as recorded, presently posted as Customer service associate at Indian Bank, New Colony, near P S R Cinema, Rayagada, Odisha-765001 was on unauthorised absence since 04.08.2025. Final Notice dated 13.01.2026 has been issued but could not be delivered to him as he was not available to receive the same. Shri Pujari Sudhir Kumar is hereby notified that, he may call at Indian Bank, Zonal Office, Shri Krishna Vihar Chowk, Ambapua, Berhampur, Phone No.- 0680-2404016 to receive the final notice. Shri Pujari Sudhir Kumar is also informed that, his written statement should be submitted on or before 7 days from the date of this publication. No further extension of time is permitted. If reply from Shri Pujari Sudhir Kumar is not received within specified time it is deemed that, he has voluntarily left the service of the Bank and vacated his employment in the bank as per the term of clause 33 of VIII Bipartite settlement dated 02.06.2005.

Zonal Manager
Indian Bank, Zonal Office, Berhampur, Odisha



**IN THE COURT OF 4th ADDL. SENIOR CIVIL JUDGE, CUTTACK**
**CIVIL SUIT NO.III 468/2018**

INDIAN OVERSEAS BANK, MATAMATHA, CUTTACK .....APPELLANT
Vrs.
Anuari Bibi .....DEFENDANT

**Defendant- Anuari Bibi**, aged 36, W/o- Abid Khan, At- Resident of Uttamapur, P.O.- Kazipatna, City/Dist.- Cuttack-753011. Mob-8908446452.

**SUMMON BY PAPER PUBLICATION**
**(Under Order-5, Rule-20(1-A) of the Code of Civil Procedure)**

Take notice that the plaintiff has instituted the above suit before the Hon'ble Court for a decree of **Rs.1,01,208/-** with interest against the defendant along with other relief. The above mentioned defendant is therefore, directed to appear before this Hon'ble Court in person or through Counsel or duly authorized agent, in support of your defence to show cause within 30 days from the publication or on **23.03.2026 at 10.30 A.M.** as to why reliefs prayed for should not be granted.

Take notice that in case of default, the suit will be heard and determined in your absence.

Given under my hand seal of the Hon'ble Secretary on the **24.02.2026.**

Sd/-
Sr. Civil Judge, 4th Addl., Cuttack


# କନଷ୍ଟେବଲଙ୍କୁ ଛୁରା ମାଡ଼, ୨ ଗିରଫ

ଫୁଲବାଣୀ, ୨୭।୨(ରାକେଶ କୁମାର ରାଉତ)

ଫୁଲବାଣୀ ସହରର ମଧ୍ୟଭାଗରେ ଥିବା ସାଇମନ୍ଦିର ନିକଟରେ ଶୁକ୍ରବାର ସନ୍ଧ ବିଦାଲୋକରେ ଜଣେ କର୍ତ୍ତବ୍ୟରତ କନଷ୍ଟେବଲଙ୍କୁ ଛୁରିରେ ଭୁସି ହତ୍ୟା ଉଦ୍ୟମ କରାଯାଇଥିଲା। ଆକ୍ରମଣର ଶିକାର ହୋଇଥିବା କନଷ୍ଟେବଲ ହେଲେ ମନୋରଞ୍ଜନ ସାବତ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଫୁଲବାଣୀରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସାଲୁଙ୍କି ସାହିର ସନ୍ତୋଷ ସ୍ୱାଇଁ (୨୮) ଏବଂ ଅଞ୍ଜନ ପ୍ରଧାନ (୨୫)।ଖବରରୁ ଜଣାପଡିଛି, ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କନଷ୍ଟେବଲ ମନୋରଞ୍ଜନ ସାଇ ମନ୍ଦିର ନିକଟରେ ଡ୍ୟୁଟି କରୁଥିବା ବେଳେ ସନ୍ତୋଷ ଏବଂ ଅଞ୍ଜନଙ୍କ ସହ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଉଭୟେ ମନୋରଞ୍ଜନଙ୍କୁ ଅତର୍କିତ ଆକ୍ରମଣ କରି ଛୁରିରେ ଭୁଶିବା ସହ ସହ ଠେଙ୍ଗାରେ ମଧ ତାଙ୍କୁ ପିଟିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା କେତେ ଜଣ ଖବରଦାତା ଏହା ଦେଖି ସେମାନେ ଦୁଇ ଆକ୍ରମଣକାରୀଙ୍କୁ କାବୁ କରି ମନୋରଞ୍ଜନଙ୍କୁ ତାଙ୍କ କବଳରୁ ଉଦ୍ଧାର କରିଥିଲେ। ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ତୋଷ ଓ ଅଞ୍ଜନଙ୍କୁ ଗିରଫ କରିଥିଲା। ଏ ନେଇ ଟାଉନ ଥାନାରେ ୬୨/୨୬ରେ ମାମଲା ରୁଜୁ ହୋଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଆଇ ସରୋଜ ସାହୁ ଘଟଣାର ତଦନ୍ତ ଜାରି ଥିବା କହିଛନ୍ତି। ଦିନ ଦ୍ୱିପ୍ରହରେ ଜଣେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀ ସୁରକ୍ଷିତ ନ ଥିବା ବେଳେ ସାଧାରଣ ଲୋକଙ୍କୁ ସୁରକ୍ଷା ନେଇ ଏବେ ପ୍ରଶ୍ନ ଉଠିଛି।

## ବେଆଇନ ଇଟାଭାଟି ଉପରେ ଚଢ଼ାଉ

ଆସିକା,୨୭।୨(ସୁରେନ୍ଦ୍ର ନାଥ ସାହୁ): ଆସିକା ତହସିଲ ଅନ୍ତର୍ଗତ ବାବନପୁର-ଆଲିପୁର ରାସ୍ତା ଓ ଦେବଗୁମ୍ମି-ରଞ୍ଜିପୁର ରାସ୍ତା କଡରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ଶୁକ୍ରବାର ସକାଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢାଉ ବେଳେ ୪ଟି ଇଟାଭାଟିକୁ ମେଶିନ ଲଗାଇ ଭାଙ୍ଗି ଦିଆଯାଇଛି । ଆସିକା ତହସିଲଦାର ସଙ୍ଗୀତା ସେନଙ୍କ ନେତୃତ୍ୱର ଅତିରିକ୍ତ ତହସିଲଦାର ଅମରେଶ ସାବତ ଏବଂ ରାଜସ୍ୱ ବିଭାଗୀୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ପୋଲିସ ଚଢାଉରେ ସାମିଲ ଥିଲେ । ଆଗାମି ଦିନରେ ଏଭଳି ବେଆଇନ ଇଟାଭାଟି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।

## ୩୫ ଜଣଙ୍କୁ ଭତ୍ତା ବଣ୍ଟନ

ବୁଗୁଡ଼ା,୨୭।୨(କାଳିଚରଣ ଦାଶ)

ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଗୁରୁବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପରିଷଦର ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୩୫ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନଶନ ଯୋଜନାର ଭତ୍ତା ବଣ୍ଟନ କରିଛନ୍ତି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜନପ୍ରତିନିଧିଗଣ, ଏନ୍‌ଏସିର କର୍ମଚାରୀ ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

## କୃତଜ୍ଞତା ଜଣାଇଲା ଆୟୁଷ ଡାକ୍ତର ସଂଘ

ବେଲଗୁଣ୍ଠା,୨୭।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ଘୋଷଣା କରିବା ପରେ ଶୁକ୍ରବାର ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଆୟୁଷ ଡାକ୍ତର ଏକାଠି ହୋଇ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇଛନ୍ତି। ଏହା ସହିତ ତାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ଏହି ସିଦ୍ଧାନ୍ତ ସ୍ୱାସ୍ଥ୍ୟସେବାକୁ ଆହୁରି ସଶକ୍ତ କରିବା ସହ ଆୟୁଷ ଡାକ୍ତରଙ୍କ ମନୋବଳ ବୃଦ୍ଧି କରିବ ବୋଲି ସଂଘ ଆଶା ବ୍ୟକ୍ତ କରିଛି। ଗଞ୍ଜାମ ଜିଲା ଆୟୁଷ ଡାକ୍ତର ସଂଘର ସାଙ୍ଗଠନିକ ସମ୍ପାଦକ ଡାକ୍ତର ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଡ଼ା. ବସନ୍ତ ସ୍ୱାଇଁ, ଡା. ପାଣ୍ଡ ସ୍ୱାଇଁ, ଡା. ଏ. ମନୋଜ ପାତ୍ର ଓ ଡ଼ା. ନାରାୟଣ କାଣ୍ଡି ବିଧାୟକଙ୍କୁ ଭେଟିଥିଲେ।

## ୨୪ ପ୍ରହର ନାମଯଜ୍ଞ

ଖଜୁରିପଡ଼ା,୨୭।୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଦଳପଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମଗ୍ର ଅଞ୍ଚଳରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଛି। ବୁଧବାର ଶତାଧିକ ଶ୍ରଦ୍ଧାଳୁ ଦଳପଡ଼ା ଘାଟରୁ ଜଳ ଉଠାଇ କଳସ ଯାତ୍ରା କରିଥିଲେ। ଯଜ୍ଞସ୍ଥଳରେ ଜଳକଳସୀ ସ୍ଥାପନ କରାଯାଇ ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା।

# ସାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବୁଗୁଡ଼ା,୨୭।୨(କାଳିଚରଣ ଦାଶ)

ବୁଗୁଡ଼ା ସାଇ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସଭାପତି ମାନସ କୁମାର ପ୍ରଧାନଙ୍କ ପୌରହିତ୍ୟରେ ତ୍ରୟୋଦଶତମ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀବିରଞ୍ଚି ନାରାୟଣ ମଠାଧୀଶ ଭକ୍ତରାମ ଦାସ, ମୁଖ୍ୟ ବକ୍ତା ଭାବେ ସହକାରୀ ଶିକ୍ଷକ ଜୟନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ତାଳସାକର ଉଚ୍ଚ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ, ଏମଆରଟିଏସ୍ ଚାରିଟେବୁଲ୍ ଟ୍ରଷ୍ଟ ଅଧକ୍ଷ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଶ୍ୟାମ ସୁନ୍ଦର ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସମସ୍ତେ ମିଳିମିଶି ନିଆଁ ଦାଉରୁ ଜଙ୍ଗଲ, ଜୀବଜନ୍ତୁଙ୍କ ସୁରକ୍ଷା କରିବା

ଶେରଗଡ଼,୨୭।୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀପଲ୍ଲି ଫରେଷ୍ଟ କାର୍ଯ୍ୟାଳୟ ପରିସରରେ ବନାଗ୍ନି ପ୍ରତିରୋଧ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସହକାରୀ ବନ ସଂରକ୍ଷକ ପ୍ରଦିପ ବେହେରା, ଅନ୍ୟତମ ଅତିଥି ଭାବେ ଆସିକା ଫରେଷ୍ଟ ରେଞ୍ଜର ପ୍ରମୋଦ ଚନ୍ଦ୍ର ପଣ୍ଡା, ଅଗ୍ନି ନିର୍ବାପକ ଅଧିକାରୀ ଜଗନ୍ନାଥ ନାୟକ, ତ୍ରି ଫାଉଣ୍ଡେଶନର ନିରାକାର ବିଷୋୟୀ, କରଡାକଣା ବନ ସୁରକ୍ଷା ସମିତିର ସଭାପତି ରାମକୃଷ୍ଣ ପଣ୍ଡା ଯୋଗ ଦେଇଥିଲେ। ଦିନକୁ ଦିନ ଜଙ୍ଗଲ ବିଭିନ୍ନ ଆଳରେ ନଷ୍ଟ କରାଯାଉଛି। ଏହାର ପ୍ରଭାବ ବାୟୁମଣ୍ଡଳ ଉପରେ ପଡୁଥିବା ବେଳେ ଏବେ ଜଙ୍ଗଲ ନିଆଁ ସମସ୍ତଙ୍କ ପାଇଁ ଚିନ୍ତାଜନକ ହୋଇଛି। କିଛି ଅସାମାଜିକ ତତ୍ତ୍ୱ ଜଙ୍ଗଲରେ ନିଆଁ ଲଗାଇ ଦେଇ ଜଙ୍ଗଲ ପୋଡି ନଷ୍ଟ କରିବା ସହ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଆମ ବନ ବିଭାଗ ପକ୍ଷରୁ ଥିବା କର୍ମଚାରୀ ଚାହିଁଲେ ଜଙ୍ଗଲ ନିଆଁ ରୋକା ଯାଇପାରିବ ନାହିଁ। ଏଥିପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସମାଜିକ କର୍ମୀ, ବନ ସୁରକ୍ଷା ସମିତି, ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ। ଆମେ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା। ଜୀବଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା କରିବା ବୋଲି ଉପସ୍ଥିତ ଅତିଥିମାନେ ଆହ୍ୱାନ ଦେଇଥିଲେ। ଷଡ଼ଙ୍ଗୀପଲି ଫରେଷ୍ଟର ପି.ସୂରଜ କୁମାର, ରାଜେନ୍ଦ୍ର ରାଉତ ସଂଯୋଜନା କରିଥିଲେ। ଶେରଗଡ଼ ଫରେଷ୍ଟର ରାଜେନ୍ଦ୍ର ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମେତ ବିଭିନ୍ନ ନ କର୍ମଚାରୀ ମାନେ ଯୋଗଦେଇ ଥିଲେ। ଶେରଗଡ଼, ଷଡ଼ଙ୍ଗୀପଲ୍ଲି, ଧରାକୋଟ ବ୍ଲକର ମଛାକୋଟ, ଶେରଗଡ଼ ବ୍ଲକର କରଡାକଣା, ବିଭିନ୍ନ ବନ ସୁରକ୍ଷା ସମିତି ସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଲୋଘଁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ



ଉପସ୍ଥିତ ଅତିଥି ଓ ଖେଳାଳି ।

ଖଲ୍ଲିକୋଟ,୨୭।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ଶୁକ୍ରବାରେ ଲୋଘଁର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୪ଟି ଟିମ୍ ରୟାଲ ବ୍ଲାଷ୍ଟର, ଡେଜଟ ଇଲେଭେନ, ବର୍ଷା ଇଲେଭେନ, ସାଡୋ ଷ୍ଟ୍ରାଇକର ପ୍ରମୁଖ ଭାଗ ନେଇଛନ୍ତି। ପ୍ରଥମ ଦିନରେ ସାମାଜିକ କର୍ମୀ ଲକ୍ଷ୍ମଣ ରଥ ଏବଂ ଶେଖର ତରେଇ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନର ୨ଟି ମ୍ୟାଚ୍‌ରେ ରୟାଲ ଷ୍ଟ୍ରାଇକର ଏବଂ ବର୍ଷା ଇଲେଭେନ ବିଜୟ ଲାଭ କରିଥିଲେ। ଏହା ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ବିଜୟୀ ଦଳକୁ କପ ଏବଂ ଅର୍ଥ ରାଶି ଏବଂ ରନର୍ସ ଦଳକୁ କପ ସହ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସଦସ୍ୟ ପ୍ରକାଶ କରିଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ କ୍ର.ନଂ.: ୧ ନିମନ୍ତେ ତା.୨୩.୦୩.୨୦୨୬ରିଖ ଏବଂ କ୍ର.ନଂ.: ୨ ରୁ ୫ ନିମନ୍ତେ ତା.୧୮.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** **ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା / **ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା, **୨) ଶ୍ରୀମତୀ ପ୍ରଭାତି ପରିଡା,** ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୦୭ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୬,୨୩,୪୪୩.୧୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୩,୮୫,୧୦୦/- / ଟ.୧,୩୮,୫୧୦/- / ଟ.୧୩,୮୫୧/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ସାଲେପୁର ଶାଖା, ମୋ: ୭୯୭୮୦୧୯୨୨୫ /** **ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଲିକ,** ପିତା: ୰ ଉତ୍ତମ ମଲିକ, ସା: କୋଲଣପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / **କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା: ଶ୍ରୀ ନରୋତ୍ତମ ସ୍ୱାଇଁ,** ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗିନିପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / **ବକେୟା ରାଶି: ତା.୧୦.୧୨.୨୦୨୫ରିଖ ସୁଦ୍ଧା ଟ.୨,୧୭,୮୯୮.୮୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅକ୍ଷୟ ମଲିକ,** ପିତା: ୰ ଉତ୍ତମ ମଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୧, ପ୍ଲଟ୍ ନଂ.: ୨୦୭୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୩,୭୩,୫୦୦/- / ଟ.୩୭,୩୫୦/- / ଟ.୩,୭୩୫/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ /** **ଋଣଗ୍ରହୀତା: ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ,** ପିତା: ଶ୍ରୀ ଧଡି ଦାସ, ସା: ଗଣ୍ଡକିପୁର, ପୋ.: ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୨୬,୫୪,୩୨୬.୩୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୪, ପ୍ଲଟ୍ ନଂ.: ୧୨୬୯, କ୍ଷେତ୍ର: ଏକର ୦.୦୪୦ ଡିସିମିଲି (୧୭୪୨.୪ ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୮, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୭୨, ପୂର୍ବ: ପ୍ଲଟ୍ ନଂ.: ୧୨୭୬, ପଶ୍ଚିମ: ରାସ୍ତା | ଟ.୧୪,୪୦,୦୦୦/- / ଟ.୧,୪୪,୦୦୦/- / ଟ.୧୪,୪୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | **ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/** **ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ,** ସ୍ୱାମୀ: ୰ ରାଜ କିଶୋର ବଳ, **୨) ୰ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ,** ପିତା: ୰ ରାଜ କିଶୋର ବଳ, **ଖ) ରାଜଶ୍ରୀ ବଳ,** ପିତା: ୰ ରାଜ କିଶୋର ବଳ **ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / **ବକେୟା ରାଶି: ତା.୨୧.୦୭.୨୦୨୫ରିଖ ସୁଦ୍ଧା ଟ.୫,୯୪,୮୪୦.୫୩** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ରୁକ୍ମଣୀ ବଳ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ | ଟ.୧୯,୫୪,୮୦୦/- / ଟ.୧,୯୫,୫୦୦/- / ଟ.୧୯,୫୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୫. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ /** **ଋଣଗ୍ରହୀତା: ଶ୍ରୀ କୈଳାସ ରାଉତ,** ପିତା: ଶ୍ରୀ ରାମ ଚନ୍ଦ୍ର ରାଉତ **/ଗ୍ୟାରେଣ୍ଟିଦାତା: ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତ, ଉଭୟଙ୍କ ଠିକଣା-ସା: ତେନ୍ତୁଳିଆପଡା, ପୋ: ବଉଳପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡିଶା-୭୫୯୦୨୫ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୧,୭୦,୩୨୭.୩୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୯୫୬/୪୪୮୩, ମ୍ୟୁଟେସନ୍ ଖାତା ନଂ.: ୩୦୯/୨୦୧, ପରିମିତ କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ମୌଜା: ତେନ୍ତୁଳିଆପଡା, ଥାନା: ଢେଙ୍କାନାଳ ସଦର ଏବଂ ନଂ.: ୧୦, ତହସିଲ: ଓଡାପଡା ଏବଂ ନଂ.: ୮୬, ଜିଲ୍ଲା: ଢେଙ୍କାନାଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଦାଧର ପ୍ରଧାନ, ଦକ୍ଷିଣ: ପ୍ରସନ୍ନ କୁମାର ବାରିକ, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ | ଟ.୩୦,୪୪,୭୦୦/- / ଟ.୩,୦୪,୫୦୦/- / ଟ.୩୦,୫୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : କ୍ର.ନଂ.: ୧ ନିମନ୍ତେ ତା.୨୩.୦୩.୨୦୨୬ରିଖ ଏବଂ କ୍ର.ନଂ.: ୨ ରୁ ୫ ନିମନ୍ତେ ତା.୧୮.୦୩.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍ / ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.bank.in/auction-property/view-auction-property.aspx** ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୨୭.୦୨.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କେରଳ ପୋଲିସ ଦଳ ଫାଇନାଲରେ

### ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ

**ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୟୁନିଟ-୬ ଦଳ ପରାସ୍ତ**

**ସମ୍ବଲପୁର,୨୭।୨(ବି.ଶଙ୍କର)**

ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ୧୪ତମ ସର୍ବଭାରତୀୟ ସମ୍ବଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ୟୁନିଟ୍-୬ ଦଳକୁ ୧-୦ ଗୋଲରେ ପରାସ୍ତ କରିଛି କେରଳ ପୋଲିସ ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ମାର୍ଚ୍ଚ ୧ ରବିବାର ଅପରାହ୍ଣରେ ଫାଇନାଲ ମ୍ୟାଚ କେରଳ ପୋଲିସ ଓ କେରଳ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ମଧ୍ୟରେ ହେବ। ଶୁକ୍ରବାର କେରଳ ପୋଲିସ ଏବଂ ଭୁବନେଶ୍ୱର ୟୁନିଟ-୬ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୪ତମ ମିନିଟରେ କେରଳ ଦଳର ଶାଜିସ ଏକ ଦର୍ଶନୀୟ ଗୋଲ ସ୍କୋର କରି ତାଙ୍କ ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲ। ଏହାପରେ ଭୁବନେଶ୍ୱର ଦଳର ଖେଳାଳିମାନେ ଯୋଜନାବଦ୍ଧ ଭାବେ ଖେଳ ପ୍ରଦର୍ଶନ କରିଥିବା ସତ୍ତ୍ୱେ ଦଳ ଗୋଲ ସ୍କୋର କରିବା ଲାଗି ଉଦ୍ୟମ କରି ବିଫଳ ହୋଇଥିଲା । ଫଳରେ କେରଳ ପୋଲିସ ୧-୦ ଗୋଲରେ ବିଜୟୀ ହୋଇଥିଲା। ରେଫରି ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ସୁବ୍ରତ କୁମାର ପୁରୋହିତ ଓ ଅରୁଣ ନାୟକ ସହଯୋଗ କରିଥିଲେ। ଜିତେନ୍ଦ୍ର ଚତୁର୍ଥ ରେଫରି ଏବଂ ଶ୍ରୀକାନ୍ତ ବହିଦାର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ପାଦକ ଅତନୁ ଘୋଷଙ୍କ ସଂଯୋଜନା ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶା ଫୁଟବଲ ସଂଘ ସଭାପତି ତଥା ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି, ସମ୍ବଲପୁର ଏମ୍‌ପି ପ୍ରତିନିଧି ନାଉରି ନାୟକ ଓ ସମ୍ବଲପୁର ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ଦ୍ୱିତୀୟ ସେମିଫାଇନାଲରେ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି ଓ ଅନ୍ୟମାନେ।

## ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ

**ହୋବାର୍ଟ, ୨୭।୨ (ପି.ଟି.)**

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିଶ୍ୱ ଚାମ୍ପିୟନ ଭାରତକୁ ୫ ଉଇକେଟରେ ପରାସ୍ତ କରିଛି। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ ବିଶିଷ୍ଟ ସିରିଜ ଆଗୁଆ କବ୍‌ଜା କରିନେଇଛି। ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରତୀକା ରାଓ୍ୱଲ (୫୨ରନ) ଓ ହରମନପ୍ରୀତ୍ କୌର (୫୪ରନ, ୭୦ ବଲ୍, ୨ ଚୌକା, ୧ ଛକା)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୨୫୧ ରନ କରିଥିଲା। ଅଷ୍ଟ୍ରେଲିଆ ଜର୍ଜିଆ ଭୋଲ୍ (୧୦୧ରନ)ଙ୍କ ଶତକ ଏବଂ ଫୋବ୍ ଲିଚ୍‌ଫିଲ୍ଡଙ୍କ ୮୦ ରନ ସହାୟତାରେ ୧୩.୫ ଓଭରରେ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା।


# ମନେ ପଡ଼ନ୍ତି

**୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା କ୍ଷେତ୍ରମଣି ପଟ୍ଟନାୟକ**

ଆବିର୍ଭାବ: ୧୩।୦୩।୧୯୩୧
ତିରୋଧାନ: ୨୬।୦୨।୨୦୦୨

ସ୍ୱର୍ଗଠାରୁ ବଡ଼ କୋଳ ଯାହାର,
ସବୁ ବିପଦରୁ ଯିଏ ରକ୍ଷା କରେ ଆମର,
ସଂସାରର ଶ୍ରେଷ୍ଠ ଉଚ୍ଚାରଣ ଯେଉଁ ନାମର,
ସେ ଆଉ କେହି ନୁହେଁ ବୋଉ ଆମର।

ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ

ଧ-୩୫୦୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପଣ୍ଡିତ ଶ୍ରୀ ଭାଗୀରଥି ରଥ**

ଶାସ୍ତ୍ରୀ ନଗର, Unit-4, BBSR

ଆବିର୍ଭାବ: ଅକ୍ଷୟତୃତୀୟା ୧୯୩୦ ସାଲ୍
ତିରୋଧାନ: ଫାଲ୍‌ଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ୧୯୯୬ ମାର୍ଚ୍ଚ

ନନା, ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପୁଅ: ଜୟନ୍ତ, ପ୍ରଶାନ୍ତ, ଝିଅ, ବୋହୂ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ

ଧ-୩୪୯୪

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନିବେଦିତା ପଣ୍ଡା**

(ସ୍ୱଧର୍ମିଣୀ – ଶ୍ରୀ କୃପାସିନ୍ଧୁ ପଣ୍ଡା)
ଲେନ୍ ନଂ. ୨, ଦେବୋତ୍ତର କଲୋନୀ, ନୟାଗଡ଼

ଆବିର୍ଭାବ : ୦୧.୧୦.୧୯୫୦
ତିରୋଧାନ : ୧୮.୦୨.୨୦୨୬

ଆପଣଙ୍କର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

ଧ-୩୫୦୨


## ମ୍ୟାଟ୍ ହେନ୍‌ରୀଙ୍କୁ ଛୁଟି ମଞ୍ଜୁର

**କଲମ୍ବୋ, ୨୭।୨ (ପି.ଟି.)**

ନ୍ୟୁଜିଲାଣ୍ଡ ପେସ୍ ବୋଲର ମ୍ୟାଟ୍ ହେନ୍‌ରୀଙ୍କୁ ପୈତୃକ ଛୁଟି ମିଳିଛି। ତାଙ୍କ ସ୍ତ୍ରୀ ଦ୍ୱିତୀୟ ସନ୍ତାନର ଜନନୀ ହେବାକୁ ଯାଉଥିବାରୁ ତାଙ୍କ ଦଳର ଇଂଲଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ମ୍ୟାଚ୍ ପରେ ଶୁକ୍ରବାର ରାତିରେ ସେ ସ୍ୱଦେଶ ଫେରିଛନ୍ତି। ନ୍ୟୁଜିଲାଣ୍ଡ ଯଦି ଅଗ୍ରଗତି କରେ ତେବେ ହେନ୍‌ରୀ ଟୁର୍ଣ୍ଣାମେଣ୍ଟକୁ ଫେରିପାରନ୍ତି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି) କହିଛି। ମୁଖ୍ୟ କୋଚ୍ ରବ୍ ୱାଲ୍ଟର ହେନ୍‌ରୀଙ୍କୁ ଛୁଟି ମଞ୍ଜୁର କରିଛନ୍ତି।






## ସାହିଲଙ୍କ ଶତକ, ଭଦ୍ରକର ବୃହତ୍ ବିଜୟ

**କଟକ,୨୭।୨(କୁମାରଶ୍ରୀ)**

### କଳାହାଣ୍ଡି କପ୍

ଚଳିତ କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭଦ୍ରକ ୨୦୮ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭଦ୍ରକ ୫୦ ଓଭରରେ ୫ ଉଇକେଟ ହରାଇ ୩୦୩ ରନ ସଂଗ୍ରହ କରିଥିଲା। ସାହିଲ ଖାନ୍ ୧୨୩ବଲରୁ ୧୦୩ରନର ଶତକୀୟ ଇନିଂସ ଖେଳିଥିଲେ। ଆକାଶ ମହାପାତ୍ର ୮୭ରନ କରିଥିଲେ। ଜବାବରେ ମୟୂରଭଞ୍ଜ ମାତ୍ର ୯୫ରନରେ ଅଲଆଉଟ ହୋଇଥିଲା। ବିଜୟୀ ଦଳର ନୀହାର ଭୂୟାଁ ଏବଂ ଅମିତ ଉପାଧ୍ୟାୟ ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ରାଉରକେଲା ୧୭୨ରନରେ କନ୍ଧମାଳକୁ ପରାସ୍ତ କରିଛି। ହେମନ୍ତ ନାୟକ ୬୯, ସୁଜଳ କୁମାର ସିଂ ୫୪, ଜ୍ଞାନରଞ୍ଜନ ନାୟକଙ୍କ ୫୧ରନ ସହାୟତାରେ ରାଉରକେଲା ସମସ୍ତ ଉଇକେଟ ହରାଇ ୨୪୩ରନ କରିଥିଲା। ଜବାବରେ କନ୍ଧମାଳ ଇନିଂସ୍ ୭୧ରନରେ ସୀମିତ ରହିଥିଲା। ୨୧ରନ ବିନିମୟରେ ୫ଟି ଉଇକେଟ ଦଖଲ କରିଥିବା ରାଉରକେଲାର କୌଶିକ ମାଣିକପୁରୀଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା।

ସନ୍‌ସାଇନ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ଉଇକେଟରେ ବରଗଡକୁ ପରାସ୍ତ କରିଛି। ୮୪ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଦେବାଶିଷ ସାମନ୍ତରାୟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଅନୁଗୋଳ ୩ ଉଇକେଟରେ ପୁରୀକୁ ପରାସ୍ତ କରିଛି। ଦୁଇ ଉଇକେଟ ଦଖଲ ସହ ୧୭ରନରେ ଅପରାଜିତ ରହିଥିବା ଅନୁଗୋଳର ଅଲରାଉଣ୍ଡର ରୋହିତ କୁମାର ପ୍ରଧାନଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ବାଲେଶ୍ୱର ୯୮ରନରେ ଜଗତ୍‌ସିଂହପୁରକୁ ହରାଇଛି। ବିଜୟୀ ଦଳର ସର୍ବେଶ୍ୱର ମହାନ୍ତି ୩୧ରନ ବ୍ୟୟରେ ୬ଟି ଉଇକେଟ ଅକ୍ତିଆର କରିବା ସହିତ ୫୩ବଲରୁ ୭୪ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଅନ୍ୟ ମ୍ୟାଚ୍‌ଗୁଡିକରେ ନୂଆପଡା ୩ ଉଇକେଟରେ କଳାହାଣ୍ଡିକୁ, କଟକ-ଏ ୧୧୭ରନରେ ଗଞ୍ଜାମକୁ, ପାରାଦୀପ ୧୭୦ରନରେ ଗଜପତିକୁ, ରାୟଗଡା ୬ ଉଇକେଟରେ କିଟ୍‌କୁ ହରାଇଛି।


# Classified Everyday
0674-2580101, 9692975378



**REAL ESTATE**
**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Flat for Sale: Newly constructed apartment "RUDRALAYA" ready to move (3BHK) Near Jaydev College, Naharakanta, 2km from Hanspal Square, Bhubaneswar. Contact- 9777564111.** D-76900

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ଫ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495


***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly opening full body massage best therapist. Contact- 7608935949. D-3504




2BHK new well furnished flat, Sriram residency near Petrol Pump, Uttara, Bhubaneswar. Contact- 9861074590. D-3472


## AFFIDAVIT

I, Mohammad Sabuddin, S/o- Mohammad Sabir, R/o. Near Odia UP School, Sunapali, Sambalpur, P.O.- Dhankauda, P.S.- Dhanupali, District.- Sambalpur, PIN-768006, (Odisha) declare by this affidavit No.- 113, Dt. 25.02.26 that now onwards I shall be known as Muhammad Shahbuddin for all future purposes. D-3500

By virtue of an affidavit sworn before Notary Public, Kantabanji (place) dated 26.02.2026, I, NRUSINGHA CHARAN SINGH BARIHA (new name) Address: At- Khapadara, P.O.- Patrapali, P.S.- Muribahal, Dist.- Balangir, Odisha, PIN- 767037 (Complete Odisha address), declare that I have changed my name from NRUSIGHA SING BARIHA (Old name) to NRUSINGHA CHARAN SINGH BARIHA (New name). Henceforth, I shall be known as NRUSINGHA CHARAN SINGH BARIHA (New name) for all purposes.

NRUSINGHA CHARAN SINGH BARIHA (New Name)
D-3499

By virtue of an affidavit sworn before Executive Magistrate, Dhamnagar, dated 19.02.2026, I, SHARAT KHATUA, Address: At/P.O.- Raipur, P.S.- Dhusuri, Dist.- Bhadrak, Odisha, PIN-756119 declare that I have changed the name of my daughter from LIPSARANI KHATUA to SWOPNARANI KHATUA. Henceforth, she shall be known as SWOPNARANI KHATUA for all purposes.

Sharat Khatua
D-3497

## LEGAL NOTICE

Letter No.- 383, Dtd. 26.02.26

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୧୫୩୨/୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ଦୀପ୍ତି ପ୍ରକାଶ ଲେଙ୍କା ......ବାଦୀ

ବନାମ

ଜୟ@ଜୟକୃଷ୍ଣ ବାରିକ ଏବଂ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ
୧(କ). ସୁଦର୍ଶନ ବାରିକ, ୧(ଖ). ସଦାସିବ ବାରିକ,
ଉଭୟଙ୍କର ପିତା- ଜୟ@ଜୟକୃଷ୍ଣ ବାରିକ, ୨. ଲକ୍ଷ୍ମୀଧର ବାରିକ, ପିତା- ଧଡ଼ି ବାରିକ
ଉପରୋକ୍ତ ସମସ୍ତଙ୍କର ଠିକଣା:-
ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ୫. ବିଜୟ ଲକ୍ଷ୍ମୀ ପାଣି, ସ୍ୱାମୀ- ପ୍ରସନ୍ନ କୁମାର ପାଣି
ଠିକଣା:-
ଏମ୍.ଆଇ.ଜି-୬୫, କାନନବିହାର, ଫେଜ୍-୨, ଭୁବନେଶ୍ୱର, ଖୋର୍ଦ୍ଧା, ୭୫୧୦୨୬

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୬।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ

ସାବକ

ଖାତା ନମ୍ବର- ୯୩, ପ୍ଲଟ୍ ନମ୍ବର- ୧୨୬୭, ରକବା- ମୋଟ୍ ଏ୦.୧୪୭.୫ଡି. ରୁ ଏ.୦୭୩.୭୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୨୦୦, ପ୍ଲଟ୍ ନମ୍ବର- ୫୪୮୦, ରକବା- ମୋଟ୍ ଏ୦.୬୨୦ଡି. ରୁ ଏ.୦୭୩.୭୫ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୩୫୦୬

Letter No.- 384, Dtd. 26.02.26

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ.ଏସ୍.ଏସ୍. କେସ୍ ନମ୍ବର ୧୫୩୩/୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ଜ୍ୟୋତି ପ୍ରକାଶ ଲେଙ୍କା ......ବାଦୀ

ବନାମ

ଜୟ@ଜୟକୃଷ୍ଣ ବାରିକ ଏବଂ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ
୧(କ). ସୁଦର୍ଶନ ବାରିକ, ୧(ଖ). ସଦାସିବ ବାରିକ,
ଉଭୟଙ୍କର ପିତା- ଜୟ@ଜୟକୃଷ୍ଣ ବାରିକ, ୨. ଲକ୍ଷ୍ମୀଧର ବାରିକ, ପିତା- ଧଡ଼ି ବାରିକ
ଉପରୋକ୍ତ ସମସ୍ତଙ୍କର ଠିକଣା:-
ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ୬. ବିଜୟ ଲକ୍ଷ୍ମୀ ପାଣି, ସ୍ୱାମୀ- ପ୍ରସନ୍ନ କୁମାର ପାଣି
ଠିକଣା:-
ଏମ୍.ଆଇ.ଜି-୬୫, କାନନବିହାର, ଫେଜ୍-୨, ଭୁବନେଶ୍ୱର, ଖୋର୍ଦ୍ଧା, ୭୫୧୦୨୬

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୬।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର- ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ

ସାବକ

ଖାତା ନମ୍ବର- ୯୩, ପ୍ଲଟ୍ ନମ୍ବର- ୧୨୬୭, ରକବା- ମୋଟ୍ ଏ୦.୧୪୭.୫ଡି. ରୁ ଏ୦.୦୭୩.୭୫ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୨୦୦, ପ୍ଲଟ୍ ନମ୍ବର- ୫୪୮୦, ରକବା- ମୋଟ୍ ଏ୦.୬୨୦ଡି. ରୁ ଏ.୦୭୩.୭୫ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୩୫୦୬

# ଶୁକ୍ରୁ, ଶୀଳାଙ୍କୁ ଅନ୍ତିମ ଚେତାବନୀ ଦେଲେ ଡିଜିପି

**କନ୍ଧମାଳରେ ବଡ଼ ମାଓବାଦୀ ଅପରେଶନ**

- ଡ୍ରୋନ୍, ସନ୍ଧାନୀ କୁକୁର ସହ ସାମିଲ ହେଲା ୧୩ ନୂଆ ଏସ୍ଓଜି ଟିମ୍
- ପାହାଡ଼ ଗୁମ୍ଫା ଭିତରେ ଲୁଚିଥିବା ସନ୍ଦେହ କରୁଛି ପୋଲିସ


ମାଓବାଦୀ ନେତା ଶୁକ୍ରୁ।

ଭୁବନେଶ୍ୱର/ଫୁଲବାଣୀ,୨୭।୨(ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ)

ମାଓବାଦୀଙ୍କୁ ଡିଜିପି ୱାଇ.ବି. ଖୁରାନିଆ ଶୁକ୍ରବାର ଅନ୍ତିମ ଚେତାବନୀ ଦେଇଛନ୍ତି। ହିଂସା ଛାଡ଼ି ଆତ୍ମସମର୍ପଣ କର, ନ ହେଲେ ଏନ୍‌କାଉଣ୍ଟରର ଶିକାର ହେବ। ଡିଜିପି କହିଛନ୍ତି, ମାଓବାଦୀ ବନ୍ଧୁକ ନ ଛାଡ଼ିଲେ ଯେସାକୁ ତେସା ନୀତି ଆପଣାଇବ ପୋଲିସ। ମାଓବାଦୀମୁକ୍ତ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଟାର୍ଗେଟ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ସେଥିଲାଗି କନ୍ଧମାଳରେ ଦାରିଙ୍ଗବାଡିରେ ଚାଲିଛି ଅପରେଶନ 'ଶୁକ୍ରୁ'। ଘଞ୍ଚ ଜଙ୍ଗଲ ଓ ଗୁମ୍ଫାରେ ମାଓବାଦୀ ନେତା ଶୁକ୍ରୁ, ଶୀଳା, ନକୁଳ ଓ ସହଯୋଗୀମାନେ ଲୁଚିଥିବା ସନ୍ଦେହରେ ଜୋରଦାର ଅପରେଶନ ଚାଲିଛି। ଡ୍ରୋନ ଏବଂ ସନ୍ଧାନୀ କୁକୁର ସହାୟତାରେ ଖୋଜୁଛି ଓଡ଼ିଶା ପୋଲିସ। ଏଥିସହ ପୋଲିସ ତା'ର ଗୋଇନ୍ଦା ଟିମ୍‌କୁ ସକ୍ରିୟ କରିଛି। ଖୁବ୍‌ଶୀଘ୍ର ଶୁକ୍ରୁ ଓ ତାଙ୍କ ମନୋବଳ ବଢ଼ାଉଥିବା ଶୀଳାଙ୍କୁ ଖୋଜି ଖୋଜି ଏନ୍‌କାଉଣ୍ଟର କରାଯିବ। ଏନ୍‌କାଉଣ୍ଟର ପୂର୍ବରୁ ପୋଲିସ ଦେଇଥିବା ହେଲ୍ପ ଲାଇନ୍ ନମ୍ବରରେ ଯୋଗାଯୋଗ କରି ଆତ୍ମସମର୍ପଣ କଲେ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ସରକାରଙ୍କ ପୁନର୍ବାସ ଯୋଜନାର ଫାଇଦା ନେବାକୁ ଅପିଲ କରିଛନ୍ତି ପୋଲିସ ଡିଜି। ଏହା ସହ ହତିଆର ନେଇ ଆତ୍ମସମର୍ପଣ କଲେ ମିଳିବ ସରକାରୀ ସହାୟତା। କିନ୍ତୁ ହିଂସା ପଥ ଆପଣାଇଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି ଡିଜିପି। ଛତିଶଗଡ଼ରେ ମାଓବାଦୀ ଅପରେଶନ ଜୋର୍‌ଦାର ହେବା ପରେ ଛତିଶଗଡୀ ମାଓବାଦୀଙ୍କ ସହ ମିଶି ଶୁକ୍ରୁ ଓ ତା'ର ଟିମ୍ କନ୍ଧମାଳ ଜଙ୍ଗଲରେ ଲୁଚି ବୁଲୁଥିବା ଖବର ପାଇବା ପରେ ସେମାନଙ୍କୁ ଧରିବାକୁ ଗତ ୨୦ ତାରିଖରୁ ଓଡ଼ିଶା ପୋଲିସ ପକ୍ଷରୁ ଏହି ବଡ଼ ଅପରେଶନ ଜାରି ରହିଛି। ଏହି ଅପରେଶନରେ ନଣ୍ଡାବା ଜଙ୍ଗଲରେ ସିପିଆଇ ମାଓବାଦୀର ଡେପୁଟି କମାଣ୍ଡର ଯୋଗେଶ ଓ ପାର୍ଟି ସଦସ୍ୟା ରତ୍ନାକରଙ୍କ ମୁଣ୍ଡ ଗଡ଼ିବା ପରେ ଜଙ୍ଗଲ ଭିତରେ ସାଥୀ ନକ୍ସଲଙ୍କୁ ବନ୍ଧୁକ ଧରି ଲୁଚି ବୁଲୁଛନ୍ତି ଶୁକ୍ରୁ। ଆତ୍ମସମର୍ପଣ ପାଇଁ ଡିଜିପି ଖୁରାନିଆ ଶେଷ ଚେତାବନୀ ଦେଇଥିବାବେଳେ ଶନିବାରଠାରୁ ବଡ଼ ଧରଣର ଅପରେଶନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ଆକାଶମାର୍ଗରେ ଡ୍ରୋନ୍ ଓ ଘଞ୍ଚ ଜଙ୍ଗଲର ଗୁମ୍ଫା ଭିତରେ ସନ୍ଧାନୀ କୁକୁର ସହାୟତାରେ ଶୁକ୍ରୁଙ୍କୁ ଖୋଜିବାକୁ ନୂଆ ୧୩ଟି ଏସ୍ଓଜି ଟିମ୍‌କୁ ଜଙ୍ଗଲ ଭିତରକୁ ପଠାଯାଇଥିବା ସୂଚନା ମିଳିଛି।

## ଆତ୍ମସମର୍ପଣରେ ବାଟ ଓଗାଳୁଛନ୍ତି ଶୁକ୍ରୁ

ମାଲକାନଗିରି ଜିଲା ବାସିନ୍ଦା ଶୁକ୍ରୁ ହେଉଛନ୍ତି କନ୍ଧମାଳ-କଳାହାଣ୍ଡି-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନର ଷ୍ଟେଟ୍ କମିଟି ମେମ୍ବର। ସେ ୮କମ୍ପାନୀର ନେତୃତ୍ୱ ନେଇ କନ୍ଧମାଳ ଜଙ୍ଗଲ ଭିତରେ ଲୁଚି ମାଓମୁକ୍ତ ଅଭିଯାନ ବିରୋଧରେ ରଣନୀତି ଚଳାଇଛନ୍ତି। ଶୁକ୍ରୁ ତା'ର ଟିମ୍ ସଦସ୍ୟ ତଥା ଛତିଶଗଡ଼ ସାଥୀ ମାଓବାଦୀ ଅନ୍ୱେଷଙ୍କୁ ହତ୍ୟା କରି ଜଙ୍ଗଲରେ ପୋତିଦେଇଥିଲେ। ପୋଲିସ ପାଖରେ ଆତ୍ମସମର୍ପଣ କରିବାକୁ ଅନ୍ୱେଷ ଚାହୁଁଥିଲେ। କିନ୍ତୁ ଏହାକୁ ବାରଣ କରିଆସୁଥିଲେ ଶୁକ୍ରୁ। ଆଉ କଥା ନ ଶୁଣିବାରୁ ଅନ୍ୱେଷଙ୍କୁ ଗୁଳିକରି ମାରି ଗାତ ଖୋଳି ଜଙ୍ଗଲ ଭିତରେ ପୋତିଦେଇଥିଲେ। କେବଳ ଅନ୍ୱେଷ ନୁହନ୍ତି, ଆତ୍ମ ସମର୍ପଣ ପାଇଁ ଚାହୁଁଥିବା ତାଙ୍କ ଟିମ୍‌ର ଅନ୍ୟ ମାଓବାଦୀଙ୍କୁ ସେ ଏବେ ବାଟ ଓଗାଳିଛନ୍ତି। ତେଣୁ ପୋଲିସ ପାଇଁ ଶୁକ୍ରୁ ନିହାତି ଆବଶ୍ୟକ ହୋଇପଡ଼ିଛି। ସେ ପୋଲିସ ଧମକକୁ ଖାତିର ନ କରି ୩୦ରୁ ଉର୍ଦ୍ଧ୍ୱ ସାଥୀ ମାଓବାଦୀଙ୍କୁ ଧରି ଜଙ୍ଗଲରେ ଲୁଚି ବୁଲୁଛନ୍ତି। ସଂଗଠନ ଭିତରେ ବିଦ୍ରୋହ ଓ ଏପଟେ ପୋଲିସର ଚେତାବନୀ ଭିତରେ ୪୯ ବର୍ଷୀୟ ଶୁକ୍ରୁର ସାହା ଭରସା ସାଜିଛନ୍ତି ନକୁଳ ସହ ଜଣେ ଲେଡି ମାଓବାଦୀ ଶୀଳା। ନକୁଳ ଓ ଶୀଳା ହେଉଛନ୍ତି କେକେବିଏନ୍ ଡିଭିଜନର ଏରିଆ କମିଟି ମେମ୍ବର। ଅନ୍ୟମାନଙ୍କ ମଧ୍ୟରେ ଅଧିକାଂଶ ସଦସ୍ୟଙ୍କର ଘର ଛତିଶଗଡ଼ରେ ବୋଲି ଜଣାପଡିଛି।

# ୨ ଦିନରେ ୩୦ କୋଟିର ଗଞ୍ଜେଇ ଜବତ

ଫୁଲବାଣୀ, ୨୭।୨(ରାକେଶ କୁମାର ରାଉତ)

- ଗଞ୍ଜେଇ ଚାଲାଣକାରୀ ଛାନିଆ
- ଜବତ ଗଞ୍ଜେଇର ପରିମାଣ ୨୧,୫୦୦ କେଜି

କନ୍ଧମାଳ ଜିଲାରେ ନିଶା କାରବାରରେ ରୋକ୍ ଲଗାଇବାକୁ ଜୋରଦାର ଉଦ୍ୟମ ଚାଲିଛି। ଏସ୍‌ପି ହରିଶ ବିସିଙ୍କ ନେତୃତ୍ୱରେ ଦୁଇଦିନ ଧରି ଏକ ସ୍ୱତନ୍ତ୍ର ଅପରେଶନ କରାଯାଇଥିଲା। ଏଥିରେ ପ୍ରାୟ ୨୧,୫୦୦ କିଲୋ ଗଞ୍ଜେଇ ଜବତ ହୋଇଛି। ଏହାର ବଜାର ଦର ୩୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂଚନା ଦେଇଛି।

ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଜିଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଫୁଲବାଣୀ ସଦର ଥାନା ଅଞ୍ଚଳରେ ୧୦,୦୦୦ କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ଗୋଚ୍ଛାପଡ଼ା ଥାନା ପକ୍ଷରୁ ୪,୫୦୦ କେଜି, ବାଲିଗୁଡ଼ା ଓ ଫିରିଙ୍ଗିଆ ଥାନା ପକ୍ଷରୁ ଚଢାଉ କରାଯାଇ ୨,୫୦୦ କେଜି ଲେଖାଏ ଏବଂ କ. ନୂଆଗାଁ ଥାନା ପକ୍ଷରୁ ୨ ହଜାର କେଜି ଗଞ୍ଜେଇ ଜବତ କରାଯାଇଛି। ଏପରି ଅତର୍କିତ ଚଢ଼ାଉକୁ ନେଇ ଗଞ୍ଜେଇ ଚାଲାଣକାରୀଙ୍କ ମଧ୍ୟରେ ଛନକା ପଶିଛି। କେବଳ ନିଶାଦ୍ରବ୍ୟ ଜବତ ଲକ୍ଷ୍ୟ ନୁହେଁ, ବରଂ ଏହି କାରବାରକୁ ସମ୍ପୂର୍ଣ୍ଣ ମୂଳପୋଛ ପାଇଁ ପୋଲିସ ଏବେ ଆର୍ଥିକ ପ୍ରତିବନ୍ଧକ ଲଗାଇବା ଆରମ୍ଭ କରିଛି। କୁଖ୍ୟାତ ନିଶା ବେପାରୀ ଯେଉଁ ବେଆଇନ ସମ୍ପତ୍ତି ଠୁଳ କରିଛନ୍ତି, ତାହାକୁ ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ଅପରାଧୀମାନେ ଆର୍ଥିକ ସ୍ତରରେ ଦୁର୍ବଳ ହେବେ ଏବଂ ନିଶା କାରବାର ଆଉ ସେମାନଙ୍କ ପାଇଁ ଲାଭଜନକ ହୋଇପାରିବନାହିଁ ବୋଲି ଏସ୍‌ପି ବିସି କହିଛନ୍ତି।

ଏଥିସହ ସେ କହିଛନ୍ତି, ଜାନୁଆରୀ ୧ରୁ ଫେବୃଆରୀ ୨୭ ମଧ୍ୟରେ କନ୍ଧମାଳ ପୋଲିସ ମୋଟ ୪୪ଟି ମାମଲା ରୁଜୁ କରି ୨୬, ୭୯୦ କେଜି ଗଞ୍ଜେଇ ଜବତ କରିସାରିଛି। ୭୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୧ ମହିଳା ଅଛନ୍ତି। ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ୨୫ଟି ଗାଡ଼ି ଜବତ ହୋଇଛି। ଅପରେଶନରେ ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋସଲେ, ପ୍ରୋବେଶନର ସଦର କେ. ଶ୍ରୀନିବାସୁଲୁ, ଫୁଲବାଣୀ ସଦର ଏସ୍‌ଡିପିଓ ଶୁଭ୍ରଜିତ୍ ବିଶ୍ୱାଳଙ୍କ ସମେତ ଫିରିଙ୍ଗିଆ, ବାଲିଗୁଡ଼ା, ଗୋଚ୍ଛାପଡ଼ା, କେ. ନୂଆଗାଁ ଓ ସଦର ଥାନା ଅଧିକାରୀମାନେ ସାମିଲ ଥିଲେ।

# ବାଲି ସଇରାତ ଜନଶୁଣାଣିରେ ଗୋଷ୍ଠୀ ସଂଘର୍ଷ

**ଜଣେ ଆହତ, ଜନଶୁଣାଣି ସ୍ଥଗିତ**



ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଗଣ।

ଜଳେଶ୍ୱର, ୨୭।୨(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ମହମ୍ମଦନଗର ପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ଜନଶୁଣାଣି ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇଛି। ସେଖସରେଇ (କ) କ୍ଷେତ୍ରରୁ ବାଲି ଖନନ ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ ଚାଲିଥିବା ଏହି ଜନଶୁଣାଣିରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେବାରୁ ଏହାକୁ ଅଧାରୁ ସ୍ଥଗିତ ରଖାଯାଇଛି। ସଂଘର୍ଷ ଘଟଣାରେ ଜଣେ ଆହତ ହୋଇଛନ୍ତି। ଜଳେଶ୍ୱର ଥାନା ପୋଲିସ ଚନ୍ଦନ ବାସ୍କେ ନାମକ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ସେଖସରେଇ ଗ୍ରାମର ୫.୬୬୫ ହେକ୍ଟର ପରିମିତ ଅଞ୍ଚଳରେ ପ୍ରସ୍ତାବିତ ବାଲି ସଇରାତ ପାଇଁ ଶୁକ୍ରବାର ଜନଶୁଣାଣି ଆରମ୍ଭ ହୋଇଥିଲା। ଏଥିରେ ଆଖପାଖ ୮ଟି ପଞ୍ଚାୟତର ଶତାଧିକ ଲୋକ ନିଜର ମତ ରଖିବାକୁ ଏକାଠି ହୋଇଥିଲେ। ମାତ୍ର ଆଲୋଚନା ଚାଲିଥିବା ବେଳେ ବାଲି ଖନନ ସପକ୍ଷ ଓ ବିପକ୍ଷରେ ଥିବା ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହା ଶେଷରେ ଉଗ୍ରରୂପ ନେଇଥିଲା। ଯେଉଁଥିରେ ରବୀନ୍ଦ୍ର ମୁର୍ମୁ ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଜନଶୁଣାଣିକୁ ବନ୍ଦ କରାଯାଇଥିବା ନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂ ସୂଚନା ଦେଇଛନ୍ତି।

ପରିବେଶ ନିୟନ୍ତ୍ରଣ ବୋର୍ଡ ରାଜ୍ୟ ମୁଖ୍ୟ ମୋନମନ ମୁର୍ମୁ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଭାରପ୍ରାପ୍ତ ଏସ୍‌ଡିପିଓ ଚାନ୍ଦମଣି ସିଂ, ବସ୍ତା ଏସ୍‌ଡିପିଓ ମାନସ ରଞ୍ଜନ ଦେଓ, ଜଳେଶ୍ୱର ଆଇଆଇସି ଅଶୋକ ବାରିକ ପ୍ରମୁଖ ଏହି ଜନଶୁଣାଣିରେ ଉପସ୍ଥିତ ଥିଲେ। ଏଥିସହ ଜନଶୁଣାଣି ସମୟରେ ଦେଢ଼ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଜନଶୁଣାଣିରେ ଶୁଭ୍ରାଂଶୁ ଶେଖର ସାହୁ, ପର୍ଶୁରାମ ଗିରି, ଅମୂଲ୍ୟ କୁମାର ସାହୁଙ୍କ ସମେତ ଅନେକ ସ୍ଥାନୀୟ ବ୍ୟକ୍ତି ମତ ରଖିଥିଲେ। କେତେଜଣ ଲୋକଙ୍କ ଯୁକ୍ତି ଅନୁସାରେ, ସରକାରୀ ବାଲି ଖାଦାନ ହେଲେ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଚାଷ କାର୍ଯ୍ୟ ଗଭୀର ଭାବେ ପ୍ରଭାବିତ ହେବ। ଅନ୍ୟପଟେ କେତେଜଣ ଲୋକ ମତ ଦେଇଥିଲେ ଯେ, ବାଲି ଖାଦାନ ହେଲେ ସ୍ଥାନୀୟ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ପାଇଁ ସୁବିଧାରେ ବାଲି ଉପଲବ୍ଧ ହୋଇପାରିବ। ତେବେ ଏହି ଘଟଣାକୁ ନେଇ ହୋଇଥିବା ସଂଘର୍ଷ ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

## ମହିଳାଙ୍କୁ ଗଳା କାଟି ହତ୍ୟା

କୁତ୍ରା,୨୭।୨(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଗ୍ରାମରେ ଜଣେ ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ସରୋଜିନୀ ଏକ୍କା(୪୨)। ଏନେଇ କୁତ୍ରା ପୋଲିସ ଏକ ମାମଲା ୪୨/୨୬ ରୁଜୁ କରି ଘଟଣାର ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଲୋକେଶ୍ୱର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ସରୋଜିନୀଙ୍କ ସ୍ୱାମୀଙ୍କର ଗତ ଦେଢ଼ ବର୍ଷ ତଳେ ମୃତ୍ୟୁ ଘଟିଛି। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଝିଅ ସମ୍ବଲପୁରରେ ରହି ପଢୁଛନ୍ତି। ପୁଅ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେବା ପାଇଁ ଯାଇଥିଲେ। ଘରକୁ ଫେରିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା'ଙ୍କ ମୃତଦେହ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କୁତ୍ରା ପୋଲିସକୁ ସୂଚନା ଦେଇଥିଲେ।

## ମାଟ୍ରିକ୍ ପରୀକ୍ଷା ଦେବାକୁ ଆସି ଛାତ୍ରୀ ନିଖୋଜ

ବୌଦ୍ଧ,୨୭।୨(ଅଜିତ କୁମାର ବାରିକ)

**ଥାନାର ଦ୍ୱାରସ୍ଥ ହେଲେ ବାପା**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ୍ ଅଧୀନ ରାମ୍ଭିକଟା ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଛାତ୍ରୀ ଜଣକ ଗତ ୨୫ ତାରିଖରେ ହରଭଙ୍ଗା ବ୍ଲକ୍‌ର ହରେକୃଷ୍ଣପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। କିନ୍ତୁ ସେଦିନ ଛାତ୍ରୀ ଜଣକ ପରୀକ୍ଷା ଦେଇ ନ ଥିବା ଜିଲା ଶିକ୍ଷାବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨ଦିନ ଧରି ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ଛାତ୍ରୀଙ୍କ କୌଣସି ପତ୍ତା ମିଳିନାହିଁ। ଫଳରେ ଝିଅ ନିଖୋଜ ଥିବା ନେଇ ଶୁକ୍ରବାର ସମ୍ପୃକ୍ତ ଛାତ୍ରୀଙ୍କ ବାପା ବୌଦ୍ଧ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ବୌଦ୍ଧ ପୋଲିସ ଏକ ମାମଲା (୧୧୦/୨୬)ରୁଜୁକରି ତଦନ୍ତ ଚଳାଇଛି।

**Business**

## ସିଏମ୍‌ପିଡିଆଇ ଓ ଡବ୍ଲ୍ୟୁଭିଏସ୍ ହୋପ୍ ମଧ୍ୟରେ ଏମ୍ଓଏ

ଭୁବନେଶ୍ୱର,୨୭।୨ (ଅନୁରାଧା ମହାରଣା)




ରାଞ୍ଚିର ସିଏମ୍‌ପିଡିଆଇର ସିଏସଆର୍ ପ୍ରକଳ୍ପ 'କରୁଣା' ଅଧୀନରେ ଏକ ସମର୍ପିତ 'ପ୍ରାଣି ଉଦ୍ଧାର ଆମ୍ବୁଲାନ୍ସ' ଉପଲବ୍ଧ କରାଇବା ପାଇଁ ଡବ୍ଲ୍ୟୁଭିଏସ୍ ହୋପ୍ ସହ ଏକ ବୁଝାମଣାପତ୍ର (ଏମ୍ଓଏ) ସ୍ୱାକ୍ଷର କରିଛି। ରାଞ୍ଚି ମ୍ୟୁନିସିପାଲ କର୍ପୋରେଶନ ଅଞ୍ଚଳରେ ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଏବଂ ବେସାହାରା କୁକୁରମାନଙ୍କର ଆଣ୍ଟିରାବିଜ୍ ଟିକାକରଣ କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ । ଏହି ବୁଝାମଣା ପତ୍ରରେ ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଏଚ୍‌ଆର୍‌ଡି/ସିଏସଆର୍) ଡ. ଶିଶିର ଦତ୍ତା ଏବଂ ଡବ୍ଲ୍ୟୁଭିଏସ୍ ହୋପ୍‌ର କୋଷାଧ୍ୟକ୍ଷ ଶାଳିନୀ ସିହ୍ନା ସ୍ୱାକ୍ଷର କରିଛନ୍ତି।

## ଇମ୍ଫା ପକ୍ଷରୁ ଫେରୋକ୍ରୋମ ପ୍ଲାଣ୍ଟର ନୀତିଗତ ଅଧିଗ୍ରହଣ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)



ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍(ଇମ୍ଫା), ଓଡ଼ିଶାର କଳିଙ୍ଗନଗରରେ ଟାଟା ଷ୍ଟିଲ ଲିମିଟେଡ୍ (ଟିଏସ୍ଏଲ) ଫେରୋକ୍ରୋମ ପ୍ଲାଣ୍ଟର ନୀତିଗତ ଅଧିଗ୍ରହଣ ସମାପ୍ତ ହୋଇଥିବା ଘୋଷଣା କରିଛି। ଏହି କାରବାରର ମୂଲ୍ୟ ୭୦୭.୨୬ କୋଟି ଟଙ୍କା, ଯେଉଁଥିରେ ଜିଏସ୍‌ଟି ଏବଂ ମୋଟ କାର୍ଯ୍ୟକ୍ଷମ ପୁଞ୍ଜି ସହିତ ୬୧୦ କୋଟି ଟଙ୍କାର ମୂଳ ବିବେଚନା ଅନ୍ତର୍ଭୁକ୍ତ ଏବଂ ସମ୍ପୂର୍ଣ୍ଣ ଭାବରେ ଆଭ୍ୟନ୍ତରୀଣ ସଂଗ୍ରହରୁ ପାଣ୍ଠି ଯୋଗାଇ ଦିଆଯାଇଛି। କଳିଙ୍ଗନଗରରେ ୧୧୫ ଏକର ଜମିରେ ବିସ୍ତୃତ, ନୂତନ ଭାବରେ ଅଧିଗ୍ରହଣ କରାଯାଇଥିବା ଏହି ସୁବିଧାରେ ବାର୍ଷିକ ୧୦୦,୦୦୦ ଟନ୍ ଉତ୍ପାଦନ କରିବାର କ୍ଷମତା ଥିବା ଚାରୋଟି ଫର୍ନେସ ରହିଛି ଯାହା ପ୍ରାୟ ଗୋଟିଏ ବର୍ଷ ମଧ୍ୟରେ ଆଂଶିକ ଭାବରେ ନିର୍ମିତ ପଞ୍ଚମ ଫର୍ନେସ କାର୍ଯ୍ୟକ୍ଷମ ହେବା ପରେ ଆହୁରି ବାର୍ଷିକ ୧,୫୦,୦୦୦ ଟନକୁ ବୃଦ୍ଧି ପାଇବ। ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଏହା ଏକ ପରିବର୍ତ୍ତନକାରୀ ଚୁକ୍ତି ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଆମର ସବୁଜ କ୍ଷେତ୍ର ସମ୍ପ୍ରସାରଣ ସହ ଏହା ଆମକୁ ଭାରତର ସର୍ବବୃହତ୍ ଫେରୋକ୍ରୋମ ଉତ୍ପାଦକ ଭାବରେ ଏବଂ ବିଶ୍ୱ ସ୍ତରରେ ଅଗ୍ରଣୀ ସ୍ଥାନିତ କରେ ଏବଂ ଆମେ ଫେରୋକ୍ରୋମର ଭବିଷ୍ୟତକୁ ଦାୟିତ୍ୱପୂର୍ଣ୍ଣ, ସ୍ଥାୟୀ ଏବଂ ମହତ୍ତ୍ୱାକାଂକ୍ଷୀ ଭାବରେ ଆକାର ଦେବା ଜାରି ରଖିବୁ ବୋଲି ସେ କହିଛନ୍ତି।

## ଏମ୍‌ସିଏଲ୍ ଦ୍ୱାରା ୪୬.୫୧ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର

ତାଳଚେର, ୨୭।୨ (ମନୋଜ ନନ୍ଦ)

ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ କଟକସ୍ଥିତ ଅଗ୍ରଣୀ ସରକାରୀ ମେଡିକାଲ ପ୍ରତିଷ୍ଠାନଗୁଡ଼ିକ ସହ ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୪୬.୫୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ମୁଖ୍ୟତଃ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ କଟକରେ ଉନ୍ନତ ନିଦାନ ସୁବିଧାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ରହିଛି। ଏମ୍‌ସିଏଲ୍ ଏହାର ସିଏସ୍ଆର୍ ପଦକ୍ଷେପ ଅଧୀନରେ କଟକ ମେଡିକାଲରେ ୧୨୮ ସ୍ଲାଇସ ଡୁଆଲ ଏନର୍ଜି ସିଟିସ୍କାନ ମେଶିନ ଏବଂ ଗୋଟିଏ ୧.୫ ଟେସ୍ଲା ଏମ୍‌ଆର୍‌ଆଇ ମେଶିନ କ୍ରୟ ଓ ସ୍ଥାପନ ପାଇଁ ୪୬.୩୪ କୋଟି ଟଙ୍କା ବ୍ୟୟବରାଦ କରିଛି। ଅନ୍ୟ ଏକ ପଦକ୍ଷେପରେ ଏମ୍‌ସିଏଲ୍ କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ସଂସ୍ଥାନ ସହିତ ମଧ୍ୟ ଏକ ଏମ୍ଓୟୁ ସ୍ୱାକ୍ଷର କରିଛି। ଏମ୍‌ସିଏଲ୍ ଦ୍ୱାରା ୩ଟି ୮ ସିଟ୍ ବିଶିଷ୍ଟ ବ୍ୟାଟେରିଚାଳିତ ଯାତ୍ରୀବାହୀ ଯାନ କ୍ରୟ ପାଇଁ ୧୬.୯୯ ଲକ୍ଷ ଟଙ୍କାର ସିଏସ୍ଆର୍ ସହାୟତା ପ୍ରଦାନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଏମ୍‌ସିଏଲ୍ ଏହାର ମୂଳ ବ୍ୟବସାୟିକ କାର୍ଯ୍ୟକଳାପଠାରୁ ଆଗକୁ ବଢ଼ିଛି ଏବଂ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକୁ ମଜଭୁତ କରିବା, ଜୀବନ ରକ୍ଷାକାରୀ ଭିତ୍ତିଭୂମି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସମର୍ଥନ କରିବା ଦିଗରେ ନିରନ୍ତର ପ୍ରତିବଦ୍ଧତାକୁ ଦୃଢ କରୁଥିବା କୁହାଯାଇଛି।

## ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସମ୍ମାନିତକଲା ଏସ୍ଏଫ୍ଇ




ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କୁ ସୋସାଇଟି ଫର୍ ଏଥ୍ନୋଫାର୍ମାକୋଲଜି (ଏସ୍ଏଫ୍ଇ) ପକ୍ଷରୁ ଏସ୍ଏଫ୍ଇ ଆଉଟଷ୍ଟାଣ୍ଡିଂ ନ୍ୟାଶନାଲ ଏଥ୍ନୋ-ଫାର୍ମାକୋଲଜିଷ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନ ଏନ୍‌ଆଇପିଇଆର୍, ମୋହାଲିରେ ଅନୁଷ୍ଠିତ ୧୩ତମ ଇଣ୍ଟରନ୍ୟାଶନାଲ ଏଥ୍ନୋଫାର୍ମାକୋଲଜି କଂଗ୍ରେସରେ ମିଳିଛି। ପୁରସ୍କାର ଗ୍ରହଣକରି ବାଲକ୍ରିଷ୍ଣା କହିଛନ୍ତି, ଏହା ମୋର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଆୟୁର୍ବେଦ ଓ ସମଗ୍ର ଭାରତର ଗୌରବ। ପତଞ୍ଜଳି ଆୟୁର୍ବେଦକୁ ପୁନର୍ଜୀବିତକରି ସମସ୍ତଙ୍କ ପାଇଁ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ପତଞ୍ଜଳିର ମୁଖ୍ୟ ବୈଜ୍ଞାନିକ ଡ. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ଆଚାର୍ଯ୍ୟଙ୍କ ନେତୃତ୍ୱରେ ୯୦ରୁ ଉର୍ଦ୍ଧ୍ୱ ପ୍ରମାଣ-ଆଧାରିତ ଆୟୁର୍ବେଦିକ ଔଷଧ ଉପଲବ୍ଧ ହୋଇଛି ଏବଂ ଗବେଷଣା ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶିତ ହେଉଛି। ଏହି ପୁରସ୍କାର ଆୟୁର୍ବେଦର ବୈଜ୍ଞାନିକ ପୁନର୍ଜାଗରଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପତଞ୍ଜଳି ପକ୍ଷରୁ କୁହାଯାଇଛି।

## ପାରାଦୀପ ଗ୍ରୀନ୍ ଜେଟି ପାଇଁ ୭୯୭.୧୭ କୋଟି: ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁଷଙ୍ଗିକ ସୁବିଧା ବିକାଶ ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଡବଲ ଇଞ୍ଜିନ ସରକାରର ଦୃଢ଼ ପ୍ରୟାସରେ ଓଡ଼ିଶା ଅକ୍ଷୟ ଶକ୍ତି କ୍ଷେତ୍ରରେ ଆଗକୁ ବଢୁଛି। ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ୍, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିଚାଳନା ପାଇଁ '୭୯୭.୧୭ କୋଟି ବ୍ୟୟ ବରାଦ ସହ ପ୍ରତିବର୍ଷ ୪ ମିଲିୟନ ଟନ୍ କ୍ଷମତାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହା ମାଧ୍ୟମରେ ଓଡ଼ିଶାର ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଲଷ୍ଟର ବିଶ୍ୱ ବଜାର ସହ ସଂଯୁକ୍ତହେବା ସାଙ୍ଗକୁ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ ସହ ସମାନ୍ତରାଳ ଭାବରେ ଶିଳ୍ପ ଉନ୍ନୟନକୁ ନୂତନ ଗତି ଦେବ ।

## ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)



ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ 'ପ୍ରଯୁକ୍ତି, ଅର୍ଥବ୍ୟବସ୍ଥା ଓ କୃତ୍ରିମ ବୁଦ୍ଧିମତ୍ତା: ଦ୍ରୁତ ଆର୍ଥିକ ବିକାଶର ପ୍ରେରକ' ବିଷୟକୁ ନେଇ ୨ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିର୍ଲା ସ୍କୁଲ ଅଫ୍ ଇକୋନୋମିକ୍ସ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀଟି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରର ସ୍କୁଲ୍ ଅଫ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ସହଯୋଗରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ନୀତିନିର୍ଦ୍ଧାରକ, ନିୟାମକ ସଂସ୍ଥାର ପ୍ରତିନିଧି, ଶିଳ୍ପ ନେତୃତ୍ୱ ଓ ଶିକ୍ଷାବିତମାନେ ଭାରତର ଡିଜିଟାଲ ଅର୍ଥନୀତିର ପରିବର୍ତ୍ତନଶୀଳ ଭିତ୍ତିଭୂମିକୁ ନେଇ ଆଲୋଚନା କରିଥିଲେ। ସମ୍ମିଳନୀରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଷୋଡ଼ଶ ଅର୍ଥ କମିଶନର ପୂର୍ଣ୍ଣକାଳୀନ ସଦସ୍ୟ ମନୋଜ ପଣ୍ଡା, ଏନ୍ଏସ୍ଇର ମୁଖ୍ୟ ଅର୍ଥଶାସ୍ତ୍ରୀ ଡ. ତୀର୍ଥଙ୍କର ପଟ୍ଟନାୟକ, ଆର୍‌ବିଆଇ ଅର୍ଥନୀତି ଓ ନୀତି ଅନୁସନ୍ଧାନ ବିଭାଗ ପରାମର୍ଶଦାତା ଏମ୍. ରାମାୟା, ଭାରତୀୟ ପ୍ରତିଭୂତି ଏବଂ ନିୟାମକ ବୋର୍ଡ (ସେବି)ର ଉପମହାପ୍ରବନ୍ଧକ ଜୈନେନ୍ଦ୍ର ଶାଣ୍ଡିଲ୍ୟ ଉପସ୍ଥିତ ଥିଲେ। ଶିକ୍ଷାକ୍ଷେତ୍ରରୁ ବିଜିୟୁ ରେଜିଷ୍ଟ୍ରାର ଡ. ବି. କେ. ଦାସ, ଆଇଆଇଟି ଭୁବନେଶ୍ୱର, ସମ୍ମିଳନୀ ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ, ପ୍ରଫେସର ମିତାଲି ଚିନାରା ପ୍ରଫେସର ଅରୁଣ କୁମାର ଗିରି, ପ୍ରଫେସର ସନ୍ତୋଷ ତରାଇ, ପ୍ରଫେସର ସର୍ବନାରାୟଣ ମିଶ୍ର, ପ୍ରଫେସର ପି. କେ. ସାନ୍ୟାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ୟାନେଲ ଆଲୋଚନାକୁ ଡ. ଅଜିତ କୁମାର ଦାଶ ସଂଚାଳନ କରିଥିଲେ। ଏହି ଅବସରରେ ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବଲୁନୀ କହିଥିଲେ, ଗବେଷଣାମୂଳକ ଦୃଷ୍ଟିକୋଣ, ଦାୟିତ୍ୱଶୀଳ ନବୀନତା ଓ ପ୍ରତିଷ୍ଠାନଗତ ସହଯୋଗ ମାଧ୍ୟମରେ ଆମେ ଏକ ସୁଦୃଢ଼ ଓ ଭବିଷ୍ୟତ ପ୍ରସ୍ତୁତ ଆର୍ଥିକ ପରିବେଶ ଗଠନ ପାଇଁ ପ୍ରତିବଦ୍ଧ। ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରୁ ୫୦ରୁ ଅଧିକ ସମୀକ୍ଷିତ ଗବେଷଣା ପତ୍ର ପରିବେଷିତ ହୋଇଥିଲା।

# 'ଉପଧା-ବିଚାର': ଅଳଂକାର ଚର୍ଚ୍ଚାରେ ଯୁଗାନ୍ତର

## ଅତୀତର ବହି



ଫଣୀନ୍ଦ୍ର ଭୂଷଣ ନନ୍ଦ

**ରାଧାନାଥଙ୍କ ସମକାଳୀନ ସାହିତ୍ୟରେ ବ୍ରଜବନ୍ଧୁ ମିଶ୍ର ଜଣେ ବହୁପ୍ରସୂ ସ୍ରଷ୍ଟା। 'ଉତ୍କଳବନ୍ଧୁ', 'ସମ୍ବଲପୁର ହିତୈଷିଣୀ', 'ଉତ୍କଳ ସେବକ', 'ଗଡ଼ଜାତବାସିନୀ' ପ୍ରଭୃତି ପତ୍ରିକାର ସେ ସୁସମ୍ପାଦନା କରିଛନ୍ତି। ୧୮୫୪ରେ ଢେଙ୍କାନାଳ ସଦାଶିବପୁର ଶାସନରେ ତାଙ୍କର ଜନ୍ମ। ୧୮୯୯ରୁ ବାମଣ୍ଡା ତାଙ୍କର କର୍ମଭୂମି। ଏହି ବଜ୍ରବାକ୍ ଲେଖକଙ୍କର ପରଲୋକ ହୁଏ ୧୯୪୦ରେ।**

ବ୍ରଜବନ୍ଧୁ ବୃତ୍ତିରେ ଥିଲେ ଶିକ୍ଷକ। ବାମଣ୍ଡା, ତାଳଚେର, ବୌଦ୍ଧର ରାମଗଡ଼ ପ୍ରଭୃତି ଅଞ୍ଚଳରେ ତାଙ୍କର ଶିକ୍ଷକତା। ୧୮୯୯ ସେପ୍ଟେମ୍ବରରେ ଦେବଗଡ଼ ଓଡ଼ିଆ ସ୍କୁଲର ଶିକ୍ଷକ ଭାବେ ସେ ନିଯୁକ୍ତି ପାଆନ୍ତି। ତାଳଚେରରୁ ପ୍ରକାଶିତ 'ଗଡ଼ଜାତବାସିନୀ' ପତ୍ରିକା ସମ୍ପାଦନା କାଳରେ ପ୍ରଥମଥର ପାଇଁ ପତ୍ରିକାର ସମ୍ପାଦକୀୟ ପୃଷ୍ଠାରେ ସେ ଏକପଦୀ ବ୍ୟଙ୍ଗାତ୍ମକ କବିତାର ପ୍ରଚଳନ କରି ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଯଥା: ''କେତେ ଥର ଥର ଗାଇବି ମୋହର/ ଦୁଃଖ ଅବା କିଏ ଶୁଣିବ/ ଯେ ଅବା ଶୁଣନ୍ତା କଷଣ ହରନ୍ତା/ ତାକୁ କାଲା କଲା ଦଇବ।''


ବ୍ରଜବନ୍ଧୁ ବହୁ କାବ୍ୟ-କବିତା, ଯାତ୍ରା-ନାଟକ ଓ ପ୍ରବନ୍ଧ / ଆଲୋଚନା ଆଦି ଲେଖିଛନ୍ତି। ତାଙ୍କର କେତେକ ରଚନା ପୁସ୍ତକାକାରରେ ପ୍ରକାଶିତ, କିନ୍ତୁ ଅନ୍ୟ ବହୁ ସୃଷ୍ଟି ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇ ଏବେ ବି ଲୋକଲୋଚନର ଅନ୍ତରାଳରେ ରହିଯାଇଛି। ଛାତ୍ର ଜୀବନରେ ସେ ସଦ୍ୟୋଜାତ ସ୍ତବ, ଦୁର୍ଗାସ୍ତବ, ଛାନ୍ଦମନାସ ପ୍ରଭୃତି ପଦ୍ୟ ପୁସ୍ତକ ରଚନା କରିଛନ୍ତି। ଏତଦ୍‌ଭିନ୍ନ ପ୍ରେମବାଣୀ, ଶ୍ରୀକୃଷ୍ଣସ୍ତବ, ପଞ୍ଚଧାରା, ବୀଣାପାଣି, ଦୁଃଖିନୀ, ବିଷାଦିନୀ, କୁସୁମଲତା, କୀଚକ ବଧ, ଭୀଷ୍ମ ଶରଶଯ୍ୟା, ବସନ୍ତକାନନ, ଶିଶିରପଲ୍ଲୀ, ଚିତ୍ର ସମନ୍ୱୟ, ଉତ୍କଳମାତା, ଆଲେଖ୍ୟଗୀତି, ଉପଦେଶ ସୁଧାନିଧି, ମଦୁଆର ବିଳାପ, ପ୍ରାର୍ଥନା, କୌତୁକଗୀତି, ଅଦ୍ଭୁତସ୍ୱପ୍ନ, ପ୍ରେମବାଣୀ, ନବସଙ୍ଗୀତ, ସଙ୍ଗିନୀ ଚଉତିଶା, ଜୀବନ ଦର୍ପଣ, ସୁଢଳକୋଇଲି, ତାଳଚେର ପ୍ରଶସ୍ତି, ଭ୍ରାନ୍ତପଥିକ ଆଦି ପୁସ୍ତକ ହେଉଛି ତାଙ୍କ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର। 'ଚିତ୍ର ସମନ୍ୱୟ' ଓ 'ବୀଣାପାଣି' କାବ୍ୟ ଯଥାକ୍ରମେ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଚିତ୍ରକାବ୍ୟ ଓ ରାଧାନାଥଙ୍କ ''ଦେବୀ ବୀଣାପାଣି କେଉଁ ପାପ ଫଳେ/ କରୁଣା ତୋହର ଊଣା ଏ ଉତ୍କଳେ'' ପଦ ଆଧାରରେ ପରିକଳ୍ପିତ।

ସେତେବେଳେ ଲୀଳାସୁଆଙ୍ଗ ପ୍ରଭୃତିକୁ ମାର୍ଜିତ କରି ସଂସ୍କାରମୂଳକ ନାଟକ ମଞ୍ଚସ୍ଥ ହେଉଥିଲା। ଏହି କ୍ରମରେ ଓଡ଼ିଆ ସାହିତ୍ୟର ଉଚ୍ଚକୋଟୀର କାବ୍ୟଗୁଡ଼ିକୁ ବାମଣ୍ଡା ଦରବାରରେ ନାଟ୍ୟରୂପ ପ୍ରଦାନ କରିଥିଲେ ବ୍ରଜବନ୍ଧୁ। ଚନ୍ଦ୍ରଭାଗା, ଉଷା, ନନ୍ଦିକେଶ୍ୱରୀ, ମାୟାଶବରୀ, ଭୀଷ୍ମ ପ୍ରଭୃତି କାବ୍ୟର ନାଟ୍ୟରୂପାନ୍ତର ହୋଇ ମଞ୍ଚସ୍ଥ ହୋଇଥିଲା। ସଚ୍ଚିଦାନନ୍ଦ ଦେବଙ୍କ 'ମାୟାଶବରୀ' ଓ 'ଭୀଷ୍ମ' କାବ୍ୟକୁ ବ୍ରଜବନ୍ଧୁ ନାଟ୍ୟରୂପ ପ୍ରଦାନ କରିଥିଲେ। ଏହି ନାଟକ ଦୁଇଟି ବାମଣ୍ଡା, ତାଳଚେର, ଖଡ଼ିଆଳ, ମାହାଙ୍ଗା, ବାଲିଅନ୍ତା ପ୍ରଭୃତି ସ୍ଥାନରେ ମଞ୍ଚସ୍ଥ ହୋଇ ପ୍ରଶଂସିତ ହୋଇଥିଲା। 'ବସନ୍ତମାଳତୀ' ବ୍ରଜବନ୍ଧୁଙ୍କ ରଚିତ ଏକ ଉତ୍କୃଷ୍ଟ ଉପନ୍ୟାସ। ଏହି ଉପନ୍ୟାସଟି ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପୂର୍ବରୁ ବାମଣ୍ଡାର ସୁଢଳ ପ୍ରେସ୍‌ରେ ୧୯୦୨ ଜାନୁଆରୀ ପହିଲାରେ ପ୍ରକାଶ ପାଇଥିଲା।

ବ୍ରଜବନ୍ଧୁଙ୍କ 'ଉପଧା-ବିଚାର' (୧୯୧୩) ଓ 'ଉପଧା ଅନିଷ୍ଟଚିନ୍ତା' (୧୯୧୪) ଦୁଇଟି ବିଜ୍ଞାନସିଦ୍ଧ ଅଳଂକାର ପୁସ୍ତକ। ସଚ୍ଚିଦାନନ୍ଦ ଦେବ 'ଅଳଂକାରସାର' ରଚନା ପରେ ସାହିତ୍ୟ ସମ୍ପର୍କରେ ବିଭିନ୍ନ ପରୀକ୍ଷାନିରୀକ୍ଷା ଚଳାଇଥିଲେ। ଏହି କ୍ରମରେ ଚିତ୍ରକବିତା, କାବ୍ୟର ନାଟ୍ୟରୂପ ପ୍ରଦାନ, ପଦ୍ୟର ସମନ୍ୱୟ ରଚନା, ସମସ୍ୟା ପୂରଣ, ପଦ ପୂରଣ ପ୍ରଭୃତିର ପରୀକ୍ଷା ଚାଲିଥିଲା। ଉପଧା ମିଳନ ସମ୍ପର୍କରେ ଯେଉଁସବୁ ବିଶେଷ ବିତର୍କ ଉତ୍ଥାପିତ ହୋଇଥିଲା, ତହିଁରେ ଅନ୍ତର୍ଭୁକ୍ତ ଥିଲା- 'ଉପଧା ପ୍ରଣାଳୀ ଜାତୀୟ ସାହିତ୍ୟର ଉପଯୋଗୀ କି?', 'ଏପରି ନିୟମରେ ଆବଦ୍ଧ ହେବା କବି ଓ କାବ୍ୟ ପକ୍ଷରେ ଲାଭଦାୟକ ନା କ୍ଷତିକର?', 'ଉତ୍କଳର ପ୍ରାଚୀନ କବିମାନେ ବହୁବିଧ ଅଳଂକାରର ପ୍ରୟୋଗ ସତ୍ତ୍ୱେ ଉପଧା ନିୟମ ପରିତ୍ୟାଗ କରିଥିଲେ କାହିଁକି?', 'ଉପଧା କେଉଁ ଶାସ୍ତ୍ର ଓ ଭାଷାରୁ ଗୃହୀତ ଏବଂ ଏତାଦୃଶ ପ୍ରଚଳନର କାରଣ କ'ଣ?', 'ଉପଧା ଭିନ୍ନ ଅନ୍ୟ କୌଣସି କାବ୍ୟକୌଶଳ ଜାତୀୟ ସାହିତ୍ୟରେ ସଂଯୁକ୍ତ ହେବା ପ୍ରୟୋଜନ କି?' ଇତ୍ୟାଦି। ଏହି ସମସ୍ତ ବିଷୟର ଆଲୋଚନା ଓ ସମାଲୋଚନା ବାମଣ୍ଡା ଦରବାରରେ ହୋଇଥିଲା। ସଚ୍ଚିଦାନନ୍ଦ ଦେବ ଅନୁଭବ କରିଥିଲେ, ଉପଧା ମିଳନ ଓଡ଼ିଆ କାବ୍ୟପରମ୍ପରାର ପରିପନ୍ଥୀ ଓ ଅଯଥା ଅଳଂକରଣ। ଉପଧା ପ୍ରଣାଳୀ ପରିତ୍ୟାଗ କରି ସେ 'ପ୍ରେମସ୍ତବକ' (୧୯୦୯) ଓ 'ସୁନ୍ଦରୀ ଚଉତିଶା' (୧୯୧୧) ରଚନା କରିଥିଲେ। ସଚ୍ଚିଦାନନ୍ଦ ଦେବ ଓଡ଼ିଆ ପଣ୍ଡିତ, ସାହିତ୍ୟିକମାନଙ୍କୁ ଉପଧା ସମ୍ପର୍କରେ ତର୍କ ପାଇଁ ଆହ୍ୱାନ ଦେଇଥିଲେ। ଏହି ତର୍କର ପବିତ୍ରମୟ ଫଳ 'ଉପଧା-ବିଚାର' ପୁସ୍ତକ। 'ଉପଧା-ବିଚାର' ରଚନା କରି ବ୍ରଜବନ୍ଧୁ ବାମଣ୍ଡା ଦରବାରରୁ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ ଏବଂ ବାମଣ୍ଡା ହିତୈଷିଣୀ ଇଲେକ୍ଟ୍ରିକ୍ ମେଶିନ୍ ପ୍ରେସ୍‌ରେ ୧୯୧୩ରେ ପୁସ୍ତକାକାରରେ ଏହା ମୁଦ୍ରିତ ହୋଇଥିଲା। ସମକାଳର ସମାଲୋଚନା ଓ ଗବେଷଣା ଧାରାକୁ ଏହି ପୁସ୍ତକ ଋଦ୍ଧିମନ୍ତ କରିଛି। ପୁସ୍ତକରେ ୮ଟି ପରିଚ୍ଛେଦ ଓ ୮ଟି ମୀମାଂସା ପ୍ରଦତ୍ତ। ପ୍ରଥମ ମୀମାଂସାରେ ଓଡ଼ିଆ ସାହିତ୍ୟରେ ଉପଧାର ଆବିର୍ଭାବ ଇତିହାସ ବର୍ଣ୍ଣିତ। ନୂତନ ଇଂଲିଶ୍ ସାହିତ୍ୟ ପ୍ରଭାବରେ ବଙ୍ଗଭାଷାରେ ପ୍ରଥମେ ଉପଧା ମିଳନ ଦେଖାଦେଲା ଏବଂ ବଙ୍ଗଭାଷାର ପ୍ରଭାବରୁ ଏହି ପ୍ରଣାଳୀ ଆଧୁନିକ ଓଡ଼ିଆ କାବ୍ୟ-କବିତାକୁ ସଂକ୍ରମିତ ହେଲା। ବ୍ରଜବନ୍ଧୁଙ୍କ ମୀମାଂସା ''ବଙ୍ଗଭାଷାରେ ଉଚ୍ଚାରିତ ଶବ୍ଦସମୂହର ଶେଷ ବର୍ଣ୍ଣାବଳୀ ଅର୍ଦ୍ଧୋଚ୍ଚାରିତ ଅର୍ଥାତ୍ ହଳନ୍ତ ଅଟେ। ଏଣୁ ଏହି ହଳନ୍ତ ବର୍ଣ୍ଣର ପୂର୍ବବର୍ତ୍ତୀ ସ୍ୱରଯୁକ୍ତ ବ୍ୟଞ୍ଜନ ହଳନ୍ତ ବର୍ଣ୍ଣଟି ପୂର୍ଣ୍ଣାବୟବ ପ୍ରାପ୍ତହୋଇ ହ୍ରସ୍ୱ ଦୀର୍ଘ ଉଚ୍ଚାରିତ ହୁଏ। ସୁତରାଂ ପଦ୍ୟଲେଖାରେ ଇଂରେଜ ଭାଷାସଦୃଶ ଶେଷବର୍ଣ୍ଣର ପୂର୍ବବର୍ତ୍ତୀ ଯୁକ୍ତାଯୁକ୍ତ ସ୍ୱରବର୍ଣ୍ଣର ସମତା ରକ୍ଷା କରିବାକୁ ସେମାନେ କର୍ତ୍ତବ୍ୟବୋଧ କଲେ ଓ ଏହି ସୂତ୍ରେ ବଙ୍ଗଭାଷାରେ ଉପଧା ପ୍ରଣାଳୀ ପ୍ରଚଳିତ ହେଲା।''

ଦ୍ୱିତୀୟ ମୀମାଂସାରେ ଉପଧା କାହାକୁ କହନ୍ତି ଓ ତାହା ଉତ୍କଳ ବ୍ୟାକରଣଗତ କି ନା ଆଲୋଚିତ ହୋଇଛି। ତୃତୀୟ ମୀମାଂସାରେ ଉପଧାର ପରିଚୟ ପ୍ରଦତ୍ତ। ଚତୁର୍ଥ ମୀମାଂସାରେ ବର୍ଣ୍ଣ ବିଶ୍ଳେଷଣ ମାଧ୍ୟମରେ ଉପଧାର ପରିଚୟ ପ୍ରଦାନ କରାଯାଇଛି। ପଞ୍ଚମ ମୀମାଂସାରେ ଉପଧା ଦ୍ୱାରା ପଦ୍ୟର ଭାବ, ମାଧୁର୍ଯ୍ୟ ଓ ବର୍ଣ୍ଣବିଭାଗରେ ଲକ୍ଷିତ ହେଉଥିବା ପ୍ରମାଦଗୁଡ଼ିକ ବିଶଦଭାବେ ଦୃଷ୍ଟାନ୍ତ ସହ ବର୍ଣ୍ଣିତ। ଉପଧାଯୁକ୍ତ ଓ ଉପଧାହୀନ ପଦ୍ୟରେ ଭାବ, ମାଧୁର୍ଯ୍ୟ ଓ ବର୍ଣ୍ଣର ବିଚାର ତୁଳନାତ୍ମକ ଭାବେ କରାଯାଇଛି। ଷଷ୍ଠ ମୀମାଂସାରେ ଉପଧା ସମତାରକ୍ଷା ସାହିତ୍ୟ ଜଗତ ପାଇଁ ଅପରିହାର୍ଯ୍ୟ କି? ଉପରେ ବ୍ରଜବନ୍ଧୁ ନିଜସ୍ୱ ମତ ପ୍ରଦାନ କରିଛନ୍ତି। ସପ୍ତମ ମୀମାଂସାରେ ଉପଧା ପଦ୍ୟାବଳୀର ସୌନ୍ଦର୍ଯ୍ୟକାରକ ନା ଅସୌନ୍ଦର୍ଯ୍ୟକାରକ ତା'ର ମୀମାଂସା କରାଯାଇଛି। ଅଷ୍ଟମ ମୀମାଂସାରେ ଉପଧା ପ୍ରୟୋଗର ସୈଦ୍ଧାନ୍ତିକ ବିଚାର ହୋଇଛି। ବ୍ରଜବନ୍ଧୁ 'ଉପଧା-ବିଚାର' ପୁସ୍ତକରେ ମୁକ୍ତକଣ୍ଠରେ ପ୍ରମାଣ କରିଛନ୍ତି ଯେ, କ୍ଷତିକାରକ ଉପଧା ପ୍ରଣାଳୀ ପରିତ୍ୟାଗ କରି ଲାଭକାରକ ବର୍ଣ୍ଣାନୁପ୍ରାସ ପ୍ରଣାଳୀ ଅବଲମ୍ବନ କରିବା ଓଡ଼ିଆ ପଦ୍ୟର ଶ୍ରେୟ ଓ ଓଡ଼ିଆ ପରମ୍ପରାର ସୂଚକ ଅଟେ। ଉପଧା-ବିଚାରକୁ ଅଧିକ ପ୍ରଚାରିତ ଓ ଛାତ୍ରମାନଙ୍କ ଉପଯୋଗୀ କରିବା ପାଇଁ ସେ 'ଉପଧା ଅନିଷ୍ଟଚିନ୍ତା' ପୁସ୍ତକ ପ୍ରଣୟନ କରନ୍ତି। ଏହା ଗୁରୁ-ଶିଷ୍ୟ ସମ୍ବାଦ ଛଳରେ ଲିଖିତ। ଉପଧା ସମ୍ପର୍କରେ ଶିଷ୍ୟର ସମସ୍ତ ପ୍ରଶ୍ନର ଉତ୍ତର ଗୁରୁ ପ୍ରଦାନ କରିଛନ୍ତି ଓ ଛାତ୍ରଛାତ୍ରୀଙ୍କ ମନରେ ଥିବା ସନ୍ଦେହମୋଚନ କରିଛନ୍ତି। 'ଉପଧା-ବିଚାର' ଓଡ଼ିଆ ଅଳଂକାର ଶାସ୍ତ୍ରର ଏକ ମହନୀୟ ସୃଷ୍ଟି। ଏଥିରେ ପ୍ରଦର୍ଶିତ ଯୁକ୍ତିକୁ ପରବର୍ତ୍ତୀ ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ, କବି ମାନସିଂ, କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗବେଷକ ନଟବର ସାମନ୍ତରାୟ ବହୁଭାବେ ସମର୍ଥନ କରିଛନ୍ତି। ରାଧାନାଥଙ୍କ ଯୁଗରେ ରାଧାନାଥଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଉପଧା-ମିଳନ'ର ଅଯଥାର୍ଥ୍ୟକୁ ବିଜ୍ଞାନସିଦ୍ଧ ଭାବେ ପ୍ରଦର୍ଶନ କରି ବ୍ରଜବନ୍ଧୁ ନିଜର ନିର୍ଭୀକ ଓ ସତ୍ୟନିଷ୍ଠତାର ପ୍ରମାଣ ଦେଇଛନ୍ତି। ବାମଣ୍ଡାରୁ ପ୍ରକାଶିତ ସାର୍ ସୁଢଳଦେବଙ୍କ 'ଅଳଂକାରବୋଧୋଦୟ' (୧୮୮୬) ଓ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ 'ଅଳଂକାରସାର' (୧୮୯୯) ପୁସ୍ତକର ପରବର୍ତ୍ତୀ ସୃଷ୍ଟି ଭାବରେ 'ଉପଧା-ବିଚାର' ଓଡ଼ିଆ ଅଳଂକାରଶାସ୍ତ୍ର ଇତିହାସରେ ଶୀର୍ଷସ୍ଥାନ ଅଳଂକୃତ କରିଛି।





- ୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ


### କରୁଣା କଣିକାଏ



**ଲେଖିକା:** ଶାନ୍ତିଲତା ପ୍ରଧାନ
**ପ୍ରକାଶକ:** ଗ୍ରାଫିକ୍ ଆର୍ଟ ଅଫ୍‌ସେଟ୍ ପ୍ରେସ୍, ନୂଆପାଟଣା, କଟକ
**ପ୍ରଥମ ପ୍ରକାଶ:** ୨୦୨୬,
**ମୂଲ୍ୟ:** ଟ.୨୫୦/-

'ପ୍ରଚ୍ଛଦ'ରୁ 'ପ୍ରଚ୍ଛଦ' ବହିଟିର କଳେବର ୨୩୬ ପୃଷ୍ଠା। ଜନ୍ମରୁ ଗ୍ରନ୍ଥ-ରଚନା ସମାପ୍ତ ଯାଏ ଜୀବନର ନାନା ପର୍ଯ୍ୟାୟରେ ଘଟିଥିବା ବହୁ ଲୌକିକ ଓ ଅଲୌକିକ ଅନୁଭୂତିକୁ ଲେଖିକା ଆଲୋଚ୍ୟ ପୁସ୍ତକରେ ରୂପ ଦେଇଛନ୍ତି। ଅଧିକାଂଶ ଅନୁଭବ ଶ୍ରୀଅରବିନ୍ଦଙ୍କ 'ପୂର୍ଣ୍ଣଯୋଗ'ରେ ପ୍ରବେଶ କରିବାଠୁଁ ସେ ଅର୍ଜନ କରିଥିବା ନିଜ ବ୍ୟକ୍ତିଗତ ଅଭିଜ୍ଞତାର। ତେବେ ୨୦୧୭ରୁ ଆରମ୍ଭ ହୋଇଥିବା 'ଅରୋରା ଆସ୍ପିରାଣ୍ଟ' ନାମକ ଦିବ୍ୟମେଳି, ମାତୃସାଧକ ଚନ୍ଦ୍ରଶେଖର ରଥଙ୍କ ସହ ତାଙ୍କର ସମ୍ପର୍କ, ଏରସମା ଅଞ୍ଚଳରେ କୁଞ୍ଜକୋଠୀ ଗ୍ରାମର 'ମାତୃ ଆଶ୍ରମ' (ଯାହା ଶ୍ରୀଯୁକ୍ତ ବୀରବର ସାମନ୍ତଙ୍କ ୧୫୦ ଏକର ଆୟତନ ବିଶିଷ୍ଟ ଦାନଜମିରେ ପ୍ରତିଷ୍ଠିତ ଓ ପୁଡୁଚେରୀ ଆଶ୍ରମର 'ଫାର୍ମ ହାଉସ୍' ଭାବେ ପରିଚିତ), ଭାରତ ଓ ଇଂଲଣ୍ଡ ପ୍ରଭୃତି ବାହ୍ୟଦେଶରେ ତାଙ୍କ ଅନୁଭୂତି ସମ୍ବନ୍ଧିତ ସୁଖକର ତଥା ବିସ୍ମୟକର ଉପଲବ୍ଧି ଏହି ଗ୍ରନ୍ଥରୁ ପାଠିକାପାଠକମାନେ ପାଇ ଧନ୍ୟ ହେବେ। ନିଜ ପ୍ରକାଶିତ 'ଆସ୍ପୃହା' ପତ୍ରିକାର ଆରମ୍ଭ ଓ ସେ ସମ୍ପର୍କୀୟ ଅନୁଭବର ବର୍ଣ୍ଣନା ସହ ନାନା ସମୟରେ ସେ ଦେଖିଥିବା ସ୍ୱପ୍ନ ବୃତ୍ତାନ୍ତର ବିବରଣ ଓ ତା'ର ଆଧ୍ୟାତ୍ମିକ ଇଙ୍ଗିତାର୍ଥର ବୟାନ ବହିଟିକୁ ବ୍ୟକ୍ତି-ଅନୁଭବରେ ସୀମିତ ନ ରଖି ଏକ ଅଣଜାଗତିକ ଦିବ୍ୟ-ଉପଲବ୍ଧି ସ୍ତରକୁ ଉନ୍ନୀତ କରିଛି। ବହିଟି ସମ୍ପର୍କରେ ଯାହା କୁହାଯାଇଛି ଯେ 'ଏହାକୁ ପାଠକଲେ ଏକ ସମ୍ପୂର୍ଣ୍ଣ ଜଡ଼ ମଧ୍ୟ ନିଜକୁ କରୁଣାସିକ୍ତ ଅନୁଭବ କରିବ', ତାହା ସତ୍ୟଠାରୁ ଦୂରବର୍ତ୍ତୀ ନୁହେଁ।


### ସହସ୍ର ଜହ୍ନର ରାତି



**କବି:** ଅରୁଣ ଚନ୍ଦ୍ର ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫,
**ମୂଲ୍ୟ:** ଟ.୨୦୦/-

ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ମୋଟ ୪୬ଟି କବିତା ଆଲୋଚ୍ୟ ସଂକଳନରେ ଏକତ୍ର ହୋଇଛି। ଆରମ୍ଭରୁ ୧୦ ପୃଷ୍ଠା ସମ୍ବଳିତ ଗ୍ରନ୍ଥସ୍ଥ କବିତାଗୁଡ଼ିକରୁ ନିର୍ବାଚିତ କେତେକ ଉଦ୍ଧୃତିର ସମାବେଶ ରହିଛି, ଯଦିଓ ଏସବୁ ଉଦ୍ଧୃତି କ୍ୱଚିତ୍ କୌଣସି 'ଅପ୍ରତ୍ୟାଶିତ ଭାବେ ଚମକାଇ ଦେବା ଭଳି' ଅନୁଭବର ସନ୍ଧାନ କରିହୁଏ। ତେବେ କବି ନିଜ ସମୟ ଓ ସମାଜ-ସଂଭୂତ ଅଭିଜ୍ଞତାସମୂହର ସୃଜନରୂପ ଦେବାକୁ ନିରଳସ ଭାବେ ଚେଷ୍ଟା କରିଛନ୍ତି। ଗ୍ରନ୍ଥରୁ କେତୋଟି ଭିନ୍ନ ଉଦ୍ଧୃତିର ଉପସ୍ଥାପନ ଏଠାରେ କରାଯାଇପାରେ। ଯଥା: ୧. ''ସନ୍ଧ୍ୟା ନଇଁ ନଇଁ ଆସୁଚି/ ନୂଆ ବୋହୂ ପରି/ ରାତି ଓହ୍ଲାଉଛି ଧୀରେ ଧୀରେ/ ଓକିଲଙ୍କ କଳାକୋଟ୍ ପିନ୍ଧି'' ('ସ୍ତବ୍ଧ ସମୟ', ପୃ:୩୪), ୨. ''ସମୟଟା ବଡ଼ କୃପଣ/ ମୋତେ ହଜାରେ କି ଦି'ହଜାରେ ଟଙ୍କା ଦେବନି/ ଦେବ ଟଙ୍କେ କି ଦି'ଟଙ୍କା/ କହିବ-ଯାଅ ଟଙ୍କିକିଆ ଚାଉଳ ଆଣି/ ମାଟିହାଣ୍ଡିରେ ଫୁଟେଇବ'' ('ସମୟ', ପୃ:୩୫), ୩. ''ଆଜି ରାତି ତିନିଟାରେ/ ମିଟିଂ ହେବ ସଚିବାଳୟରେ/ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍/ ପେଶ୍ ହେବ ଆଲଟ ଚାମର ପଡ଼ି/ X X ମନ୍ତ୍ରୀ ପାରିଷଦଙ୍କ ମୁହଁରେ/ ବୋଳାହେବ ବରଫମିଶା ହସ'' ('ହୁଇପ୍ ହୋଇଛି ଜାରି', ପୃ:୧୦୦)। ଉଦ୍ଧୃତିଗୁଡ଼ିକରେ ରହିଛି ସୌନ୍ଦର୍ଯ୍ୟ ସହିତ 'ଶ୍ଳେଷ'- ଯାହା ସମୟ ଓ ସମାଜର ଜଟିଳ-କଥ୍ୟକୁ ବ୍ୟକ୍ତିଗତ ଅସୂୟାର ଊର୍ଦ୍ଧ୍ୱରେ ଉଜାଗର କରିଥାଏ।

## କାଳକାଳକୁ



''ଫାସିବାଦୀ ଦୁଇ ଧରଣର - ଫାସିବାଦୀ ଓ ଫାସିବାଦ-ବିରୋଧୀ।''
- ଏନିୟୋ ଫ୍ଲାୟନୋ

**ଏନିୟୋ ଫ୍ଲାୟନୋଙ୍କ** ଜନ୍ମ ୫ ମାର୍ଚ୍ଚ ୧୯୧୦ରେ ଓ ପରଲୋକ ୨୦ ନଭେମ୍ବର ୧୯୭୨ରେ, ଇଟାଲୀରେ। ସେ ଏକାଧାରରେ ଔପନ୍ୟାସିକ, ନାଟ୍ୟକାର, ସମାଲୋଚକ ଓ ଖବରଦାତା। ସାହିତ୍ୟ ଆନ୍ଦୋଳନ ଦୃଷ୍ଟିରୁ ସେ ନବ-ବାସ୍ତବବାଦ ଓ ଆଧୁନିକ ହାସ୍ୟବାଦ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଫେଡେରିକୋ ଫେଲିନିଙ୍କ ସହ ମିଶି ସେ ଦଶଟି ମଞ୍ଚନାଟକ ରଚନା କରିଛନ୍ତି, ଯହିଁରେ ଅନ୍ତର୍ଭୁକ୍ତ 'ଲା ଷ୍ଟ୍ରାଡା' (୧୯୫୪) ଓ 'ଲା ଡୋଲ୍‌ସେ ଭିଟା' (୧୯୬୦)। 'ଏ ଟାଇମ୍ ଟୁ କିଲ୍' ଉପନ୍ୟାସ ପାଇଁ ତାଙ୍କୁ ମିଳିଛି 'Strega Prize' ୧୯୪୭ରେ। ସେ କହନ୍ତି: ''ନୀରବରେ କଠିନ ପରିଶ୍ରମ କର, ତମ ସଫଳତା ହେବ ତମ ସ୍ୱର'' ଏବଂ କହନ୍ତି: ''ଦୁଇଟି ବିଷୟ ତମର ପରିଚୟ ହୁଏ: କିଛି ନ ଥିଲା ବେଳେ ତମର ଧୈର୍ଯ୍ୟ ଓ ସବୁକିଛି ଥିଲାବେଳେ ତମର ମନୋବୃତ୍ତି।''

## କବିତା

### ଛାଇ

**କେ. ଶ୍ୟାମବାବୁ ଦୋରା**

ରାତି ବଢ଼ିଲେ ମୁଁ ମୋ' ନିଜ ଭିତରକୁ ଫେରେ
କେବେକେବେ ନିଜେ ହିଁ ନିଜର ଛାଇ ହେଇଯାଏ
ଓ କାନ୍ଥରେ ଝୁଲୁଥିବା ମୋ' ପୁରୁଣା ଘଣ୍ଟା ସହ
ଗୋପନରେ କଥା ହୁଏ

ସେ ପଚାରେ- କେମିତି ଅଛ?
କହେ- ଠିକ୍ ଯେମିତି ଗୋଟେ ଅଧାପଢ଼ା ବହି
ଟେବୁଲ ଉପରେ ପଡ଼ିରହିଥାଏ।

ରାସ୍ତାକଡ଼ର ଏ ଯେଉଁ ବତିଖୁଣ୍ଟ
କିଏ ଜଣେ କାନ୍ଦୁଥାଏ ତା' ଭିତରେ?

ସକାଳର ଖବରକାଗଜରୁ ଝରିପଡୁଥାଏ ତାଜା ରକ୍ତ
ଜଗତୀକରଣର ଏ ସୁନ୍ଦର ହାଟରେ
ମୁଁ ଜଣେ ବିଶ୍ୱ ନାଗରିକ
ମୋ' ପିନ୍ଧା ପୋଷାକରେ କାହା କଳ୍ପନାର ରଙ୍ଗ
ମୋ' ଖାଦ୍ୟରେ ବଜାରର ବାସ୍ନା
ଆଉ ମୋ' ଆତ୍ମା?
ସେ କୋଉଠି ଏକ ଶରଣାର୍ଥୀ ଶିବିରରେ
ନିଜ ଭାଷା ଓ ଭୂଗୋଳକୁ ବୁଲିବୁଲି ହୁଏତ
ଖୋଜୁ ଥାଇପାରେ
ମୋ' ପାଖରେ ଯୁକ୍ତି ଅଛି,
ତଥ୍ୟ ଅଛି, ଇତିହାସ ଅଛି
କିନ୍ତୁ ସମାଧାନ ନାହିଁ ମୋ' ହାତରେ।

ମୋ' ଛାତି ଭିତରେ ଗୋଟେ
ଶୁଆ ଉଡ଼ିବାର ଶବ୍ଦ ହେଉଛି
ସେ ଖୋଜୁଛି ଏମିତି ଏକ ଆକାଶ
ଯୋଉଠି ମୃତ୍ୟୁ ବି ଗୋଟେ
ସୁନ୍ଦର କବିତା ପ୍ରତେ ହେବ

ସକାଳ ହେଲେ ମୁଁ ପୁଣି ଥରେ ବାହାରି ପଡ଼ିବି
ଅସଂଖ୍ୟ ଜୋତା ଭିତରୁ ମୁଁ ମୋର ପାଦକୁ ଖୋଜିବି
ଯାହା ଏକା ସାଙ୍ଗରେ ମାଡ଼ିଯାଉଥିବ ଚୌଦିଗକୁ;
ବାହାରିପଡ଼ିବି ଆଉ ଏକ ଛାଇର ସନ୍ଧାନରେ
ଯିଏ ମୋ' ସହ ଚାଲୁଚାଲୁ ମୋତେ ହିଁ ଖୋଜୁଥିବ
ଅବା ମୋତେ ଭୁଲିଯାଇଥିବ

ମୁଁ କ'ଣ ଥିବି? ବେଳାଭୂମିର ମୁଠାଏ ବାଲି ମୁଁ
ମୁଁ ବି ମହାସମୁଦ୍ରର ସେଇ ଉଦାତ୍ତ ଲହଡ଼ି,
ଆସି ଫେରିଯାଉଥିବି।

ମୋ: ୭୦୦୮୯୨୩୨୯୬

### ଦ୍ୱନ୍ଦ୍ୱ

**ପ୍ରଜ୍ଞା ପାରମିତା ମିଶ୍ର**

ସବୁଦିନ କାହା ଛାତି ଚିରି ଉକୁଟି ଉଠୁଥିବା ତା' ହସ
ଲାଜ ଲାଜ ସଞ୍ଜରେ ସଜେଇହବାର ପ୍ରୟାସ
ପଳେ ପଳେ ସରିଯାଉଥିବା ତା' ଅସ୍ତିତ୍ୱ
କ'ଣ ସତରେ କରେନି କାହାକୁ ବ୍ୟସ୍ତ!
କ'ଣ ସତରେ ଜହ୍ନକୁ ଖୋଜେନି
କି ଖୋଜିବାର ବାହାନା ବି କରେନି
ଅମାବାସ୍ୟାର ଆକାଶ!

ସବୁଦିନ କାହା କୋଳରେ
ନିୟୁତେ ନକ୍ଷତ୍ରଙ୍କ ଜ୍ୱାଳା ସହୁଥିବା ତା' ମନ
ସବୁଦିନିଆ ହେଇପାରୁନଥିବା
ଗୋଟେ ପ୍ରଚେଷ୍ଟାର ଅଭିମାନ
କାହା ଖୋଜିଲା ଆଖିର ଅପେକ୍ଷାରେ
ସେ ଭୋଗୁଥିବା ଗ୍ରହଣ
କ'ଣ ସତରେ ତରଳେଇପାରେନି କାହା ନିଃଶ୍ୱାସ
କ'ଣ ସତରେ ଜହ୍ନକୁ ଖୋଜେନି
କି ଖୋଜିବାର ବାହାନା ବି କରେନି
ଅମାବାସ୍ୟାର ଆକାଶ!

- ଅରୁଣୋଦୟ ନଗର, କଟକ
ମୋ: ୭୯୭୮୯୪୨୧୩୮

ଗୀତି-କବିତା

### ମଣିଷ କାଇଁ?

**ବିନ୍ଦୁସାଗର ଓଝା**

ମଣିଷ କାଇଁରେ ମଣିଷ କାଇଁ?
ମରଣ ନାଚୁଛି ତାଣ୍ଡବ ଏଠି
ଜୀବନ ପାଇଁରେ ଜୀବନ ପାଇଁ!

ଅନ୍ଧାର ପିଟେ ଛଞ୍ଚାଣ ଡେଣା
ସୂର୍ଯ୍ୟ ଶୋଇଚି ନିଘୋଡ଼ ନିଦେ,
କୋକିଳ କାକର ଆଜ୍ଞାପାଳକ
ଶୁଭୁ ତ ନାହିଁରେ ପୂରବୀ ପଦେ!

ଧର୍ମ ବିଚରା ରକ୍ତେ ଗାଧେଇ
ତ୍ରସ୍ତେ, କାତରେ ଯାଉଚି ଧାଇଁ,
ଅମଣିଷ ସାଥେ ହାତାହାତି ମୋର
ମଣିଷ କାଇଁରେ ମଣିଷ କାଇଁ!

- ମକୁନ୍ଦପୁର, ଅଚ୍ୟୁତପୁର
ରାଜକନିକା, କେନ୍ଦ୍ରାପଡ଼ା
ମୋ: ୭୯୭୮୩୨୯୫୭୯

## ମିନି ଗଳ୍ପ

### ସମ୍ପର୍କ

**- ପ୍ରଭଞ୍ଜନ ଦାଶ**

ଅପରାହ୍ନର ଟ୍ରାଫିକ୍ କୋଳାହଳ ଭିତରେ ଖୁବ୍ ଅସ୍ଥିର ହୋଇ ପଡୁଥିଲେ ଉଭୟ ସତୀଶ ଓ ଶେଫାଳି। ଦମ୍ପତି ବୋଲି ପରିଚିତ କରାଇବା ହୁଏତ ଠିକ୍ ହୋଇ ନ ପାରେ। ଅନେକ ଦିନର ମନାନ୍ତର, ଛଳନା ଓ ଅପ୍ରୀତିର ସମ୍ପର୍କରେ ପୂର୍ଣ୍ଣଚ୍ଛେଦଟିଏ ଦେବା ପାଇଁ ସେମାନେ ଥିଲେ ତତ୍ପର ଓ ବ୍ୟଗ୍ର। କାର୍‌ର ଛାତ ତଳେ ଦୁହେଁ ଖୁବ୍ ପାଖରେ ବସିଥିଲେ ସତ, କିନ୍ତୁ ପରସ୍ପରଠୁଁ ସେମାନେ ବହୁ ଦୂରକୁ ଚାଲିଯାଇଥିଲେ। ଆଉ କିଛି ସମୟ ପରେ ସମ୍ପର୍କଠୁ ସମ୍ପୂର୍ଣ୍ଣ ଅଲଗା ହୋଇ ସେମାନେ ନିଜ ଜୀବନରେ ମୁକ୍ତ ପକ୍ଷୀ ପରି ଉଡ଼ିବୁଲିବେ। କୋର୍ଟରେ ସମୟ ଗଡ଼ିଚାଲିଥିଲା, ଅଥଚ ରାସ୍ତାର ଟ୍ରାଫିକ୍ ସତେ ଯେପରି ସେମାନଙ୍କ ମୁକ୍ତ ଜୀବନ ପଥକୁ ଅବରୋଧ କରି ରଖୁଥିଲା। ଓଃ ଏତେ ଭିଡ଼! ବ୍ୟସ୍ତରେ ସତୀଶ କହିବାକ୍ଷଣି ହଠାତ୍ ନିରବ ହୋଇଗଲେ। ଟ୍ରାଫିକ୍ ରେଡ୍ ଲାଇଟ୍ ଉପରୁ ନଜର ଫେରେଇ ଦେଖିଲେ ସତୀଶ, ରାଜଧାନୀର ଏ ଅସହାୟ କୋଳାହଳକୁ ଫୁ କରି ପୁରୁଣା ଟ୍ରଲି ରିକ୍ସାଟେ ଆଗେଇ ଚାଲିଛି। ଛିଣ୍ଡା ଶାର୍ଟପିନ୍ଧା ପୁରୁଷଟେ ସହ ସ୍ତ୍ରୀଟେ ଉଭୟ ବେଶ୍ ବଳ ଲଗାଇ ରିକ୍ସାଟିକୁ ଟ୍ରାଫିକ୍ ପାର କରୁଛନ୍ତି। କିଛି ବଳକା ପଇଡ଼ ସହିତ କୁନି ପୁଅଟେ ରିକ୍ସାରେ ବସି ହସୁଛି। ସୁଖୀ ଦାମ୍ପତ୍ୟର ପରିଚୟ ପାଇଁ ଆଉ କ'ଣ ବା ଲୋଡ଼ା! ଉଭୟ ଶେଫାଳି ଓ ସତୀଶଙ୍କ ନଜର ଥିଲା ସେମାନଙ୍କ ଉପରେ। ଶେଷରେ ଉଭୟ ପରସ୍ପରକୁ ଟିକିଏ ବୁଲି ଚାହିଁଲେ। ସତେ ଯେପରି ଅଦେଖା ସନ୍ଦେହଟେ ସମ୍ପର୍କ ଉପରୁ ଧୀରେ ଧୀରେ ଦୂରେଇଯାଉଛି। ସୁଖ ଓ ଶାନ୍ତିଠୁ ବଳି ସମ୍ପର୍କକୁ ଅଧିକ ଆଉ କ'ଣ ବା ଲୋଡ଼ା! ଟ୍ରାଫିକ୍‌ର ଗ୍ରୀନ୍ ସିଗ୍‌ନାଲ ଆସିସାରିଥିଲା। ଗାଡ଼ିର ହର୍ନ ଆଉ କୋଳାହଳ ସେମାନଙ୍କ ଅନ୍ୟମନସ୍କତାକୁ ଭାଙ୍ଗିଦେଲା। ଦୁହେଁ ଆଗକୁ ବଢ଼ିଲେ ସତ, କିନ୍ତୁ ଗାଡ଼ିର ବେଗ କ୍ରମଶଃ ଧୀର ହୋଇ ଆସୁଥିଲା।

ମୋ: ୭୩୨୬୯୫୯୯୯୫

## ଦୁଇଟି ଲଘୁକଥା

ମୂଳହିନ୍ଦୀ- ସନ୍ଦୀପ ତୋମର
ଅନୁବାଦ- ମନୋଜ କୁମାର ବେହେରା

### ଆହତ

ତାଙ୍କୁ ପସନ୍ଦ ନଥିଲା ସମାଜବାଦ। ଆଜି ସକାଳୁ ସକାଳୁ ଗୋଟିଏ ଦଳ ଲୋହିଆ ପାର୍କ ଆଡ଼େ ଚାଲିଲେ। ହାତରେ ତାଙ୍କର ଥିଲା ଲାଠି, ବାଡ଼ି, ପଥର। ସମସ୍ତେ ଚାଲିଥିଲେ ଆକ୍ରୋଶର ସହିତ ଆଗକୁ ଆଗକୁ...

ପାର୍କରେ ପହଞ୍ଚିଲା ପରେ ସେହି ଦଳ ରାମ ମନୋହର ଲୋହିଆଙ୍କ ଷ୍ଟାଚ୍ୟୁ ଉପରେ ନିଜର ବଳ ଦେଖାଇବାକୁ ଲାଗିଲେ। ସମସ୍ତେ ତାଙ୍କୁ ଘେରି ଯାହା ହାତରେ ଯାହା ହତିଆର ଥିଲା ତା'ର ଉପଯୋଗ କରିବାକୁ ଲାଗିଲେ। ଜଣେ କାଳି ବୋତଲରେ ଥିବା କାଳିକୁ ଫୋପାଡ଼ି ଦେଲା ଷ୍ଟାଚ୍ୟୁ ଉପରକୁ। ଯାହାର ଛିଟା କ୍ଷତ-ବିକ୍ଷତ ଷ୍ଟାଚ୍ୟୁ ଉପରେ ଖେଳିଗଲା। ଆଉ ଜଣେ କାଳବିଳମ୍ବ ନ କରି ଜୋତାର ହାର ଷ୍ଟାଚ୍ୟୁ ଗଳାରେ ପକେଇବାକୁ ଯେମିତି ହାତ ବଢ଼େଇଛି, ଘଟଣାର ମୋଡ଼ ବଦଳିଗଲ। ଅଚାନକ। ଲୋହିଆଙ୍କର ଅନୁଗାମୀମାନେ ପଛପଟୁ ଆସି ଆକ୍ରମଣ କରି ପକାଇଲେ। ପ୍ରଥମେ ଆସିଥିବା ଲୋହିଆ ବିରୋଧୀ ଦଳର କର୍ମୀମାନେ ଅଚାନକ ଆକ୍ରମଣରେ ପଳାୟନ କରିବାକୁ ବାଧ୍ୟ ହେଲେ। ଦଳ ପୂରା ଭାଙ୍ଗିଯାଇଥିଲା। ହାର ପିନ୍ଧେଇବାକୁ ଉଦ୍ୟମ କରୁଥିବା ଲୋକଟି ଧରାଶାୟୀ ହୋଇ ଲୋଟିଥିଲା ଭୂଇଁରେ। ଆହତ ହୋଇ ଚିତ୍କାର କରିଚାଲିଥିଲା ଯନ୍ତ୍ରଣାରେ। ଏହା ଦେଖି ଜଣେ ସମାଜବାଦୀ କହିଲା, ''ଏହି ଲୋକଟି ଭୀଷଣ ଭାବରେ ଆହତ ହୋଇଛି ଗଣ୍ଡଗୋଳରେ। ଚାଲ ଯାକୁ ଲୋହିଆ ହସ୍ପିଟାଲ୍ ନେଇଯିବା।''

ଆହତକୁ ହସ୍ପିଟାଲ୍ ନେଇଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ସମାଜବାଦୀମାନେ।

### ବିଡ଼ମ୍ବନା

ଜଣା ନାହିଁ ସେ କେବେଠୁଁ ଭୋକିଲା ଥିଲା। ସେ ରାଜାଙ୍କ ଦରବାରରେ ନିଜ ଦୁଃଖ ଜଣାଇ ଗୁହାରି କଲା। ତା' ଗୁହାରି ଶୁଣିବାର ତିନିଦିନ ପରେ ରାଜା ସିପାହିକୁ ପଠେଇଲେ ସେହି ଭୋକିଲା ବ୍ୟକ୍ତିକୁ ଖାଇବାକୁ ଡାକିବା ପାଇଁ। ଯେତେବେଳେ ଭୋକିଲା ବ୍ୟକ୍ତି ଘରେ ସିପାହି ପହଞ୍ଚିଲା, ସେତେବେଳେ ସେହି ବ୍ୟକ୍ତିର ଅସ୍ଥି ରଖାସରିଥିଲା ଗୋଟିଏ କଳସରେ। ତା' ପଡ଼ୋଶୀ ସେହି କଳସଟିକୁ ସିପାହିକୁ ଦେଇ କହିଲା, ସେହି ଭୋକିଲା ବୁଢ଼ା ଏବେ ଏହି କଳସ ଭିତରେ ଅଛନ୍ତି। ରାଜାଙ୍କୁ କହିବେ କି ଯାଙ୍କର ତେର ଦିନରେ ଭୋକିଲାମାନଙ୍କୁ ଭୋଜନ କରେଇଦେବେ, ଯାହା ଫଳରେ ଆଉ କୋଉ ଭୋକିଲା ଅନ୍ତତଃ ସମୟ ପୂର୍ବରୁ କଳସରେ ପରିବର୍ତ୍ତିତ ନ ହୁଅନ୍ତୁ।



ସିପାହିଟି ରାଜାଙ୍କ ପାଖକୁ ଫେରିଆସି କଳସଟା ଫେରାଇ ଦେଇ ସମସ୍ତ ବୃତ୍ତାନ୍ତ ଶୁଣେଇଲା। ତା' ପରଦିନ ରାଜା ସାରା ରାଜ୍ୟରେ ଘୋଷଣା କଲେ- କାଲି ରାଜ୍ୟରେ ଥିବା ସମସ୍ତ ଭୋକିଲା କ୍ଷୁଧାର୍ତ୍ତଙ୍କୁ ମାଗଣାରେ ଭୋଜନ ପ୍ରଦାନ କରାଯିବ। କାଲି ଗୋଟିଏ ଦିନ ସାରା ରାଜ୍ୟରେ ଜଣେ ବି ବ୍ୟକ୍ତି ଭୋକିଲା ରହିବେ ନାହିଁ।

ସବୁ ଭୋକିଲା, କ୍ଷୁଧାର୍ତ୍ତଙ୍କ ଭିତରେ ଫୁସ୍‌ଫାସ୍ କଥା ଆରମ୍ଭ ହେଇଗଲା। ତୁରନ୍ତ କାଳବିଳମ୍ବ ନ କରି ଗୋଟିଏ ସଭା ଡକାଗଲା। ଜଣେ ଭୋକିଲା ଘୋଷଣା କଲା- ଗୋଟିଏ ଦିନର ଭୋଜି ଯାହା ଆମକୁ ରାଜା ଦେଉଛନ୍ତି, ତାହା ଆମ ପାଇଁ ଭିକ ସମାନ। ତେଣୁ ଆମେ ସମସ୍ତେ ଏହାର ଘୋର ବିରୋଧ କରୁଛୁ। ତେଣୁ କାଲି ପୂରା ରାଜ୍ୟରେ ଥିବା କ୍ଷୁଧାର୍ତ୍ତମାନେ ଗୋଟିଏ ଦିନ ଉପବାସ ରହିବେ। ତା'ପରେ ସମସ୍ତ ଭୋକିଲା ଜଣ ଜଣ କରି ଚାଲିଗଲେ ସଭାରୁ।

ମୋ: ୭୯୭୮୮୩୦୬୧୧

ଯୋଗାଯୋଗ: E-mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ